


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-269 ◆BHUBANESWAR ◆SUNDAY ◆24 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୯ ◆ଭୁବନେଶ୍ୱର ◆ରବିବାର ◆୨୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


**'ଆଇଏନ୍‌ଏସ୍ କୋଲକାତା'ର ଅପରେସନ୍ ସଂକଳ୍ପ**

## ୩୫ ଜଳଦସ୍ୟୁ ଗିରଫ




■ **ମୁମ୍ବାଇ, ୨୩।୩ (ଏଜେନ୍ସି):** ଭାରତୀୟ ନୌସେନାର ଯୁଦ୍ଧଜାହାଜ ଆଇଏନଏସ କୋଲକାତା ସୋମାଲିଆ ଉପକୂଳବର୍ତ୍ତୀ ସମୁଦ୍ରରୁ ଗିରଫ କରିଥିବା ୩୫ ଜଳଦସ୍ୟୁଙ୍କୁ ଆଣି ଆଜି ସକାଳେ ମୁମ୍ବାଇରେ ପହଁଚିଛି। ଜଳଦସ୍ୟୁମାନଙ୍କୁ ଭାରତୀୟ ଆଇନ ବିଶେଷକରି ସାମୁଦ୍ରିକ ଜଳଦସ୍ୟୁ ନିରୋଧୀ ଆଇନ-୨୦୨୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରାଯାଇଛି। 'ଅପରେସନ୍ ସଙ୍କଳ୍ପ'ରେ ବାଣିଜ୍ୟ ପୋତଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ଆରବ ସାଗର ଓ ଏଡେନ ଉପସାଗରରେ କେତେକ ଭାରତୀୟ ଯୁଦ୍ଧଜାହାଜ ମୁତୟନ ଅଛନ୍ତି। ମାର୍ଚ୍ଚ ୧୫ରେ ଆଇଏନଏସ୍ କୋଲକାତା ୪୦ଘଣ୍ଟାର ଅପରେସନ୍ ଚଳାଇ ଆରବ ସାଗରରେ ଜଳଦସ୍ୟୁଙ୍କ ଜାହାଜକୁ ଠାବ କରିଥିଲେ। ଆଇଏନଏସ୍ କୋଲକାତାକୁ ଦେଖି ଜଳଦସ୍ୟୁଙ୍କ ଜାହାଜ ସୋମାଲିଆ ଉପକୁଳ ଆଡ଼କୁ ଖସିଯିବାକୁ ଉଦ୍ୟତ ହୋଇଥିଲା। ୟୁଏନ କନଭେନସନସ ଅନ୍ ଦି ଲ'ଜ ଅଫ୍ ଦି ସି'ଜ ଭଳି ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଜଳଦସ୍ୟୁଙ୍କ ଜାହାଜକୁ ଅଟକିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଳଦସ୍ୟୁଙ୍କ ଜାହାଜ ନ ଅଟକି ଗୁଳିଚାଳନା କରିଥିଲା। ଆଇଏନଏସ୍ କୋଲକାତା ପାଲଟା ଗୋଳାବର୍ଷଣ କରି ଜଳଦସ୍ୟୁଙ୍କ ଜାହାଜର ଇଞ୍ଜିନ୍ ଅଚଳ କରିଦେଇଥିଲା। ଫଳରେ ଜଳଦସ୍ୟୁମାନେ ଆତ୍ମସମର୍ପଣ କରିବାକୁ ବାଧ ହୋଇଥିଲେ। ଆତ୍ମସମର୍ପଣ କରିଥିବା ୩୫ ଜଳଦସ୍ୟୁ ଓ ୧୭ଜଣ ଜାହାଜ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା।

**ନୌସେନାର ସୂଚନାକ୍ରମେ ଆରବ ସାଗରରେ ନାକାବନ୍ଦୀ**

**ଜଳଦସ୍ୟୁଙ୍କୁ ଧରି ମୁମ୍ବାଇ ଫେରିଲା ଭାରତୀୟ ଯୁଦ୍ଧତରୀ**

**ଜଳସେଚନ ଏବଂ ଜଳ ସଂରକ୍ଷଣକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱାରୋପ**

# ବାଟ କଢ଼ାଉଛି 'ପାର୍ବତୀ ଗିରି'




- ଜଳସମ୍ପଦ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଛି ୧୯ରୁ ଅଧିକ ଯୋଜନା
- ଓଡ଼ିଶାର ଏକାଧିକ ଯୋଜନାକୁ ମିଳିଛି ଆଦୃତି, ଅନ୍ୟ ରାଜ୍ୟ କରିଛନ୍ତି ଅନୁସରଣ
- ପାର୍ବତୀ ଗିରି ଉଠା ଜଳସେଚନ ଯୋଜନାରେ ଖର୍ଚ୍ଚ ହେବ ୧୦,୭୫୯ କୋଟି
- ଚଳିତ ବର୍ଷ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ୮୭୦ କୋଟି ଟଙ୍କା ଖର୍ଚ୍ଚ ଲକ୍ଷ୍ୟ

■ **ଭୁବନେଶ୍ୱର, ୨୩।୩ (ସମିସ):** ରାଜ୍ୟରେ ଜଳସେଚନ ଏବଂ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି। ଫଳସ୍ୱରୂପ ରାଜ୍ୟରେ ଫସଲ ଉତ୍ପାଦନ ବହୁ ଗୁଣାରେ ବୃଦ୍ଧି ପାଉଥିବା ବେଳେ ସମାନ ସମୟରେ ମାଛ ଚାଷ, ପାନୀୟ ଜଳ ଯୋଗାଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଏବେ ସହଜସାଧ୍ୟ ହୋଇପାରିଛି। ଉପରୋକ୍ତ ଯୋଜନାଗୁଡ଼ିକରେ ହଜାର ହଜାର କୋଟି ଟଙ୍କା ବିନିଯୋଗ କରାଯାଉଥିବା ବେଳେ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ରାଜ୍ୟରେ ଜଳସେଚନ ଏବଂ ଜଳ ସଂରକ୍ଷଣକୁ ଏହା ନୂଆ ଦିଗ ଦେଇପାରିଛି। ବିଭାଗୀୟ ସୂଚନା ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୯ରୁ ଅଧିକ ବଡ଼ ଯୋଜନା ଏ ଦିଗରେ କାର୍ଯ୍ୟକାରୀ କରାଯାଉଛି। ୧୯ ଯୋଜନା ମଧ୍ୟରୁ ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ, ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ କେନାଲ ଲାଇନିଂ ଯୋଜନା, ଜଳ ସଂରକ୍ଷଣ ଏବଂ ଜଳସେଚନ ଉନ୍ନୟନ ପ୍ରକଳ୍ପ, ବିଜୁ କୃଷକ ବିକାଶ ▶ପୃଷ୍ଠା-୭

## ଟ୍ରକ୍ ଧକ୍କାରେ ୨ ଭାଇ ସମେତ ୩ ମୃତ

**ଟ୍ରକ୍ ଚାଳକ ଫେରାର**

■ **ଦାନଗଦୀ, ୨୩।୩ (ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଜିନ୍ଦଲ ଷ୍ଟେନଲେସ କାରଖାନା ସମ୍ମୁଖରେ ଆଜି ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏକ ଅଜଣା ଟ୍ରକ୍ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ, ଦାନଗଦୀ ସୁଆଁଲ ଗ୍ରାମର ଚକ୍ରଧର ସାୟାଁ (୨୮), କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଟାଙ୍ଗୀରିଆପାଳ ଅଞ୍ଚଳର ଅନିଲ ହାଁସଦା (୨୯) ଓ ଦଶମ ଶ୍ରେଣୀ ଛାତ୍ର ସୁନୀଲ ହାଁସଦା (୧୭)। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପରେ ପୁଲିସ ପହଞ୍ଚି ଶବ ▶ପୃଷ୍ଠା-୭

# ନିଦ ହଜାଇଲାଣି ଶିମିଳିପାଳ ଅଫିମ

**୩୦କୋଟିର ଅଫିମ୍ ଗଛ ନଷ୍ଟ କଲାଣି ଅବକାରୀ ବିଭାଗ**

**ଆକାଶ ମାର୍ଗରୁ ଅଫିମ୍ ଚାଷକୁ ଠାବ କରିବ ଡ୍ରୋନ୍**

**ଚାଷ ବନ୍ଦ କରିବାକୁ ସ୍ଥାନୀୟ ଲୋକଙ୍କ ସହଯୋଗ ନିଆଯିବ**

■ **ଭୁବନେଶ୍ୱର, ୨୩।୩ (ସମିସ):** ଶିମିଳିପାଳ ଅଭୟାରଣ୍ୟରେ ଅବକାରୀ ବିଭାଗ ଯେତେ ଘାଣ୍ଟୁଛି ସେତେ ଅଫିମ୍ ଚାଷ ଠାବ କରାଯାଉଛି। ତେଣୁ ମୟୂରଭଞ୍ଜ ଅବକାରୀ ବିଭାଗ ସେଠାରୁ ଅଫିମ୍ ଚାଷକୁ ସମୂଳ ବିନାଶ କରିବା ପାଇଁ ଲାଗି ପଡ଼ିଛି। ତେଣୁ ଶିମିଳିପାଳ ଜଙ୍ଗଲରେ ଚାଷ ହେଉଥିବା ଅଫିମ୍ ଚାଷକୁ ଠାବ କରିବା ପାଇଁ ଅବକାରୀ ବିଭାଗ ଡ୍ରୋନ୍‌ର ସହାୟତା ନେବ। ଡ୍ରୋନ୍ ମାଧ୍ୟମରେ ଜଙ୍ଗଲରେ କରାଯାଉଥିବା ଅଫିମ୍ ଚାଷକୁ ଠାବ କରାଯିବ। ଆକାଶ ମାର୍ଗରୁ ଠାବ କରାଯିବା ପରେ ଗଠନ କରାଯାଉଥିବା ୪ଟି ଟିମ୍ ଘଟଣା ସ୍ଥଳକୁ ଯାଇ ଚାଷକୁ ନଷ୍ଟ କରିବ। ଆହୁରି ମଧ୍ୟ ଏହି ଚାଷକୁ ବନ୍ଦ କରିବା ▶ପୃଷ୍ଠା-୭

**■ ମୟୂରଭଞ୍ଜ ମହାରାଣୀଙ୍କ ନିବେଦନ**

## ଅଫିମ ଚାଷ କରନି



■ **ବାରିପଦା, ୨୩।୩ (ସମିସ):** ଶିମିଳିପାଳରେ ଅଫିମ ଚାଷ ନ କରିବାକୁ ବନବାସୀଙ୍କୁ ନିବେଦନ କରିଛନ୍ତି ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ। ବାହାର ରାଜ୍ୟର ମାଫିଆ ନିରୀହ ବନବାସୀଙ୍କୁ ପ୍ରଲୋଭିତ କରି ଅଫିମ ଚାଷ କରାଉଥିବା ଜଣାପଡ଼ିଛି। ବନବାସୀଙ୍କ ଉଦ୍ଦେଶ୍ୟରେ ମହାରାଣୀ କହିଛନ୍ତି ଯେ ମଦ, ହାଣ୍ଡିଆ ନିଶାରୁ ▶ପୃଷ୍ଠା-୭




## କେଟ୍ ମିଡଲ୍‌ଟନ୍‌ଙ୍କୁ କର୍କଟ



**ଲଣ୍ଡନ, ୨୩।୩ (ଏଜେନ୍ସି):** ୱେଲ୍ସ ରାଜକୁମାରୀ କେଟ୍ ମିଡଲଟନଙ୍କୁ କର୍କଟ ହୋଇଛି। ଏବେ ତାଙ୍କର କେମୋଥେରାପି ଚିକିତ୍ସା ଆରମ୍ଭ ହୋଇଯାଇଛି। ସେ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଭିଡିଓ ବାର୍ତ୍ତା ଜାରି କରି ଏହି ସୂଚନା ଦେଇଛନ୍ତି। କେଉଁ ଭଳି ଭାବେ ଏହାର ସୂଚନା ନିଜ ପିଲାଙ୍କୁ ଦେଇଥିଲେ ତାହା ମଧ୍ୟ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଡିସେମ୍ବରରୁ ରାଜକୁମାରୀଙ୍କୁ ସାର୍ବଜନୀନ ସ୍ଥାନରେ ଦେଖିବାକୁ ମିଳି ନ ଥିଲା। ତେଣୁ ହଠାତ୍ ଶୁକ୍ରବାର ଆସିଥିବା ଭିଡିଓ ସମସ୍ତଙ୍କୁ ଚମକାଇ ଦେଇଥିଲା। କର୍କଟର ଚିକିତ୍ସା ପାଇଁ କିଛି ସମୟ, ସ୍ଥାନ ଏବଂ ଗୋପନୀୟତାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପେଟ ଅସ୍ତ୍ରୋପଚାର ପରେ ଏହି ରୋଗ ବିଷୟରେ ଜଣା ପଡ଼ିଥିଲା ବୋଲି ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ନୋଷ୍ଟ୍ରାଡମସଙ୍କ ଭବିଷ୍ୟବାଣୀ ପୁଣିଥରେ ଚର୍ଚ୍ଚାରେ ରହିଛି।

## ମହୁଆଙ୍କ ଘରେ ସିବିଆଇ ଚଢ଼ଉ

**କୋଲକାତା, ୨୩।୩(ଏଜେନ୍ସି):** 'କ୍ୟାସ୍ ଫର୍ କ୍ୱାରୀ' ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଆଜି ତୃଣମୂଳ ନେତ୍ରୀ ମହୁଆ ମୋଇତ୍ରଙ୍କ କୋଲକାତାସ୍ଥିତ ବାସଭବନ ସହ ଅନ୍ୟ କେତେକ ସ୍ଥାନରେ ଚଢ଼ଉ ଓ ଖାନତଲାସ କରିଛି। ତୃଣମୂଳ ନେତ୍ରୀ ମହୁଆ ସାଂସଦ ଥିବାବେଳେ ଦୁବାଇରେ ରହୁଥିବା ଭାରତୀୟ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ନଗଦ ଅର୍ଥ(କ୍ୟାସ୍), ଦାମୀ ଉପହାର ଆଦି ନେଇ ସଂସଦରେ ଗୌତମ ଅଦାନୀଙ୍କ ବ୍ୟାବସାୟିକ ସ୍ୱାର୍ଥ ଓ ସମ୍ମାନହାନି ହେବା ଭଳି ପ୍ରଶ୍ନମାନ ପଚାରିଆସୁଥିଲେ। ମହୁଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଟାର୍ଗେଟ କରି ସଂସଦରେ ପ୍ରଶ୍ନ କରୁଥିଲେ। ପୁଣି ସଂସଦରେ ପ୍ରଶ୍ନ ପଚାରିବାକୁ ତାଙ୍କୁ ସଂସଦ ତରଫରୁ ମିଳିଥିବା ମେମ୍ବର୍ସ ପୋର୍ଟାଲ ଲଗଇନ୍ ପାସୱାର୍ଡକୁ ମଧ୍ୟ ମହୁଆ ତାଙ୍କ ବନ୍ଧୁ ହୀରାନନ୍ଦାନୀଙ୍କୁ ଦେଇଥିଲେ। ଏସବୁ ପ୍ରମାଣିତ ହେବା ପରେ ମହୁଆ ସଂସଦରୁ ବହିଷ୍କୃତ ହୋଇଛନ୍ତି। ମହୁଆଙ୍କ ଏହି ବେଆଇନ କ୍ୟାସ୍ ଫର୍ କ୍ୱାରୀ କାର୍ଯ୍ୟକଳାପ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଓ ସୁପ୍ରିମକୋର୍ଟର ଜଣେ ଓକିଲ ଜୟ ଅନନ୍ତ ଦେହାଦ୍ରି ଲୋକପାଳଙ୍କୁ ଅଭିଯୋଗପତ୍ର ଦେଇଥିଲେ। ପରେ ଲୋକପାଳ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ବିଷାକ୍ତ ମଦ ପିଇ ୨୧ ମୃତ

**ଚଣ୍ଡିଗଡ଼, ୨୩।୩ (ଏଜେନ୍ସି):** ପଞ୍ଜାବରେ ବିଷାକ୍ତ ମଦ ପିଇ ୫ ଦିନରେ ୨୧ ଜଣ ଲୋକଙ୍କୁ ମୃତ୍ୟୁ ହେଲାଣି। ୨୪ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ ମଙ୍ଗଳବାର ପଟିୟାଲା ଏବଂ ସଙ୍ଗରୁର ଜିଲ୍ଲା ଗୁଜରା ଗ୍ରାମର କିଛି ଲୋକ ଗାଁ ବାହାରେ ଥିବା ମଦ ଭାଟିରୁ ମଦ ଆଣି ପିଇଥିଲେ। ପରେ ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଥିଲା। ମଙ୍ଗଳବାର ରାତିରୁ ଜଣଙ୍କ ପରେ ଜଣଙ୍କ ମୃତ୍ୟୁହେବାରେ ଲାଗିଥିଲା। ଏହାକୁ ନେଇ ସୁତରାନା ଥାନା ଏସଏଚଓ ଏବଂ ଏଏସଆଇଙ୍କୁ ନିଲମ୍ବନ କରିଦିଆଯାଇଛି। ମାମଲାର ତଦନ୍ତ ଲାଗି ଏଡିଜିପି ଗୁରିନ୍ଦର ଢିଲୋଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ପୁଲିସ ଏହି ମାମଲାରେ ୨ ଏତଲା ରୁଜୁ କରି ୟୁଟ୍ୟୁବ ଦେଖି ମଦ ବନାଇ ଥିବା ମାଷ୍ଟରମାଇଣ୍ଡ ସହିତ ୮ ଜଣଙ୍କୁ ଗିରଫ କରିଛି। ପଞ୍ଜାବ ନିର୍ବାଚନ କମିଶନ ଏହି ମାମଲାକୁ ନେଇ ମୁଖ୍ୟ ସଚିବ ଏବଂ ଡିଜିପିଙ୍କୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି।

## ବିଜେପିରେ କଂଗ୍ରେସର ୬ ବିଧାୟକ

**ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି):** ହିମାଚଳ ପ୍ରଦେଶ କଂଗ୍ରେସର ୬ ବିଦ୍ରୋହୀ ବିଧାୟକ ଏବଂ ୩ ସ୍ୱାଧୀନ ବିଧାୟକ ଶନିବାର ଦିଲ୍ଲୀରେ ବିଜେପିରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ ବିଜେପି ସପକ୍ଷରେ ଭୋଟ ଦେଇଥିଲେ। ଏଥିପାଇଁ କଂଗ୍ରେସ ପ୍ରାର୍ଥୀ ହାରି ଯାଇଥିଲେ। ଅନ୍ୟପକ୍ଷରେ ବିଜେପି ମଣିପୁର, ମେଘାଳୟ ଏବଂ ନାଗାଲାଣ୍ଡରେ ନିର୍ବାଚନ ଲଢ଼ିବ ନାହିଁ। ଏହି ସବୁ ରାଜ୍ୟରେ ଆଞ୍ଚଳିକ ଦଳଙ୍କୁ ସମର୍ଥନ ଦେବ। ଏହା ବ୍ୟତୀତ ଲାକ୍ଷାଦ୍ୱୀପରେ ଅଜିତ ଗୋଷ୍ଠୀର ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛି। ସେହିପରି ବିଜେପିର ବଡୋଦରା ଏବଂ ସାବରକାଣ୍ଠା ପ୍ରାର୍ଥୀ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି।

**ମସ୍କୋ କନ୍‌ସର୍ଟ ହଲ୍‌ରେ ଆତଙ୍କବାଦୀ ଆକ୍ରମଣ**

# ମୃତ୍ୟୁସଂଖ୍ୟା ୧୪୩କୁ ବୃଦ୍ଧି

**ମସ୍କୋ, ୨୩।୩(ଏଜେନ୍ସି)**





- ଆକ୍ରମଣ ପାଇଁ ନିଜକୁ ଦାୟୀ କଲା ଆଇଏସଆଇଏସ-କେ
- ଆକ୍ରମଣକୁ ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ବିଶ୍ୱନେତାଙ୍କ ନିନ୍ଦା
- ଆଜି ଶୋକ ଦିବସ ପାଳିବ ରୁଷ୍

ମସ୍କୋର ଉତ୍ତର କ୍ରାସନୋଗୋରସ୍କ ଉପକଣ୍ଠ ଅଞ୍ଚଳସ୍ଥ କ୍ରୋକସ ସିଟି କନସର୍ଟ ହଲ ଉପରେ ଶୁକ୍ରବାର ହୋଇଥିବା ଭୀଷଣ ଆତଙ୍କବାଦୀ ଆକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୧୪୩କୁ ବୃଦ୍ଧି ପାଇଛି। ଏଥିରେ ଶତାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ୟୁନିଫର୍ମ ପିନ୍ଧି ସ୍ୱୟଂଚାଳିତ ବନ୍ଧୁକ ଧରିଥିବା ୪ଜଣ ଆତଙ୍କବାଦୀ ଲୋକଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ ଓ ଅନେକ ଗ୍ରେନେଡ୍ ଫୋପାଡ଼ିଥିଲେ। ଫଳରେ କନସର୍ଟ ହଲରେ ନିଆଁ ଲାଗିଯାଇଥିଲା। ପ୍ରାଣବିକଳରେ ଲୋକେ ଚିତ୍କାର କରି ଧାଁଦୌଡ଼ କରିଥିଲେ।

ଆତଙ୍କବାଦୀ ସଂଗଠନ ଆଇଏସଆଇଏସ-କେ ରୁଷରେ ଏହି ଆକ୍ରମଣ ଘଟାଇଥିବା ଦାବି କରିଛି। କନସର୍ଟ ହଲରେ ଏକ ପ୍ରସିଦ୍ଧ ଅନ୍ତର୍ଜାତୀୟ ରକ୍ ଗ୍ରୁପ୍ ପିକନିକ୍ ତା'ର ବାଦ୍ୟସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବା ବେଳେ ୪ଜଣ ଆତଙ୍କବାଦୀ ହଲ ଭିତରକୁ ପ୍ରବେଶ କରି ଗୁଳିମାଡ଼ ଓ ଗ୍ରେନେଡ ଆକ୍ରମଣ କରିଥିଲେ। ଆକ୍ରମଣ ଘଟାଇ ଆତଙ୍କବାଦୀମାନେ ସେଠାରୁ ଏକ କାର ଯୋଗେ ୟୁକ୍ରେନ ସୀମା ଆଡ଼କୁ ଖସିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସୁରକ୍ଷାକର୍ମୀମାନେ ସେମାନଙ୍କ କାରକୁ ଗୋଡ଼ାଇ ଧରିଥିଲେ। ସମସ୍ତ ୪ ଆତଙ୍କୀଙ୍କ ସମେତ ଏହି ହମଲାରେ ସଂପୃକ୍ତ ମୋଟ ୧୧ ଜଣଙ୍କୁ ଗିରଫ କରାଯାଇଛି। ୩ଟି ହେଲିକପ୍ଟରରୁ ପାଣି ପକାଯାଇ ହଜାର ହଜାର ଦର୍ଶକ ବସିପାରିବା ଭଳି ବ୍ୟବସ୍ଥା ଥିବା ସୁବିଶାଳ କନସର୍ଟ ହଲର ନିଆଁ ଲିଭାଇ ଦିଆଯାଇଛି। ରୁଷରେ ୨୦୦୪ ପରଠାରୁ କୌଣସି ବଡ଼ ଆତଙ୍କୀ ହମଲା ହେବା ଏହା ପ୍ରଥମ। ରୁଷ ସରକାର ଏହାର ତଦନ୍ତ ଆରମ୍ଭ କରିଛନ୍ତି। ମାର୍ଚ୍ଚ ୨୪ରେ ସମଗ୍ର ରୁଷରେ ଶୋକ ଦିବସ ପାଳନ କରାଯିବା ନିମନ୍ତେ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନ୍ ନିଷ୍ପତ୍ତି ନେଇଛନ୍ତି। ଏହି ଆତଙ୍କୀ ହମଲାରେ ୟୁକ୍ରେନର କୌଣସି ସଂପୃକ୍ତି ନଥିବା ୟୁକ୍ରେନ ସରକାର ସ୍ପଷ୍ଟ କରିଛନ୍ତି। ଆମେରିକା ସରକାରଙ୍କ ଇଣ୍ଟେଲିଜେନ୍ସ ବିଭାଗର ଜଣେ ଅଫିସିଆଲ କହିଛନ୍ତି, ମସ୍କୋରେ ଖୁବ୍ ନିକଟରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ଓ ସେଥିପାଇଁ ଆଫଗାନିସ୍ଥାନ ଭିତ୍ତିକ ଆତଙ୍କୀ ସଂଗଠନ ଇସଲାମିକ୍ ଷ୍ଟେଟ(ଖୋରାସାନ) ପ୍ରସ୍ତୁତି ଚଳାଇଛି ବୋଲି ରୁଷ ଇଣ୍ଟେଲିଜେନ୍ସ ବିଭାଗକୁ ମାର୍ଚ୍ଚ ୭ତାରିଖରେ ସତର୍କ କରାଯାଇଥିଲା। ରୁଷ ସ୍ୱାସ୍ଥ୍ୟ ମନ୍ତ୍ରୀ ମିଖାଇଲ ମୁରାସକୋ କହିଛନ୍ତି, ୫ ଶିଶୁଙ୍କ ସମେତ ୧୧୫ ଜଣଙ୍କୁ ହସପିଟାଲକୁ ଅଣାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଶିଶୁ ଓ ୬୦ରୁ ଅଧିକ ସଂଖ୍ୟକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଏହି ଆତଙ୍କୀ ହମଲାକୁ ବିଶ୍ୱର ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ତୀବ୍ର ନିନ୍ଦା କରିଛନ୍ତି। ରୁଷ ବୈଦେଶିକ ବିଭାଗ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, ଏହି ବର୍ବର ଆତଙ୍କୀ ଆକ୍ରମଣକୁ ଅନ୍ତରାଷ୍ଟ୍ରୀୟ ସମୁଦାୟ ଏକମୁଖ ହୋଇ ନିନ୍ଦା କରିବା ଏକାନ୍ତ ଜରୁରୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପୈଶାଚିକ ଆତଙ୍କୀ ହମଲାର ତୀବ୍ର ନିନ୍ଦା କରି ଏହି ସଙ୍କଟବେଳାରେ ରୁଷ ସହ ଭାରତ ଦୃଢ଼ଭାବେ ଏକାଠି ରହିଛି ବୋଲି ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟିଂ କରିଛନ୍ତି। ଆମେରିକା ପରରାଷ୍ଟ୍ର ବିଭାଗ ସଚିବ, ଫ୍ରାନ୍ସର ରାଷ୍ଟ୍ରପତି, ଇଟାଲୀର ପ୍ରଧାନମନ୍ତ୍ରୀ, ସ୍ପେନ ରାଷ୍ଟ୍ରପତି, ୟୁରୋପୀୟ ୟୁନିଅନର ଅଧ୍ୟକ୍ଷ ପ୍ରମୁଖ ବିଶ୍ୱର ଅନେକ ଦେଶର ତୁଙ୍ଗ ନେତା ଏହି ନିର୍ମମ ଆତଙ୍କୀ ଆକ୍ରମଣର ନିନ୍ଦା କରିଛନ୍ତି। ଦିଲ୍ଲୀସ୍ଥିତ ରୁଷ ଦୂତାବାସର ପତାକା ଅର୍ଦ୍ଧନମିତ ରହିଛି।

## ଗିରଫ କରିବା ପୂର୍ବରୁ ଇଡି ଲିଖିତ କାରଣ ଦେବା ଜରୁରୀ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି)**

ଅର୍ଥ ହେରଫେର ମାମଲାରେ କେନ୍ଦ୍ରୀୟ ଏଜେନ୍ସି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାହାରିକୁ ଗିରଫ କରିବା ପୂର୍ବରୁ ଯଥେଷ୍ଟ କାରଣ ଦେବାକୁ ନେଇ ପୂର୍ବରୁ ସୁପ୍ରିମକୋର୍ଟ ଯାହା କହିଥିଲେ ସେଥିରେ ଅଟଳ ରହିଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଜାରି କରିଥିବା ନିର୍ଦ୍ଦେଶନାମା ଉପରେ ପୁଣିଥରେ ସମୀକ୍ଷା କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲେ ହେଁ ଏହାକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ବରଂ କୌଣସି ମାମଲାରେ ଯଦି ଇଡି କାହାରିକୁ ଗିରଫ କରେ ତେବେ ଏହାର ପର୍ଯ୍ୟାପ୍ତ କାରଣ ଲିଖିତ ଭାବେ ଦର୍ଶାଇବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସମ୍ବିଧାନର ଧାରା ୧୯(୧), ୨୦୦୨ ଅନୁଯାୟୀ କାହାରିକୁ ଗିରଫ କରାଗଲେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ତାହାର କାରଣ ଜଣାଇବା ଜରୁରୀ ବୋଲି ସୁପ୍ରିମକୋର୍ଟ କିଛି ଦିନ ତଳେ କହିଥିଲେ। ଏହାଦ୍ୱାରା ଜଣେ ଆଇନ ପରାମର୍ଶ ପାଇଁ ସୁବିଧା ପାଇବା ସହିତ ଜାମିନ ପାଇବା କ୍ଷେତ୍ରରେ ମଧ୍ୟ ବିଚାରବିମର୍ଷ କରିବାକୁ ସୁଯୋଗ ପାଇପାଇପାରିବେ ବୋଲି ମଧ୍ୟ କହିଥିଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା ଉପରେ ଆଉ ଥରେ ସମୀକ୍ଷା କରିବାକୁ ପିଟିସନ ଦାଏର କରାଯାଇଥିଲା। ଜଷ୍ଟିସ୍ ଏ ଏସ ବୋପାନ୍ନା ଏବଂ ଜଷ୍ଟିସ୍ ସଞ୍ଜୀୟ କୁମାର ଏହାର ଶୁଣାଣି କରି 'ଆମେ ଯାହା କହିଛୁ ଭାବିଚିନ୍ତି କହିଛୁ ଏବଂ ଏହା ଉପରେ ଆଉ ସମୀକ୍ଷା କରିବା ଆବଶ୍ୟକ ନାହିଁ' ବୋଲି କହିଛନ୍ତି।

### ଆଇନଶୃଙ୍ଖଳା ସ୍ଥିତି ପାଇଁ ପ୍ରତିରକ୍ଷାତ୍ମକ ଅଟକ ଠିକ୍ ନୁହେଁ

ପ୍ରତିରକ୍ଷାତ୍ମକ ଅଟକ ରଖାଯିବା ବ୍ୟବସ୍ଥାକୁ ନେଇ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ କଡ଼ା ଶବ୍ଦ ଶୁଣାଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ କାହାରିକୁ ତତ୍କାଳ ଅଟକ ରଖିବା ଠିକ୍ ନୁହେଁ। ଯଦି ସାମାଜିକ ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବାକୁ ପ୍ରଶାସନ ଅସମର୍ଥ ହୁଏ ତେବେ ସେଥିପାଇଁ କାହାରିକୁ ଅଟକ ରଖାଯାଇପାରିବନି। କେବଳ ସାମାଜିକ ସ୍ତରରେ କୌଣସି ବିଷମ ପରିସ୍ଥିତି ପାଇଁ ଅଟକ ରଖାଯାଇପାରିବ। ପ୍ରତିରକ୍ଷାତ୍ମକ ଅଟକ ବ୍ୟବସ୍ଥା ଏକ କଠୋର ବ୍ୟବସ୍ଥା ବୋଲି କହିବା ସହିତ ଏହାର ଠିକଣା ଉପଯୋଗ ହେବା ଦରକାର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି।

## ରାଷ୍ଟ୍ରପତିଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲେ କେରଳ ସରକାର

**ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି)**

ରାଜ୍ୟପାଳଙ୍କ ପରେ କେରଳ ସରକାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଡ଼ି ରହିଥିବା ୪ ବିଲ୍‌କୁ ରାଷ୍ଟ୍ରପତି ମଞ୍ଜୁରି ଦେଉ ନାହାନ୍ତି ବୋଲି ଆବେଦନରେ ଦାବି କରାଯାଇଛି। ଏହି ବିଲ୍‌ଗୁଡିକ ରାଜ୍ୟ ବିଧାନସଭାରେ ପାରିତ ହୋଇସାରିଛି। ଏହା ମଧ୍ୟରେ ୟୁନିଭର୍ସିଟି ଲଜ୍ (ଆମେଣ୍ଡମେଣ୍ଟ) (ନମ୍ବର ୨) ବିଲ୍, ୨୦୨୧, ଦ କେରଳ ସରକାର କୋ-ଅପରେଟିଭ ସୋସାଇଟିଜ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୨, ଦ ୟୁନିଭର୍ସିଟି ଲଜ୍ (ଆମେଣ୍ଡମେଣ୍ଟ) ବିଲ୍, ୨୦୨୨ ଏବଂ ଦ ୟୁନିଭର୍ସିଟି ଲଜ୍ (ଆମେଣ୍ଡମେଣ୍ଟ) (ନମ୍ବର-୩) ବିଲ୍, ୨୦୨୨ ସାମିଲ ରହିଛି। କୌଣସି କାରଣ ନ ଦର୍ଶାଇ ଏହି ବିଲ୍‌ଗୁଡିକୁ ଅସାମ୍ବିଧାନିକ କୁହାଯାଇଛି ବୋଲି ଆବେଦନରେ କୁହାଯାଇଛି। ରାଜ୍ୟପାଳ ବିଲ୍‌ଗୁଡ଼ିକ ଉପରେ ବିଚାର ନ କରି ଏହାକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିଲେ ବୋଲି କେରଳ ସରକାରଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ପି ବିଜୟନଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଏହି ଆବେଦନରେ କେନ୍ଦ୍ର ସରକାର, ରାଷ୍ଟ୍ରପତିଙ୍କ ସଚିବ, କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ ଏବଂ ତାଙ୍କ ଅତିରିକ୍ତ ସଚିବଙ୍କୁ ପକ୍ଷ ଭୁକ୍ତ କରିଛି। ଆବେଦନରେ କୁହାଯାଇଛି ଯେ ଏହି ବିଲ୍ ସମ୍ପୂର୍ଣ୍ଣ ଭାବେ କେରଳ ସରକାରଙ୍କ ଅଧିକାର କ୍ଷେତ୍ରରେ ଆସୁଛି। କୌଣସି କାରଣ ନ ଦର୍ଶାଇ ଚାରି ବିଲ୍‌କୁ ଅନୁମତି ନ ଦେବା ପାଇଁ ଭାରତ ସରକାର ମନମୁଖି ଭାବେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଛନ୍ତି। ଏହା ଧାରା ୧୪ ଉଲ୍ଲଙ୍ଘନ କରୁଛି। ଏହା ସହିତ କାର୍ଯ୍ୟାନୁଷ୍ଠାନ ସମ୍ବିଧାନର ଧାରା ୨୧ ଅଧିନରେ ରାଜ୍ୟବାସୀଙ୍କୁ ମିଳିଥିବା ଅଧିକାରକୁ ଉଲ୍ଲଙ୍ଘନ କରୁଛି।

# ହାଇକୋର୍ଟରୁ କେଜ୍ରିୱାଲ ନିରାଶ

**ନୂଆଦିଲ୍ଲୀ, ୨୩।୩(ଏଜେନ୍ସି)**

- ଜରୁରୀ ଶୁଣାଣି ପାଇଁ ମନାକଲେ କୋର୍ଟ
- କେଜ୍ରିୱାଲ ଇସ୍ତଫା ଦେବେନି: ଆପ୍
- ଜେଲ୍‌ରୁ ଗ୍ୟାଙ୍ଗ୍ ଚାଲେ, ସରକାର ନୁହେଁ: ବିଜେପି
- ଆପ୍ କାର୍ଯ୍ୟାଳୟ ସିଲ୍ କରାଯାଇଛି: ଆତିଶୀ
- କେଜ୍ରିୱାଲଙ୍କୁ ଜେଲ୍‌କୁ ସ୍ୱାଗତ କଲା ଠକ ସୁକେଶ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଗିରଫଦାରୀ ଓ ରାଉଜ ଏଭେନ୍ୟୁ କୋର୍ଟର ରିମାଣ୍ଡ ମଞ୍ଜୁରୀକୁ ବେଆଇନ ଦର୍ଶାଇ ଅରବିନ୍ଦ କେଜ୍ରିୱାଲ ନ୍ୟାୟ ପାଇଁ ଦିଲ୍ଲୀ ହାଇକୋର୍ଟରେ ଆଜି ଯାଚିକା ଦାଖଲ କରିଛନ୍ତି। ଏହି ଯାଚିକାର ଜରୁରୀ ତଥା ତ୍ୱରିତ ଶୁଣାଣି ପାଇଁ ନିବେଦନ କରାଯାଇଛି। ତେବେ ଜରୁଶୀ ଶୁଣାଣି କରିବାକୁ କୋର୍ଟ ମନା କରି ଦେଇଛନ୍ତି। ହୋଲି ଛୁଟି ଥିବାରୁ ଆସନ୍ତା ବୁଧବାର ଶୁଣାଣି ହେବ ବୋଲି କହିଛନ୍ତି। ଅନ୍ୟପଟେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ କହିଛନ୍ତି, ଅରବିନ୍ଦ କେଜ୍ରିୱାଲ ଜେଲ୍‌ରୁ କାର୍ଯ୍ୟାଳୟ ଚଳାଇବା ପାଇଁ ଅଦାଲତଙ୍କ ଅନୁମତି ଲୋଡାଯିବ। ଆପ୍‌ରେ ଅନ୍ୟ କେହି ନେତା କେଜ୍ରିୱାଲଙ୍କ ସ୍ଥାନ ନେଇପାରିବେ ନାହିଁ। ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେପି ସାଂସଦ ମନୋଜ ତିୱାରୀ କହିଛନ୍ତି ଯେ ଜେଲରୁ ସରକାର ନୁହେଁ, ଗ୍ୟାଙ୍ଗ୍ ଚାଲେ। ଜେଲ୍‌ରେ ବନ୍ଦୀ ଥାଇ କେହି ସରକାରର ମୁଖ୍ୟ ଭାବେ ଶାସନ ଚଳାଇପାରିବେ ନାହିଁ। କେଜ୍ରିୱାଲ ଗିରଫ ହୋଇଥିବା ଜାଣି ଲୋକେ ଖୁସୀରେ ମିଠେଇ ବଣ୍ଟନ କରିଛନ୍ତି। କେଜ୍ରିୱାଲ ଦିଲ୍ଲୀକୁ ଲୁଟିଛନ୍ତି, ଦିଲ୍ଲୀବାସୀଙ୍କୁ କେବଳ ଦୁର୍ଦ୍ଦଶା ଦେଇଛନ୍ତି। ନୈତିକତା ଦୃଷ୍ଟିରୁ ସେ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେବା ଉଚିତ। ଅପରପକ୍ଷରେ କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ଆଜି ଦିଲ୍ଲୀର ସହିଦ ପାର୍କରେ ପୂର୍ବାହ୍ନ ୧୦ଟାରେ ସମସ୍ତ ଆପ୍ ବିଧାୟକ, କାଉନସିଲର, ପାର୍ଟି କାର୍ଯ୍ୟକର୍ତ୍ତା ଓ ବିପୁଳ ସଂଖ୍ୟାରେ ଆପ୍ ସମର୍ଥକ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ ସମେତ ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳଗୁଡ଼ିକର ନେତା ଓ ସମର୍ଥକମାନେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ସେହିପରି ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ଦାବି କରିଛନ୍ତି ଯେ ଆପ୍ କାର୍ଯ୍ୟାଳୟକୁ ସିଲ୍ କରିଦିଆଯାଇଛି। କାର୍ଯ୍ୟାଳୟରେ କାହାକୁ ପ୍ରବେଶ କରିବାକୁ ଦିଆଯାଉ ନାହିଁ। ଏହାକୁ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଛନ୍ତି। ଏହା ମଧ୍ୟରେ ଠକ ସୁକେଶ କେଜ୍ରିୱାଲଙ୍କ ନାମରେ ଚିଠି ଲେଖି ତିହାର ଜେଲ୍‌କୁ ତାଙ୍କୁ ସ୍ୱାଗତ କରିଛି। ତିହାର କ୍ଲବ ଚଲାଇବା ପାଇଁ ତାର ତିନି ଭାଇ ଜେଲ୍‌ରେ ଅଛନ୍ତି। ଏହାର ବିଗ୍‌ବସ୍ କେଜ୍ରିୱାଲ, ସିଇଓ ମନୀଷ ସିସୋଦିଆ ଏବଂ ସିଓଓ ସତ୍ୟେନ୍ଦ୍ର ଜୈନ ବୋଲି କହିଛି।

### ଜର୍ମାନୀ କୂଟନୀତିଜ୍ଞଙ୍କୁ ଭାରତର ସମନ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫକୁ ନେଇ ମନ୍ତବ୍ୟ ଦେଇଥିବାରୁ ଭାରତ ସରକାର ଜର୍ମାନୀ କୂଟନୀତିଜ୍ଞଙ୍କୁ ସମନ ଜାରି କରିଛନ୍ତି। ଏହା ପୂର୍ବରୁ ଶୁକ୍ରବାର ଜର୍ମାନୀ ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଏହି ମାମଲା ଉପରେ ଅବଧାରଣା ନିଆଯାଇଛି। କେଜ୍ରିୱାଲଙ୍କୁ ନିରପେକ୍ଷ ଏବଂ ସଠିକ୍ ଟ୍ରାଏଲ ମିଳିବା ଉଚିତ। ଦୋଷ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ମାନିବା ଉଚିତ। ଏହି ସିଦ୍ଧାନ୍ତକୁ ମଧ୍ୟ କେଜ୍ରିୱାଲଙ୍କ ଉପରେ କାର୍ଯ୍ୟକାରୀ କରାଯାଉ। ଏହି ମନ୍ତବ୍ୟ ଉପରେ ଭାରତର ବୈଦେଶିକ ମନ୍ତ୍ରାଳୟ ଆପତ୍ତି ଉଠାଇଛି। ଜର୍ମାନୀ ଦୂତାବାସର ଉପ-ମୁଖ୍ୟଙ୍କୁ ଜବାବ ତଲବ କରିଛି। ଭାରତର ଆଭ୍ୟନ୍ତରୀଣ ମାମଲାରେ ଜର୍ମାନୀ ଦଖଲ ନ ଦେଉ ବୋଲି କୁହାଯାଇଛି। ଏହି ମାମଲାକୁ ନେଇ ଜର୍ମାନୀ ଦୂତାବାସର ଉପମୁଖ୍ୟ ଶନିବାର ବିଦେଶ ମନ୍ତ୍ରାଳୟକୁ ଯାଇଥିଲେ। ଏହା ପରେ ଭାରତ ପକ୍ଷରୁ କୁହାଯାଇଥିଲା ଯେ ଜର୍ମାନୀର ଏଭଳି ବୟାନକୁ ନ୍ୟାୟିକ ପ୍ରକ୍ରିୟା ଉପରେ ଦଖଲ ବୋଲି ମାନୁଛୁ। ଏଭଳି ମନ୍ତବ୍ୟ ଦେଶର ନ୍ୟାୟାଳୟର ନିରପେକ୍ଷତା ଏବଂ ସ୍ୱାଧୀନତା ଉପରେ ପ୍ରଶ୍ନ ଉଠାଉଛି। ଭାରତ ଏକ ଶକ୍ତିଶାଳୀ ଗଣତନ୍ତ୍ର। ଏଠାରେ ଆଇନ ପାଳନ ହୋଇଥାଏ। କେଜ୍ରିୱାଲଙ୍କ ମାମଲାରେ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ମାମଲାରେ ଅନୁମାନ କରି ବୟାନ ଦେବା ଠିକ୍ ନୁହେଁ।



■ କେଜ୍ରିୱାଲଙ୍କ ବାର୍ତ୍ତା ଦେଲେ ପତ୍ନୀ ସୁନିତା

## 'ଶୀଘ୍ର ଫେରିବି; କେହି ଅଟକାଇପାରିବେନି'

ଇଡି ହେପାଜତରେ ଥାଇ ଆପ୍ କର୍ମୀ ଓ ଦିଲ୍ଲୀବାସୀଙ୍କ ଉଦ୍ଦେଶ୍ୟରେ ଅରବିନ୍ଦ କେଜ୍ରିୱାଲ ଏକ ବାର୍ତ୍ତା ପ୍ରେରଣ କରିଛନ୍ତି। ତାଙ୍କ ପତ୍ନୀ ସୁନିତା କେଜ୍ରିୱାଲ ସେହି ଭିଡିଓବାର୍ତ୍ତାକୁ ସାର୍ବଜନୀନ କରିଛନ୍ତି। ସେଥିରେ କେଜ୍ରିୱାଲ କହିଛନ୍ତି, 'ମୋର ପ୍ରିୟ ଦେଶବାସୀ, ବନ୍ଧୁଗଣ, ମୋତେ ଗିରଫ କରାଯାଇଛି। ମୁଁ ଜେଲରେ ରହେ କି ବାହାରେ ଥାଏ ସର୍ବଦା ଦେଶ ସେବାରେ ନିଜକୁ ନିୟୋଜିତ ରଖିବି। ମୋ ଜୀବନ ଦେଶପାଇଁ ସମ୍ପୂର୍ଣ୍ଣ ସମର୍ପିତ। ସାରା ଜୀବନ ପ୍ରତିକୂଳ ପରିସ୍ଥିତି ସହ ଲଢ଼ିଛି ଓ ତାହା ଚାଲୁରହିଛି। ତେଣୁ ଏ ଗିରଫଦାରୀ ମୋତେ ବିସ୍ମିତ କରିନାହିଁ। ଦେଶ ଭିତରର ଓ ଦେଶ ବାହାରର କେତେକ ଶକ୍ତି ଦେଶକୁ ଦୁର୍ବଳ କରିବାରେ ଲାଗିଛନ୍ତି। ସେମାନଙ୍କୁ ଚିହ୍ନଟ କରି ହରାଇବାକୁ ପଡ଼ିବ। କୌଣସି ଜେଲ୍ ମୋତେ ଅଟକାଇ ପାରିବନି। ମୁଁ ଖୁବ୍ ଶୀଘ୍ର ଫେରିବି ଓ ଲୋକଙ୍କୁ ଦେଇଥିବା ପ୍ରତିଶୃତିସବୁ ପୂରଣ କରିବି। ମୋତେ ଗିରଫ କରାଯାଇଥିବାରୁ ଆପ୍ କର୍ମୀମାନେ ହତୋତ୍ସାହିତ ହୁଅନ୍ତୁ ନାହିଁ କି ବିଜେପି ସମର୍ଥକଙ୍କୁ ଘୃଣା କରନ୍ତୁ ନାହିଁ। ପୂର୍ବ ଭଳି ଲୋକଙ୍କ ପାଇଁ କାର୍ଯ୍ୟ ଜାରି ରଖନ୍ତୁ।

### ସାକାର ହେବ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ସ୍ୱପ୍ନ

# ଭବିଷ୍ୟତ ପାଇଁ ଯୁବବର୍ଗଙ୍କୁ ଗଢୁଛି ବିଜେଡି

**ଭୁବନେଶ୍ୱର, ୨୩ ।୩(ସମିସ):** ଯୁବପିଢ଼ି ହିଁ ଦେଶର ଭବିଷ୍ୟତ। ଯୁବଶକ୍ତି ସଶକ୍ତ ଓ ଆତ୍ମନିର୍ଭରଶୀଳ ହେଲେ ଦେଶ ଆତ୍ମନିର୍ଭରଶୀଳ ହେବ। ଯୁବପିଢ଼ି ଉପରେ ନିବେଶ ହେଉଛି ଏକ ସୁନ୍ଦର ଭବିଷ୍ୟତ ପାଇଁ ନିବେଶ। ଏହି ଲକ୍ଷ୍ୟ ନେଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଯୁବକ ଯୁବତୀଙ୍କୁ ବିଶ୍ୱ ସମୁଦାୟ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରସ୍ତୁତ କରୁଛନ୍ତି। ଦକ୍ଷତା ବିକାଶ, ଉଚ୍ଚ ଓ ବୈଷୟିକ ଶିକ୍ଷା, କର୍ମନିଯୁକ୍ତି ସବୁ କ୍ଷେତ୍ରରେ ଓଡ଼ିଶାର ଯୁବପିଢ଼ି ଆଜି ଆଗରେ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଳଷିତ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ଆମର ଯୁବପିଢ଼ି ନିର୍ଣ୍ଣାୟକ ଭୂମିକା ନେବେ। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ଡଃ ସନ୍ତୃପ୍ତ ମିଶ୍ର କହିଥିଲେ ଯେ ଫ୍ରାଙ୍କଲିନ ରୁଜଭେଲ୍ଟଙ୍କ ମତରେ "ଆମେ ସବୁବେଳେ ଆମର ଯୁବଗୋଷ୍ଠୀଙ୍କ ପାଇଁ ଭବିଷ୍ୟତ ନିର୍ମାଣ କରିପାରିବା ନାହିଁ, କିନ୍ତୁ ଆମେ ଆମର ଯୁବକଙ୍କୁ ଭବିଷ୍ୟତ ପାଇଁ ନିର୍ମାଣ ପାରିବା"। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟ ଲକ୍ଷ୍ୟ ହାସଲ ପାଇଁ ଅନବରତ ଉଦ୍ୟମ କରୁଛନ୍ତି। ଯୁବଗୋଷ୍ଠୀଙ୍କୁ ଦକ୍ଷ, ଦାୟିତ୍ୱବାନ, ପ୍ରେରଣାଦାୟୀ, ଦୂରଦର୍ଶୀ ଓ ଚିନ୍ତାଶୀଳ ନାଗରିକ କରିବା ପାଇଁ ସଭାପତିଙ୍କ ନେତୃତ୍ୱରେ ବିଜେଡି ଅନେକ ପଦକ୍ଷେପ ନେଇଛି ବୋଲି ସେ କହିଛନ୍ତି। ସେହିପରି ବିଜେଡିର ରାଷ୍ଟ୍ରୀୟ ପ୍ରବକ୍ତା ଡଃ ସସ୍ମିତ ପାତ୍ର ଯୁବ ସଶକ୍ତୀକରଣ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସଫଳ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ଡଃ ମିଶ୍ର କହିଥିଲେ ଯେ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଅର୍ଥନୈତିକ ସୁଯୋଗ କ୍ଷେତ୍ର ଭାବେ ଇଲେକ୍ଟ୍ରୋନିକ୍ ପଲିସି, ଆଇଟି ନୀତି, ବିପିଓ ନୀତି, ଡାଟା ସେଣ୍ଟର ପଲିସିରେ ଏହି ସବୁ କ୍ଷେତ୍ରର ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଇଛି। '୫-ଟି' ଉପକ୍ରମରେ ଅନ୍ୟତମ 'ଟି' ଅର୍ଥାତ୍ ଟେକ୍ନୋଲୋଜିକୁ ପ୍ରାଧାନ୍ୟ ଦେବା ଫଳରେ ଏହି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସହ ଶିକ୍ଷାର ପ୍ରସାର ସମ୍ଭବ ହୋଇଛି। ଆକ୍ସେଞ୍ଚର, ଆଇବିଏମ୍, କଗ୍ନିଜେଣ୍ଟ, ମାଇକ୍ରୋସଫ୍ଟ, ଇନଫୋସିସ୍, ଟେକ୍ ମହିନ୍ଦ୍ରା, ଟିସିଏସ୍ ଭଳି ବିଶ୍ୱସ୍ତରୀୟ ସଂସ୍ଥାଙ୍କ ଡେଭଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ପିଡବ୍ଲ୍ୟୁସି, ଇୱାଇ ଏବଂ ଡେଲୋଇଟ୍ ମଧ୍ୟ ନିଜସ୍ୱ କେନ୍ଦ୍ର ଖୋଲିଛନ୍ତି। ଶିକ୍ଷା ପରିଦୃଶ୍ୟରେ ନୂଆ ଓ - ସାମ୍ସ ମାଧ୍ୟମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ପ୍ରଦାନର ବ୍ୟବସ୍ଥା ହୋଇଛି। ଛାତ୍ରମାନଙ୍କୁ ୯୦୦୦ ଓ ମହିଳା ଛାତ୍ରୀମାନଙ୍କୁ ୧୦୦୦୦ ଟଙ୍କାର ବୃତ୍ତି ମିଳୁଛି। ଶିକ୍ଷାର ଅନ୍ତର୍ଭୁକ୍ତ ଏବଂ ସମାନ ଉପଲବ୍ଧତା ଭାବେ ଏସ୍‌ସି, ଏସ୍‌ଟି ଓ ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ଅଧିକ ବୃତ୍ତି ମିଳିଥାଏ। ନୂଆ ଉନ୍ନତ ଅଭିଳାଷ ଆଗାମୀ ତିନି ବର୍ଷ ମଧ୍ୟରେ ଏକ ଲକ୍ଷ ଯୁବକଙ୍କୁ ତାଲିମ ଦେବ। ଏଥିପାଇଁ ୩୮୫ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି। ୟୁଜି ଏବଂ ପିଜି ପାଇଁ ମ୍ୟାଜିକ୍ କାର୍ଡ ସୁବିଧା ରହିଛି।



- **ଓଡ଼ିଶାର ଯୁବଶକ୍ତିକୁ ବିଶ୍ୱ ସହ ସମକକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ**
- **ଦକ୍ଷତା ବିକାଶ, କ୍ରୀଡ଼ା, ନିଯୁକ୍ତି, ଉଦ୍ୟୋଗୀ ସହାୟତା, ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ପଦକ୍ଷେପ**
- **ଆଲୋକବର୍ତ୍ତିକା ହେବ ନୂଆ-ଓ ଏବଂ ସ୍ୱୟମ୍ କାର୍ଯ୍ୟକ୍ରମ**
- **ଓଡ଼ିଶାମୁହାଁ ବିଶ୍ୱସ୍ତରୀୟ କର୍ପୋରେଟ୍ ସଂସ୍ଥା**

ଡଃ ମିଶ୍ର କହିଥିଲେ, ଦକ୍ଷତା ଏବଂ ଉଦ୍ୟୋଗୀ ଲ୍ୟାଣ୍ଡସ୍କେପ୍ ଭାବେ ବିଶ୍ୱ ଦକ୍ଷତା କେନ୍ଦ୍ର, ଆଇଟିଇଏସ୍ ଭାଗୀଦାରି-୨୦୨୧ରେ ୭ଟି ଟ୍ରେଡ୍‌ରେ ଉନ୍ନତ ଦକ୍ଷତା ପ୍ରଶିକ୍ଷଣ, ଇଞ୍ଜିନିୟରିଂ ସ୍କୁଲ-୫ଟି ପାଠ୍ୟକ୍ରମ ଓ ସର୍ଭିସ ସ୍କୁଲରେ ୨ଟି ପାଠ୍ୟକ୍ରମ ରହିଛି। ସଂକଳ୍ପ ଯୋଜନାରେ ଉଦ୍ୟୋଗୀମାନଙ୍କ ପାଇଁ ୧୦୦ ଘଣ୍ଟିଆ ପାଠ୍ୟକ୍ରମ, ଗ୍ରାମୀଣ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୧୦, ୦୦୦ ପ୍ରଶିକ୍ଷିତ ଏବଂ ୧୦୦୦ ଜଣଙ୍କୁ ଗ୍ରାମାଞ୍ଚଳରେ ଉଦ୍ୟୋଗ ପରିଚାଳନା ଦାୟିତ୍ୱ ଦିଆଯାଇଛି। ପ୍ରାକୃତିକ ପ୍ରତିଭା ଥିବା ଲୋକଙ୍କ ପାଇଁ ପୂର୍ବ ଶିକ୍ଷାର ସ୍ୱୀକୃତି ପ୍ରଦାନ କରାଯାଉଛି। ଡାସଲ୍ଟ, ମାଇକ୍ରୋସଫ୍ଟ, ଟେକ୍ ମହିନ୍ଦ୍ର. କୋର୍ସେରା, ଆଇବିଏମ୍ ଆଦି ଡିଜିଟାଲ ଦକ୍ଷତା କ୍ଷୁଦ୍ର ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି। ସେହିଭଳି ସିଙ୍ଗାପୁର ସହ ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଥିଲେ। ମିଶନ୍ ଶକ୍ତିକୁ ସହାୟତା ପାଇଁ ଆଉ ୯ଟି ପାଠ୍ୟକ୍ରମ, ଲଜିଷ୍ଟିକ୍ ସାମୁଦ୍ରିକ ଇଞ୍ଜିନିୟରିଂ ସ୍ୱାସ୍ଥ୍ୟ ସେବା, ମହିଳାମାନଙ୍କ ପାଇଁ କଷ୍ଟମ ଏମବିଏ ଏବଂ ପୋଷାକରେ ପ୍ରଶିକ୍ଷଣ ସହ ମାଇକ୍ରୋ ଉତ୍ପାଦନ କାର୍ଯ୍ୟକ୍ରମ ଜାରି ରହିଛି। ଡବ୍ଲ୍ୟୁଏସସିକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଜାତୀୟ କ୍ୟାରିୟର୍ ସେଣ୍ଟର୍ ଭାବେ ସ୍ୱୀକୃତି ଦେଇଛି, ଯାହା ବିଦେଶୀ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ଡଃ ମିଶ୍ର ସୂଚନା ଦେଇଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଡଃ ପାତ୍ର କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ବିଶ୍ୱ କ୍ରୀଡ଼ା ହବ୍‌ରେ ପରିଣତ ହେଇଛି। "ଭବିଷ୍ୟତ ପାଇଁ ଯୁବ ଓ ଯୁବଗୋଷ୍ଠୀଙ୍କ ପାଇଁ କ୍ରୀଡ଼ା" ଆଭିମୁଖ୍ୟ ନେଇ କାମ କରୁଥିବା ରାଜ୍ୟ ସରକାର କଳିଙ୍ଗ ସ୍ପୋର୍ଟସ କମ୍ପ୍ଲେକ୍ସ, ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, କଟକରେ ଜବାହରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡିୟମ୍, ୬ ଫିଫା ଷ୍ଟାଣ୍ଡାର୍ଡ ଫୁଟବଲ ପିଚ୍, ପୁରୀ, ବ୍ରହ୍ମପୁର, ଜୟପୁର, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ରାଉରକେଲା, (ପ୍ରସ୍ତାବିତ-ସମ୍ବଲପୁର ଓ ବାଲେଶ୍ୱର), ତମାଣ୍ଡୋ ଓ କୁଲୁଣ୍ଡିରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ୧୭ଟି କ୍ରୀଡ଼ା ଏକାଡେମୀ, ୧୨ ସୁଇମିଂ ଗ୍ରାସରୁଟ୍ ସେଣ୍ଟର, ୪୦ଟି ଇନ୍‌ଡୋର ହଲ୍, ୨ଟି ଇନ୍‌ଡୋର ଜିମ୍ନାଷ୍ଟିକ୍ସ ଓ ଭାରୋତ୍ତୋଳନ ହଲ୍, ୯୦ଟି ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, ୨୫ଟି ସିନ୍ଥେଟିକ୍ ହକି ପ୍ରଶିକ୍ଷଣ ପିଚ୍ (ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ପାଇଁ), ୩୧୪ଟି ଗ୍ରାମୀଣ ମିନି ଷ୍ଟାଡିୟମ, ୧୪୯ ଅର୍ବାନ ମିନି ଷ୍ଟାଡିୟମ ଓ ସୁନ୍ଦରଗଡ଼ର ୧୭ଟି ବ୍ଲକରେ ଆଷ୍ଟ୍ରୋଟର୍ଫ ନିର୍ମାଣ କରାଯାଇଛି। ଅଲିମ୍ପିକ୍ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସରକାର ଆଇଓସି ସହ ଭାଗୀଦାରି କରିଛନ୍ତି। ଓଡ଼ିଶାର ୩୫୦ରୁ ଅଧିକ ବିଦ୍ୟାଳୟରେ ଅଲିମ୍ପିକ୍ ମୂଲ୍ୟ ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି) ପ୍ରଦାନ କରାଯାଉଛି। ମାଉଣ୍ଟ ଏଭରେଷ୍ଟ (୮୮୪୮ ମିଟର), ମାଉଣ୍ଟ ଆକନକାଗୁଆ (୬୯୫୯ ମିଟର) ଏବଂ ଆଣ୍ଟାର୍କଟିକା ପାଇଁ ଡିଏସୱାଇଏସ୍ ସିଦ୍ଧାର୍ଥ ରାଉତରାୟଙ୍କୁ ସହାୟତା ପ୍ରଦାନ କରିଥିଲା। ଡିଏସୱାଇଏସ୍ ପର୍ବତାରୋହୀ ଆଫ୍ରିକାର ସର୍ବୋଚ୍ଚ ମାଉଣ୍ଟ କିଲିମାଞ୍ଜାରୋ (୫୮୯୫ ମିଟର) ଆରୋହଣ କରିଛନ୍ତି। ଯୁବ ନିଯୋଜନ ଏବଂ ସଶକ୍ତୀକରଣ ପାଇଁ ନୂଆ-ଓ କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି। ଜିମ୍ନାଷ୍ଟ ପ୍ରଣତି ନାୟକ ୩୭ଟି ଜାତୀୟ କ୍ରୀଡ଼ାରେ ୪ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଶ୍ରେଷ୍ଠ ମହିଳା ଆଥଲେଟ୍ ଭାବେ ଉଭା ହୋଇଛନ୍ତି। ସେହିପରି କିଶୋର ଜେନା ଜାତୀୟ ଚାମ୍ପିୟନସିପ୍‌ରେ ରୌପ୍ୟପଦକ, ବିଶ୍ୱ ଚାମ୍ପିୟନସିପ୍‌ରେ ପଞ୍ଚମ ଓ ରୌପ୍ୟ ପଦକ ଜିତି ୨୦୨୩ ଏସୀୟ କ୍ରୀଡ଼ାରେ ସେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସ୍ୱୟମ୍ ୟୁ - ସ୍ୱାଧୀନ ଯୁବ ଉଦ୍ୟୋଗ ୧୫ ଫେବୃଆରୀ ୨୦୨୪ର ଶୁଭାରମ୍ଭ ହୋଇଛି। ଆର୍ଥିକ ସହାୟତା ଜରିଆରେ ଯୁବ ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ କରିବା ଏହାର ମୂଳ ଉଦ୍ଦେଶ୍ୟ। ଏସସି ଏସଟି, କିନ୍ନରଙ୍କ ପାଇଁ ୧୮-୩୫ ବର୍ଷ ଏବଂ ୪୦ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ୨ ବର୍ଷରେ ପ୍ରାରମ୍ଭିକ ଭାବେ ୫୦, ୦୦୦ରୁ ଅଧିକ ଯୁବକଙ୍କୁ ଟାର୍ଗେଟ୍ କରାଯାଇଛି। ଦୁଇଟି କିସ୍ତିରେ ଋଣ ମିଳିବ ଏବଂ ୪ ବର୍ଷରେ ପରିଶୋଧ ହେବ କିନ୍ତୁ ସ୍ଥଗନ ଅବଧି ୩-୬ ମାସ ପର୍ଯ୍ୟନ୍ତ ହୋଇପାରେ। ମୋ ସେବା କେନ୍ଦ୍ର ମାଧ୍ୟମରେ ଏଥିପାଇଁ ଆବେଦନ କରିବା ସୁବିଧା ଦିଆଯାଇଛି ବୋଲି ଉଭୟ ମୁଖପାତ୍ର ପ୍ରକାଶ କରିଥିଲେ।



ହୋଲି ବଢ଼ାଇଛି ବନ୍ଧୁତା, ପ୍ରିୟପ୍ରୀତି...

## ୪ ଦିନରେ ୫ଡିଗ୍ରୀ ଯାଏ ବଢ଼ିବ ତାତି

**ଭୁବନେଶ୍ୱର, ୨୩ ।୩ (ସମିସ):** ୨-୩ ଦିନର କୋହଲା ପାଗ ପରେ ଶନିବାର ରାଜ୍ୟକୁ ପୁଣିଥରେ ତାତି ଫେରିଛି। ଆଜି ରାଜ୍ୟର ୫ ସହରର ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲିସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗକୁ ତାତିରେ ଆହୁରି ବୃଦ୍ଧି ଦେଖାଦେବ। ବିଶେଷକରି ଆଗାମୀ ୪ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ୩ରୁ ୫ଡିଗ୍ରୀ ଯାଏଁ ବୃଦ୍ଧି ସମ୍ଭାବନା ରହିଛି। ସେହିପରି ଆଭ୍ୟନ୍ତରୀଣ ତଥା ପଶ୍ଚିମ ଓଡ଼ିଶାର ମାର୍ଚ୍ଚ ମାସ ଶେଷ ବେଳକୁ କିଛି ଅଞ୍ଚଳରେ ତାପମାତ୍ରା ୩୯ରୁ ୪୦ ଡିଗ୍ରୀ ଯାଏଁ ଅନୁଭୂତ ହେବାର ସମ୍ଭାବନା ରହିଥିବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ବଲାଙ୍ଗୀରରେ ସର୍ବାଧିକ ୩୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ରେ ୩୭.୫ ଡିଗ୍ରୀ, ମାଲକାନଗିରିରେ ୩୭.୧ ଡିଗ୍ରୀ, ଭବାନୀପାଟଣା ଓ ପାରଳାଖେମୁଣ୍ଡିରେ ୩୭ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ରାଜ୍ୟର ବହୁ ସହରରେ ପାରଦ ୩୫ଡିଗ୍ରୀ ଅତିକ୍ରମ କରିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ସୋମବାର ଏବଂ ମଙ୍ଗଳବାର ୪-୫ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବା ବେଳେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ପାଗ ଶୁଖିଲା ରହିବ ଏବଂ ତାପମାତ୍ରାରେ ବୃଦ୍ଧି ଘଟିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ୧୦୮ ଜଣ ପୁଲିସ କର୍ମଚାରୀ ପାଇବେ ଡିଜିପି ଡିସ୍କ ଆୱାର୍ଡ

**କଟକ,୨୩ ।୩ (ସମିସ):** ବର୍ଷ ୨୦୨୩-୨୪ ପାଇଁ ୧୦୮ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ଆୱାର୍ଡ ପ୍ରଦାନ କରାଯିବ। ଆସନ୍ତା ଏପ୍ରିଲ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୮୯ତମ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ। ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୁରସ୍କାର ପାଇବା ପାଇଁ ୬ଜଣ ଆଇପିଏସ୍ ଅଧିକାରୀ ମଧ୍ୟ ମନୋନୀତ ହୋଇଛନ୍ତି। ରେଳ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଡିଜି ତଥା ରାଜ୍ୟ ଏସଏଫଏସ୍‌ର ନିର୍ଦ୍ଦେଶକ ପଦରେ ଅତିରିକ୍ତ ଦାୟିତ୍ୱରେ ଥିବା ରାଜେଶ କୁମାର, ପଶ୍ଚିମାଞ୍ଚଳ ରେଞ୍ଜ(ରାଉରକେଲା) ଡିଆଇଜି ନିତିଶେଖର, ଜଗତସିଂହପୁର ଏସ୍‌ପି ରାହୁଲ ପି.ଆର୍, ମୟୂରଭଞ୍ଜ ଏସ୍‌ପି ଏସ୍.ସୁଶ୍ରୀ, ବୌଦ୍ଧ ଏସ୍‌ପି ରାଜପ୍ରସାଦ, କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ପ୍ରମୁଖ ଆଇପିଏସ୍ ଅଧିକାରୀ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେହିପରି ରାଉରକେଲା ଭିଜିଲାନ୍ସ ଡିଭିଜନ୍ ଏସ୍‌ପି ଦେବନାରାୟଣ ଦାସ, ଭୁବନେଶ୍ୱର କମିସନରେଟ୍ ପୁଲିସ ୟୁପି ଏବଂ ଟିଟିଆଇର ଡିସିପି(ଟ୍ରେନିଂ) ତାପସ ରଞ୍ଜନ ଦାସ ପ୍ରମୁଖ ଏହି ପରୁସ୍କାର ପାଇବେ। ଏହାବାଦ୍ ପୁରସ୍କାର ପାଇଁ ମନୋନୀତ ତାଲିକାରେ ବହୁ ଓପିଏସ୍ ଓ ଓଏପିଏସ୍ ଅଧିକାରୀ, ଇନ୍ସପେକ୍ଟର, ସବ୍- ଇନ୍ସପେକ୍ଟର୍, ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର୍, ହାବିଲଦାର, କନଷ୍ଟେବଲ, ଏସ୍‌ଓଜି କମାଣ୍ଡୋ ଓ ସିପାହୀ ରହିଛନ୍ତି।

**୬ ଆଇପିଏସ ଅଧିକାରୀ ମନୋନୀତ**

## ଇଣ୍ଡିଆନ ଷ୍ଟିଲ ଆସୋସିଏସନ୍‌ର ସଭାପତି ଭାବେ ନବୀନ ଜିନ୍ଦଲଙ୍କ ଦାୟିତ୍ୱ ଗ୍ରହଣ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩ ।୩ (ସମିସ):** ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ସର୍ବସମ୍ମତିକ୍ରମେ 'ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍' (ଆଇଏସ୍‌ଏ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୨୧ ତାରିଖରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଇଓ ତଥା ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଦିଲ୍ଲୀପ ଓମେନଙ୍କଠାରୁ ଶ୍ରୀ ଜିନ୍ଦଲ ଆଇଏସ୍‌ଏର ସଭାପତି ଦାୟିତ୍ୱ ଗ୍ରହଣ



କରିଛନ୍ତି। ଇସ୍ପାତ, ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରରେ ଭାରତର ଅଗ୍ରଣୀ ଶିଳ୍ପ ସଂସ୍ଥା ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଜଣେ ଜଣାଶୁଣା ଭାରତୀୟ ଶିଳ୍ପପତି ଓ ସମାଜସେବୀ। ପ୍ରତ୍ୟେକ ଭାରତୀୟ ସେମାନଙ୍କ ମୌଳିକ ଅଧିକାର ଭାବରେ 'ସବୁଦିନ ଜାତୀୟ ପତାକା ପ୍ରଦର୍ଶନ କରିବାର ଅଧିକାର' ହାସଲ ପାଇଁ ତାଙ୍କର ଦଶବର୍ଷ ଧରି ଚାଲିଥିବା ସଫଳ ଆଇନଗତ ଲଢ଼େଇ ପାଇଁ ମଧ୍ୟ ସେ ସୁପରିଚିତ। ସେ ଦୁଇଥର ଭାରତୀୟ ସଂସଦକୁ ନିର୍ବାଚିତ ହୋଇ ୧୦ ବର୍ଷ ସାଂସଦ ଭାବେ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ସିଏମ୍‌ଡି ସଜ୍ଜନ ଜିନ୍ଦଲ ଏବଂ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି.ଭି ନରେନ୍ଦ୍ରନ୍ ଆଇଏସ୍‌ଏର ସଭାପତି ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

## ଶଙ୍ଖ ଧରିଲେ ସତ୍ୟବାଦୀର ଶତାଧିକ ବିଜେପି ଓ କଂଗ୍ରେସ ସମର୍ଥକ

**ଭୁବନେଶ୍ୱର,୨୩।୩(ସମିସ):** ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ସମେତ କଣାସ ଏବଂ ସତ୍ୟବାଦୀ ବ୍ଲକର ୨୫ ସରପଞ୍ଚ ଓ ୧୪ ସମିତି ସଭ୍ୟଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶନିବାର ଶଙ୍ଖଭବନ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ, ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ତଥା ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମାଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ପୁରୀ ଜିଲ୍ଲାରେ ବିଶେଷକରି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡିର ଶୀର୍ଷ ନେତୃବୃନ୍ଦ ବିଶ୍ୱାସ ବ୍ୟକ୍ତ କରିଥିଲେ। ସମସ୍ତଙ୍କୁ ଦଳରେ ସ୍ୱାଗତ କରି ବିଜେଡି ସଂଗଠନ ସମ୍ପାଦକ ଶ୍ରୀ ଦାସ କହିଥିଲେ, ପ୍ରତି ଦିନ ବିଜୁ ଜନତା ଦଳର ବଳ ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ଦେଖୁଥିବା ରୂପାନ୍ତରଣ, ଜନକଲ୍ୟାଣ କାର୍ଯ୍ୟକ୍ରମ ସର୍ବୋପରି ସ୍ୱଚ୍ଛ ଶାସନ ବ୍ୟବସ୍ଥା ବିରୋଧୀ ଦଳର ନେତାଙ୍କୁ ବିଜେଡି ପ୍ରତି ଆକୃଷ୍ଟ କରୁଛି। ଓଡ଼ିଶାର ନେତୃତ୍ୱ ଏବଂ ପ୍ରଗତି କେବଳ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହିଁ ସମ୍ଭବ। ସର୍ବଦା ଦଳୀୟ ଶୃଙ୍ଖଳାରେ ବିଶ୍ୱାସ ରଖୁଥିବା ବିଜେଡିରେ ନିଷ୍ଠାର ସହ କାମ କରୁଥିବା ନେତା ଓ କର୍ମୀଙ୍କୁ କଦାପି ଅଣଦେଖା କରାଯାଏ ନାହିଁ। ଆଜି ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଏବଂ ବିଜେଡି ପାଇଁ ଏକ ଐତିହାସିକ ଦିନ। ବିଜେଡିରେ ସମସ୍ତଙ୍କ ସମ୍ମାନ ଓ ଅଧିକାର ଅକ୍ଷୁଣ୍ଣ ରହିଛି ଏବଂ ଆଗକୁ ମଧ୍ୟ ରହିବ। ସତ୍ୟବାଦୀର ସର୍ବାଙ୍ଗୀଣ ଉନ୍ନତି ପାଇଁ ଆପଣମାନେ ବିଜେଡିରେ ମିଶିବା ଲାଗି



ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଆଗାମୀ ଦିନରେ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ଆମକୁ ସର୍ବଦା ଅନୁପ୍ରାଣିତ କରିଥିଲା। ରାଜ୍ୟରେ ଜାରି ରହିଥିବା ବିକାଶ କାର୍ଯ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ପ୍ରଭାବିତ ହୋଇ ଆଜି ଆମେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ବିଜେଡ଼ି ସଭାପତି ଦିବାକାର ପାତ୍ର ଉପସ୍ଥିତ ଥିଲେ।


ଏହି ମିଶ୍ରଣ ପର୍ବରେ ପୂର୍ବତନ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, କଣାସ ବ୍ଲକ ବିଜେପି ମହିଳା ମୋର୍ଚ୍ଚା ସଭାପତି କବିତା ବୈରୀଗଞ୍ଜନ, ପୂର୍ବତନ କଣାସ ବ୍ଲକ ଅଧ୍ୟକ୍ଷ ସୁଶୀଳ ରାଉତ, ବରିଷ୍ଠ ବିଜେପି ନେତା ପ୍ରସନ୍ନ କୁମାର ପଟ୍ଟନାୟକ, ସରପଞ୍ଚ ଦୁଃଶାସନ ସ୍ୱାଇଁ, ବିଭୂତି ଭୂଷଣ ବେବର୍ତ୍ତା, ହରଧନ ପ୍ରଧାନ, ମହେଶ୍ୱର ସେଠୀ, ବନମାଳୀ ରାଉତ, ବ୍ରଜକିଶୋର ପାଢ଼ୀ, ତ୍ରିନାଥ ବଳିଆରସିଂହ, ସମିତସଭ୍ୟ ଝରଣା ସାମନ୍ତରାୟ, ବଦ୍ରିନାଥ ମହାରଥା, ସଂଗ୍ରାମ କେଶରୀ ଭୁଜବଳ, ଗୌରହରି ନାୟକ, ମନୋରଞ୍ଜନ ପାଇକରାୟ, ବାସନ୍ତୀ ବେହେରା, ଜିତେନ୍ଦ୍ର ବେହେରା, ଚିନ୍ମୟୀ କୃଷ୍ଣବେଣୀ ଭଞ୍ଜ, ସରସ୍ୱତୀ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ତ୍ରିଲୋଚନ ନନ୍ଦ ବାବୁଲି ବିଶ୍ୱାଳ, ଲଲାଟ ନିଶଙ୍କ, ଶ୍ରୀନିବାସ ହରିଚନ୍ଦନ, ପୂର୍ବତନ ସରପଞ୍ଚ କାହ୍ନୁ ରଣସିଂହ, ରଜନୀକାନ୍ତ ସାମନ୍ତରାୟ, ବାସୁଦେବ ବେହେରା, ପ୍ରତାପ ପଟ୍ଟନାୟକ, ବିରତ ବଳବନ୍ତରାୟ, ହଟ ଛାଟୋଇ, ବରିଷ୍ଠ କଂଗ୍ରେସ ନେତା ରାଜେନ୍ଦ୍ର କୁମାର ଛୋଟରାୟ, ସମବାୟ ସମିତି ଦୁଷ୍ମନ୍ତ ପାଲଟାସିଂହ, ବରିଷ୍ଠ ବିଜେପି ନେତା ରଣକାନିଧି ବେହେରା, ନାଏବ ସରପଞ୍ଚ କେଶବ ବଳିଆରସିଂହ, ପ୍ରମୋଦ ଛାଟୋଇ, ଯୁବ ନେତା ପବିତ୍ର ମୋହନ ବାରିକ, ସମିତିସଭ୍ୟ ସୁମନ୍ତ ଘଟୁଆରୀ, ଝୁନି ପ୍ରଧାନ, ମଧୁସ୍ମିତା ଖାଟୋଇ, ଗ୍ରାମପଞ୍ଚାୟତ ବିଜେପି ସଭାପତି ଦୟାନିଧି ସ୍ୱାଇଁ, ନରସିଂହ ଆଚାର୍ଯ୍ୟ, ବିଜେପି ନାଏବ ସରପଞ୍ଚ ସର୍ବେଶ୍ୱର ବରାଳ, ପୂର୍ବତନ ସୋସାଇଟି ସଭାପତି ପ୍ରକାଶ ମହାରାଥୀ, ନାଏବ ସରପଞ୍ଚ ଭ୍ରମର ପରିଡ଼ା, ସୁମନ୍ତ ବଳବନ୍ତରାୟଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ୍ ହୋଇଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

- **କଣାସ ବ୍ଲକ ଅଧ୍ୟକ୍ଷା, ୨୫ ସରପଞ୍ଚ ଓ ୧୪ ସମିତି ସଭ୍ୟ ବିଜେଡିରେ**
- **ଓଡ଼ିଶାର ବିକାଶ ଓ ନେତୃତ୍ୱ ନେବାରେ ନବୀନ ହିଁ ସର୍ବମାନ୍ୟ: ପ୍ରଣବ**

■ ୨ ହଜାର ଟଙ୍କା ଲାଞ୍ଚ ନେବା ମହଙ୍ଗା ପଡ଼ିଲା

## ସହିଦ ନଗର ଥାନା ଏସ୍‌ଆଇ ଗିରଫ

**ଭୁବନେଶ୍ୱର,୨୩ ।୩(ସମିସ):** ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି ଭୁବନେଶ୍ୱରର ସହିଦ ନଗର ଥାନା ସବ୍-ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ। ଜଣେ ବ୍ୟକ୍ତିଙ୍କଠାରୁ ଜବତ ହୋଇଥିବା ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)କୁ ଫେରାଇଦେବା ପାଇଁ ସେ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଛନ୍ତି। ଅଭିଯୋଗକାରୀଙ୍କୁ ଡିଏଲ୍ ଫେରାଇ ଦେବାକୁ ସେ ୫ ହଜାର ଟଙ୍କା ମାଗିଥିଲେ। ଅଭିଯୋଗକାରୀ ଗତ ୨୧ ତାରିଖରେ ତାଙ୍କୁ ୩ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଆଉ ୨ ହଜାର ଟଙ୍କା ନ ଦେଲେ ଡିଏଲ୍ ଦେବେ ନାହିଁ ବୋଲି ସବ୍-ଇନ୍ସପେକ୍ଟର ପ୍ରିୟବ୍ରତ ପ୍ରଧାନ ତାଙ୍କୁ ରୋକଠୋକ୍ ଶୁଣାଇ ଦେଇଥିଲେ। ଏହା ପରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ସନ୍ଧ୍ୟାରେ ଥାନା ନିକଟରେ ଲାଞ୍ଚ ଟଙ୍କା ନେବା ସମୟରେ ମାଡ଼ି ବସିଥିଲା ଭିଜିଲାନ୍ସ। ତାଙ୍କ ପକେଟ୍‌ରୁ ୨ ହଜାର ଟଙ୍କା ଜବତ କରାଯିବା ସହ ତାଙ୍କ ହାତରୁ କେମିକାଲ ମିଳିବା ପରେ ଉଠାଇ ନେଇଥିଲା ଭିଜିଲାନ୍ସ। ତାଙ୍କ ନାମରେ ମାମଲା ରୁଜୁ କରି ଗିରଫ କରିଛି ଭିଜିଲାନ୍ସ। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ସନ୍ଦେହରେ ଭିଜିଲାନ୍ସ ତାଙ୍କର ଭିଏସ୍‌ଏସ୍ ନଗରରେ ଥିବା ଘର ଏବଂ ପୁରୀ, ବ୍ରହ୍ମଗିରି ଥାନା ରେବଣା ଗାଁରେ ଥିବା ପୈତୃକ ବାସଭବନରେ ଚଢ଼ଉ କରିଛି। ପୂର୍ବରୁ ୨୦୨୩ ଜୁଲାଇ ୧୩ତାରିଖରେ




ସହିନଗର ଥାନର ଏଏସ୍‌ଆଇ ମମତା ବସ୍ତିଆ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏକ ମାମଲାରେ ସହଯୋଗ କରିବା ପାଇଁ ମମତା ଅଭିଯୋଗକାରୀଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ସେହିପରି ୨୦୨୩ ଏପ୍ରିଲ ୬ ତାରିଖରେ ଖଣ୍ଡଗିରି ଥାନାର ଏସ୍‌ଆଇ ଶୁଶାନ୍ତ ସ୍ୱାଇଁ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏକ ମାମଲାର ଫାଇନାଲ ରିପୋର୍ଟ ଦେବା ପାଇଁ ଅଭିଯୋଗକାରୀଙ୍କୁ ୫୦ ହଜାର ଟଙ୍କା ଦାବି କରିଥିଲେ। ସେହିପରି ୨୦୨୨ ଫେବୃଆରୀ ୪ରେ ୫ହଜାର ଟଙ୍କାର ଲାଞ୍ଚ ନେଇ ରବିନାରାୟଣ ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

## ମୁଣ୍ଡ ନେଉଛି ବୁଧବାର

**ଭୁବନେଶ୍ୱର,୨୩ ।୩(ସମିସ):** ବୁଧବାର ଦିନ ରାଜ୍ୟରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଛି। ସପ୍ତାହର ଅନ୍ୟ ଦିନ ତୁଳନାରେ ଏହି ଦିନ ଅଧିକ ଲୋକ ସଡ଼କ ଦୁର୍ଘଟଣା ହାର ଅଧିକ ରହୁଛି। ସେହି ଅନୁସାରେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ ରହୁଛି। ତେଣୁ ସପ୍ତାହର ପ୍ରତି ମଙ୍ଗଳବାର ପରିବର୍ତ୍ତେ ପ୍ରତି ବୁଧବାର ଦିନ ରାଜ୍ୟବ୍ୟାପୀ ଶୂନ୍ୟ ସହନଶୀଳ ଦିବସ ପାଳନ କରି ଯାନବାହନ ଯାଞ୍ଚ କଡ଼ାକଡ଼ି କରିବା ଲାଗି ପରିବହନ ବିଭାଗ ବିଚାର କରୁଛି। ଅପରପକ୍ଷେ ରାଜ୍ୟରେ ସଡ଼କ ଦୁର୍ଘଟଣା ହାରରେ ବିଶେଷ ପରିବର୍ତ୍ତନ ଆସୁ ନଥିବାରୁ ଜିଲ୍ଲାରେ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ପ୍ରତିକାର ରଣନୀତି ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଲାଗି ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଓଡ଼ିଶାରେ ସଡ଼କ ଦୁର୍ଘଟଣା ଏବଂ ମୃତାହତ ହାର ସର୍ବାଧିକ ରହୁଥିବାରୁ ଗତ କିଛି ବର୍ଷ ହେଲା ପରିବହନ ବିଭାଗ ଏବଂ ପୁଲିସ ପ୍ରଶାସନ ଜୋରସୋର୍‌ରେ ଧରପଗଡ଼ ଜାରି ରଖୁଛନ୍ତି। ସପ୍ତାହର ପ୍ରତି ମଙ୍ଗଳବାର ଦିନ ଶୂନ୍ୟ ସହନଶୀଳ ଦିବସ ପାଳନ ପୂର୍ବକ ଯାନବାହନ ଯାଞ୍ଚ ଓ ପ୍ରବର୍ତ୍ତନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ପରିବହନ ବିଭାଗ ନିର୍ଦ୍ଦେଶ ଜାରି କରିଥିଲା। କିନ୍ତୁ ପରିସ୍ଥିତିରେ ସୁଧାର ଆସିପାରିଲା ନାହିଁ। ଏହାକୁ ନେଇ ବିଭାଗ ତର୍ଜମା




ଆରମ୍ଭ କରିଥିଲା। ସପ୍ତାହର କେଉଁଦିନ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି, ତାହା ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ବୁଧବାର ଦିନ ସର୍ବାଧିକ ଦୁର୍ଘଟଣା ଘଟିଛି। ତେଣୁ ମଙ୍ଗଳବାର ବଦଳରେ ବୁଧବାର ଦିନ ଶୂନ୍ୟ ସହନଶୀଳତା ଦିବସ ପାଳନ ପାଇଁ କୁହାଯାଇଛି। ଏହି ଦିନ ପୁଲିସ ଓ ଆରଟିଓ କର୍ମଚାରୀ ଦ୍ରୁତ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା, ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର ନକରିବା, ଭୁଲ୍ ସାଇଡ୍‌ରେ ଗାଡ଼ି ଚଳାଇବା, ଗାଡ଼ି ଚାଳନା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ବିରୋଧରେ ଯାଞ୍ଚ ଅଭିଯାନ ଆରମ୍ଭ କରିବେ।

- **ରାଜ୍ୟରେ ସର୍ବାଧିକ ସଡ଼କ ଦୁର୍ଘଟଣା ବୁଧବାର**
- **ପ୍ରତିକାର ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ**
- **ଶୂନ୍ୟ ସହନଶୀଳତା ଦିବସ କଡ଼ାକଡ଼ି ପାଳନ କର**

ଅପରପକ୍ଷେ ରାଜ୍ୟରେ ପ୍ରାୟ ଏକ-ତୃତୀୟାଂଶ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଏବଂ ତତ୍‌ଜନିତ ମୃତାହତ ହାର ଅଧିକ ରହୁଥିବା ଜଣାପଡ଼ିଛି। ତେଣୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ପ୍ରତିକାର ବ୍ୟବସ୍ଥା କରିବା ଲାଗି ପରିବହନ ବିଭାଗ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପୁଲିସ ରିପୋର୍ଟ ଅନୁସାରେ, ପୂର୍ବବର୍ଷ ତୁଳନାରେ ୨୦୨୩ରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହାର ୪% ବୃଦ୍ଧି ପାଇଛି। ୨୦୨୧ ଓ ୨୦୨୨ରେ ମୃତ୍ୟୁ ହାର ଯଥାକ୍ରମେ ୭.୨% ଏବଂ ୭.୬% ରହିଥିଲା। ୨୦୨୨ରେ ୫୪୬୭ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୨୩ରେ ଏହା ୫୬୯୬କୁ ବୃଦ୍ଧି ପାଇଥିଲା। ୨୦୨୦ ଏବଂ ୨୦୨୧ରେ ଯଥାକ୍ରମେ ୪୭୩୮ ଏବଂ ୫୦୮୧ ଜଣ ପ୍ରାଣ ହରାଇଥିଲେ। ଗତବର୍ଷ କଟକ, ଢେଙ୍କାନାଳ, ଭଦ୍ରକ, ବୌଦ୍ଧ, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, ରାୟଗଡ଼ା, ସମ୍ବଲପୁର ଓ ସୋନପୁରରେ ସର୍ବାଧିକ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିଲା।

# ଶୃଙ୍ଖଳିତ ନିର୍ବାଚନ ପାଇଁ ବୈଠକ



**ଧରାକୋଟ,୨୩।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ତଥା ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲ୍ୟାଣ ଅଧିକାରୀ ଅନୀଲ ପ୍ରଧାନଙ୍କ ସମେତ ସମସ୍ତ ୧୩ ଜଣ ସେକ୍ଟର ଅଫିସର ଉପସ୍ଥିତ ଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ବ୍ଲକର ୧୮ଟି ପଞ୍ଚାୟତର ୯୨ହଜାର ୨ଶହ ଭୋଟର ୧୧୦ଟି ବୁଥରେ ମତଦାନ କରିବେ। ଏଣୁ ପ୍ରତ୍ୟେକ ବୁଥରେ ପିଇବା ପାଣି, ଶୌଚାଳୟ, ବିଦ୍ୟୁତ, ରେମ୍ପ ଓ ଦୁଇଟି ଦ୍ୱାର ଥିବା ରୁମ ଉପଲବ୍ଧ ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟ ପଟରେ ପୋଲିଂ ବୁଥ ପାଇଁ ରୁଟ ଚାର୍ଟ ନିର୍ଦ୍ଧାରଣ କରାଯାଇଥିଲା। ଚଳିତ ନିର୍ବାଚନରେ କମ ଛାତ୍ରଛାତ୍ରୀ ସଂଖ୍ୟା ଥିବା ବନ୍ଦ ସ୍କୁଲ ମଧ୍ୟରୁ ଏଗାରଟି ସ୍କୁଲରେ ବୁଥ କରାଯିବ। ୪୦%ରୁ ଅଧିକ ଅକ୍ଷମ ରହିଥିବା ଦିବ୍ୟାଙ୍ଗ ବ୍ୟକ୍ତି ଓ ୮୫ ବର୍ଷରୁ ଅଧିକ ଅକର୍ମଣ୍ୟ ବ୍ୟକ୍ତିଙ୍କ ପାଇଁ ଘରେ ମତଦାନ ବ୍ୟବସ୍ଥା ଗ୍ରହଣ କରାଯିବ। ମୋଟ ୫୦ଟି ଚାରି ଚକିଆ ଯାନ ପୋଲିଂ ଅଧିକାରୀଙ୍କ ପାଇଁ ଆବଶ୍ୟକ ରହିଥିବାବେଳେ ଏଥିରେ ଗୋଟାଏ, ଦୁଇଟି ଓ ତିନୋଟି ପର୍ଯ୍ୟନ୍ତ ପୋଲିଂ ପାର୍ଟି ବୁଥରେ ସୁରୁଖୁରୁରେ ପହଞ୍ଚିବା ବ୍ୟବସ୍ଥା କରାଯିବ। ଉଭୟ ସାନଖେମୁଣ୍ଡି ଓ ଧରାକୋଟ ବ୍ଲକର ମୋଟ ୨୫୩ଟି ବୁଥରେ ମତଦାନ ହେବାକୁ ଯାଉଥିବାବେଳେ ଖୁବଶୀଘ୍ର ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ କରାଯିବ ବୋଲି ଜଣାଯାଇଛି।

■ ବିଧାୟକଙ୍କ ମାନବିକତା

# ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କୁ ମେଡିକାଲ୍ ପହଞ୍ଚାଇଲେ



**ଛତ୍ରପୁର,୨୩।୩(ସମିସ):** ଶନିବାର ଜାତୀୟ ରାଜପଥରେ ପଡ଼ିଥିବା ଜଣେ ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କୁ ଉଦ୍ଧାର କରି ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ନିଜ କାରରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ଉକ୍ତ ଛାତ୍ର ଜଣକ କେ. ଆରିୟାନ ତାଙ୍କ ଘର ସୋରଡ଼ା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ କେ ଆରିୟାନ ଓ ତାଙ୍କ ବାପା ଏକ ବାଇକ ଯୋଗେ କୋଣସି ଏକ କ୍ରୀଡାର କୋଚିଂ ନେବା ନିମନ୍ତେ ଛତ୍ରପୁର ଆସିଥିଲେ। ଘରକୁ ଫେରିବା ବେଳେ ଅନନ୍ତପୁର ଓ ଚମାଖଣ୍ଡି ଗାଁ ମଧ୍ୟ ଜାତୀୟ ରାଜପଥରେ ବାଇକରେ କେ. ଆରୀୟାନଙ୍କ ଗୋଡ଼ ପଶି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ବାପା ପୁଅ ଆହତ ଅବସ୍ଥାରେ ପଡ଼ିରହିଥିଲେ। ଏତିକିବେଳେ ବିଧାୟକ ଶ୍ରୀ ବେହେରା ଛତ୍ରପୁରରୁ ନିଜ କାର ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହା ଦେଖି ସଙ୍ଗେସଙ୍ଗେ ଗାଡିରୁ ଓହ୍ଲାଇ ଆହତ ଛାତ୍ରଙ୍କୁ ନିଜ କାର ଯୋଗେ ନେଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିବା ସହ ନିଜ ମାନିବକିତାର ପରିଚୟ ଦେଇଛନ୍ତି।

## ଘରୋଇ ସ୍କୁଲ ପିଲାଙ୍କ ସହିତ ସମକକ୍ଷ ହେଉଛନ୍ତି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ

# ନୂଆ ଉତ୍ସାହ ଆଣିଛି ମୁଖ୍ୟମନ୍ତ୍ରୀ ପୋଷାକ ପରିଧାନ ଯୋଜନା





**ବ୍ରହ୍ମପୁର,୨୩।୩(ସମିସ):** '୫-ଟି' ହାଇସ୍କୁଲ ରୂପାନ୍ତରିକରଣ ଶିକ୍ଷା ବ୍ୟବସ୍ଥାର ଭିତ୍ତିଭୂମି ସୁଦୃଢ କରିଛି। ଏଥିଦ୍ୱାରା ସମସ୍ତ ସରକାରୀ ହାଇସ୍କୁଲର ଅନ୍ଦାଜ ବଦଳିଛି। ଅତ୍ୟାଧୁନିକ ପଦ୍ଧତିରେ ପିଲାମାନେ ଶିକ୍ଷାଗ୍ରହଣ କରୁଛନ୍ତି। ନୂଆ ଢାଞ୍ଚାରେ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ସେମାନଙ୍କ ଲାଗି ଏବେ ନୂତନ ଉତ୍ସାହ ଆଣି ଦେଇଛନ୍ତି। ଫଳରେ ବିଦ୍ୟାର୍ଥୀମାନେ ନାମିଦାମୀ ଘରୋଇ ସ୍କୁଲର ବିଦ୍ୟାର୍ଥୀଙ୍କ ଲାଗି ସହିତ ସମକକ୍ଷ ହୋଇ ପାରୁଛନ୍ତି। ପୂର୍ବରୁ ସରକାରଙ୍କ ପକ୍ଷରୁ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଲାଗି ସ୍କୁଲ ପୋଷାକ, ଜୋତା ଆଦି ପ୍ରଦାନ କରାଯାଉଥିଲା। ସମ୍ପ୍ରତି ନବମ ଓ ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ମଧ୍ୟ ପୋଷାକ ଜୋତା ଆଦି ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। କେବଳ ଏତିକି ନୁହେଁ ଏମାନଙ୍କ ଭିତରେ ଉତ୍ସାହ ବୃଦ୍ଧି କରାଯାଇ ବିଭିନ୍ନ ଦଳ ଗଠନ କରାଯାଉଛି। ଗୋଷ୍ଠୀ ସହଭାଗିତା ସହିତ ବାସ୍ତବତାକୁ ଉପଲବ୍ଧି କରିବାର ଜ୍ଞାନ କୌଶଳର ଶିକ୍ଷା ଦିଆଯାଉଥିବା ଲକ୍ଷ୍ୟ କରାଯାଇଛି। ସୂଚନା ପ୍ରକାରେ ମୁଖ୍ୟମନ୍ତ୍ରୀ ପୋଷାକ ପରିଧାନ ଯୋଜନା ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀର ପ୍ରତି ବିଦ୍ୟାର୍ଥୀ ପିଛା ବାର୍ଷିକ ୧ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏହିକ୍ରମରେ ୫୫୦ଟଙ୍କା ବ୍ୟୟରେ ପିଲାଙ୍କ ଲାଗି ଦୁଇହଳ ଡ୍ରେସ, ୨୫୦ଟଙ୍କା ବିନିମୟରେ ଟ୍ରାକସୁଟ୍ ଓ ୨୦୦ଟଙ୍କା ବ୍ୟୟରେ ଜୋତା କିଣାଯାଇପାରୁଛି। ୨୦୨୩-୨୪ଶିକ୍ଷାବର୍ଷରେ ଆରମ୍ଭ ହୋଇଥିବା ଏହି ଯୋଜନା ସରକାରୀ ସ୍କୁଲ ବିଦ୍ୟାର୍ଥୀଙ୍କୁ ନୂଆ ଦିଶା ଦେଇଛି। ବସ୍ତ୍ର ଯୋଗାଣ ଦାୟିତ୍ୱ ମଧ୍ୟ ସ୍ଥାନୀୟ ଏସଏଚଜି ଗ୍ରୁପକୁ ଦାୟିତ୍ୱ ଦିଆଯାଉଛି। ସେହିଭଳି ବିଭିନ୍ନ ରଙ୍ଗର ଡ୍ରେସ ଆଧାରରେ ବିଦ୍ୟାର୍ଥୀଙ୍କୁ ସ୍କୁଲରେ ୪ଟି କିମ୍ବା ତଦୁର୍ଦ୍ଧ ଗ୍ରୁପରେ ବିଭକ୍ତ କରାଯାଉଛି। ପ୍ରକୃତି ସମ୍ବଳିତ ଏମାନଙ୍କର ବିଭିନ୍ନ ନାମକରଣ କରାଯାଉଛି। କିଛି ସ୍କୁଲମାନଙ୍କରେ ବିଭିନ୍ନ ଗ୍ରୁପର ନାମ ଅଗ୍ନି, ଜଳ, ପୃଥିବୀ, ଆକାଶ, ନଦୀ, ସମୁଦ୍ର ଏପରି ରହିଛି। ଏଥିଦ୍ୱାରା ପିଲାଙ୍କ ଉତ୍ସାହ ବୃଦ୍ଧି ଘଟୁଥିବା ବେଳେ ସ୍କୁଲର ସମସ୍ତ କାର୍ଯ୍ୟକ୍ରମରେ ଭାଗନେବା ସହ ବ୍ୟକ୍ତିତ୍ୱର ବିକାଶ ଦିଗରେ ଅନେକ ନୂଆ ଅନୁଭୂତି ସାଉଁଟିଛନ୍ତି। ଅନୁରୂପ ଭାବେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଗୁଡ଼ିକରେ ମଧ୍ୟ ସରକାର ନୂଆ ବ୍ୟବସ୍ଥା ଆଣିଛନ୍ତି। ପୂର୍ବରୁ ସରକାର ପ୍ରାଥମିକ ଶ୍ରେଣୀର ବିଦ୍ୟାର୍ଥୀଙ୍କ ପିଛା ପୋଷାକ ଲାଗି ୬ଶହ ଓ ଜୋତା ପାଇଁ ୨ଶହ ଟଙ୍କା ପ୍ରଦାନ କରୁଥିଲେ। ବର୍ତ୍ତମାନ ଏଥିରେ ବୃଦ୍ଧି ଘଟିଛି। ଗଙ୍ଗାଧର ମେହେର ମାନକ ଶିକ୍ଷାବୃତ୍ତି ଜରିଆରେ ପିଲାଙ୍କୁ ଅଧିକ ୪ଶହଟଙ୍କା ପ୍ରଦାନ

**ବ୍ୟକ୍ତିତ୍ୱ ବିକାଶ ଦିଗରେ ଆରମ୍ଭ ହୋଇଛି ନୂଆ ଧାରା**

କରାଯାଉଛି। ଏହି ଟଙ୍କାରେ ବିଦ୍ୟାର୍ଥୀଙ୍କ ଲାଗି ଟ୍ରାକସୁଟର ବ୍ୟବସ୍ଥା ହେଉଛି। ସରକାରଙ୍କ ତରଫରୁ ପ୍ରାଥମିକ ସ୍କୁଲର ବିଦ୍ୟାର୍ଥୀଙ୍କୁ ୧ହଜାର ଟଙ୍କା ସହାୟତା ମିଳୁଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଓ ବିଦ୍ୟାଳୟ ପରିଚାଳନା କମିଟି ଦାୟିତ୍ୱ ନେଇ ବିଦ୍ୟାର୍ଥୀଙ୍କ ଲାଗି ପୋଷାକ, ଜୋତା, ଟ୍ରାକ ସୁଟ୍ ଆଦିର ବ୍ୟବସ୍ଥା କରୁଛନ୍ତି। ଏଭଳି ଏକ ସ୍ୱତନ୍ତ୍ର ପଦକ୍ଷେପ ଫଳରେ ସ୍କୁଲ ଯିବା ଲାଗି ପିଲାଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି ହେଉଛି। ସହର ଓ ଗ୍ରାମାଞ୍ଚଳ ଉଭୟ ଅଞ୍ଚଳର ବିଦ୍ୟାର୍ଥୀ ସରକାରୀ ଯୋଜନାରେ ସାମିଲ ହୋଇ ନିଜ ପରାକାଷ୍ଠା ଦେଖାଇବାକୁ ଆଗଭର ହେଉଛନ୍ତି। ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତରଣ ସାରା ଦେଶକୁ ନୂଆ ଦିଶା ଦେଇଥିବା ବେଳେ ସରକାରୀଙ୍କ ଉପରୋକ୍ତ ପଦକ୍ଷେପ ମଧ୍ୟ ପିଲାଙ୍କ ମଧ୍ୟରେ ନୂଆ ଭବିଷ୍ୟତ ତିଆରି କରିବାର ସ୍ୱପ୍ନ ବି ସାକାର ହେବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣ ଧାରା ଜାରି ରହିଛି। ଏହି ଦିଗକୁ ମିଶନ ଶକ୍ତି ବିଭାଗ ଅଧିକ ସଶକ୍ତ କରୁଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଏମାନଙ୍କ ଭାଗିଦରୀ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ଗାଁ ସ୍କୁଲର ବିଭିନ୍ନ ଦାୟିତ୍ୱ ମହିଳା ଗୋଷ୍ଠୀ ହାତକୁ ନେଇ ନୂଆ ଇତିହାସ ମଧ୍ୟ ରଚୁଛନ୍ତି।

# ଏମ୍‌ଏସ୍‌ଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




**ରମ୍ଭା, ୨୩।୩(ସମିସ):** ସ୍ଥାନୀୟ ଏମଏସଭି ପବ୍ଲିକ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସାବିତ୍ରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ମଧୁସ୍ମିତା ତରାଇ, ପ୍ରୀତି ଆଚାର୍ଯ୍ୟ, କେ ଯୁଥାନୀ, ସୁଶ୍ରୀ ପ୍ରଧାନ। ସ୍ୱାଗତ ଓ ଅତିଥି ପରିଚୟ ଦେଇଥିଲେ ଉପସ୍ଥାପକ ଦୀପକ ପୃଷ୍ଟି। ବାର୍ଷିକ ବିବରଣୀ ପଠନ କରିଥିଲେ ଶିକ୍ଷାନୁଷ୍ଠାନର ପରିଚାଳନାର ନିର୍ଦ୍ଦେଶକ ବିଶ୍ୱଜିତ ଆଚାର୍ଯ୍ୟ। ଅବସରପ୍ରାପ୍ତ ପ୍ରଫେସର ମେଜର ଆରଆର ପାଢ଼ୀ, ପ୍ରତିରକ୍ଷା ରିସର୍ଚ୍ଚ ଆଣ୍ଡ ଡେଭୋଲମେଣ୍ଟ ପ୍ରଶାସକ ଅଫିସର ଭଗବାନ ସାହୁ (ଏସ ପି ଆର ), ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ, ରମ୍ଭା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରତମାଳା, ସ୍ମିତୋରଞ୍ଜନ ସାହୁ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ବୈଶିଷ୍ଟ୍ୟ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବ୍ରହ୍ମପୁର ଓ ପୋଲସରା ଏମଏସଭି ସ୍କୁଲର ଚେୟାର ପରସନ ମଞ୍ଚାସୀନ ରହି ଛାତ୍ରଛାତ୍ରୀ, ଅଭିଭାବକ ମାନଙ୍କୁ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଗାଥା ବିଷୟରେ ଆଲୋଚନା କରିଥିଲେ। ମଞ୍ଚ ସଂଯୋଜନରେ ଦୀପକ କୁମାର ବିଶ୍ୱାଳ, ଚନ୍ଦନ ମହାପାତ୍ର, ମନସ୍ମିତା ନାୟକଙ୍କ ସହିତ ଅଣଶିକ୍ଷକ ରହିଥିଲେ। ଶିବିରକୁ ପରିଚାଳନା କରିଥିଲେ ସନ୍ତୋଷ ଆଚାର୍ଯ୍ୟ, ଶ୍ରୀଧର ଆଚାର୍ଯ୍ୟ, ବଳରାମ ସାହୁ, ବୃନ୍ଦାବନ ଗୌଡ଼, କାଳିଆ ନାହାକ, ଶଙ୍କର ତରାଇ, ତ୍ରିଲୋଚନ ପାତ୍ର, ଆୟା ଓ ଆମା। ଶେଷରେ କଳାକାର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଫେସନ, (ବାଲିଯାତ୍ରା, ବାଳଶ୍ରମିକ, ନାରୀ ଶିକ୍ଷା) ଉପରେ ଏକ ଡ୍ରାମା ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ କୁନି ଉପସ୍ଥାପକ/ଉପସ୍ଥାପିକା କେ କାସ୍ମିକ, ନୀତେନ ବେଜ, ମନଦ୍ଧୀପ ମହାପାତ୍ର, ଶୁଭମ ନାହାକ, କୃତି ଆଚାର୍ଯ୍ୟ, ରିୟା ନାହାକ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ପ୍ରତିଭା କୁମାରୀ ସାହୁ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

**ଛତ୍ରପୁର, ୨୩।୩(ସମିସ):** ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ସୋପାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଶହୀଦ ଭଗତ ସିଂହ, ସୁଖଦେବ ଓ ରାଜଗୁରୁଙ୍କ ପୂର୍ଣ୍ଣତିଥରେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଆଙ୍କୁଶପୁର ସ୍ଥିତ ଆୟୁର୍ବେଦ କଲେଜର ଅଧ୍ୟକ୍ଷ ଡାକ୍ତର ବିମଳ କୁମାର ପଣ୍ଡା ଯୋଗଦେଇ ଶୈଶବ ଯତ୍ନ




ଓ ଟୀକାକରଣର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ହାଇକୋର୍ଟ ଓକିଲ ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ। ସଭାପତି ଉପେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ଶୈକ୍ଷିକ ପ୍ରମୁଖ ବି.ସୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୮୬ ଜଣ ଅଭିଭାବକ ଯୋଗଦେଇଥିଲେ। କମ୍ପ୍ୟୁଟର ଆଚାର୍ଯ୍ୟ ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଜଗନ୍ନାଥପ୍ରସାଦ, ୨୩।୩(ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶୁକ୍ରବର ଠାରୁ ଅଞ୍ଚଳରେ ଆରମ୍ଭ ହୋଇଛି ଫ୍ଲାଗମାର୍ଚ୍ଚ।



ଅପରାଧୀଙ୍କ ଉପରେ କଡା ନଜର ରଖିବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଗଞ୍ଜାମ ଏସପି। ଶୁକ୍ରବାର ଅପରାହ୍ନରେ ଜଗନ୍ନାଥ ପ୍ରସାଦ ଅଞ୍ଚଳରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଉପଖଣ୍ଡ ଅଧିକାରୀ ସୁଜିତ କୁମାର ନାୟକଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ପ୍ରଥମ ଦିନରେ କୁମ୍ଭାପଡ଼ା, ଖଇରନଟି, ପଞ୍ଚଭୂତିର ସମସ୍ତ ସାହି, ଗଳିକନ୍ଦି ସମେତ ଜଗନ୍ନାଥ ପ୍ରସାଦର ସହରର ମୁଖ୍ୟ ରାସ୍ତା, ହାଟପଦା ଏବଂ ବ୍ଲକ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ ହୋଇଥିଲା। ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ତାରସିଙ୍ଗି ଥାନାଧିକାରୀ ବିଜୟ କୁମାର ସ୍ୱାଇଁ, ଜଗନ୍ନାଥପ୍ରସାଦ ଥାନା ପକ୍ଷରୁ ଏସଆଇ ପ୍ରଭାତ କୁମାର ସୁବୁଦ୍ଧି, ଏସଆଇ ବଂଶୀଧର ମଲ୍ଲିକ, ଏଏସଆଇ ପ୍ରଭାତୀ ବେହେରା, ଏଏସଆଇ ଟି ପ୍ରମିଳା, ଏଏସଆଇ ରଞ୍ଜନକୁମାର ଆଚାର୍ଯ୍ୟଙ୍କ ସମେତ ହୋମଗାର୍ଡ ଏବଂ ଦୁଇ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଦ୍ୱାରା ସହର ଏବଂ ସାହି ବୁଲି ଜନସାଧାରଣଙ୍କୁ ନିର୍ବାଚନ ପାଇଁ ସଚେତନ କରାଯାଇଥିଲା

# କଂଗ୍ରେସର ଗ୍ୟାରେଣ୍ଟି ପତ୍ର ଉନ୍ମୋଚିତ

**ଆସିକା,୨୩।୩(ସମିସ):** ଚଳିତ-୨୦୨୪ ସାଧାରଣ ନିର୍ବାଚନ ରେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ଦଶ ଗ୍ୟାରେଣ୍ଟି ସହ ସୁଶାସନ ଯୋଗାଇଦବ। ଏଥି ନିମନ୍ତେ ଓଡ଼ିଶା ପ୍ରଦେଶ



କଂଗ୍ରେସ କମିଟି ୧୦ ଦଫା ସମ୍ବଳିତ ଗ୍ୟାରେଣ୍ଟି ପତ୍ର ପ୍ରକାଶ କରାଯାଇଛି। ଗଞ୍ଜାମ ଜିଲ୍ଲା (ପଶ୍ଚିମ ଭାଗ)କଂଗ୍ରେସ କମିଟି ପକ୍ଷରୁ ଦଳର ଖମ୍ବେଶ୍ୱରୀ ପାଟଣା ସ୍ଥିତ ସ୍ଥାନୀୟ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରବୀନ୍ଦ୍ରନାଥ ଶର୍ମା ଓ ବହୁ ଦଳୀୟ ନେତା ମିଳିତ ଭାବେ ଏହାର ଉନ୍ମୋଚନ କରିଥିଲେ। ଦଶ ଦଫା ଗ୍ୟାରେଣ୍ଟିରେ କୃଷକ, ବେକାର ଯୁବକ ଯୁବତୀ, ମହିଳା, କର୍ମଚାରୀ ସମେତ ଜନସାଧାରଣଙ୍କ ହିତରେ ବହୁ ଆକର୍ଷଣୀୟ ଗ୍ୟାରେଣ୍ଟିକୁ ଶ୍ରୀ ଶର୍ମା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ ନେତା ଓ ଗଣମାଧ୍ୟମର ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପି. ଦଣ୍ଡପାଣି ପାତ୍ର, ସଞ୍ଜୟ ମିଶ୍ର, ଦେବକାନ୍ତ ଶର୍ମା, ଭୋକଲି ସେଠୀ, ବରୁଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହିଞ୍ଜିଳିକାଟୁର ବିଜେପି ନେତ୍ରୀ ଜି. ଲକ୍ଷ୍ମୀ ଆଚାରୀ ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଥିଲେ।

# ନରେନ୍ଦ୍ରପୁରରେ ଦୋଳଯାତ୍ରା ଆରମ୍ଭ

**ଛତ୍ରପୁର,୨୩।୩(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଥିବା ଗୋପୀନାଥ ମହାପ୍ରଭୁଙ୍କ ମନ୍ଦିରରେ ଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ସୁସଜ୍ଜିତ ବିମାନରେ ଦୋଳ ଗୋବିନ୍ଦବାସି ଗ୍ରାମରେ ବିଭିନ୍ନ ସାହି ସାହି ବୁଲି ଭୋଗ



ଖାଉଛନ୍ତି। ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଦେବ ନୀତି ସରିବା ପରେ ଘଣ୍ଟ, ଘଣ୍ଟା, ଗିନି, ମୃଦୁଙ୍ଗ ସହ ବିଭିନ୍ନ ପ୍ରକାରର ବାଦ୍ୟ ଯନ୍ତ୍ରରେ ବିଭିନ୍ନ ସାହି ସାହି ବୁଲୁଛନ୍ତି ଠାକୁର। ଶେଷ ଦିନ ଏକ ବିଶାଳ ପଟୁଆରରେ ସମ୍ପୂର୍ଣ୍ଣ ଗ୍ରାମ ବୁଲିବାର କାର୍ଯ୍ୟକ୍ରମ ରହିଛି। ପୂର୍ଣ୍ଣିମା ଦିନ ଠାକୁର ଦୋଳିରେ ବସିବା ସହ ବିଭିନ୍ନ ପ୍ରକାର ସାମାଜିକ ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ପୂଜକ ଗୌରୀ କୁମାର ଦାଶ, ଶାରଦା କୁମାର ଦାଶ, ଭଗବାନ ଦାଶ, ବିନାୟକ ଦାଶ, ଦେବାଶିଷ ଦାଶ ପ୍ରମୁଖ ଘର ଘର ବୁଲି ଭୋଗ ପୂଜା କରିବା ସହ ମନ୍ଦିରର ବିଭିନ୍ନ ପ୍ରକାର ନୀତିକାନ୍ତି କରୁଛନ୍ତି।

# ରମ୍ଭା ଥାନା ଅଞ୍ଚଳରେ ଚୋରି ବୃଦ୍ଧି

**ହୁମ୍ମା,୨୩।୩(ସମିସ):** ରମ୍ଭା ଥାନା ଅଞ୍ଚଳରେ ଗତ ୩ ଦିନରେ ତିନି ସ୍ଥାନରେ ଚୋରି ହୋଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ କୋକୁଆ ଭୟ ଦେଖିବାକୁ ମିଳିଛି। ଦୁଇ ଦିନ ମଧ୍ୟରେ ରମ୍ଭା ଥାନା ଅଞ୍ଚଳର ପୋଇରାଶି ଓ ସନ୍ତୋଷପୁର ପଞ୍ଚାୟତ କାର୍ଯ୍ୟାଳୟରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଇଲୋକ୍ଟ୍ରୋନିକ୍ସ ଜିନିଷ ଚୋରି ହୋଇଥିବାବେଳେ ଏବେ ଏଚ.ବାହାଡ଼ାପଲ୍ଲୀ ଗ୍ରାମର ସି.ନୀଳ ନାହାକ ସମେତ ଅନ୍ୟ ଦୁଇ ଚାଷୀଙ୍କ ନିଜ ଫସଲ ଜମିରୁ ୩ଟି ପାଣି ମଟର ଚୋରି ହୋଇଥିବା ରମ୍ଭା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗତ ଗୁରୁବାର ବିଳମ୍ବିତ ରାତ୍ର ପାଣି ମଟର ଚୋରି ହୋଇଥିବା ଉକ୍ତ ଗ୍ରାମର ଅଭିଯୋଗକାରୀ ନୀଳ ନାହାକ ଗତ ଶୁକ୍ରବାର ଦିନ ଦେଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତିକରି କେସନଂ:୨୦୨/୨୪ ମାମଲା ରୁଜୁ କରିଥିବା ବେଳେ ଏଏସଆଇ ପ୍ରଭାତ କୁମାର ବାଲିକାନା ଏହାର ତଦନ୍ତ ଜାରି ରଖିଛନ୍ତି।

# ଷଣ୍ଢ ଆକ୍ରମଣରେ ମହିଳା ମୃତ

**ଛତ୍ରପୁର, ୨୩।୩(ସମିସ):** ଛତ୍ରପୁର ଥାନା ବଡମାଧପୁର ଗାଁରେ ଷଣ୍ଢ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମାଧପୁର ଗ୍ରାମର ବି.କାମିଲି ପାତ୍ର। ଶନିବାର ସକାଳୁ ଏକ ଗାଈକୁ ଷଣ୍ଢ ଗୋଡ଼ାଉଥିଲା ବେଳେ ମହିଳା ଉପରେ ଆକ୍ରମଣ କରିଥିଲା ଷଣ୍ଢ। ଫଳରେ ଘଟଣା ସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମହିଳା ଜଣ ଶନିବାର ସକାଳୁ ନିଜ ନିତ୍ୟକ୍ରମ ସାରି ଘରକୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ପୂର୍ବରୁ ଉକ୍ତ ଷଣ୍ଢ ଗ୍ରାମର ଅନ୍ୟ କିଛି ଜଣଙ୍କୁ ଆକ୍ରମଣ କରିଥିବା ନଜିର ରହିଛି। ତେବେ ମହିଳାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ହୋଲି ପାଇଁ ସିଜିନ୍ ବ୍ୟବସାୟୀଙ୍କ ସଜବାଜ

# ପୋଲସରା ବଜାରରେ ପ୍ରାକୃତିକ ରଙ୍ଗର ପସରା

**ପୋଲସରା, ୨୩।୩(ସମିସ):** ରଙ୍ଗର ପର୍ବ ହୋଲିକୁ ସାରା ଦେଶ ବଡ଼ ଧୁମଧାମରେ ପାଳ କରିବା ପାଇଁ ସଜବାଜ ହେଉଥିବା ବେଳେ ପୋଲସରା ସହରବାସୀଙ୍କ ମଧ୍ୟରେ ସମାନ ଆତୁର ଓ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳୁଛି। ନିଜେ ନିଜର ଆତ୍ମୀୟ ପରିଜନ ଓ ସାଙ୍ଗସାଥି ମାନଙ୍କୁ ଏହି ପବିତ୍ର ଦିନରେ ଆମୋଦ ପ୍ରମୋଦ କରି ରଙ୍ଗର ବିଭିନ୍ନ ଫଗୁରେ ହୋଲି ଖେଳଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ପୋଲସରା ସହରର ସମସ୍ତ ସିଜିନ୍ ବ୍ୟବସାୟୀ ମାନେ ପ୍ରମୁଖ ଛକ ମାନଙ୍କରେ ବିଭିନ୍ନ ରଙ୍ଗ ବେରଙ୍ଗର ଫଗୁ, ପିଚିକାରୀ ଓ ଅତ୍ୟାଧୁନିକ ହୋଲି ସାମଗ୍ରୀର ପସରା ପକାଇ ସଜବାଜ ହୋଇଛନ୍ତି। ଗତ ଦୁଇ ତିନି ବର୍ଷତଳେ କୋଭିଡ଼ ମହାମାରୀ ଯୋଗୁଁ ହୋଲିର ପର୍ବ ସମ୍ପୂର୍ଣ୍ଣ ଫିକା ପଡ଼ି ଯାଇଥିଲା। ହେଲେ ଚଳିତ ବର୍ଷ ରାଜନୈତିକ ଉଷ୍ମତା ମଧ୍ୟରେ ହୋଲିର ଉଷ୍ମତାକୁ ଅଧିକ ଗରମା ଗରମ କରିଛି। ଯାହାକୁ ଆଖି ଆଗରେ ରଖି ସ୍ଥାନୀୟ



ସିଜିନ୍ ବ୍ୟବସାୟୀ ମାନେ ପ୍ରାକୃତିକ ରଙ୍ଗରେ ଉତ୍ପାଦିତ ବିଭିନ୍ନ ରଙ୍ଗର ରଙ୍ଗୀନ ଫଗୁ, ପିଚକାରୀ, ବେଲୁନ୍, ଦେହକୁ ଓ ମୁହଁକୁ ସୁସଜ୍ଜିତ କରିବା ଭଳି ବିଭିନ୍ନ କାର୍ଟୁନ ଜନିତ ମୁଖା ବେଶ ପୋଷାକ ବିକ୍ରି ଆରମ୍ଭ କରିଛନ୍ତି। ଏସବୁ ଭିତରେ ରଙ୍ଗର ପର୍ବ ହୋଲିକୁ ନେଇ ବେଶ୍ ଚଳଚଞ୍ଚଳ ହୋଇ ଉଠିଛି ପୋଲସରା ବଜାର। ସିଜିନ୍ ବ୍ୟବସାୟୀ ସୂଲତା ପାତ୍ରଙ୍କ କହିବା ଅନୁଯାୟୀ କୋଭିଡ କଟକଣାରେ ହୋଲି ଖେଳିବା ନେଇ କଟକଣା ଯୋଗୁଁ ଆମକୁ ବେଶୀ କ୍ଷତି ସହିବାକୁ ପଡ଼ିଥିଲା। ହେଲେ ଚଳିତବର୍ଷ ହୋଲି ପାଇଁ ସମସ୍ତଙ୍କ ଭିତରେ ଏବେ ଠାରୁ ଉତ୍ସାହ ଦେଖିବାକୁ ମିଳିଛି। ଯାହାକୁ ନେଇ ଆମ ମଧ୍ୟ ଏନେଇ ବେଶୀ ଉତ୍ସୁକ ଅଛୁ। ଏପରିକି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏଥର ବଜାରରେ ଆମେ ଚାଇନା ସମସ୍ତ ସାମଗ୍ରୀକୁ ବର୍ଜନ କରି ନୂତନ ଭାବେ ପ୍ରଥମ କରି ସମ୍ପୂର୍ଣ୍ଣ ହର୍ବାଲ ରଙ୍ଗର ରଙ୍ଗୀନ ଫଗୁର ପସରା ପକାଇଛୁ। ଛୋଟ ବଡ଼ ଓ ମହିଳା ମାନେ ଅତି ଆଦର ଏବଂ ସ୍ନେହ ଶ୍ରଦ୍ଧାରେ ଏହି ହର୍ବାଲ ରଙ୍ଗୀନ ରଙ୍ଗର ଫଗୁରେ ହୋଲିର ଭରପୁର ଆନନ୍ଦ ଉଠାଇବେ। ଏନେଇ ଚଳିତବର୍ଷ ରଙ୍ଗର ପର୍ବ ହୋଲିକୁ ନେଇ ଭଲ ବ୍ୟବସାୟ କରିବା ନେଇ ଆଶା ବାନ୍ଧିଛନ୍ତି ପୋଲସରା ସିଜିନ୍ ବ୍ୟବସାୟୀ ଅନିଲ ପାତ୍ର, ଅଜିତ କୁମାର ସ୍ୱାଇଁ, ଅଶୋକ ପାତ୍ର, ପ୍ରିୟବ୍ରତ ପାତ୍ର, ଗୋବିନ୍ଦ କୁମାର ପୃଷ୍ଟି ଭଳି ବ୍ୟବସାୟୀ।

# ୬ ଜୁଆଡ଼ି ଗିରଫ; ୩୬ ହଜାର ଓ ୬ଟି ମୋବାଇଲ୍ ଜବତ



**ବ୍ରହ୍ମପୁର, ୨୩।୩(ସମିସ):** ସାଧା ପୋଷାକରେ ଯାଇ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି ଟାଉନ ଥାନା ପୁଲିସ। ଶୁକ୍ରବାର ବିଳମ୍ବିତ ରାତିରେ ପୁଲିସ ସ୍ଥାନୀୟ ଖାଜାସାହି ସ୍ଥିତ ଇନ୍ଦ୍ରା ପାର୍କ ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ଉ କରି ୬ଜଣ ଜୁଆଡ଼ିଙ୍କୁ କାବୁ କରିଛି। ଏହା ସହ ଜୁଆଡ଼ିଙ୍କ ନିକଟରୁ ନଗଦ ୩୫ହଜାର ୬୫୦ଟଙ୍କା ଓ ୬ଟି ମୋବାଇଲ ଓ କିଛି ତାସକାଟା ଜବତ କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ୨୭ରେ ମଞ୍ଚସ୍ଥ ହେବ 'ଉଦ୍‌ଘାଟନ'



**ବ୍ରହ୍ମପୁର, ୨୩।୩(ସମିସ):** ମାର୍ଚ୍ଚ ୨୭ତାରିଖ ବିଶ୍ୱ ନାଟ୍ୟ ଦିବସ ଅବସରରେ ମଞ୍ଚସ୍ଥ ହେବ ସମ୍ପୂର୍ଣ୍ଣ କାଳ୍ପନିକ ହାଡ୍ୟ ଓ ବ୍ୟଙ୍ଗଭରା ନାଟକ 'ଉଦଘାଟନ'। ବ୍ରହ୍ମପୁର କଳାକାର ଏକତା ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚରେ ମଞ୍ଚସ୍ଥ ହେବାକୁ ଥିବା ଏହି ନାଟକକୁ ଡ଼ ମିହିର କୁମାର ତ୍ରିପାଠୀ ରଚନା କରିଥିବା ବେଳେ ନିର୍ଦ୍ଦେଶକ ଏନ ରାମବାବୁ ନିର୍ଦ୍ଦେଶନା ଦେଉଛନ୍ତି। ନାଟକ ଉଦଘାଟନ'ରେ ଇଂ ମନୋଜ ଦଣ୍ଡପାଟ, ଅଶୋକ ବ୍ରହ୍ମା, ଗିରିଜା ଶଙ୍କର ଦାଶ, ଡ଼ ମିହିର ତ୍ରିପାଠୀ, ଯଦୁକର କୁମାର, କ୍ଷୀରସିନ୍ଧୁ ମହାନ୍ତି, ନଳିନୀକାନ୍ତ ଗୌଡ଼, ରବୀନ୍ଦ୍ର କୁମାର ନାୟକ ଓ ଆରତୀ ପାତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ବର୍ତ୍ତମାନ ଏହି ନାଟକର ଅଭ୍ୟାସ ସଭାପତି ଭବାନୀ ଶଙ୍କର ମିଶ୍ର ଓ ପରିଚାଳକ ଅନିଲ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଜାରି ରହିଛି।

## ସହିଦ ଭଗତ ସିଂ ଯୁବକ ସଂଘର ବାର୍ଷିକ ଉତ୍ସବ



**ବ୍ରହ୍ମପୁର, ୨୩।୩(ସମିସ):** ବ୍ରହ୍ମପୁର ମହାନଗର ନିଗମ ୨ନଂ ୱାର୍ଡ଼ ଅନ୍ତର୍ଗତ ଆନନ୍ଦ ନଗର କେନାଳ ସାହିସ୍ଥିତ ଭଗତ ସିଂ ଯୁବକ ସଂଘ କାର୍ଯ୍ୟାଳୟରେ ସଂଘର ୨୮ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସମାଜସେବୀ ମାଧବ କୋଠିଆ, ସ୍ଥାନୀୟ କର୍ପୋରେଟର ଏନ ଆପାରାଓ, ବିଜେଡି ମହାନଗର ଯୁବ ସଭାପତି ଅଜିତ କୁମାର ପଣ୍ଡା, ଆମ ଆଦମୀ ପାର୍ଟିର ବରିଷ୍ଠ ସଦସ୍ୟ ଆଦିତ୍ୟ ରଥ, ସୁକାନ୍ତ ପାଣିଗ୍ରାହୀ, ସି ଏଚ ହରପ୍ରସାଦ, ରମେଶ ଚନ୍ଦ୍ର ବେହେରା, କାଳିପ୍ରସାଦ ପାଢ଼ୀ, ସମାଜସେବୀ ଅନିଲ କୁମାର ଚୌଧୁରୀଙ୍କ ସମେତ ଭଗତ ସିଂ ଯୁବକ ସଂଘ ସଭାପତି ମନୋଜ କୁମାର ଚୌଧୁରୀ, ସମ୍ପାଦକ ମୁନା ସେଠୀ, ଡି ତାରକେଶ୍ୱର ପାତ୍ର, ଜୟସେନ ନାହାକ, ଏମ ବିଷ୍ଣୁମୂର୍ତ୍ତି ଆଚାରୀ, ଜୟକୃଷ୍ଣ ପାତ୍ରଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ହୋଲି ଲାଗି ଚଳଚଞ୍ଚଳ ରେଶମ ସହର

# ଜମିବ ହୋଲି, ଅପମିଶ୍ରିତ ରଙ୍ଗକୁ ନାଁ

**ବ୍ରହ୍ମପୁର, ୨୩।୩(ସମିସ)**

ଆସୁଛି ରଙ୍ଗର ପର୍ବ ହୋଲି। ଏଥିଲାଗି ଚଳଚଞ୍ଚଳ ସହର ସମେତ ପୁରପଲ୍ଲୀ। ଆଉ ଦୁଇଦିନ ପରେ ହୋଲି ପର୍ବର ପାଳନ କରିବାକୁ ସମସ୍ତେ ଉତ୍ସାହିତ ରହିଛନ୍ତି। ଚଳିତଥର ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ ଢଙ୍ଗରେ ହୋଲି ପର୍ବ ପାଳନ କରାଯିବ ବୋଲି ଜଣାଯାଇଛି। ସେହିଭଳି ବିଭିନ୍ନ ସାମାଜିକ ସଂଗଠନ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟ ହୋଲି ପର୍ବ ଧୁମଧାମରେ ପାଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିଭଳି ବଡ଼ ବଡ଼ ହୋଟେଲ ଗୁଡ଼ିକରେ ମଧ୍ୟ ଏହାର ଭବ୍ୟ ଆୟୋଜନ କରାଯାଉଛି। ସେହିଭଳି ହୋଲି ପର୍ବକୁ ଦୃଷ୍ଟିରେ ରଖି ଗତ ଏକ ସପ୍ତାହ ବ୍ୟାପି

ସହରର ବିଭିନ୍ନ ବଜାରେ ସିଜିନାଲ ଷ୍ଟୋର ଗୁଡ଼ିକରେ ରଙ୍ଗ ଓ ଫଗୁ ବିକ୍ରୀ ଆରମ୍ଭ ହୋଇଯାଇଛି। ସହରର ବଡ଼ବଜାର, ଭାପୁର ବଜାର, ହନୁମାନ ବଜାର ଓ କିଛି ସିଜନାଲ ଷ୍ଟୋରରେ ଅବୀର ବିକ୍ରି ଜୋର ଧରିଛି। ବର୍ତ୍ତମାନ ସମୟରେ ବଜାରରେ କେମିକାଲ ମିଶ୍ରିତ ଓ ହର୍ବାଲ ଉଭୟ କିସମର ହୋଲି ବିକ୍ରୀ ହେଉଛି। ଚର୍ମ ରୋଗ ତଥା କେଶ, ମୁହଁ ଓ ଆଖିର ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକ ହର୍ବାଲ ହୋଲିକୁ ଅଧିକା ପସନ୍ଦ କରୁଛନ୍ତି। ଏଣୁ ଏହାର ଚାହିଦା ସର୍ବାଗେ ଥିବା ବ୍ୟବସାୟୀମାନେ କହିଛନ୍ତି। ବର୍ତ୍ତମାନ ବ୍ରହ୍ମପୁର ବଜାରରେ କୃଷ୍ଣକଳା, ଲାଲ, ଗୋଲାପୀ, ହଳଦିଆ, ନାରଙ୍ଗୀ ତଥା ସବୁଜ ରଙ୍ଗର ଅବୀର ବିକ୍ରି ହେଉଥିବା ବେଳେ କିଛି ସଂଗଠନ ପକ୍ଷରୁ ଆଗୁଆ ଅଗ୍ରୀମ ମଧ୍ୟ ଦିଆଯାଇଥିବା ଜଣାଯାଇଛି। ଚଳିତବର୍ଷ ଅବୀର କିଲୋପ୍ରତି ୮୦ ରୁ ୧୦୦ଟଙ୍କା ରହିଥିବା ବେଳେ ଏଗୁଡ଼ିକ ବିଭିନ୍ନ ବଡ଼ ବଡ଼ ସହରରୁ ଏଠାକୁ ଅଣାଯାଇଥିବା ଜଣାଯାଇଛି। ସେହିପରି ହୋଲିରେ ବ୍ରହ୍ମପୁର ସହରରେ ପ୍ରତିବର୍ଷ କିଛି କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସାମୁହିକ ହୋଲି ଉତ୍ସବ ଆଦି ଆୟୋଜି ହେଉଛି। ଏଥି ନିମନ୍ତେ ମଧ୍ୟ ଶିଶୁ ତଥା ବୟସ୍କ ମାନେ ହୋଲିରେ ପାଇଁ ନିଜ ମୁହଁ, କେଶର ସୁରକ୍ଷା ପାଇଁ ବଜାରରେ ମିଳୁଥିବା ବିଭିନ୍ନ ଡିଜାଇନର ହୋୟାର ଓ ଫେସମାସ୍କ ବ୍ୟବହାର କରିଥାନ୍ତି। ଯାହା ଏବେଠାରୁ ବଜାରରେ ବିକ୍ରି ଆରମ୍ଭ ହେଲଣି। ଛୋଟ ଶିଶୁଙ୍କ ନିମନ୍ତେ, ବାଘ, ସିଂହ, କ୍ରିସ, ସୁପରମେନ, ସ୍ପାଇଡ଼ର ମେନ, ମାଙ୍କଡ଼ ଭଳି ଫେସ ମାସ୍କ, ନିକଲି କେଶ ମାସ୍କ ଓ ବନ୍ଧୁକ ଆକୃତିର ପିଚକାରୀ ମଧ୍ୟ ବଜାରରେ



**ବିଭିନ୍ନ ସଂଗଠନ ପକ୍ଷରୁ ଜୋର୍‌ଦାର ଚାଲିଛି ପ୍ରସ୍ତୁତି**

ଉପଲବ୍ଧ ହେଉଛି। ବିଗତ ବର୍ଷର କରୋନା ପ୍ରକୋପରେ ହୋଲି ବେପାର ମାନ୍ଦା ହୋଇଥିବା ବେଳେ ଏହାର ଅବସ୍ଥା ପସ୍ଥପ୍ରତି ସୁଧୁରିଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ସାହିରେ ଥିବା ମଠ ମନ୍ଦିର ଗୁଡ଼ିକରେ ମଧ୍ୟ ଦୋଳ ପୂର୍ଣ୍ଣମି ପାଳନକୁ ଅଗ୍ରାଧିକାର ଦିଆଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ଏହି ପର୍ବ ପାଳନ କରାଯିବ ବୋଲି ଜଣାପଡ଼ିଛି। ଏହି ଦିନ କିଛି ସ୍ଥାନରେ ନୂତନ ପଞ୍ଜିକାର ମଧ୍ୟ ଶୁଭାରମ୍ଭ ହେବ ବୋଲି ବୟସ୍କମାନେ କହିଛନ୍ତି।

### ଦଣ୍ଡନାଚ ପାଇଁ ସବୁଠି ସଜବାଜ

## ୨୫ରୁ ଶୁଭିବ ଢୋଲ ଓ ମହୁରୀ ଶବ୍ଦ



**ବ୍ରହ୍ମପୁର, ୨୩।୩(ସମିସ):** ଆଗକୁ ଗଞ୍ଜାମର ଗଣପର୍ବ ତଥା ପ୍ରସିଦ୍ଧ ଦଣ୍ଡନାଚ। ଏନେଇ ପୁରା ଜିଲ୍ଲା ଉତ୍ସବ ମୁଖର। ସବୁଠି ଶୁଭିବ ଢୋଲ ଓ ମହୁରୀ ଶବ୍ଦ, ଗଳିକନ୍ଦିରେ ଦେଖିବାକୁ ମିଳିବ ଦଣ୍ଡ ପରମ୍ପରା। ଚଳିତ ବର୍ଷ ଦଣ୍ଡଯାତ୍ରା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମନ୍ଦିର ଅଞ୍ଚଳ ସଫା କରିବା ସହ ମନ୍ଦିରକୁ ରଙ୍ଗ ମଧ୍ୟ ଦିଆଯାଉଛି। ଏଥିସହ ମନ୍ଦିରରେ ମା'ଙ୍କପୂଜାରେ ଲାଗୁଥିବା ସମସ୍ତ ସାମଗ୍ରୀକୁ ସଫାସୁତୁରା କରାଯିବା ସହ ମା'ଙ୍କ ପ୍ରଭାକୁ ମଧ୍ୟ ସଜାଯାଉଛି। ପ୍ରତିବର୍ଷ ମା'ଙ୍କ ଦଣ୍ଡଯାତ୍ରା ଆୟୋଜିତ ବେଳେ ମା'ଙ୍କ ପୂଜା ପାଇଁ ଆବଶ୍ୟକୀୟ ସାମଗ୍ରୀ ପ୍ରସ୍ତୁତ କରିବା ଆରମ୍ଭ କରିଲେଣି ମନ୍ଦିର କମିଟି। ବ୍ରହ୍ମପୁର ସହରରେ ଥିବା ନୂଆ ବସଷ୍ଟାଣ୍ଡ, ପାଣିଗ୍ରାହୀପେଣ୍ଠ, ହରିଡ଼ାଖଣ୍ଡି, ପାତାଳେଶ୍ୱର, ବିଜିପୁର, ବ୍ରଜନଗର, ସାଲିଆବନ୍ଧ ସାହି, ରାମଲିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର, ଲୋଚାପଡ଼ା, ଉତ୍ତରେଶ୍ୱର ଏବଂ ଆମ୍ବପୁଆ କାଳୀ ମନ୍ଦିର ସମେତ ୧୨ରୁ ଊର୍ଦ୍ଧ୍ୱ କାଳୀମନ୍ଦିରରେ ପ୍ରସ୍ତୁତି ଜାରି ରହିଛି। ପୂଜା ପାଇଁ ବ୍ରହ୍ମପୁର ସହରର ବଡ଼ବଜାର ଓ ଭାପୁର ବଜାରରୁ ପିଞ୍ଛମୁଠା, ପତାକା ସମେତ ସମସ୍ତ ପୂଜାସାମଗ୍ରୀ କିଣି ନେଉଛନ୍ତି ମନ୍ଦିର କମିଟି ଏବଂ ଶ୍ରଦ୍ଧାଳୁ। ଦଣ୍ଡନାଚ ସାଧାରଣତଃ ୧୩ ଦିନ, ୧୮ ଦିନ ଓ ୨୧ ଦିନ ଧରି ପାଳିତ ହୋଇ ମେରୁ ସଂକ୍ରାନ୍ତିରେ ଶେଷ ହୋଇଥାଏ। ଆସନ୍ତା ୨୫ତାରିଖରୁ ଜିଲ୍ଲାରେ ଦଣ୍ଡନାଚ କିଛି ସ୍ଥାନରେ ଆରମ୍ଭ ହେବାକୁ ଥିବାବେଳେ ବ୍ରହ୍ମପୁରର ଆମ୍ବପୁଆ କାଳୀମନ୍ଦିରରେ ୨୫ତାରିଖ ଠାରୁ ଦଣ୍ଡନାଚ ଆରମ୍ଭ ହେବ। ଅପେରା ପରିବେଷଣ ପୂର୍ବରୁ କଳାକାରମାନେ ଅଭ୍ୟାସ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ଭୁକ୍ତାମାନେ ମା ଦଣ୍ଡକାଳୀ ଓ ଶିବଙ୍କୁ ସାଥିରେ ଧରି ଗାଁ କୁ ଗାଁ ବୁଲି ମାନସିକଧାରୀମାନଙ୍କ ଘର ସମ୍ମୁଖରେ ମାଙ୍କ ଯାତ୍ରା କରିଥାନ୍ତି। ବିଶ୍ୱାସ ରହିଛି ମାଙ୍କୁ ଆରାଧନା କଲେ ସମସ୍ତ ଦୁଃଖ ଦୂର ହୋଇଥାଏ। ୨୧ଦିନ ଧରି ପାଟ ଭୁକ୍ତାଙ୍କ ନିର୍ଦ୍ଦେଶ ଅନୁସାରେ ମାଙ୍କ ଯାତ୍ରା ପାଳନ ହୋଇଥାଏ। ପୂର୍ବାହ୍ନରେ ମାନସିକଧାରୀଙ୍କ ଘରେ ମାଙ୍କୁ ସାଙ୍ଗରେ ନେଇ ମା ଦଣ୍ଡକାଳୀ ଓ ଶିବଙ୍କୁ ବରଣ କରାଯାଏ। ପରେ ମଧ୍ୟାହ୍ନରେ ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ଇତ୍ୟାଦି ସମ୍ପନ୍ନ ହୋଇଥାଏ। ସନ୍ଧ୍ୟାରେ ମାଙ୍କ ରିତିନିତି ଅନୁଯାୟୀ ଆଳତି ଓ ପୂଜାର୍ଚ୍ଚନା କରିବା ପରେ ମଧ୍ୟରାତ୍ରରେ ମାଙ୍କୁ ଅନ୍ନପ୍ରସାଦ ଲାଗି କରାଯାଇଥାଏ। ରାତିରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥାଏ।

### ସାମ୍ବାଦିକଙ୍କ ମୋବାଇଲ୍ ଲୁଟ୍ ମାମଲା

## ଦୁର୍ଦ୍ଦାନ୍ତ ଅପରାଧୀ କାହ୍ନୁ ଗିରଫ

**ବ୍ରହ୍ମପୁର, ୨୩।୩(ସମିସ):** ମୋବାଇଲ ଲୁଟ୍ ମାମଲାରେ ନିମଖଣ୍ଡି ଥାନା ପୁଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ତଥା ଲୁଟେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗେଟବଜାର ରାଧାକୃଷ୍ଣ ସାହିର କାହ୍ନୁ ମହାରଣା ଓରଫ ସାଗର(୨୫)। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ୩ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଗତ ୨୦୨୧ମସିହା ଜୁଲାଇ ୨ତାରିଖରେ ଜଗବନ୍ଧୁ ସାହି ନିବାସୀ ସରଭେଶ କୁମାର ଗୁପ୍ତା ନାମକ ଜଣେ ଯୁବକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଓ ଦୋକନରୁ ଚୋରି କରିବା ଅଭିଯୋଗରେ ପୁଲିସ କାହ୍ନୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛି ଦିନ ପରେ ସେ ଜାମିନରେ ମୁକୁଳିଥିଲା। ଉକ୍ତ ମାମଲାରେ କୋର୍ଟ କାହ୍ନୁକୁ ଦୋଷୀ ସାବ୍ୟସ୍ତ କରିଥିଲେ। ବର୍ତ୍ତମାନ କାହ୍ନୁ ନାମରେ ବିଭିନ୍ନ ଥାନରେ ୨୦ରୁ ଉଦ୍ଧ୍ୱର୍ ଅପରାଧିକ ମାମଲା ରହିଥିବା ଏସପି କହିଛନ୍ତି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଶକ୍ତିନଗର ସପ୍ତମ ଗଳି ତଥା ସାମ୍ବାଦିକ ହେମାଙ୍ଗ ପ୍ରସାଦ ରାଉଳ ଗତ ୧୬ତାରିଖ ସନ୍ଧ୍ୟାରେ ନିଜ ଘର ନିକଟରେ ଫୋନରେ କଥା ହେଉଥିବା



ସମୟରେ ଜଣେ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ମୋବାଇଲ ଝାମ୍ପିନେଇ ଚମ୍ପଟ ମାରିଥିଲା। ଘଟଣାକୁ ନେଇ ହେମାଙ୍ଗ ପ୍ରସାଦ ରାଉଳ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୁଲିସ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭିରୁ ଫୁଟେଜ ସଂଗ୍ରହ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ସେହିକ୍ରମେ ପୁଲିସ ଅଭିଯୁକ୍ତ କାହ୍ନୁକୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି।

## ଇନ୍ଦ୍ରଧନୁ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

**ବ୍ରହ୍ମପୁର, ୨୩।୩(ସମିସ):** ଇନ୍ଦ୍ରଧନୁ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ବରିଷ୍ଠ କବି ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦିକା ଆର ସୁନନ୍ଦା ଚୌଧୁରୀ ଫଗୁଣରେ ଫଗୁ ଉପରେ ରାଧା କୃଷ୍ଣଙ୍କ ଫଗୁ ଖେଳ ଉପରେ କବିତା ପାଠ କରିଥିଲେ। ସୁଚେତା ପାଣିଗ୍ରାହୀ ଗଳ୍ପ, କବିତା



ଗୁଡିକୁ ସଂଯୋଜନା କରିଥିଲେ। କବି ସନ୍ତୋଷ ଦାସ, ବି ସତ୍ୟମ ଅଚାରୀ, ଦୀପ୍ତି ଲେଖା ଦାସ, ଡାକ୍ତର ମୀରା ବାଇ ପଣ୍ଡା, ଅରୁଣ ମୋହନ ପାତ୍ର, ପ୍ରମୋଦ କୁମାର ପଣ୍ଡା, ମନୋଜ କୁମାର ପାଢ଼ୀ, ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ବି ସତ୍ୟମ ଆଚାରୀ ଧନ୍ୟବାଦ ଦେଇଥିଲେ।

### ଡ. ରାମ ମନୋହର ଲୋହିଆଙ୍କ ଜୟନ୍ତୀ

## ଶହୀଦ ଭଗତ ସିଂହଙ୍କ ଫାଶୀ ଦିବସ ପାଳିତ

**ବ୍ରହ୍ମପୁର, ୨୩।୩(ସମିସ):** ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିପ୍ଲବୀ, ସମାଜବାଦୀ ନେତା ଡ଼କ୍ଟର ରାମ ମନୋହର ଲୋହିୟାଙ୍କ ଜୟନ୍ତୀ ଓ ଶହୀଦ ଭଗତ ସିଂହଙ୍କ ବଳିଦାନ ଦିବସ ଉପଲକ୍ଷେ ଶନିବାର ଅପରାହ୍ନରେ ସ୍ଥାନୀୟ ନବୀନ ଭବନ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ଅଧକ୍ଷତାରେ



ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମରାଜୁ ମହାରଣା, ରଞ୍ଜନ କୁମାର ସାହୁ, ଅଶୋକ କୁମାର ଦଳାଇ, ସୀମାଞ୍ଚଳ ମିଶ୍ର, ଅଭିମନ୍ୟୁ ନାୟକ, ଶିବ ପ୍ରସନ୍ନ ମିଶ୍ର, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ, ସୁଶାନ୍ତ କର, ନବୀନର ପ୍ରକାଶିକା ମଞ୍ଜୁ ରଥ ପ୍ରମୁଖ ଯୋଗଦେଇ ଲୋହିଆଙ୍କ ସପ୍ତକ୍ରାନ୍ତି ବିଚାରଧାରା ଓ ଭଗତ ସିଂହଙ୍କ ବଳୀଦାନ ଆଜି ମଧ୍ୟ ସମାଜ ପାଇଁ ଅପରିହାର୍ଯ୍ୟ ହୋଇ ରହିଛି ବୋଲି ମତ ଦେଇଥିଲେ। ଏ ଅବସରରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା।

# ନକଲି ସାମଗ୍ରୀର ମାୟା ଜାଲରେ ଖାଉଟି

**ବ୍ରହ୍ମପୁର, ୨୩।୩(ସମିସ)**

ଖାଦ୍ୟପଦାର୍ଥ ନାମରେ ବଜାର ମିଳୁଥିବା ସାମଗ୍ରୀ ବିଷଠୁ ବି କିଛି କମ ହାନିକାରକ ନୁହେଁ। ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ଅଧିକ ମୁନାଫା ହାସଲ କରିବା ଲାଗି କିଛି ଅସାଧୁ ବ୍ୟବସାୟୀ ମଣିଷର ମୂଲ୍ୟବାନ ଜୀବନ ସହିତ ଖେଳି ଚାଲିଛନ୍ତି। ଖାଦ୍ୟସାମଗ୍ରୀର ଅପମିଶ୍ରଣ ହେଉଛି ଏବଂ ଖୋଲାବଜାରକୁ ବେଧଡକ ଆସୁଛି ନକଲି ସାମଗ୍ରୀ। ମାଫିଆମାନଙ୍କ ମାୟାଜାଲରେ ସହଜରେ ଛନ୍ଦି ହୋଇ ପଡୁଛନ୍ତି ସାଧାରଣ ଖାଉଟି। ଦିନକୁ ଦିନ ମାର୍କେଟରେ ନକଲି ସାମଗ୍ରୀ ଓ ଅପମିଶ୍ରିତ ସାମଗ୍ରୀର ସଂଖ୍ୟା ବଢ଼ିବାକୁ ଲାଗିଲାଣି। ବିଭିନ୍ନ ସମୟରେ ବ୍ରହ୍ମପୁର ସହରରରେ ଉଭୟ ନକଲି ଓ ଅପମିଶ୍ରିତ ଖାଦ୍ୟସାମଗ୍ରୀକୁ ଚଢଉ କରି ଜବତ କରାଯାଇଥିବା ନଜିର ରହିଛି। ପରିସ୍ଥିତି ଏଭଳି ହୋଇଛି ସହରରେ ଯେଉଁଠି ହାତମାରିବ ସେସବୁ ଅପମିଶ୍ରିତ ସାମଗ୍ରୀ ବୋଲି ସାଧାରଣରେ ଆଲୋଚନା।



**ଅପମିଶ୍ରିତ ଦ୍ରବ୍ୟର ଗନ୍ତାଘର ପାଲଟିଛି ରେଶମ ସହର**

**ପ୍ରଶାସନ ଓ ପୁଲିସର ଯାଞ୍ଚ କଡ଼ାକଡ଼ି କରିବାକୁ ଦାବି**

ହେଉଛି। ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟସାମଗ୍ରୀଠାରୁ ଆରମ୍ଭ କରି ପିଇବାପାଣି ପର୍ଯ୍ୟନ୍ତ ସବୁର ନକଲି ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ାଯାଉଛି। ବ୍ରହ୍ମପୁର ସହରର ବଡ଼ବଜାର ଅଞ୍ଚଳରେ ବିଭିନ୍ନ ନକଲି ସାମଗ୍ରୀ ପ୍ରସ୍ତୁତ ହେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ପୁଲିସ ତଦନ୍ତ କରି କାରଖାନାକୁ ସିଲ କରି ମାଲିକଙ୍କୁ ଗିରଫ ମଧ୍ୟ କରୁଛି। ତଥାପି ଏହି କଳାବଜାରୀ ଥମିବାର ନାମ ନେଉନାହିଁ। ଏଥିପ୍ରତି ପ୍ରଶାସନ ଓ ପୁଲିସ ସଜାଗ ହେବା ସହ ଯାଞ୍ଚ ପ୍ରକ୍ରୀୟାକୁ କଡାକଡି କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ତଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ପୂର୍ବରୁ ସହରରେ ଘିଅ, ଆଚାର, କସମେଟିକ୍, ଗୁଟଖା, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅପମିଶ୍ରିତ ମସଲା, ନକଲି ମଦ ଓ ନକଲି ଅଏଲକୁ ପୁଲିସ ଜବତ କରିସାରିଛି। ବେଳ ଥାଉଥାଉଣୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ନୂତନ ଶିକ୍ଷା ବର୍ଷର ପ୍ରବେଶ ଉତ୍ସବ; ଉତ୍ସବମୁଖର ହେବ ପ୍ରାଥମିକ ବିଦ୍ୟାଳୟ

**ବ୍ରହ୍ମପୁର, ୨୩।୩(ସମିସ):** ଆଉ କିଛି ଦିନ ପରେ ନୂତନ ଶିକ୍ଷା ବର୍ଷର ପ୍ରବେଶ ଉତ୍ସବ ଆରମ୍ଭ ହେବ। ଏଥିଲାଗି ସମସ୍ତ ପ୍ରାଥମିକ ବିଦ୍ୟାଳୟ ଉତ୍ସବ ମୁଖରିତ ହୋଇଛି। ନୂତନ ବିଦ୍ୟାର୍ଥୀଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଲାଗି ବିଭିନ୍ନ ପନ୍ଥା ଅବଲମ୍ବନ କରାଯାଉଛି। ପ୍ରଥମ ଶ୍ରେଣୀରେ ପାଦ ଥାପି ସ୍କୁଲ ଆସିବାକୁ ଥିବା ବିଦ୍ୟାର୍ଥୀଙ୍କୁ ଭବ୍ୟ ରୂପରେ ସ୍ୱାଗତ କରିବା ଦିଗରେ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ବିଭିନ୍ନ ଶ୍ରେଣୀର ପରୀକ୍ଷା ଫଳାଫଳ ପ୍ରକାଶ ପାଉଛି। ପିଲମାନେ ଅନ୍ୟ ଏକ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଛନ୍ତି। ସେହିପରି ହୋଲି, ଦଳପର୍ବ, ଉତ୍କଳ ଦିବସ ଇତ୍ୟାଦି ଛୁଟି ମଧ୍ୟ ରହିଛି। ୨ତାରିଖଠାରୁ ପ୍ରାୟ ସ୍କୁଲ ନାମଲେଖା ପର୍ବ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସେହିଭଳି ଜାତୀୟ ନୂତନ ଶିକ୍ଷାନୀତି ଅନୁସାରେ ୬ବର୍ଷ ହୋଇଥିବା ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖା ଯାଉଥିବା ବେଳେ ସରକାରଙ୍କ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ ଜିଲ୍ଲା ଶିକ୍ଷା ପ୍ରଶାସନ କାର୍ଯ୍ୟ କରିବ ବୋଲି ଜଣାଯାଇଛି।

# ବାଲି ଚଢ଼ଉ ବେଳେ ଖଣି ଅଧିକାରୀଙ୍କୁ ଆକ୍ରମଣ

ଗଞ୍ଜାମ, ୨୩।୩(ସମିସ)

ଗଞ୍ଜାମ ଋଷିକୂଲ୍ୟା ବ୍ରିଜ ନିକଟରୁ ବେଆଇନ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ଖଣିବିଭାଗ ପକ୍ଷରୁ ଶନିବାର ଚଢ଼ଉ ହୋଇଥିଲା।

**● ଉଭୟଙ୍କ ପକ୍ଷରୁ ଥାନାରେ ଏତଲା**




ଚଢ଼ଉବେଳେ ଖଣିବିଭାଗ ଅଧିକାରୀ ଓ ତାଙ୍କ ଟିମକୁ ହଟହଟା ହେବାକୁ ପଡ଼ିଛି। ବାଲିମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଖଣିବିଭାଗ ଅଧିକାରୀ। ଏଥିସହ ଚଢଉରେ ସାମିଲ ଥିବା ପୋଲିସ ଗାଡିକୁ ଜେସିବି ଦ୍ୱାରା ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ପ୍ରକାରେ, ବ୍ରହ୍ମପୁର ଖଣି ଅଧିକାରୀ କୀର୍ତ୍ତିରଞ୍ଜନ ସେଠଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ସହ ଋଷିକୂଲ୍ୟା ନଦୀ ବ୍ରିଜ ନିକଟରେ ସକାଳ ୭ଟାରେ ଚଢ଼ଉ ହୋଇଥିଲା। ସେଠାରୁ ଜେସିବିକୁ ଜବତ କରି ଥାନାକୁ ଅଣାଯାଉଥିବା ବେଳେ ସରପଞ୍ଚ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଗାଡିକୁ ଅଟକାଇବା ସହ ପୁଲିସ ଗାଡିର ଡ୍ରାଇଭରଙ୍କୁ ଆକ୍ରମଣ କରି ଜେସିବି ନେଇ ଯାଇଥିବା ନେଇ ଖଣି ଅଧିକାରୀ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜେସିବି ସେଠାରେ ଛିଡା ହୋଇଥିବା ବେଳେ ଖଣିବିଭାଗ କର୍ମଚାରୀମାନେ ଜେସିବି ଡ୍ରାଇଭର ତୋଫାନ ଦାସଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ପାଲଟା ଅଭିଯୋଗ ହୋଇଛି। ଆକ୍ରମଣ ଓ ପ୍ରତିଆକ୍ରମଣ ଅଭିଯୋଗ ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଥିବା ସୂଚନା ଦେଇଛନ୍ତି ଗଞ୍ଜାମ ଥାନା ଅଧିକାରୀ ସସ୍ମିତା ପାତ୍ର। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ପୁଲିସ ପଞ୍ଝାରେ ଦୁର୍ଦ୍ଦାନ୍ତ ଅପରାଧୀ

# ବାଇକ୍ ସହ ରିଭଲ୍‌ଭର ଓ ଖଣ୍ଡା ଜବତ



**ଭଞ୍ଜନଗର, ୨୩।୩(ସମିସ):** ଶୁକ୍ରବାର ରାତିରେ ଭଞ୍ଜନଗର ଥାନା ଏସଆଇ ଜ୍ୟୋସ୍ନାମୟୀ ସାହୁ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ କୁଲାଡ଼ ରାସ୍ତାର ବରଙ୍ଗ ନାଳ ପାଖରେ ଚେକିଂ କରୁଥିବାବେଳେ ଜଣେ ବ୍ୟକ୍ତି ହାଠାତ୍ ପୁଲିସକୁ ଦେଖି ନିଜ ବାଇକ ବୁଲାଇ ଚାଲି ଯାଉଥିଲା। ଏତିକିବେଳେ ପୁଲିସର ସନ୍ଦେହ ହେବାରୁ ସେହି ଗାଡିକୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ତାକୁ ପଚରା ଉଚରା କରିବାରେ ତାହାର ନାମ ପବିତ୍ର ନାୟକ ଓରଫ ରାହୁଲ ଓ ଗ୍ରାମ ଭଞ୍ଜନଗର ଥାନାର କାଳିଆପାଲ୍ଲୀ ବୋଲି ଜଣାପଡ଼ିଛି। ସେ ବେଲଗୁଣ୍ଠାରୁ ଭଞ୍ଜନଗର ଫେରୁଥିଲା। ତଲାସୀ ନେବାରେ ତା ନିକଟରୁ ଗୋଟିଏ ପଲସର -୨୨୦ସିସି ମୋଟର ସାଇକେଲ, ଗୋଟେ ରିଭଲଭର ସହିତ ୪ଟି ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା, ଗୋଟେ ମୋବଇଲ ଫୋନ ଏବଂ ୩ଶହ ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଭଞ୍ଜନଗର ଥାନା କେସନଂ ୨୯୦/୨୪ରେ ଏକ ମାମଲା ରୁଜୁ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ରାହୁଲ ନାମରେ ପୂର୍ବରୁ ଭଞ୍ଜନଗର ଏବଂ ଗାଙ୍ଗପୁର ଥାନାରେ ୭ଟି କେସ ଥିବା ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି। ପୁଣି ମାରଣାସ୍ତ୍ର ଧରି ରାହୁଲ ଆଉ କିଛି ଅପରାଧିକ କାର୍ଯ୍ୟ ଘଟାଇବା ଉଦ୍ଦେଶ୍ୟରେ ବୁଲୁଥିବା ଅନୁମାନ କରାଯାଇଛି।

■ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ଅଟକ ଶିକ୍ଷକ ଗିରଫ



**ମୋହନା, ୨୩।୩(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ବଡସିନ୍ଧବା ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଅଟକ ଶିକ୍ଷକ ପ୍ରକାଶ ଚନ୍ଦ୍ର ଗୌଡ଼ଙ୍କୁ ଶନିବାର ଗିରଫ କରିଛି ପୁଲିସ। ସୂଚନା ଯୋଗ୍ୟ ଯେ ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀ ଜଣକୁ କ୍ରୀଡ଼ା ଶିକ୍ଷକ ପ୍ରକାଶ ବାରମ୍ବାର ଅସଦାଚରଣ କରିଥିବା ନେଇ ସମ୍ପୃକ୍ତ ଛାତ୍ରୀଙ୍କ ବାପା ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଶୁକ୍ରବାର ଥାନା ଅଧିକାରୀ ବସନ୍ତ ସେଠୀ, ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ବିଦ୍ୟାଳୟ ଏବଂ ଛାତ୍ରୀ ନିବାସକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ପରେ ଘଟଣାରେ ସତ୍ୟାସତ୍ୟ ଥିବା ଜଣାପଡ଼ିବା ପରେ ଅଟକ ଶିକ୍ଷକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ହେଲେ ଗିରଫ ଶିକ୍ଷକଙ୍କ ଉପରେ ଶିକ୍ଷା ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡ଼ିଛି।

# ବିଧାୟିକାଙ୍କ ଜନସମ୍ପର୍କ ପଦଯାତ୍ରା

**ଆସିକା, ୨୩।୩(ସମିସ):** ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଜୟପୁର ପଞ୍ଚାୟତର ପଢ଼ାଳ ଓ ତାରାସିଂ ଗାଁରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଜନ ସମ୍ପର୍କ ପଦ ଯାତ୍ରା କରିବା ସହ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକୁ ଘରେ ଘରେ ପହଞ୍ଚାଇବା ଲାଗି ସଚେତନ କରିଥିଲେ। ଏଥିସହ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝୁଛନ୍ତି ବିଧାୟିକା ମଞ୍ଜୁଳା ସ୍ୱାଇଁ। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ସରପଞ୍ଚ ଲକ୍ଷ୍ମୀ ବେହେରା, ଶିବ ରାମ ପାଣିଗ୍ରାହୀ, ସୋମନାଥ ପଣ୍ଡାଙ୍କ ସମେତ ବହୁ ନିର୍ବାଚିତ ପତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



# ଗାଁକୁ ଗଲାନି ଆମ୍ବୁଲାନ୍ସ; ୨ କିମି ବୁହାହେଲେ ଗର୍ଭବତୀ



ମୋହନା, ୨୩।୩(ସମିସ): ଗାଁ କୁ ଗଲାନି ଆମ୍ବୁଲାନ୍ସ। ଫଳରେ ଆମ୍ବୁଲାନ୍ସ କର୍ମୀ ୨କିମି ରାସ୍ତା ଅତିକ୍ରମ କରି ଗାଁ ରେ ପହଞ୍ଚି ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଜକରାପଲ୍ଲୀ ଗ୍ରାମରେ। ସୂଚନା ପ୍ରକାରେ ଜକରାପଲ୍ଲୀ ଗ୍ରାମର ଅମ୍ବିକା ରଇତଙ୍କ ଶନିବାର ସକାଳେ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ପଥୁରିଆ ଅଣ ଓସାରିଆ ରାସ୍ତା ଏବଂ ରାସ୍ତାରେ ନାଳ ପଡୁଥିବା ଯୋଗୁଁ ଆମ୍ବୁଲାନ୍ସ ଗ୍ରାମ ଠାରୁ ୨କିଲୋମିଟର ଦୂରରେ ରହିଯାଇଥିଲା। ଏଥିଯୋଗୁଁ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ ଏବଂ କର୍ମଚାରୀ ଗ୍ରାମକୁ ଯାଇ ଅମ୍ବିକାଙ୍କୁ ଗ୍ରାମବାସୀ ଙ୍କ ସହାୟତାରେ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପରେ ତାଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମ୍ବିକା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଉଭୟ ମା ଏବଂ ଶିଶୁ ସୁସ୍ଥ ଅଛନ୍ତି। ଆମ୍ବୁଲାନ୍ସ କର୍ମଚାରୀ ଙ୍କ ଏଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିବା ସହ ଉକ୍ତ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଦାବି ହେଉଛି।

■ ଗାଳି ଓ ଧମକ ମାମଲା

# ୩ ଅଭିଯୁକ୍ତଙ୍କୁ ଅର୍ଥଦଣ୍ଡ ଶୁଣାଇଲେ କୋର୍ଟ

**ଶେରଗଡ଼, ୨୩।୩(ସମିସ):** ଶନିବାର ଶେରଗଡ଼ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ପାଢ଼ୀ ଗାଳି ଓ ଧମକ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶେରଗଡ଼ ଥାନା କୁଲାଗଡ଼ ଗ୍ରାମର ପଞ୍ଚୁ ସେଠୀ, ସୁରେନ୍ଦ୍ର ସେଠୀ ଏବଂ ସୁବାଷ ସେଠୀ ସେହି ଗ୍ରାମର ରାଜେନ୍ଦ୍ର ପଣ୍ଡାଙ୍କୁ ୨୦୨୧ ଅକ୍ଟୋବର ୨୭ ତାରିଖରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବା ଲାଗି ଧମକ ଦେଇଥିଲେ। ଏନେଇ ରାଜେନ୍ଦ୍ର ପଣ୍ଡା ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜେନ୍ଦ୍ରଙ୍କ ଅଭିଯୋଗକୁ ଆଧାର କରି ୨୩୨/୨୧ ରେ ମାମଲା ରୁଜୁ କରିଥିଲେ। ଶେରଗଡ଼ ଥାନାର ତତ୍କାଳୀନ ଏଏସଆଇ ବୈଜୟନ୍ତୀ ପ୍ରଧାନ ଘଟଣା ତଦନ୍ତ କରିଥିଲେ। ୫ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଦାଲତ ୩ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ପ୍ରତ୍ୟେକଙ୍କ ଠାରୁ ୫ ଶହ ଟଙ୍କା ଲେଖାଏଁ କ୍ଷତିପୂରଣ ଅଭିଯୋଗକାରୀଙ୍କୁ ଦେବା ଲାଗି ବିଚାରପତି ଆଦେଶ ଦେଇଛନ୍ତି। କୋର୍ଟଙ୍କ ଆଦେଶ ଅନୁସାରେ ସମସ୍ତ ୧୫ ଶହ ଟଙ୍କା ଜରିମାନା ଜମା କରିଛନ୍ତି। ଅଦାଲତଙ୍କ ଆଦେଶ ମୁତାବକ ଆଦାୟ ଟଙ୍କା ଅଭିଯୋଗକାରୀଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଅଦାଲତରେ ଏହି ମାମଲାର ବିଚାରଣା ଆରମ୍ଭ ହେବାର ୧୮ ଦିନ ଭିତରେ ରାୟ ପ୍ରକାଶ ପାଇଛି। ସରକାରଙ୍କ ତରଫରୁ କ୍ୟାଡର ଏପିପି ସରୋଜ କୁମାର ମଲ୍ଲିକ ଓ ଏପିପି ସମୀର କୁମାର ପ୍ରଧାନ ମାମଲାର ପରିଚାଳନା କରିଥିଲେ।

# ମହାରାଷ୍ଟ୍ରରେ ଫସିଥିବା ଓଡ଼ିଆ ଶ୍ରମିକ ଉଦ୍ଧାର



**ସାନଖେମୁଣ୍ଡି, ୨୩।୩(ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ପୁଲିସ ମହାରାଷ୍ଟ୍ରରେ ଫସିଥିବା ଜଣେ ଯୁବକକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ ଚୁଡ଼ଙ୍ଗପୁର ପଞ୍ଚାୟତ ପଳାଶପୁର ଗ୍ରାମର ଶିବ ନାଇକ ଓ କିଛି ସାଙ୍ଗ ମିଶି ପାଟପୁର ଥାନା ଅଞ୍ଚଳର ଜଣେ ଠିକାଦାରଙ୍କ ମାଧ୍ୟମରେ ମହାରାଷ୍ଟ୍ରର ପୁନେ ଅଞ୍ଚଳକୁ କାମ କରିବା ପାଇଁ ଯାଇଥିଲେ। ଶିବ ଓ ତାର ସାଙ୍ଗ ମାନେ ସେଠାରେ କାମ କରିବା ସମୟରେ ଠିକାଦାର ଜଣଙ୍କ ଗାଁକୁ ଚାଲିଯାଇଥିଲେ। ଶିବ ଓ ଅନ୍ୟ ମାନେ ୩ ମାସ କାମ କରିବା ପରେ ମାଲିକଙ୍କୁ ଟଙ୍କା ମାଗିବାରୁ ମାଲିକ କହିଥିଲେ ତମ ଠିକାଦାର ଅଗ୍ରୀମ ବାବଦରେ ମୋ ଠାରୁ ୩ ଲକ୍ଷ ଟଙ୍କା ନେଇଯାଇଛି ତମେ ମାନେ କାମ କରିକି ସୁଝିବ କହିଥିଲେ। କିଛି ଦିନ କାମ କରିବା ପରେ ଶିବ ସହ ଯାଇଥିବା ଅନ୍ୟ ଲୋକ ମାନେ ସେଠାରୁ ଚାଲିଯାଇଥିଲେ। ଶିବ ଏକା ହିଁ ପୁନେ ରେ ରହିଯାଇଥିଲା। ଶିବ ଏକା ରହିଯାଇଥିବା ବେଳେ ମାଲିକ ନାନା ପ୍ରକାର ନିର୍ଯାତନା ଦେଇ ଏକ ଘରେ ବନ୍ଦ କରି ରଖିଦେଇଥିଲେ। ଏହି ସବୁ ବିଷୟରେ ଶିବ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଶିବଙ୍କ ବାପା ନିରଞ୍ଜନ ନାଇକ ପାଟପୁର ଥାନାରେ ମାର୍ଚ୍ଚ ୧୬ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ୧୭ ୯/୨୪ ରେ ଏକ ମାମଲା ରୁଜୁ କରିଥିଲେ। ଗଞ୍ଜାମ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପାଟପୁର ଥାନା ଏସଆଇ ହିଂମାଶୁ ଶେଖର ପାତ୍ର, କନେଷ୍ଟବଳ ହେମନ୍ତ ସାହୁ, ହୋମଗାର୍ଡ ଶିବ ରଞ୍ଜନ ତ୍ରିପାଠୀ ମାର୍ଚ୍ଚ ୧୯ ତାରିଖରେ ପୁନେ ଯାଇ ନିକଟସ୍ଥ ଚିଞ୍ଚିର୍ଡ଼ା ଥାନାରେ ପହଞ୍ଚି ମହାରାଷ୍ଟ୍ର ପୁଲିସ ସହାୟତାରେ ଶିବ ନାଇକକୁ ଉଦ୍ଧାର କରି ଶନିବାର ପାଟପୁର ଥାନାରେ ପହଞ୍ଚିଥିଲେ। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଶିବଙ୍କ ପରିବାର ଲୋକ ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ଓ ଗଞ୍ଜାମ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

# ବ୍ରାହ୍ମଣୀଗାଁ ପୁଲିସର ଫ୍ଲାଗ୍ ମାର୍ଚ୍ଚ



**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୩।୩(ସମିସ):** ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ପର୍ଯ୍ୟାୟରେ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲୁଛି। ଏହି ପରିପ୍ରେକ୍ଷୀରେ ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ମେ ୨୦ ତାରିଖରେ ହେବାକୁ ଥିବା ନିର୍ବାଚନ କିପରି ଅବାଧ ଓ ଶୃଙ୍ଖଳିତ ଭାବେ ହେବ ସେଥିପାଇଁ ବ୍ରାହ୍ମଣୀଗାଁ ପୁଲିସର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥା କିପରି ଠିକ ଠାକ୍ ରହିବ ଓ ନିର୍ବାଚନ କିପରି ଠିକରେ ସରିବ ସେଥିପାଇଁ ବ୍ରାହ୍ମଣୀଗାଁ ପୁଲିସ ପକ୍ଷରୁ ଶନିବାର ଫ୍ଲାଗ ମାର୍ଚ୍ଚ ବ୍ରାହ୍ମଣୀଗାଁ ବଜାର ସମେତ ସାହି, ଚର୍ଚ୍ଚ ରୋଡ, ସ୍ୱାସ୍ଥ୍ୟକେନ୍ଦ୍ର ରୋଡରେ କରାଯାଇଛି। ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଫ୍ଲାଗମାର୍ଚ୍ଚରେ ଏସଆଇ ଅମରେନ୍ଦ୍ର ସୁବୁଦ୍ଧି, ଏଏସଆଇ ରମାକାନ୍ତ ସେଠୀ, ଏଏସଆଇ ଶଙ୍କର ୱାଡ଼ାକାଙ୍କ ସହ ପୁଲିସ ଫୋର୍ସ ସାମିଲ ହୋଇଥିଲେ। ସେହିପରି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ମାନଙ୍କରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ ବୋଲି ଥାନା ଅଧିକାରୀଙ୍କ ସୂଚନା ରହିଛି।

# ଜି.ଉଦୟଗିରିରେ ମାତିଛନ୍ତି ମୋବାଇଲ୍ ଲୁଟେରା

**ଜି.ଉଦୟଗିରି, ୨୩।୩(ସମିସ):** ଜି. ଉଦୟଗିରି ସହରରେ ଦିନକୁ ଦିନ ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପ୍ରତି ଦିନ କିଛି ନା କିଛି ଘଟଣା ଦେଖିବାକୁ ମିଳିଛି। ବିଶେଷ କରି ହାଟ ଏବଂ ପରିବା ମାର୍କେଟ ସହିତ ପରିବା ଦୋକାନରେ ଲୁଟେରା ସକ୍ରିୟ ରହୁଛନ୍ତି। ପନିପରିବା କିଣୁଥିବା ବେଳେ ପାଖକୁ ଲାଗି ଆସି ପରିବା ବାଛିବାର ଛଳନା କରି ମୋବାଇଲ, ଟଙ୍କା ନେଇଯାଉଛନ୍ତି। ଅତି କୌଶଳର ସହ ସେମାନେ ଏପରି କରୁଥିବା ଅଭିଯୋଗ ହେଉଛି। ଏହା ପଛରେ ଏକ ଅଣଓଡ଼ିଆ ଲୁଟେରା ଟିମ କାମ କରୁଥିବାର ଲୋକେ ଅନୁମାନ କରିଛନ୍ତି। ଏମିତି ଘଟଣା କେବଳ ଜି.ଉଦୟଗିରିରେ ନୁହେଁ, ରାଇକିଆ ଓ ଟିକାବାଲିରେ ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ଦୁଇ ଦିନ ତଳେ ଜି. ଉଦୟଗିରିର ଶିକ୍ଷକ ମନୋରଞ୍ଜନ ପତି ପରିବା ବଜାରରେ ପରିବା ବାଛୁଥିବା ବେଳେ ତାଙ୍କର ମୋବାଇଲ ଲୁଟେରା ନେଇଥିଲେ। ମୋବାଇଲ ଚୋରି ସମ୍ପର୍କରେ ସ୍ଥାନୀୟକୁ ପୁଲିସ୍ ଜଣାଇଥିଲେ। ସେହିଭଳି ସେ ଏକା ଦିନରେ ଜି. ଉଦୟଗିରିର ଅଶ୍ୱିନୀ କୁମାର ନାୟକ ପରିବା ଦୋକାନରୁ ପରିବା କିଣୁଥିବା ବେଳେ ୪ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଯାହାର ସୁରାକ ମଧ୍ୟ ସେ ପାଇପାରିନଥିଲେ। ଏମିତି ପ୍ରତିଦିନ କିଛି ନା କିଛି ଘଟଣା ଘଟୁଛି। ପୁଲିସ ଏସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାଦ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଯୁବକଙ୍କ ଆତ୍ମହତ୍ୟା

ପୁରୁଷୋତ୍ତମପୁର, ୨୩।୩(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର-ପାଣ୍ଡିଆ କେନାଲ ରାସ୍ତାର ଏକ ବରଗଛରେ ଗାମୁଛା ବାନ୍ଧି ଶୁକ୍ରବାର ରାତିରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ହେଲେ ରେଙ୍ଗୁଟିପଲ୍ଲି ଗ୍ରାମର ରଞ୍ଜନ ବେହେରା (୪୫) ବୋଲି ଜଣାପଡ଼ିଛି। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ରଞ୍ଜନଙ୍କ ଭାଇ କାଳିଆ ବେହେରା ଥାନାରେ ଏତଲା ଦେଇଥିବା ବେଳେ ପୁଲିସ କେସନଂ୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିବା ତଦନ୍ତ ଅଧିକାରୀ କ୍ଷେତ୍ର ମୋହନ ସାହୁ କହିଛନ୍ତି। ରଞ୍ଜନ ଖଜୁରୀ ତାଡି ବିକୁଥିବାବେଳେ ମାନସିକ ସ୍ତରରେ ଦୁର୍ବଳ ଥିଲେ। କୌଣସି କଥାକୁ ଭାବି ଏଭଳି ପଦକ୍ଷେପ ନେଇଥିବା ପରିବାର ବର୍ଗ କହିଛନ୍ତି।

# ଆମ ସଂସ୍କୃତି, ଆମ ଖେଳଣା ପ୍ରସ୍ତୁତି କର୍ମଶାଳା




**ଶେରଗଡ଼, ୨୩।୩(ସମିସ):** କ୍ଲଷ୍ଟରସ୍ତରୀୟ ଆମ ସଂସ୍କୃତି ଆମ ଖେଳଣା ପ୍ରସ୍ତୁତି ଶିବିର ଡିଙ୍ଗିଶାଳ କ୍ଲଷ୍ଟରର କେରିକେରିଖୋଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପାଢ଼ୀ ଯୋଗ ଦେଇ କର୍ମଶାଳାକୁ ଉଦଘାଟନ କରିଛନ୍ତି। କର୍ମଶାଳାର ଆଭିମୁଖ୍ୟ ବାବଦରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ଆମ ସଂସ୍କୃତିରୁ ଲୋପ ପାଇଯାଉଥିବା ପରମ୍ପରାକୁ ଶିକ୍ଷଣୀୟ ସାମଗ୍ରୀ ଦ୍ୱାରା ପ୍ରସ୍ତୁତି ଖେଳଣାକୁ ଶିକ୍ଷା ସହ ଯୋଡିବା ଲାଗି ଏହି କର୍ମଶାଳା ଏକ ମାଧ୍ୟମ ବୋଲି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଡିଙ୍ଗିଶାଳ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆଲୋକ କୁମାର ଷଡଙ୍ଗୀଙ୍କ ସହ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଦଣ୍ଡନାଚ ପାଇଁ ଆମ ପୁଲିସ ସମିତିର ବୈଠକ

ବେଲଗୁଣ୍ଠା, ୨୩।୩(ସମିସ)

ଶୁକ୍ରବାର ବେଲଗୁଣ୍ଠା ଥାନା ଆମ ପୁଲିସ ସମିତି ପକ୍ଷରୁ ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଏକ

**● ଅଶ୍ଳୀଳ ନୃତ୍ୟ ଓ ପଶୁ ପକ୍ଷୀକୁ ବାରଣ**




ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର କଳାକୃଷ୍ଣ ପ୍ରଧାନ, ଅନ୍ୟତମ ଅତିଥିରୂପେ ନଗରପାଳ ଫିରୋଜ କୁମାର ସେଠୀ, ଏସଆଇ ଅଭୟ କୁମାର ପ୍ରଧାନ, ନାରାୟଣ ନାୟକ ଓ ମହେଶ୍ୱର ବେହେରା, ପ୍ରାକ୍ତନ ନଗରପାଳ ଚନ୍ଦ୍ରମଣି ସାମଲ, ଉପାଧକ୍ଷା ପ୍ରତିନିଧି ଲିଙ୍ଗରାଜ ପାତ୍ର ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବଣିକ ସଙ୍ଘ ସଭାପତି ସନତ କୁମାର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ଓ ଗଞ୍ଜାମର ଗଣପର୍ବ ଦଣ୍ଡନାଚ କିପରି ଶାନ୍ତି ଶୃଙ୍ଖଳା ଭାବେ ପରିଚାଳନା ହେବ ଏନେଇ ଆଲୋଚନା ହୋଇଥିଲା। ବେଲଗୁଣ୍ଠା ଥାନା ଅଞ୍ଚଳରେ ୧୦ଟି ଗ୍ରାମରେ ଦଣ୍ଡ ନାଚ ପରମ୍ପରା ରହିଥିବାବେଳେ ୫ଟି ଗ୍ରାମରେ ସାମାଜିକ ନାଟକ ପରିବେଷଣ ହେଉଛି। ଏହି ନାଟକ ଗୁଡିକରେ ଯେପରି କୌଣସି ପଶୁ ପକ୍ଷୀଙ୍କୁ ବ୍ୟବହାର ନକରିବା ଏବଂ ରାତ୍ରି ନାଟକରେ ଅଶ୍ଳୀଳତାକୁ ସମ୍ପୂର୍ଣ ଭାବରେ ନିଷେଦ୍ଧ କରାଯାଇଛି। ଏହା ସହ ଉପ ଜିଲ୍ଲାପାଳଙ୍କ ନିକଟରୁ ସାଉଣ୍ଡ ପରିମିଶନ ଆଣିବା ପାଇଁ ବିଭିନ୍ନ ଦଣ୍ଡ କମିଟିକୁ ପରାମର୍ଶ ଦିଆଯାଇଛି। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଆଇନ ହାତକୁ ନନେଇ ପୁଲିସର ସହାୟତା ନେବାପାଇଁ ଥାନା ଅଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ବୈଠକରେ ଘୁ. ନୂଆଗାଁ, ବାଣତୁମ୍ବ, ବେଲଗୁଣ୍ଠା(୧), ବେଲଗୁଣ୍ଠା ଖଦାଳ ସାହି(୨), ପଚ୍ଛୀଖାରି, ପାଟରାପଲ୍ଲୀ, କୋକୋଲୁଣ୍ଡା, ଆମ୍ବପୁଆ ଓ ଜିଲିବାର ଦଣ୍ଡ କମିଟି ଉପସ୍ଥିତ ଥିଲେ। କାଉନସିଲର ଭାସ୍କର ପାତ୍ର ଓ ପ୍ରଦୀପ କୁମାର ସେଠୀ, ପ୍ରେସକ୍ଲବ ଉପସଭାପତି ପ୍ରଭାତ କୁମାର ସାହୁ, ସାମ୍ବାଦିକ ସୁରେଶ କୁମାର ସୁବୁଦ୍ଧି, ତୋଫାନ କୁମାର ସାହୁ, ପ୍ରଦୀପ ଚୌଧୁରୀ, ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏସଆଇ ଅଭୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶ୍ରୀ ରାମଚନ୍ଦ୍ର ବାରିକ୍
ଆବିର୍ଭାବ: ୦୨.୦୩.୧୯୩୬
ତିରୋଧାନ: ୨୦.୦୩.୨୦୨୩
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାର ବର୍ଗ

# ଦୁଷ୍କର୍ମକାରୀକୁ ଆଜୀବନ

**ବାରିପଦା, ୨୩।୩ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ଶନିବାର ଏକ ଦୁଷ୍କର୍ମ ମାମଲାର ରାୟ ଶୁଣାଣି ହୋଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତ ରାମଚନ୍ଦ୍ର ହାଁସଦାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ୫ ଶହ ଟଙ୍କା ଜରିମାନା, ଅନାଦେୟ ଅଧିକ ୪ ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ରାମଚନ୍ଦ୍ରର ଘର ମୋରଡ଼ା ଥାନା ଅଞ୍ଚଳରେ। ଗତ ୨୦୨୧ ମାର୍ଚ୍ଚ ୧୩ ତାରିଖରେ ଜଣେ ମହିଳା ଶୌଚ ହେବାକୁ ଯାଇଥିବା ସମୟରେ ରାମଚନ୍ଦ୍ର ତାଙ୍କୁ ଦୁଷ୍କର୍ମ କରିଥିଲା। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏ ସଂପର୍କରେ ପରିବାରଲୋକେ ଥାନାରେ ଅଭିଯୋଗ କରିବାରୁ ପୁଲିସ ରାମଚନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଆଜି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ଅବଶିଷ୍ଟାଂଶ...

### ବାଟ କଢ଼ାଉଛି...

ଯୋଜନା- ଡିପ୍ ବୋରୱେଲ୍ ସେଚ କାର୍ଯ୍ୟକ୍ରମ, ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାନ କାର୍ଯ୍ୟକ୍ରମ, ମାଟି, ଛତା ପରି ଯୋଜନା ବେଶ୍ ଆଦୃତ ଲାଭ କରିପାରିଛି। ଉପରୋକ୍ତ ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଜଳସେଚନ ଏବଂ ଜଳସଂରକ୍ଷଣ କାର୍ଯ୍ୟକ୍ରମକୁ ଗତିଶୀଳ କରିଥିବା ବେଳେ କେତେକ ଯୋଜନାକୁ ମଧ୍ୟ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଅନୁସରଣ କରୁଛନ୍ତି। ବିଶେଷକରି ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପ ଅଧୀନରେ ଏଯାବତ୍ ୨୦୦ରୁ ଅଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ସହ ୨.୫୦ ଲକ୍ଷ ହେକ୍ଟରରୁ ଅଧିକ ଆୟକଟ ଅଞ୍ଚଳ ସୃଷ୍ଟି ହୋଇପାରିଛି।

ଏହାର ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ୍ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ଉପରୋକ୍ତ ଯୋଜନାରେ ରାଜ୍ୟ ସରକାର ପ୍ରାୟ ୧୦୭୫୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ତଦନୁଯାୟୀ ବିଭାଗୀୟ କାର୍ଯ୍ୟକ୍ରମକୁ ଗତିଶୀଳ କରାଯାଉଛି। ସେହିପରି ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଅର୍ଥାତ୍, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଅଧୀନରେ ରାଜ୍ୟ ସରକାର ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ମୋଟ ୧୧୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୮୬୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାଦ୍ୱାରା ଜଳସେଚନ ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ମତ୍ସ୍ୟ ଚାଷ ଏବଂ ଜଳ ସଂରକ୍ଷଣ ବ୍ୟାପକ ମାତ୍ରାରେ ହୋଇପାରିବ ବୋଲି ଆଶା କରାଯାଉଛି। ସେହିପରି ଜଳ ସଂରକ୍ଷଣ ଏବଂ ଜଳସେଚନ ଉନ୍ନୟନ ପ୍ରକଳ୍ପ ଅଧୀନରେ ରାଜ୍ୟ ସରକାର ପ୍ରାୟ ୫୦୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏହା ରାଜ୍ୟର ସେଚ ଉନ୍ନୟନ ଯାତ୍ରାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି ବୋଲି ଜଣାପଡ଼ିଛି।

### ଟ୍ରକ୍ ଧକ୍କାରେ...

ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଦଶରଥପୁର ବ୍ଲକ୍ ଜୟନ୍ତରାସ୍ଥିତ ଆଦିବାସୀ ଆବାସିକ ବିଦ୍ୟାଳୟରେ ପାଠ ପଢୁଥିବା ସୁନୀଲ ନିଜ ବଡ଼ ଭାଇ ଅନିଲ ଓ ଚକ୍ରଧରଙ୍କ ସହିତ ବାଇକ୍‌ରେ ଡୁବୁରୀ ପଟରୁ ଦାନଗଦୀ ଆଡକୁ କୌଣସି କାମରେ ଯାଉଥିଲେ। ଏକ ଟ୍ରକ୍‌କୁ ଅତିକ୍ରମ କରୁଥିବା ବେଳେ ଦ୍ରୁତଗତିରେ ଯାଉଥିବା ଟ୍ରକ୍‌ଟି ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଚକ୍ରଧର ଓ ସୁନୀଲଙ୍କର ମୃତ୍ୟୁ ଘଟିଥିଲା। ପଛରେ ବସିଥିବା ଅନିଲ ଗୁରୁତର ହୋଇଥିଲେ। ଦାନଗଦୀର ସମାଜସେବୀ ମଦନମୋହନ ନାୟକ ଆହତଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟ୍ରାଫିକ୍ ପୁଲିସ୍ ମୁତୟନ ନଥିବା ଓ ବେଆଇନ ହମ୍ପସ ନିର୍ମାଣ, ଅସୁରକ୍ଷିତ ଟ୍ରକ୍ ଚାଳନା ପାଇଁ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଲୋକେ ହୋହଲ୍ଲା କରିଥିଲେ। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଇଛି। ଦୁର୍ଘଟଣା ଘଟାଇବା ପରେ ଚାଳକ ଟ୍ରକ୍ ନେଇ ଫେରାର୍ ହୋଇଯାଇଥିଲା। ଅନ୍ୟପଟେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି।

### ନିଦ ହଜାଇଲାଣି...

ଘଟଣା ସ୍ଥଳକୁ ଯାଇ ଚାଷକୁ ନଷ୍ଟ କରିବ। ଆହୁରି ମଧ୍ୟ ଏହି ଚାଷକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହାୟତା ନିଆଯିବ। କାରଣ ନିଶା ମାଫିଆମାନେ ଚାଷ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହାୟତା ନେଉଛନ୍ତି। ତେଣୁ ଅବକାରୀ ବିଭାଗ ଏହି ଅଫିମ୍ ଚାଷକୁ ରୋକିବା ପାଇଁ ଅଭିନବ ଉପାୟ ଆପଣାଇବ। ସ୍ଥାନୀୟ ଲୋକଙ୍କୁ ନେଇ ଏକ ଟିମ୍ ଗଠନ କରିବ। ଯେଉଁମାନେ ଚାଷ କରିବେ ସେମାନଙ୍କ ସମ୍ପର୍କରେ ତଥ୍ୟ ଅବକାରୀ ବିଭାଗକୁ ଦେବ। ଅବକାରୀ ବିଭାଗ ଗଠନ କରିଥିବା ଟିମ୍ ଚଢ଼ଉ କରି ଚାଷକୁ ନଷ୍ଟ କରିବ। ବର୍ତ୍ତମାନ ସୁଦ୍ଧା ଶିମିଳିପାଳ ଅଭୟାରଣ୍ୟରେ ୩୦କୋଟିର ଅଫିମ୍ ଗଛ ନଷ୍ଟ କରାଗଲାଣି। ଗତକାଲି ପୁଣି ଶିମିଳିପାଳର ଅସ୍ତକୁଅଁର ପଞ୍ଚାୟତର ଶାରୁଦା ଗାଁ ନିକଟରେ ୧୫ ଏକ ଜଙ୍ଗଲ ଜମିରେ ଚାଷ ହୋଇଥିବା ଅଫିମ ଗଛକୁ ପୋଡ଼ି ନଷ୍ଟ କରିଛି ଅବକାରୀ ବିଭାଗ। ନଷ୍ଟ କରାଯାଇଥିବା ଅଫିମ ଗଛର ଆନୁମାନିକ ମୂଲ୍ୟ ୧୦ କୋଟି ୫୦ ଲକ୍ଷ ହେବ। ଚଢ଼ଉରେ ଯଶୀପୁର, ରାଇରଙ୍ଗପୁର ଅବାକରୀ ବିଭାଗ କର୍ମଚାରଙ୍କ ସମେତ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ସାମିଲ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଶିମିଳିପାଳର ୭ଟି ସ୍ଥାନରେ ଅଫିମ ଚାଷ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ଟଙ୍କା ହେବ।

ଏହା ପୂର୍ବରୁ ଗତ ୧୦ ତାରିଖରେ ବନବିଭାଗ, ପୁଲିସ ଏବଂ ଅବକାରୀ ବିଭାଗ ଶିମିଳିପାଳ ଅଭୟାରଣ୍ୟରେ ଚାଲିଥିବା ଅଫିମ ଚାଷ ଉପରେ ବଡ଼ ଧରଣର ଚଢାଉ କରିଥିଲା। ଅଭୟାରଣ୍ୟର ବକୁଆ ଏବଂ କୁକୁରଭୁକା ଗାଁରେ ୫ ଲକ୍ଷ ୨୫ ହଜାରରୁ ଅଧିକ ଅଫିମ ଗଛ ନଷ୍ଟ କରିଥିଲେ ଟିମ୍। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ୬୬ ଲକ୍ଷ ହେବ। ସେଦିନ ଯଶୀପୁର ରେଂଜ୍ ଜେନାବିଲ, ଖେଜୁରୀ ଏବଂ ଜଜଗଡ଼ାରେ ଅବକାରୀ ଟିମ୍ ଚଢାଉ କରି ୩ ଲକ୍ଷ ୮୫ ହଜାର ଅଫିମ ଗଛ ନଷ୍ଟ କରିଥିଲା। ଏହାର ଆନୁମାନିକ ମୂଲ୍ୟ ୭ କୋଟି ୭୦ ଲକ୍ଷ ହେବ। ତାପୂର୍ବରୁ ଗତ ଫେବ୍ରୁଆରୀ ୨୪ ତାରିଖରେ ଶିମିଳିପାଳ କୋର ଏରିଆରେ ୨୬ ଲକ୍ଷର ଅଫିମ ଗଛ ନଷ୍ଟ କରାଯାଇଥିଲା। ମାତ୍ର ଦୁଇ ମାସ ମଧ୍ୟରେ ପାଖାପାଖି ୨୦ କୋଟି ଟଙ୍କାର ଅଫିମ ନଷ୍ଟ ହେଲାଣି। ହେଲେ ପୁଲିସ ଓ ବନ ବିଭାଗ ଅଫିମ ମାଫିଆମାନଙ୍କୁ ଧରିବାରେ ବିଫଳ ହୋଇଛି।

### ଅଫିମ ଚାଷ...

ଜଣଙ୍କୁ ଛଡ଼ାଇ ହେବ; ପରନ୍ତୁ ଡ୍ରଗ୍ସ ଭଳି ମାରାତ୍ମକ ନିଶା ଅଭ୍ୟସ୍ତରେ ଥରେ ଆମ ଜିଲ୍ଲାବାସୀ ପଡ଼ିଲେ ସେଥିରୁ ମୁକୁଳିବା ମୁସ୍କିଲ ହୋଇପଡ଼ିବ। ଏଣୁ କାହାରି ପ୍ରଲୋଭନରେ ପଡ଼ି ଏଭଳି ଚାଷ ନ କରିବାକୁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ମହାରାଣୀ ଓ ତାଙ୍କର ୨ଝିଅ (ରାଜଜେମା) ଶିମିଳିପାଳରେ ବନାଗ୍ନି ନିୟନ୍ତ୍ରଣରେ ସାମିଲ ହୋଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିଥିଲେ।

## ହୀରାକୁଦରେ ଉଗ୍ର ହେଉଛି ଝାଡ଼ାବାନ୍ତି

# ଶତାଧିକ ଆକ୍ରାନ୍ତ, ଜଣେ ମୃତ

**ସମ୍ବଲପୁର/ହୀରାକୁଦ, ୨୩।୩ (ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଅଞ୍ଚଳରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି। ଗତ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଝାଡ଼ାବାନ୍ତିରେ ଅଦ୍ୟାବଧି ୧୫୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଗତକାଲି ରାତିରେ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ କାଲୁପଡ଼ାର ଟିକେଶ୍ୱର ନାଏକ (୪୫)ଙ୍କ ମୃତ୍ୟୁ ଘଟିଛି। ସେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ବୋଲି ଜଣାପଡ଼ିଛି। ଆଜି ୭ଜଣ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାର ଡାଇରିଆ ୱାର୍ଡରେ ଭର୍ତ୍ତି କରାଯାଇଛି। ହୀରାକୁଦ ମେଡିକାଲରେ ବହୁରୋଗୀ ଚିକିତ୍ସିତ ହେଉଥିବା ବେଳେ କିଛି ରୋଗୀ ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ରହି ଔଷଧ ଖାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ଆର୍‌ଡିସି ଶ୍ରୀକାନ୍ତ ପ୍ରୁଷ୍ଟି ଓ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଘଟଣାସ୍ଥଳ ପରିଦର୍ଶନ କରି ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଅଶୋକ ଦାସଙ୍କ ସମେତ ଏକ ଚିକିତ୍ସକ ଦଳ ସଂକ୍ରମଣ ଅଞ୍ଚଳକୁ ଯାଇଥିବା ବେଳେ ଭିମସାରରୁ ମଧ୍ୟ ଏକ ଚିକିତ୍ସକ ଦଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ସମାଜିକ ସଂଗଠନ ପକ୍ଷରୁ ବିଭିନ୍ନ ପଡ଼ାକୁ ବୁଲି ଲୋକଙ୍କୁ ଫୁଟା ପାଣି ପିଇବା ପାଇଁ ସଚେତନ କରିଛନ୍ତି। ଏହା ସହିତ ଦୁଇଗୋଟି ବାୟୋ-ଟଏଲଟ୍ ମଧ୍ୟ ସ୍ଥାପନ କରାଯାଇଛି।

ହୀରାକୁଦର ସହରର କାଲୁପଡ଼ା, ଗୁରୁଦ୍ୱାରପଡ଼ା, ଗୌଡ଼ପଡ଼ା, କଦମ୍ବପଡ଼ା, ଖୀଷ୍ଟିଆନପଡ଼ା, ତାରାସିଂପଡ଼ା, ଚକ୍ରବର୍ତ୍ତୀପଡ଼ା, ନ୍ୟୁ-ମାର୍କେଟ୍ କଲୋନୀ ଓ ମାଛପଡ଼ାରେ ଡାଇରିଆ ବ୍ୟାପିଛି। ଭିମସାରକୁ ହାଇଆଲର୍ଟ କରାଯାଇଛି। ସେଠାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଡାଇରିଆ ୱାର୍ଡରେ ଶଯ୍ୟାସଂଖ୍ୟା ବୃଦ୍ଧି କରାଯାଇଛି। ଏହାସହ ଡେଙ୍ଗୁ ୱାର୍ଡରେ ରୋଗୀ ନ ଥିବାରୁ ତାକୁ ମଧ୍ୟ ଡାଇରିଆ ୱାର୍ଡ ଭାବେ ବ୍ୟବହାର କରାଯାଇଥିବା ବେଳେ ଚିକିତ୍ସା ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି ବୋଲି ଭିମସାର ଅଧକ୍ଷ ଡାକ୍ତର ଲାଲ ମୋହନ ନାଏକ କହିଛନ୍ତି।

ପ୍ରଥମେ କାଲୁପଡ଼ାରେ ଡାଇରିଆ ବ୍ୟାପିଥିଲା। ପରେ ଏହା ପାଖ ପଡ଼ାକୁ ସଂକ୍ରମଣ ହୋଇଥିଲା। ଗତକାଲି ରୋଗୀ ସଂଖ୍ୟା ବୃଦ୍ଧି ପାଇବାରୁ ଏହା ଲୋକଲୋଚନକୁ ଆସିଥିଲା। ସମ୍ବଲପୁର ଜନସ୍ୱାସ୍ଥ୍ୟ ବିଭାଗ ଏଡିଏମ୍‌ଓ ଡା. ଦାସ କହିଛନ୍ତି ଯେ ପିଇବା ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି।

ଆଜି ଏକ ସ୍ୱତନ୍ତ୍ର ଚିକିତ୍ସକ ଦଳ ସମ୍ବଲପୁରରୁ ହୀରାକୁଦ ଯାଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଞ୍ଚଳରେ ଘରକୁ ଘର ବୁଲି ଯାଞ୍ଚ କରାଯାଉଛି। ମୋବାଇଲ୍ ହେଲଥ୍ ୟୁନିଟ୍ ଘଟଣା ଉପରେ ନଜର ରଖିଛି। ଦୂଷିତ ପାନୀୟ ଜଳ ଯୋଗାଣ କାରଣରୁ ଡାଇରିଆ ବ୍ୟାପିଥିବା ସନ୍ଦେହ କରାଯାଉଛି। ବିଭିନ୍ନ ସ୍ଥାନରେ ପିଏଚ୍‌ଡି ପାଇପ ଫାଟି ଯାଇଥିବା ନଜରକୁ ଆସିଛି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ, ୱାଟର୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ପାଣିକୁ ବିଶୁଦ୍ଧ କରାଯାଉନାହିଁ। ଫଳରେ ସଂକ୍ରମଣ ବ୍ୟାପୁଛି। ୪ଟି ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ଡାଇରିଆର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫୩ ଜଣ ଆକ୍ରାନ୍ତ ହୋଇ ହୀରାକୁଦ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା କୁହାଯାଇଛି। ହୀରାକୁଦ ସହରର ଜନସଂଖ୍ୟା ପ୍ରାୟ ୫୦ହଜାର ଥିବା ବେଳେ ଡାକ୍ତରଖାନାରେ ସମସ୍ୟା ଲାଗି ରହିଛି। ମୁଖ୍ୟ ସମସ୍ୟା ହେଉଛି ସମସ୍ତ ସ୍ପେସିଆଲିଷ୍ଟ ଡାକ୍ତରଙ୍କ ପଦବୀ ଖାଲି ପଡ଼ିଛି। ଏହି ସମସ୍ୟା ପରେ ଅନ୍ୟ ସ୍ଥାନରୁ ଡାକ୍ତରମାନଙ୍କୁ ଏଠାକୁ ଅଣାଯାଇଛି। ଅନ୍ୟପଟେ ଆସନ୍ତାକାଲି ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଏଠାକୁ ଆସିବା ଯୋଜନା ରହିଛି।



ଦୂଷିତ ପାଣିରୁ ରୋଗ ବ୍ୟାପୁଥିବା ସନ୍ଦେହ
ଆରଡିସି ଓ ଜିଲ୍ଲାପାଳଙ୍କ ପରିଦର୍ଶନ

## ବେଆଇନ୍ ଭାବେ ସାପ ରଖିବା ସହ ସୋସିଆଲ ମିଡିଆ ପୋଷ୍ଟିଂ ପଡ଼ିଲା ମହଙ୍ଗା

# ଭଦ୍ରକର ମିର୍ଜା ଆରିଫ୍ ଗିରଫ

**ଭୁବନେଶ୍ୱର, ୨୩।୩(ସମିସ):** ରାଜ୍ୟ ବନ ବିଭାଗ ପକ୍ଷରୁ ବାରମ୍ବାର ଚେତାବନୀ ଦିଆଯିବା ସତ୍ତ୍ୱେ ଚେତିଲେ ନାହିଁ। ଶେଷରେ ବିଷଧର ସାପ ଧରି ପାଖରେ ରଖିବା ଏବଂ ଏହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଭଦ୍ରକର ସାପ ଧରାଳୀ ମିର୍ଜା ମହମ୍ମଦ ଆରିଫ୍‌ଙ୍କୁ ମହଙ୍ଗା ପଡ଼ିଛି। ଉଭୟ ଘଟଣାରେ ମିର୍ଜାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ଦୁଇଟି ମନୋକଲ୍ଡ କୋବ୍ରା(ନାଗ)କୁ ଉଦ୍ଧାର କରାଯାଇଛି। ଏହାସହ ତାଙ୍କର ଫେସ୍‌ବୁକ୍/ୟୁ-ଟ୍ୟୁବରେ ଦୁଇଟି ଆକାଉଣ୍ଟ ଥିବା ବେଳେ ତାହାକୁ ଡିଲିଟ୍(ସସପେଣ୍ଡ) କରିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟପ୍ରାଣୀଙ୍କ ସହ ସେଲ୍‌ଫି/ଫଟୋ କିମ୍ବା ଭିଡିଓ କରି ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଉଛି। ବହୁ ୟୁ-ଟ୍ୟୁବର ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟ ଖୋଲି ବନ୍ୟପ୍ରାଣୀ ଯଥା ସାପ ଧରା ଭିଡିଓଠୁ ଆରମ୍ଭ କରି ମାଙ୍କଡ଼ ଓ ସୁଆ ଆଦି ପଶୁ ପକ୍ଷୀଙ୍କ ସହ ଭିଡିଓ ପୋଷ୍ଟ କରୁଛନ୍ତି। ଯାହାକୁ ଗୁରୁତର ଭାବେ ନେଇଥିଲା ବନ ବିଭାଗ। ନିକଟରେ ଏନେଇ ବନ୍ୟପ୍ରଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ରାଜ୍ୟର ସମସ୍ତ ଡିଏଫ୍‌ଓ, ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକଙ୍କୁ ଏକ ଚିଠି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସେ ନିଜ ଚିଠିରେ ଦର୍ଶାଇଥିଲେ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟଜନ୍ତୁ (ଅଧିସୂଚିତ) ପ୍ରାଣୀଙ୍କ ଫଟୋ ଓ ସେମାନଙ୍କ ସହ ସେଲଫି ଉଠାଇ ଲୋକମାନେ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ବନ୍ୟଜନ୍ତୁଙ୍କ ଫଟୋ ଉଠାଇବା କିମ୍ବା ସେମାନଙ୍କ ସହ ସେଲଫି ନେବା କେବଳ ସେମାନଙ୍କ ସାଧାରଣ ଜୀବନ ଯାତ୍ରାକୁ ବିଶୃଙ୍ଖଳିତ କରି ନଥାଏ ବରଂ ଏହା ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୯ର ଉଲ୍ଲଂଘନ କରିଥାଏ। ଏଭଳି କାର୍ଯ୍ୟ ପାଇଁ ଆଇନ ଉଲ୍ଲଂଘନକାରୀଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ। ସେହିପରି ମୃତ ବନ୍ୟଜନ୍ତୁ କିମ୍ବା ବନ୍ୟପ୍ରାଣୀଙ୍କ ଶରୀର ଅଂଶ ସହ ଫଟୋ ଉଠାଇବା ବା ସେଲଫି ନେବା ଓ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ମଧ୍ୟ ବନ୍ୟଜନ୍ତୁ ସୁରକ୍ଷା ଆଇନର ଉଲ୍ଲଂଘନ କରୁଛି। ତେଣୁ ଏଭଳି କାର୍ଯ୍ୟରୁ ନିବୃତ ରହିବା ପାଇଁ ବିଭାଗୀୟ ଅଧିକାରୀମାନେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପିସିସିଏଫ୍ ନିର୍ଦ୍ଦେଶ ଦେଇଥିଲେ। ଯଦି ନିଜର ପ୍ରଚାର ପ୍ରଶାର ପାଇଁ କେହି ଏଭଳି ଆଚରଣ କରୁଥାଏ ତେବେ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିବାକୁ ସେ କହିଥିଲେ। ପିସିସିଏଫ୍‌ଙ୍କ ଉପରୋକ୍ତ ନିର୍ଦ୍ଦେଶନାମାକୁ ଆଧାର କରି ଭଦ୍ରକ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ମିର୍ଜାଙ୍କୁ ଗିରଫ କରାଯାଇଛି। ତାଙ୍କର ଫେସ୍‌ବୁକ୍/ ୟୁ-ଟ୍ୟୁବ୍ ଆକାଉଣ୍ଟରେ ଯଥାକ୍ରମେ ୨.୮୨ ନିୟୁତ ଏବଂ ୧୪୪୦୦୦ ଫୋଲଅର୍ସ ଥିବାବେଳେ ଏହାକୁ ସସପେଣ୍ଡ କରାଯିବା ପାଇଁ ପଦକ୍ଷେପ ନିଆଯାଉଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

**ମିର୍ଜାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ରଦ୍ଦ ପାଇଁ ନିଆଯାଉଛି ପଦକ୍ଷେପ**

**କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିକଟରେ ପିସିସିଏଫ୍ ଦେଇଛନ୍ତି ନିର୍ଦ୍ଦେଶ**

# ନିର୍ବାଚନବେଳେ ଖୋଜାପଡ଼ନ୍ତି ଡାକ୍ତର କେ. ଶ୍ୟାମବାବୁ ସବୁଦ୍ଧି

**ବ୍ରହ୍ମପୁର, ୨୩।୩(ସମିସ):** ଆଗକୁ ସାଧାରଣ ନିର୍ବାଚନ। କୌଣସି ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନଥିଲେ ହେଁ ବ୍ରହ୍ମପୁରରେ ଏହି ସମୟରେ ଖୋଜାପଡ଼ନ୍ତି ଜଣେ ପ୍ରାର୍ଥୀ। ଡାକ୍ତର କେ. ଶ୍ୟାମବାବୁ ସୁବୁଦ୍ଧିଙ୍କ ବ୍ୟତୀତ ସେ ଆଉ କେହି ନୁହଁନ୍ତି। ଜାନୁଆରୀ ୫ ତାରିଖ ୧୯୩୬ ମସିହାରେ ଗଞ୍ଜାମ ଜିଲ୍ଲା ପିତ୍ତଳ ଗ୍ରାମରେ ଜନ୍ମିତ ଶ୍ୟାମବାବୁ ସୁବୁଦ୍ଧି ପେସାରେ ଜଣେ ହୋମିଓପାଥି ଡାକ୍ତର। ବର୍ତ୍ତମାନ ତାଙ୍କୁ ୮୮ ବର୍ଷ ବୟସ। ପରିଣତ ବୟସ ସାଙ୍ଗକୁ ଅସୁସ୍ଥ ହୋଇ ଘରେ ଶଯ୍ୟାଶାୟୀପ୍ରାୟ। ଚାଲିବାକୁ ଗୋଡ଼ରେ ବଳ ନାହିଁ। ତଥାପି ନିର୍ବାଚନ ନାଁ ଶୁଣିଲେ ଚାଙ୍ଗା ହୋଇ ଉଠିବସୁଛନ୍ତି ସେ। ଆଜିର ଦିନରେ ମଧ୍ୟ ସେ ନିର୍ବାଚନ ଲଢ଼ିବାକୁ ମନ ବଳାଇଛନ୍ତି। କେବଳ ମନ ବଳାଇନାହାନ୍ତି, ବରଂ ଜିତିବାର ଆଶା ମଧ୍ୟ ରଖିଛନ୍ତି। ସବୁଥର ଭଳି ଚଳିତଥର ମଧ୍ୟ ସେ ଉଭୟ ବ୍ରହ୍ମପୁର ଓ ଆସିକା ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

୨୧ବର୍ଷ ବ୍ୟସରୁ ଶ୍ୟାମବାବୁ ସୁବୁଦ୍ଧି ନିର୍ବାଚନ ଲଢ଼ିବା ଆରମ୍ଭ କରିଥିଲେ। ୧୯୫୭ ମସିହାରେ ସେ ହିଞ୍ଜିଳି ବିଧାନସଭା ଆସନରୁ ପ୍ରଥମଥର ପାଇଁ କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ନାୟକଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଇତିମଧ୍ୟରେ ସେ ୧୦ଥର ବିଧାନସଭା, ୧୮ଥର ଲୋକସଭା ଓ ୨ଥର ରାଜ୍ୟସଭା ପାଇଁ ଏହିଭଳି ମୋଟ ୩୦ଥର ନିର୍ବାଚନ ଲଢ଼ି ସାରିଛନ୍ତି। ବଡ଼ କଥା ହେଲା, ସେ କେବେ ମଧ୍ୟ ନିର୍ବାଚନ ଜିତିନଥିଲେ ହେଁ ପ୍ରତ୍ୟେକ ଥର ବିଜୟ ହେବାର ଆଶା ରଖି ନିର୍ବାଚନ ଲଢ଼ି ଆସୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବାରୁ ତାଙ୍କୁ ବିଭିନ୍ନ ସମୟରେ କ୍ରିକେଟ୍ ବ୍ୟାଟ୍, ସାଇକେଲ, ମୋଟର ସାଇକେଲ ଓ ଘଣ୍ଟି ଭଳି ନିର୍ବାଚନୀ ଚିହ୍ନ ମିଳିଛି। ତେବେ ସାଇକେଲ ଚିହ୍ନ ତାଙ୍କର ପ୍ରିୟ ଚିହ୍ନ ବୋଲି ସେ କହନ୍ତି। ନିର୍ବାଚନ ଲଢ଼ିବା ଭିତରେ ଡାକ୍ତର ଶ୍ୟାମବାବୁ ସୁବୁଦ୍ଧି ଆସିକା ଓ ବ୍ରହ୍ମପୁର ଲୋକସଭା ଆସନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପି.ଭି. ନରସିଂହ ରାଓ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହିତ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ସେହିଭଳି ବେଗୁନିଆରେ ବିଧାନସଭା ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ରାଓ, ଜୟନ୍ତୀ ପଟ୍ଟନାୟକ, ରାମଚନ୍ଦ୍ର ରଥ, ରାମକୃଷ୍ଣ ପଟ୍ଟନାୟକ, ଅନାଦି ଚରଣ ସାହୁ, ଚନ୍ଦ୍ରଶେଖର ସାହୁ ଓ ସିଦ୍ଧାନ୍ତ ମହାପାତ୍ରଙ୍କ ସହିତ ମଧ୍ୟ ନିର୍ବାଚନ ଲଢ଼ିଛନ୍ତି। ପ୍ରତିଥର ବିଧାନସଭା ପାଇଁ ୧୦ହଜାର ଓ ଲୋକସଭା ଆସନ ପାଇଁ ୨୫ହଜାର ଟଙ୍କା ଅମାନତ ରାଶି ଦାଖଲ କରି ହରାଇଛନ୍ତି ସେ। କେବଳ ନିର୍ବାଚନ ସମୟରେ ନୁହେଁ, ବରଂ ବର୍ଷତମାମ ନିଜ ସାଇକେଲରେ ଏପରିକି ପୂର୍ବରୁ ଶଗଡ଼ ଗାଡ଼ିରେ ମଧ୍ୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଲିଫଲେଟ୍ ଜରିଆରେ ନିଜର ପ୍ରଚାର କାର୍ଯ୍ୟକୁ ଜାରି ରଖୁଥିଲେ। ନିର୍ବାଚନ ଲଢ଼ି ଏକ ବିଶ୍ୱ ରେକର୍ଡର ଅଧିକାରୀ ହେବା ତାଙ୍କର ଏକ ଅଭିଳାଷ ରହିଛି। ବର୍ତ୍ତମାନ ଅସୁସ୍ଥତା ସତ୍ତ୍ୱେ ନିର୍ବାଚନ ମୈଦାନକୁ ଓହ୍ଲାଇବାକୁ ଯଦିଓ ସେ ଇଚ୍ଛା ରଖିଛନ୍ତି, ହେଲେ ପରିବାରବର୍ଗଙ୍କ କଟକଣା ରହିଛି। ତେବେ ସେ ଯାହା ହେଉ ନା କାହିଁକି, ନିର୍ବାଚନ ଆସିଲେ ଡାକ୍ତର କେ. ଶ୍ୟାମବାବୁ ସୁବୁଦ୍ଧିଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୁଏ।



ପେସାରେ ହୋମିଓପାଥି ଡାକ୍ତର, ନିଶା ନିର୍ବାଚନ ଲଢ଼ି ରେକର୍ଡ କରିବା


ଅସୁସ୍ଥ ସତ୍ତ୍ୱେ ୮୮ବର୍ଷ ବୟସରେ ନିର୍ବାଚନ ଲଢ଼ି ବିଜୟୀ ହେବାର ଆଶା

୧୯୫୭ ମସିହାରୁ ନିୟମିତ ଲଢୁଛନ୍ତି ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ



# 'ଫେଷ୍ଟିଭାଲ୍ ଅଫ୍ ଲେଟର୍ସ' ସାହିତ୍ୟ

ସକାଳ THE SAKALA
www.sakalaepaper.com
ରବିବାର , ୨୪ ମାର୍ଚ୍ଚ ୨୦୨୪









## ୧୭୫ ଭାଷା, ୧୯୦ ଅଧିବେଶନ, ୧୧୦୦ ସାହିତ୍ୟିକ

ଛଅ ଦିନିଆ ଏହି ସାହିତ୍ୟୋତ୍ସବରେ ୯ଟି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି ପ୍ରାୟ ୧୯୦ରୁ ଅଧିକ ଅଧିବେଶନ। ବିଭିନ୍ନ ଆଲୋଚନାଚକ୍ରରେ ୧୭୫ଟି ଭାରତୀୟ ଭାଷାର ୧୧ ଶହରୁ ଅଧିକ କବି, ଲେଖକ, ଗବେଷକ ଅଂଶଗ୍ରହଣ କରି ଭାରତୀୟ ସାହିତ୍ୟ ସଂପର୍କରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଛନ୍ତି।

"ମାର୍ଚ୍ଚ ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସାହିତ୍ୟ ଏକାଡେମୀର ୭୦ତମ ସମ୍ବତ୍ସରରେ ଅନୁଷ୍ଠିତ ହୋଇଥିଲା ବିଶ୍ୱର ସର୍ବବୃହତ୍ ସାହିତ୍ୟ ମହୋତ୍ସବ 'ଫେଷ୍ଟିଭାଲ୍ ଅଫ୍ ଲେଟର୍ସ'। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ଦେଶର କୋଣ ଅନୁକୋଣରୁ ୧୭୫ ଭାଷାର ୧୧୦୦ରୁ ଊର୍ଦ୍ଧ୍ୱ କବି, ସାହିତ୍ୟିକ ଓ ବିଦ୍ୱାନ ଯୋଗ ଦେଇଥିଲେ। ଗୋଟିଏ ଦିନରେ ଗୋଟିଏ ମଞ୍ଚରେ ୯୪ ଜଣ କବି ୪୭ଟି ଭାଷାରେ କବିତାପାଠ କରି ସୃଷ୍ଟି କରିଥିଲେ ବିଶ୍ୱ ରେକର୍ଡ଼। ଯେଉଁଥିପାଇଁ 'ଫେଷ୍ଟିଭାଲ ଅଫ୍ ଲେଟର୍ସ'କୁ ଲଣ୍ଡନସ୍ଥିତ 'ୱାର୍ଲ୍ଡ଼ ବୁକ୍ ଅଫ୍ ରେକର୍ଡସ'ରେ ସ୍ଥାନ ମିଳିଛି।"

## ଗୁଲଜାରଙ୍କ ସମ୍ବତ୍ସର ବକ୍ତୃତା



ବିଶିଷ୍ଟ ସାହିତ୍ୟିକ ଓ ଗୀତିକାର ଗୁଲଜାରଙ୍କ ବକ୍ତୃତା ଥିଲା ସାହିତ୍ୟୋତ୍ସବ--୨୦୨୪ର ଅନ୍ୟତମ ଆକର୍ଷଣ। ମେଘଦୂତ ମୁକ୍ତାକାଶ ମଞ୍ଚରେ ପଦ୍ମଶ୍ରୀ ଗୁଲଜାର 'ସିନେମା ଓ ସାହିତ୍ୟ' ଉପରେ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଗୁଲଜାରଙ୍କ ବକ୍ତବ୍ୟ ଉପସ୍ଥିତ ସାରସ୍ୱତ ସାଧକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା।




## ପୁସ୍ତକ ପ୍ରଦର୍ଶନୀ

ସାହିତ୍ୟୋତ୍ସବ ଅବସରରେ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଏକ ପୁସ୍ତକ ପ୍ରଦର୍ଶନୀ। ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ ଏଠାରେ ଉପଲବ୍ଧ ଥିଲା। ପ୍ରତିଦିନ ରବୀନ୍ଦ୍ର ଭବନ ପରିସରରେ ପୂର୍ବାହ୍ଣ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପୁସ୍ତକ ପ୍ରଦର୍ଶନୀ ଖୋଲା ରହୁଥିଲା।

## ସାଂସ୍କୃତିକ କାର୍ଯ୍ୟକ୍ରମ

ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସାହିତ୍ୟ ଉତ୍ସବ-୨୦୨୪ରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା। ମେଘଦୂତ ମୁକ୍ତାକାଶ ରଙ୍ଗମଞ୍ଚରେ ବିଶିଷ୍ଟ ନୃତ୍ୟଶିଳ୍ପୀ ରାଜଶ୍ରୀ ୱାରିୟର ଭାରତନାଟ୍ୟମ୍ ପରିବେଷଣ କରିଥିଲେ। ସେହିପରି କାମିନୀ ପ୍ରେକ୍ଷାଳୟରେ ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ 'କସ୍ତୁରୀ' ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ଅବସରରେ ନାଟକ ମଧ୍ୟ ମଞ୍ଚସ୍ଥ କରାଯାଇଥିଲା।

## ବହୁଭାଷୀ କବିତା ଓ ଗଳ୍ପ ପାଠ

ସାହିତ୍ୟୋତ୍ସବ -୨୦୨୪ର ଅନ୍ୟତମ ଆକର୍ଷଣ ଥିଲା ବହୁଭାଷୀ କବିତା ଓ ଗଳ୍ପ ପାଠ। ବିଭିନ୍ନ ଭାଷାର କବି ଓ ଗାଳ୍ପିକମାନେ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ। ସାରା ଦେଶର ଶ୍ରେଷ୍ଠ କବି ଓ ଗାଳ୍ପିକମାନଙ୍କ ନିଜସ୍ୱ ସୃଷ୍ଟିର ଧ୍ୱନି ଉତ୍ସବକୁ ଅଧିକ ରମଣୀୟ କରିଥିଲା।






## ଓଡ଼ିଶାରୁ ସର୍ବାଧିକ ୭୨ ପ୍ରତିନିଧି

ସାରା ଦେଶରୁ ୧୧୦୦ ସାହିତ୍ୟିକ ଏହି ସାହିତ୍ୟୋତ୍ସବରେ ଯୋଗ ଦେଇଥିବା-ବେଳେ କେବଳ ଓଡ଼ିଶାରୁ ଥିଲେ ୭୨ ଜଣ। ସେମାନଙ୍କ ମଧ୍ୟରୁ ଓଡ଼ିଆ ଭାଷାର ୬୦ଜଣ ସାହିତ୍ୟିକଙ୍କ ସହ ସଂସ୍କୃତ ଓ ସାନ୍ତାଳୀ ଭାଷାର ୧୨ ଜଣ ସାହିତ୍ୟିକ ଏହି ଉତ୍ସବରେ ଯୋଗ ଦେଇଥିଲେ।




## ଏକାଡେମୀ ପୁରସ୍କାର ପ୍ରଦାନ

୨୦୨୩ ବର୍ଷ ନିମନ୍ତେ ବିଭିନ୍ନ ଭାଷାରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା କୃତୀ ସାରସ୍ୱତ ସାହିତ୍ୟ ସ୍ରଷ୍ଟାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଶ୍ରୀ ପ୍ରତିଭା ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।' ଅପ୍ରସ୍ତୁତ ମୃତ୍ୟୁ' ନିମନ୍ତେ ଓଡ଼ିଆ କବି ଆଶୁତୋଷ ପରିଡ଼ାଙ୍କ ସହ ୨୪ଟି ଭାରତୀୟ ଭାଷାର ସାହିତ୍ୟିକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

---

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱୟଂଶାସିତ ସଙ୍ଗଠନ କେନ୍ଦ୍ର ସାହିତ୍ୟ ଏକାଡ଼େମୀର 'ଫେଷ୍ଟିଭାଲ ଅଫ୍ ଲେଟର୍ସ'ର ସଫଳତା ପଛରେ ଏହାର ସମ୍ପାଦକ କେ. ଶ୍ରୀନିବାସ ରାଓଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦେଶର ୨୪ଟି ସ୍ୱୀକୃତ ଭାଷାରେ ଲିଖିତ ସାହିତ୍ୟର ପ୍ରଚାରପ୍ରସାର କରିବା ସହ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟରେ ଉତ୍କର୍ଷତା ଆଣିବା ନିମନ୍ତେ କାର୍ଯ୍ୟକରି ଆସୁଛି। 'ଫେଷ୍ଟିଭାଲ ଅଫ୍ ଲେଟର୍ସ ୨୦୨୪', 'ସାହିତ୍ୟ ଏକାଡ଼େମୀ ପୁରସ୍କାର ୨୦୨୩', 'ଗୁଲ୍‌ଜାରଙ୍କ ସମ୍ବତ୍ସର ବକ୍ତୃତା' ଆଦି ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କେ.ଶ୍ରୀନିବାସ ରାଓଙ୍କ ସହ 'ସକାଳ'ର ସ୍ୱତନ୍ତ୍ର ସାକ୍ଷାତକାର...



**ସକାଳ**: କେନ୍ଦ୍ର ସାହିତ୍ୟ ଏକାଡେମୀ ପୂରଣ କରିଛି ନିଜର ସାତ ଦଶନ୍ଧିର ଯାତ୍ରା। ୭୦ତମ ସ୍ୱନକ୍ଷତ୍ର ଅବସରରେ ଏକ ବିକାଶ କାର୍ଯ୍ୟକ୍ରମ ସହ ଅନ୍ତର୍ଜାତୀୟ ରେକର୍ଡ ସୃଷ୍ଟି କରିଛି। ୱାର୍ଲ୍ଡ଼ ବୁକ୍ ଅଫ୍ ରେକର୍ଡରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ଏ ସମ୍ପର୍କରେ ଆପଣଙ୍କର ମତ କ'ଣ?

**ଉତ୍ତର**: ଗୋଟିଏ ଜାତୀୟସ୍ତରୀୟ ସାହିତ୍ୟ ଅନୁଷ୍ଠାନ ତାହାର ୭୦ବର୍ଷ ପୂର୍ତ୍ତି ପାଳନ କରିବା ଭାରତ ତଥା ସାରା ବିଶ୍ୱରେ ଗର୍ବ ଓ ଗୌରବର ବିଷୟ। ଏହା ଅନୁଷ୍ଠାନ ପାଇଁ ଏକ ମାଇଲଖୁଣ୍ଟ। ଦୀର୍ଘ ଯାତ୍ରାର ଏହି ଅନୁଭବ ଓ ସଫଳତା ଭବିଷ୍ୟତରେ ଅଧିକ ଅଭିବୃଦ୍ଧି, ଅଧିକ ବିକାଶ ଏବଂ ଅଧିକ ବିବିଧତା କ୍ଷେତ୍ରରେ ଉତ୍ସର୍ଗୀକୃତ ହୋଇପାରିବ।

**ସକାଳ**: 'ଫେଷ୍ଟିଭାଲ ଅଫ୍ ଲେଟର୍ସ'ରେ ୧୧ଶହରୁ ଅଧିକ ଲେଖକ ଓ ବିଦ୍ୱାନ ସାମିଲ ହୋଇଛନ୍ତି। ବିବିଧତା ସତ୍ତ୍ୱେ ଏହି ଉତ୍ସବ ସଫଳ ହେବାର ରହସ୍ୟ କ'ଣ?

**ଉତ୍ତର**: 'ଫେଷ୍ଟିଭାଲ ଅଫ୍ ଲେଟର୍ସ'ର ଆରମ୍ଭ ୧୯୮୫ ମସିହାରେ ହୋଇଥିଲା। ଆଜି ପର୍ଯ୍ୟନ୍ତ ଏହା ଦେଶର ସର୍ବବୃହତ୍ ଓ ସମ୍ମାନଜନକ ସାହିତ୍ୟ ମହୋତ୍ସବ ଭାବେ ପରିଚିତି ପାଇଛି। ଭାରତୀୟ ଭାଷା ସାହିତ୍ୟର ବିଭିନ୍ନ ଦିଗକୁ ଉନ୍ମୁକ୍ତ କରିବା ଉପରେ ଏହି ଉତ୍ସବ ଗୁରୁତ୍ୱ ଦେଇ ଆସିଛି। ଏହି ବର୍ଷ ମଧ୍ୟ ଆମେ ଅଧିକ ବିଭାଗ ସାମିଲ କରିବା ପାଇଁ ଚେଷ୍ଟା କରିଛୁ। ଅନେକ ଭାଷାଭାଷୀ ସମ୍ପ୍ରଦାୟ ସହଜରେ ଜାତୀୟ ଓ ଅନ୍ତର୍ଜାତୀୟ ଫୋରମ୍‌ରେ ନିଜକୁ ଉପସ୍ଥାପିତ କରିବା ପାଇଁ ସୁଯୋଗ ପାଇ ନ ଥାନ୍ତି, ଏହି ଉତ୍ସବ ସେମାନଙ୍କୁ ସୁଯୋଗ ଆଣି ଦେଇଥାଏ। ଚଳିତ ବର୍ଷର ସାହିତ୍ୟୋତ୍ସବ ପୂର୍ବର ସବୁ ରେକର୍ଡ ଅତିକ୍ରମ କରିଛି।

**ସକାଳ**: ସାହିତ୍ୟିକ ଉତ୍କର୍ଷର ସ୍ୱୀକୃତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଥିପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୩ର କୃତବିଦ୍ୟଙ୍କ ମନୋନୟନ ପ୍ରସଙ୍ଗରେ ଆପଣଙ୍କର ମତ?

**ଉତ୍ତର**: କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ ଭାଷାର କୃତୀ ଓ ସଫଳ ସ୍ରଷ୍ଟାମାନଙ୍କୁ ପୁରସ୍କୃତ କରାଯାଇଥାଏ। ଏହା ଏକ ନିୟମିତ ପ୍ରକ୍ରିୟା। ପୁରସ୍କାର ଚୟନ ପ୍ରକ୍ରିୟା ବହୁ ପର୍ଯ୍ୟାୟ ଦେଇ ଗତିକରେ। ଏଥିରେ ହଜାର ହଜାର ଲେଖକ, ଏକାଡେମିକ୍ ଏବଂ ବିଦ୍ୱାନ ବ୍ୟକ୍ତିବିଶେଷ ଜଡିତ ହୋଇଥାନ୍ତି। ଏହି ପ୍ରକ୍ରିୟାକୁ ଏକାଡେମୀ ପକ୍ଷରୁ ଅତ୍ୟନ୍ତ ଗୋପନ ଭାବରେ ଓ ସ୍ୱଚ୍ଛତାର ସହ ସଂପନ୍ନ କରାଯାଏ। ଏପରିକି ପୁରସ୍କାର ଘୋଷଣା ପର୍ଯ୍ୟନ୍ତ ବିଚାରକଙ୍କ ନାମ ମଧ୍ୟ ଗୋପନ ରଖାଯାଇଥାଏ।

**ସକାଳ**: ଚଳିତ ବର୍ଷ ଏହି ଉତ୍ସବ ନିମନ୍ତେ ସାହିତ୍ୟ ଏକାଡେମୀ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ କ'ଣ କହିବେ?

**ଉତ୍ତର**: କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଚଳିତ ବର୍ଷ ୭୦ତମ ସ୍ୱନକ୍ଷତ୍ର ପାଳନ କରିଛି। ୭୦ବର୍ଷର ଯାତ୍ରାକୁ ନେଇ ଏହି ଅବସରରେ ଏକ ସୁନ୍ଦର ଫଟୋ ପ୍ରଦର୍ଶନୀ କରାଯାଇଥିଲା। ଏହାସହ ଏକାଡେମୀ ପକ୍ଷରୁ ପୂର୍ବବର୍ଷ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଟୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିରେ ୨୪ଟି ଭାଷାରେ ସାହିତ୍ୟ ଏକାଡେମୀ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମର ସ୍ମୃତି ସବୁ ସୁନ୍ଦର ଭାବେ ପ୍ରଦର୍ଶିତ ହୋଇଥିଲା।




**ସକାଳ**: 'ଫେଷ୍ଟିଭାଲ ଅଫ୍ ଲେଟର୍ସ'ର ସ୍ୱତନ୍ତ୍ର ଅଧିବେଶନ, ପ୍ୟାନେଲ୍ ଆଲୋଚନା, ସମ୍ମିଳନୀ ଆୟୋଜନର ଉଦ୍ଦେଶ୍ୟ?

**ଉତ୍ତର**: 'ଫେଷ୍ଟିଭାଲ ଅଫ୍ ଲେଟର୍ସ'ର ୨୦୨୪ ସଂସ୍କରଣରେ ୧୯୦ ରୁ ଅଧିକ ପ୍ୟାନେଲ୍ ଆଲୋଚନା, ଅଧିବେଶନ, ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଭିନ୍ନ ଭିନ୍ନ ବର୍ଗ ଓ ଭାଷାର ସାହିତ୍ୟିକ ଅଂଶଗ୍ରହଣ କରିଛନ୍ତି; ଆଲୋଚନା ନିଷ୍କର୍ଷ ଦର୍ଶକ ଓ ଶ୍ରୋତାଙ୍କୁ ମୁଗ୍ଧ କରିଛି। ଅନୁରୂପ ଭାବରେ ବିଭିନ୍ନ ଭାଷାର ଲେଖକ, ବିଶେଷକରି ଆଦିବାସୀ ଲେଖକମାନଙ୍କ ସାକ୍ଷାତକାର ଆକର୍ଷଣୀୟ ହୋଇ ପାରିଛି। ଭାରତୀୟ ଭାଷାରେ କଥା ସାହିତ୍ୟ, ନାଟକ, ଶିଶୁ ସାହିତ୍ୟ, ଅନୁବାଦ, ସାହିତ୍ୟରେ ଜ୍ଞାନକୌଶଳ, ଇ-ବୁକ୍, ପ୍ରକାଶକ ଓ ଲେଖକଙ୍କ ଭୂମିକା, ପୁସ୍ତକର ସ୍ୱତ୍ୱାଧିକାର ଓ ରାଜଭାଗ, ଗ୍ରାଫିକ୍ ଉପନ୍ୟାସ, ଭାରତୀୟ ଉପନ୍ୟାସ, ଏକବିଂଶ ଶତାବ୍ଦୀର ଭାରତୀୟ ସାହିତ୍ୟ ଉପରେ ଭିନ୍ନ ଭିନ୍ନ ପ୍ୟାନେଲ୍ ଆଲୋଚନା ଅତ୍ୟନ୍ତ ଉପାଦେୟ ହୋଇପାରିଛି।

**ସକାଳ**: 'ଗୁଲଜାରଙ୍କ ସମ୍ବତ୍ସର ବକ୍ତୃତା' ଏହି ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ରହିଥିଲା। ଯାହା ଅତ୍ୟନ୍ତ ଉପଭୋଗ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କିଛି କହିବେ।

**ଉତ୍ତର**: ସମ୍ବତ୍ସର ବକ୍ତୃତା ହେଉଛି ଏକ ବାର୍ଷିକ ବକ୍ତୃତାମାଳା। ଜଣେ ସାହିତ୍ୟିକ, ବିଦ୍ୱାନ ବା ଶିକ୍ଷାର୍ଥୀମାନେ ନିର୍ଦ୍ଦିଷ୍ଟ ବୌଦ୍ଧିକ ପ୍ରସଙ୍ଗ ଉପରେ ବକ୍ତୃତା ପ୍ରଦାନ କରିଥାନ୍ତି। ଚଳିତ ବର୍ଷ ଗୁଲଜାରଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଥିଲା। ପ୍ରତିବର୍ଷ ସମ୍ବତ୍ସର ବକ୍ତୃତା ନିମନ୍ତେ ଖ୍ୟାତନାମା ବିଦ୍ୱାନମାନଙ୍କ ନାମ କାର୍ଯ୍ୟକାରୀ ପରିଷଦ ମନୋନୀତ କରିଥାଏ। ଏହି ବକ୍ତୃତାମାଳା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଶିକ୍ଷଣୀୟ ଭାବେ ପରିଚିତ ହୋଇ ଆସିଛି।

**ସକାଳ**: କେନ୍ଦ୍ର ସାହିତ୍ୟ ଏକାଡେମୀ ଭାରତୀୟ ଭାଷା ଏବଂ ସାହିତ୍ୟର ଭବିଷ୍ୟତକୁ କିପରି ଦେଖୁଛି। 'ଫେଷ୍ଟିଭାଲ ଅଫ୍ ଲେଟର୍ସ' ଏ ଦିଗରେ କି ବାର୍ତ୍ତା ଦେବ?

**ଉତ୍ତର**: ଭାରତୀୟ ଭାଷା ପ୍ରାଚୀନ ଓ ଅତ୍ୟନ୍ତ ସମୃଦ୍ଧ। କେଉଁ କାଳରୁ ଏହା ଏକ ସ୍ରୋତସ୍ୱିନୀ ନଦୀର ଧାରା ପରି ବହି ଆସିଛି ଓ ବହି ଚାଲିଛି। ଅନେକ ବାଧାବିଘ୍ନକୁ ଅତିକ୍ରମ କରି ଏହା ଗତିଶୀଳ ହୋଇଛି। ପ୍ରତ୍ୟେକ ଯୁଗର ଅନ୍ତିମକ୍ଷଣରେ ବିଲୁପ୍ତ ହେବା ପୂର୍ବରୁ ଭାରତୀୟ ଭାଷା ଓ ସାହିତ୍ୟ ନିଜକୁ ପୁନର୍ଜୀବିତ କରିବାକୁ ସକ୍ଷମ ହୋଇଛି। ବିଶ୍ୱର ଅନ୍ୟ ଭାଷା ସାହିତ୍ୟ ପାଇଁ ଭାରତୀୟ ଭାଷା ସାହିତ୍ୟ ଧ୍ରୁବତାରା ପରି ଦିଗ ଓ ଦିଶା ଦେଖାଇଛି। ସାହିତ୍ୟ ଏକାଡେମୀର 'ଫେଷ୍ଟିଭାଲ ଅଫ୍ ଲେଟର୍ସ' ଏହାକୁ ଅଧିକ ଗତିଶୀଳ କରିଛି। ପ୍ରତିବର୍ଷ ସାହିତ୍ୟ ମହୋତ୍ସବ ମାଧ୍ୟମରେ ଭାରତୀୟ ଭାଷାଗୁଡ଼ିକର ସଂରକ୍ଷଣ ତଥା ସମ୍ପ୍ରସାରଣ କରିବା କ୍ଷେତ୍ରରେ ଏହା ଅଧିକ ସହାୟକ ହୋଇଛି।

# ଗୁଡ଼ ମର୍ଣ୍ଣିଂ ଓଡ଼ିଶା



## ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା

୨୦୧୮ ମସିହାରେ ବାଲେଶ୍ୱରସ୍ଥିତ ଫକୀରମୋହନ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା। ଫକୀରମୋହନ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଉତ୍ତର ଓଡ଼ିଶାରେ ସର୍ବବୃହତ୍ ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ରୋଗୀ ସେବାକୁ ଅନୁଧ୍ୟାନ କଲେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍ ପରେ ଏହା ହେଉଛି ଦ୍ୱିତୀୟ ବୃହତ୍ ମେଡିକାଲ କଲେଜ। ଦୈନିକ ହଜାର ହଜାର ରୋଗୀ ଏହି ମେଡିକାଲ ଉପରେ ନିର୍ଭର କରିଥାନ୍ତି। ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଗତ ୬ ବର୍ଷ ହେଲା ୧୦୦ ଏମ୍ବିବିଏସ୍ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଆସନ୍ତା ମାର୍ଚ୍ଚ ୩୧ ପରେ ପ୍ରଥମ ବ୍ୟାଚ୍ ଡାକ୍ତର ବାହାରିବେ। ପ୍ରତିବର୍ଷ ୧୦୦ ଏମ୍ବିବିଏସ୍ ଛାତ୍ରଛାତ୍ରୀ ଏହି ମେଡିକାଲ କଲେଜରେ ଭର୍ତ୍ତି ହେଉଥିବା ବେଳେ ଅଧ୍ୟାପନା ପାଇଁ ୭୩ଜଣ ଟିଚିଂ ପ୍ରଫେସର ଓ ଅଧ୍ୟାପକ ରହିଛନ୍ତି। କ୍ଲିନିକାଲ୍‌ରେ ମୋଟ୍ ୧୩ଟି ଓ ନନ୍ କ୍ଲିନିକାଲ୍‌ରେ ୮ଟି ବିଭାଗରେ ଅଧ୍ୟୟନ ବ୍ୟବସ୍ଥା ରହିଛି।

## ସ୍ୱାସ୍ଥ୍ୟସେବାର ଇତିହାସ

ଭୌଗୋଳିକ ଦୃଷ୍ଟିକୋଣରୁ ବାଲେଶ୍ୱର ଜିଲ୍ଲାର ଜଳବାୟୁ ଓ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସବୁବେଳେ ଅସ୍ୱାସ୍ଥ୍ୟକର ପରିସ୍ଥିତି ଲାଗି ରହୁଥିଲା। ପର୍ଯ୍ୟଟକମାନଙ୍କ ପାଇଁ ୧୮୫୩ ମସିହାରେ ବାଲେଶ୍ୱରରେ ସର୍ବପ୍ରଥମ ଡାକ୍ତରଖାନା ଖୋଲା ଯାଇଥିଲା। ପୁରୀ ତୀର୍ଥ ଯାତ୍ରୀମାନଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଦିଆଯାଉଥିଲା। ଏଥିରେ ୩୩ଜଣ ପୁରୁଷ ଓ ୯ଜଣ ମହିଳା ରୋଗୀଙ୍କ ଚିକିତ୍ସା ସୁବିଧା ଥିଲା। ବ୍ରିଟିଶ ଉପନିବେଶ ଅମଳରେ ୧୯୧୦ ମସିହା ବେଳକୁ ବର୍ତ୍ତମାନର ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମେଡିକାଲ ଡିସ୍‌ପେନ୍‌ସାରୀ ଚାଲୁଥିଲା। ୧୯୫୨ ମସିହାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବର୍ତ୍ତମାନର ସ୍ଥାନକୁ ସ୍ଥାନାନ୍ତର ହୋଇଥିଲା। ତେବେ ୨୦୦୫ ନଭେମ୍ବର ୨୮ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିଲେ। ୨୦୧୮ ମସିହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ।

## ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଲୋକାର୍ପିତ

ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବାଲେଶ୍ୱରରେ ଫକୀରମୋହନ ମେଡିକାଲ କଲେଜର ଭିତ୍ତିଭୂମି ବିକଶିତ ହେଉଛି। ଏଥିରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜରେ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍‌ର ଲୋକାର୍ପଣ କରିଛନ୍ତି। ମୋଟ୍ ୩୧୬.୫୫ କୋଟି ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମିତ ହୋଇଛି। ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ଆହାର କେନ୍ଦ୍ର ନିର୍ମାଣ ସରିଥିବା ବେଳେ ସ୍ୱତନ୍ତ୍ର କ୍ୟାନ୍‌ସର ହସପିଟାଲ୍ ନିର୍ମାଣାଧୀନ ରହିଛି। ରାଜ୍ୟ ସରକାର ସରକାରୀ ମେଡିକାଲ କଲେଜ ପରିସରକୁ ଲାଗି ଏହି ଟିଚିଂ ହସ୍ପିଟାଲ୍ ଲୋକାର୍ପଣ କରିଛନ୍ତି। ଦିନକୁ ଦିନ ମେଡିକାଲ କଲେଜରେ ରୋଗୀ ସଂଖ୍ୟା ବଢ଼ିଚାଲିଥିବାରୁ ଭିତ୍ତିଭୂମିକୁ ବଢ଼ାଯାଉଛି। ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ସମେତ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରୁ ଦୈନିକ ହଜାର ହଜାର ସଂଖ୍ୟାର ରୋଗୀ ଚିକିତ୍ସା ପାଇଁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ଆସୁଛନ୍ତି।

ସୂଚନା ଥାଉକି, ୨୦୨୩ ଜୁନ ୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍କାଳୀନ ବ୍ୟକ୍ତିଗତ ସଚିବ ତଥା ବର୍ତ୍ତମାନର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଦର୍ଶନରେ ଆସି ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ କୋଠା କାର୍ଯ୍ୟ ତଦାରଖ ସହ ଯଥାସମୟରେ କାର୍ଯ୍ୟ ଶେଷ ପାଇଁ ନିର୍ମାଣକାରୀ ଠିକା ସଂସ୍ଥା, ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାର୍ଚ୍ଚ ୨ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସାଧାରଣଜନତାଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତରକୁ ସମସ୍ତେ ମିଶି ଆହୁରି ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଜରିଆରେ ନୂଆ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜ୍‌ଭୁତ କରିବାକୁ କହିଥିଲେ। ଆଗାମୀ ଦିନରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ମାଧ୍ୟମରେ ବାଲେଶ୍ୱର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବାକୁ ଏହା ଅୟମାରମ୍ଭ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗଠାରୁ ଆରମ୍ଭ କରି ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାବାସୀ ସ୍ୱାସ୍ଥ୍ୟସେବା ପାଇଁ ବାଲେଶ୍ୱର ଉପରେ ନିର୍ଭରଶୀଳ। ଆଉ ଆଧୁନିକ ଚିକିତ୍ସା ବ୍ୟବସ୍ଥାର ବାର୍ତ୍ତାବହ ସାଜିବାକୁ ଯାଉଛି ବାଲେଶ୍ୱର ରେମୁଣାସ୍ଥିତ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ। ମେଡିକାଲ୍ କଲେଜ ପ୍ରତିଷ୍ଠାର ମାତ୍ର ୬ ବର୍ଷ ମଧ୍ୟରେ ଏକ ମାଇଲ୍‌ଖୁଣ୍ଟ ଅତିକ୍ରମ କରି ଆସନ୍ତା ମାର୍ଚ୍ଚ ୩୧କୁ ପ୍ରଥମ ଦଫାରେ ଡାକ୍ତର ରାଜ୍ୟବାସୀଙ୍କ ସେବା ପାଇଁ ଉପଲବ୍ଧ ହେବାକୁ ଯାଉଛନ୍ତି। ଆଗାମୀ ଦିନରେ ବାଲେଶ୍ୱର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ହବ୍ ହେବାକୁ ଯାଉଛି। ନୂତନ ମେଡିକାଲ କଲେଜ ହସ୍‌ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବା ପରେ ଆଗକୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ତଥା ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ ହେବାର ବାଟ ଫିଟାଇଛନ୍ତି।**



## ସଫଳ ଅସ୍ତ୍ରୋପଚାର

୨୦୨୨ ମସିହାରେ ଗୁରୁତର ଆହତ ହୋଇଥିବା ବାଲେଶ୍ୱରର ଦେବେନ୍ଦ୍ର ପାଣିଗ୍ରାହୀଙ୍କ ସ୍ୱତନ୍ତ୍ର ଧରଣର କୃତ୍ରିମ ଖଞ୍ଜା (ରିଭିଜନ ଟିଏଚ୍ଆର)ର ଆବଶ୍ୟକତା ଥିଲା। ଗତ ୨୦୨୩ ସେପ୍ଟେମ୍ବର ୨୬ ତାରିଖରେ ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର୍ ଡା. ଅତନୁ ମହାନ୍ତିଙ୍କ ନେତୃତ୍ୱରେ ଡା. ସତୀଶ ନନ୍ଦ ଓ ଡା. ରଜତ ବେହେରାଙ୍କୁ ନେଇ ଗଠିତ ଅସ୍ଥିଶଲ୍ୟ ବିଭାଗ ଏବଂ ନିଶ୍ଚେତକ ବିଭାଗର ମୁଖ୍ୟ ପ୍ରଫେସର ଡା. କଲ୍ୟାଣୀବାଳା ନାୟକଙ୍କ ନେତୃତ୍ୱରେ ଗଠିତ ଦୁଇଟିମ୍ ଦେବେନ୍ଦ୍ରଙ୍କର କୃତ୍ରିମ ଖଞ୍ଜା (ରିଭିଜନ ଟିଏଚ୍ଆଇ)ର ଅତି ଜଟିଳ ଅସ୍ତ୍ରୋପଚାରକୁ ବାଲେଶ୍ୱରରେ ପ୍ରଥମଥର ସଫଳତାର ସହ କରିଥିଲେ। ନୂତନ ଭାବେ ଗଠିତ ୧୦ଟି ମେଡିକାଲ କଲେଜ ମଧ୍ୟରୁ ଏଫ୍ଏମ୍ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗ ବିଭିନ୍ନ ଟ୍ରମା ଅସ୍ତ୍ରୋପଚାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଛି। ଏଥିସହିତ ବିଭିନ୍ନ ପ୍ରକାର ମେରୁଦଣ୍ଡ ଜନିତ ଅସ୍ତ୍ରୋପଚାର ଏବଂ କୃତ୍ରିମ ଖଞ୍ଜା ପ୍ରତ୍ୟାରୋପଣ ଅସ୍ତ୍ରୋପଚାର କ୍ଷେତ୍ରରେ ୨୦୨୦ ମସିହାରୁ ପ୍ରଫେସର ଡା. ମହାନ୍ତିଙ୍କ ଯୋଗଦାନ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ସେହିପରି ବାଲେଶ୍ୱର ସଦର ବ୍ଲକ କଳମ୍ବରା ଗ୍ରାମର ୬୫ ବର୍ଷିୟା ପାର୍ବତୀ ଦତ୍ତଙ୍କ ନିତମ୍ବ ଖଞ୍ଜାହାଡ଼ ଭାଙ୍ଗି ଯାଇଥିଲା। ଆର୍ଥିକ ସ୍ୱଚ୍ଛଳ ହୋଇ ନ ଥିବାରୁ ସେ ବଡ଼ ମେଡିକାଲ୍‌କୁ ନେଇପାରୁ ନ ଥିଲେ। ୨୦୨୩ ଅଗଷ୍ଟ ୨୨ ତାରିଖରେ ବାଲେଶ୍ୱର ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ପ୍ରଫେସର ଡା. ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ଡାକ୍ତରୀ ଟିମ୍ ପାର୍ବତୀଙ୍କ ସଫଳ ଅସ୍ତ୍ରୋପଚାର କରି ତାଙ୍କୁ ନିଜ ଗୋଡ଼ରେ ଛିଡ଼ା ହେବାର ସୁଯୋଗ ଆଣିଥିଲେ।



ଫକୀରମୋହନ ମେଡିକାଲ କଲେଜର ୧୦୦ସିଟ୍‌ରେ ୨୦୧୮ ମସିହାରେ ପ୍ରଥମ ବ୍ୟାଚ୍ ଏମ୍ବିବିଏମ୍ ଛାତ୍ର ପାଠପଢ଼ା ଆରମ୍ଭ କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସରିବା ପରେ ଏମ୍ବିବିଏମ୍ ଡାକ୍ତର ଭାବେ ସେବାରେ ନିୟୋଜିତ ହେବେ। ଯଦ୍ୱାରା ରାଜ୍ୟରେ ରହିଥିବା ଡାକ୍ତର ଅଭାବ ବହୁମାତ୍ରାରେ ସମାଧାନ ହେବା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିବ। ଏଫଏମ୍ ମେଡିକାଲ କଲେଜ କ୍ୟାମ୍ପସ୍ ପୂର୍ଣ୍ଣମାତ୍ରାରେ ଉନ୍ନତମାନର ହୋଇଥିବା ବେଳେ ଆବଶ୍ୟକ ସଂଖ୍ୟକ ଟିଚିଂ ଷ୍ଟାଫ୍ ରହିଛନ୍ତି। ମେଡିକାଲ କଲେଜ ଟିଚିଂ କ୍ୟାମ୍ପସ୍‌ରେ ହସ୍ପିଟାଲ ମଧ୍ୟ ନିକଟରେ କାର୍ଯ୍ୟକାରୀ ହୋଇଛି। ମେଡିକାଲ କଲେଜରେ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ନିରନ୍ତର ଚାଲିଥିବା ବେଳେ କ୍ୟାମ୍ପସ୍ ମଧ୍ୟରେ ଛାତ୍ରଛାତ୍ରୀ ବେଶ୍ ଶୃଙ୍ଖଳିତ ବୋଲି ଏଫଏମ୍ ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ ପ୍ରଫେସର ଡା. ଜ୍ଞାନିନ୍ଦ୍ର ନାଥ ବେହେରା କହିଛନ୍ତି। ପ୍ରଥମ ବ୍ୟାଚ୍ ମେଡିକାଲ୍ ଛାତ୍ରଛାତ୍ରୀ ପାସ୍ କରିବା ପରେ ସ୍ନାତକୋତ୍ତର (ପିଜି) ପାଇଁ ରହିଥିବା ଭିତ୍ତିଭୂମିର ଆକଳନ କରାଯାଇ ଆବେଦନ କରାଯିବ। କ୍ୟାମ୍ପସ୍ ମଧ୍ୟରେ ସ୍ୱତନ୍ତ୍ର କ୍ୟାନସର ହସପିଟାଲ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆଗାମୀ ଦିନରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଏଫଏମ ମେଡିକାଲ୍ କଲେଜ ଓ ହସ୍‌ପିଟାଲର ଯୋଗାଦାନ ବେଶ୍ ପ୍ରମୁଖ ଭୂମିକା ଗ୍ରହଣ କରିବ।

-ପ୍ରଫେସର ଡା. ଜ୍ଞାନୀନ୍ଦ୍ର ନାଥ ବେହେରା
ଡିନ୍ ଓ ଅଧ୍ୟକ୍ଷ ଏଫଏମ୍ ମେଡିକାଲ୍ କଲେଜ



କଟକ ଏସ୍‌ସିବି ମେଡିକାଲ କଲେଜ ଓ ବଡ଼ ହସପିଟାଲ୍ ପରେ ବାଲେଶ୍ୱର ଏଫ୍ଏମ୍ କଲେଜ ଓ ହସ୍ପିଟାଲ୍ ସ୍ୱାସ୍ଥ୍ୟସେବା ଭୌଗୋଳିକ ଓ ଜନସଂଖ୍ୟା ଦୃଷ୍ଟିକୋଣରୁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଅଞ୍ଚଳର ଜନସଂଖ୍ୟା ଘନତ୍ୱ ଅଧିକ ରହୁଥିବାରୁ ଉକ୍ତ ହସ୍ପିଟାଲ୍ ଉପରେ ଦୈନିକ ହରାହାରି ୨୬୦୦/୩୦୦୦ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଯଦିଓ ଏଠାରେ ୬୫୦ ଶଯ୍ୟାର ଅନୁମୋଦନ ରହିଛି, ଅଧିକ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ୭୫୦ ଶଯ୍ୟା ଉପଲବ୍ଧ ରହିଛି। ମେଡିକାଲ୍ କଲେଜରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ମେଡିକାଲ କଲେଜ ପ୍ରତିଶ୍ରୁତିବଦ୍ଧ। ତେବେ ଏଠାରେ ସୁପର୍ ସ୍ପେସାଲିଟି ଓ ମଲ୍ଟି ସ୍ପେସାଲିଟି ସ୍ୱାସ୍ଥ୍ୟସେବା ଯୋଗାଇବାର ଆବଶ୍ୟକ ରହୁଥିବାରୁ ଉନ୍ନତ ଚିକିତ୍ସା ପାଇଁ ଗୁରୁତର ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ପଠାଇବାକୁ ପଡୁଛି। ଆଗାମୀ ଦିନରେ ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରେ ଏହି ସେବା ଉପଲବ୍ଧ ହେଲେ ବହୁମାତ୍ରାରେ ରୋଗୀ ସେବା କ୍ଷେତ୍ରରେ ପରିବର୍ତ୍ତନ ଆସିବ।

- ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହାଣୀ
ସୁପରିନ୍‌ଟେଣ୍ଡେଣ୍ଟ, ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲ୍



# ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବାରେ ଆଶାର କିରଣ

## ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜ

ବାଲେଶ୍ୱରରୁ ଅସୀମ ମହାପାତ୍ରଙ୍କ ରିପୋର୍ଟ




## ରକ୍ତଭଣ୍ଡାରର ଅଗ୍ରଣୀ ଭୂମିକା

ବାଲେଶ୍ୱର ରକ୍ତ ଭଣ୍ଡାରରେ ବାର୍ଷିକ ୩୦ ହଜାରରୁ ଅଧିକ ୟୁନିଟ୍ ରକ୍ତ ଆବଶ୍ୟକ ହେଉଥିବା ବେଳେ ଗତ ୨୦୨୩ ମସିହାରେ ୩୧, ୦୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବାଲେଶ୍ୱର ଜିଲ୍ଲା ରକ୍ତଦାନ କ୍ଷେତ୍ରରେ ବେଶ୍ ଅଗ୍ରଣୀ ଜିଲ୍ଲା ହୋଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ତଥା ଘରୋଇ ସଂସ୍ଥା ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ବାର୍ଷିକ ୪୭୨ଟି ଇନ୍‌ଡୋର୍ ଓ ଆଉଟ୍‌ଡୋର୍ ବ୍ଲଡ୍‌କ୍ୟାମ୍ପ ଆୟୋଜିତ ହେଉଥିବା ବେଳେ ରକ୍ତଭଣ୍ଡାରର ୨୫ରୁ ଅଧିକ କର୍ମଚାରୀ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଜରିଆରେ ଆବଶ୍ୟକ ରକ୍ତ ସଂଗ୍ରହ ହେଉଛି। ରକ୍ତ ପୃଥକୀକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ମଧ୍ୟ ଏହି ରକ୍ତ ଭଣ୍ଡାରରେ ରହିଛି ବୋଲି ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ସୂଚନା ହେଉଛନ୍ତି।

## ମାଗଣା ଲାପ୍ରୋସ୍କୋପି, ଅଲଟ୍ରା ସାଉଣ୍ଡ, ସିଟି ସ୍କାନ, ଡାଇଲିସିସ୍

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବାଲେଶ୍ୱର ଏଫଏମ୍ ମେଡିକାଲ କଲେଜ ଓ ହସପିଟାଲରେ ମାଗଣା ଲାପ୍ରୋସ୍କୋପି, ସର୍ଜରୀ ଓ ଗାଇନିକ୍, ସିଟି ସ୍କାନ, ଅଲଟ୍ରା ସାଉଣ୍ଡ, କିଡନୀ ଡାଇଲିସିସ୍ ଆଦି ସୁବିଧା ଉପଲବ୍ଧ ରହିଛି। ଏଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଗୋଟିଏ ଏସ୍ଏନ୍‌ସିୟୁ, ଗୋଟିଏ ସେଣ୍ଟ୍ରାଲ୍ ଆଇସିୟୁ, ଗୋଟିଏ ମେଡିକାଲ ଆଇସିୟୁ, ଗୋଟିଏ ହାଇବ୍ରିଡ୍ ଆଇସିୟୁ ରହିଛି। ନୂତନ ମେଡିକାଲ୍ କଲେଜ ହସ୍ପିଟାଲରେ ଦୈନିକ ୩୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ମେଡିସିନ୍ ବିଭାଗ ସ୍ଥାନାନ୍ତର ହୋଇଛି। ଆଗାମୀ ଦିନରେ ଅତ୍ୟାଧୁନିକ ମେଡିକାଲ ଯନ୍ତ୍ରପାତି ଓ ଅତ୍ୟାଧୁନିକ ମେସିନ ସରକାର ଯୋଗାଇ ଦେବାକୁ ଯାଉଛନ୍ତି। ଯଦ୍ୱାରା ସର୍ଜରୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ ବୋଲି ଏଫଏମ୍ ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ ପ୍ରଫେସର ଡା. ଜ୍ଞାନୀନ୍ଦ୍ର ନାଥ ବେହେରା ସୂଚନା ଦେଇଛନ୍ତି।



ଗୁଡ଼ ମର୍ଣ୍ଣିଂ

ଓଡ଼ିଶା

## ଓଡ଼ିଶା ଲଳିତ କଳା ଏକାଡେମୀ

# ଦୃଶ୍ୟକଳାର ମନ୍ଦିର

ଆମ ଓଡ଼ିଶାର ଚିତ୍ରଶିଳ୍ପୀ ଓ କାରିଗର ତଥା ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ରାଜ୍ୟ ତଥା ଦେଶ ବାହାରେ ପରିଚିତ କରିବାରେ ଓଡ଼ିଶା ଲଳିତ କଳା ଏକାଡେମୀ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଶିଳ୍ପୀ ଓ କାରିଗର ଏବଂ ସେମାନଙ୍କ କଳାକୁ ସବୁଠି ପରିଚିତ କରାଉଛି। ଚିତ୍ରକଳା ଓ ଭାସ୍କର୍ଯ୍ୟକଳା (ଦୃଶ୍ୟକଳା)କୁ ନେଇ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକ ଡିଗ୍ରୀ କଲାପରେ ଚୟନ କମିଟି ପକ୍ଷରୁ ତାଙ୍କ କଳା ଓ କାରିଗରୀକୁ ଗ୍ୟାଲେରୀରେ ସ୍ଥାନ ଦିଆଯାଇଥାଏ। ବିଭିନ୍ନ ଶିବିର ଆୟୋଜନ ଓ ପୁରସ୍କାର ମାଧ୍ୟମରେ ଉତ୍ସାହିତ କରିବା ଓ ତାଙ୍କୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାରେ ସାହାଯ୍ୟ କରିବା ଓଡ଼ିଶା ଲଳିତ କଳା ଏକାଡେମୀର ଲକ୍ଷ୍ୟ।

ପ୍ରସ୍ତୁତି: ସମ୍ପୂର୍ଣ୍ଣା





## ଶିଳ୍ପୀ ଚୟନ ପ୍ରକ୍ରିୟା

ଏକାଡେମୀ ପକ୍ଷରୁ ପ୍ରଥମେ ଏକ ଚୟନ କମିଟି ଗଠନ କରାଯାଇଥାଏ। ଶିଳ୍ପୀମାନଙ୍କୁ ପ୍ରଦର୍ଶନୀ ତଥା ଶିବିରରେ ଭାଗ ନେବା ପାଇଁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶିଳ୍ପୀମାନଙ୍କ ଦକ୍ଷତାକୁ ପର୍ଯ୍ୟାୟକ୍ରମେ ପରୀକ୍ଷା କରିବା ପରେ କମିଟି ଶିଳ୍ପୀମାନଙ୍କୁ ଚୟନ କରିଥାଏ। ସେମାନେ ପରବର୍ତ୍ତୀ ପ୍ରଦର୍ଶନୀ ଏବଂ ଶିବିରରେ ଭାଗ ନେଇ ନିଜ କଳାକୁ ପ୍ରଦର୍ଶିତ କରିଥାନ୍ତି।

## ଉତ୍ସାହିତ କରୁଛି ପୁରସ୍କାର

ପ୍ରତିବର୍ଷ ବିଭିନ୍ନ ଶିଳ୍ପୀଙ୍କୁ କଳା ଓ କାରିଗରୀ କ୍ଷେତ୍ରରେ ପ୍ରତି ଉତ୍ସାହିତ କରିବା ପାଇଁ ଲଳିତ କଳା ଏକାଡେମୀ ରାଜ୍ୟ ପୁରସ୍କାର ପ୍ରଦାନ କରିଥାଏ। ଏହି ପୁରସ୍କାର ୧୯୬୨ ମସିହାରୁ ପ୍ରତିବର୍ଷ ୮ ଜଣଙ୍କୁ ପ୍ରଦାନ କରାଯାଇ ଆସୁଥିଲା। ହେଲେ ଚଳିତବର୍ଷ ଠାରୁ ଏହି ପୁରସ୍କାର ୮ ଜଣ ପରିବର୍ତ୍ତେ ୧୨ ଜଣଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ପ୍ରତିବର୍ଷ କଳା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଜଣେ ଶିଳ୍ପୀଙ୍କୁ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'ଧର୍ମପଦ' ପୁରସ୍କାର ପ୍ରଦାନ କରାଯାଉଛି। ଏଥିସହିତ ଅନ୍ୟ ୫ ଜଣ ଶିଳ୍ପୀଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପୀ ସମ୍ବର୍ଦ୍ଧନା ଦିଆଯାଉଛି।








## ବର୍ଷସାରା ଶିଳ୍ପୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ

ଗୋଟିଏ ବର୍ଷ ମଧ୍ୟରେ ଶିଳ୍ପୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କଳା ସହ ଜଡ଼ିତ କରି ରଖାଯାଉଛି। ଏଥିପାଇଁ ଟେରାକୋଟା, ପଟ୍ଟଚିତ୍ର, ଲୋକକଳା, ପାରମ୍ପରିକ ଓ ଆଧୁନିକ ଚିତ୍ରକଳା, ସାମୂହିକ ଚିତ୍ରକଳା, ଆଦିବାସୀ ଚିତ୍ରକଳା ଆଦି ଶିବିର ଓ ପ୍ରଦର୍ଶନୀ ଆୟୋଜିତ ହେଉଛି।







## ଚିତ୍ରକଳା ଶିବିର

ଗୋଟିଏ ବର୍ଷରେ ୫ରୁ ୬ଟି ଶିବିର ଆୟୋଜିତ କରାଯାଇଥାଏ। ଯେଉଁଥିରେ ଶିଳ୍ପୀମାନଙ୍କୁ କଳାକୁ ନେଇ ପ୍ରଶିକ୍ଷଣ ଦିଆଯାଇଥାଏ। ଏହି ଶିବିର ରାଜ୍ୟ ବାହାରେ ମଧ୍ୟ ଅନୁଷ୍ଠିତ ହୋଇ ଆସୁଛି। ଫଳରେ ଶିଳ୍ପୀ ତଥା କାରିଗରମାନେ ନିଜ କାରିଗରୀ ସହ ଅନ୍ୟ ରାଜ୍ୟର କଳା ସଂସ୍କୃତିକୁ ବୁଝିବାର ସୁଯୋଗ ପାଇଥାନ୍ତି ଏବଂ ନିଜ କଳାକୁ ଲୋକଙ୍କ ପାଖରେ ପହଁଞ୍ଚାଇ ପରିଚୟ ତିଆରି କରିଥାନ୍ତି।

ଚିତ୍ର କଳା ଦୁଇ ପ୍ରକାରର। ଗୋଟାଏ ପାରମ୍ପରିକ ଚିତ୍ରକଳା ଓ ଅନ୍ୟଟି ହେଲା ଆଧୁନିକ ଚିତ୍ରକଳା। ଓଡ଼ିଶା ଲଳିତ କଳା ଏକାଡେମୀରେ ଉଭୟ ପାରମ୍ପରିକ ଓ ଆଧୁନିକ ଚିତ୍ରକଳାକୁ ଗୁରୁତ୍ୱ ଦିଆଯାଉଛି। ପାରମ୍ପରିକ ଭାବେ ଶିଳ୍ପୀମାନେ ଓଡ଼ିଶାର କଳା, ସଂସ୍କୃତି ସ୍ଥାପତ୍ୟକୁ ନିଜ କାରିଗରୀରେ ପ୍ରଦର୍ଶିତ କରିଥାନ୍ତି। ସେହିପରି ଶିଳ୍ପୀମାନେ ଆଧୁନିକ କଳାକୁ କିପରି ଉପସ୍ଥାପନା କରିପାରିବେ ସେ ଦିଗରେ ମଧ୍ୟ ଲଳିତକଳା ଏକାଡେମୀ ଅନ୍ୟରାଜ୍ୟରେ ଶିବିର ଆୟୋଜନ କରି ଶିଳ୍ପୀଙ୍କୁ ପ୍ରୋତ୍ସାହିତ କରି ଆସୁଛି। ଫଳରେ ସେମାନେ ଅନ୍ୟ ରାଜ୍ୟର ଲୋକଙ୍କ ସହ ଯୋଗାଯୋଗ କରି ସେଠାରେ ନିଜର ଏକ ପରିଚୟ ଗଢ଼ିବା ସହ ଓଡ଼ିଶାର କଳା ସଂସ୍କୃତିକୁ ମଧ୍ୟ ସେଠାରେ ପ୍ରଦର୍ଶିତ କରି ଆସୁଛନ୍ତି।





## ପ୍ରଦର୍ଶନୀ ପାଇଁ ପ୍ରଥମ ବିଦେଶ ଯାତ୍ରା

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶିବିର ଓ ପ୍ରଦର୍ଶନୀ ଆୟୋଜନ କରାଯାଉଛି। ସେହିପରି ଓଡ଼ିଶା ବାହରେ ଯଥା ବେଙ୍ଗାଲୁରୁ, କୋଲକାତା ଓ ଦିଲ୍ଲୀ ପରି ସ୍ଥାନରେ ଶିବିର ଆୟୋଜିତ ହୋଇସାରିଛି। ହେଲେ ପ୍ରଥମଥର ପାଇଁ ଚଳିତ ବର୍ଷ ବିଦେଶ ଯାତ୍ରା କରିଛନ୍ତି ଓଡ଼ିଶାର ଚିତ୍ରଶିଳ୍ପୀ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା କିଛି ଜନଜାତି ଶିଳ୍ପୀଙ୍କୁ ନେଇ ଲଳିତକଳା ଏକାଡେମୀ ଦୁବାଇ ପ୍ରଦର୍ଶନୀ ଆୟୋଜନ କରିଛି। ଆଗକୁ ଏହିପରି ଆହୁରି ଶିବିର ଓ ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ଏକାଡେମୀ ପ୍ରୟାସ କରୁଛି। ବାହାର ଦେଶରେ ଶିଳ୍ପୀ ଓ ସେମାନଙ୍କ କଳାକୃତିକୁ ପରିଚିତ କରାଇବା ଏହାର ମୁଖ୍ୟ ଉଦେଶ୍ୟ।



## ପଟ୍ଟଶିଳ୍ପୀଙ୍କ ଗାଁ

ଭାରତର ପୁରୀ ଜିଲ୍ଲାର ଏକ ଐତିହାସିକ ଗ୍ରାମଭାବେ ପରିଚିତ ରଘୁରାଜପୁର ତାର ପଟ୍ଟଚିତ୍ର ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହାର ମୁଖ୍ୟ ପଟ୍ଟଚିତ୍ର ଚିତ୍ରକରଙ୍କ ପାଇଁ ଜଣାଶୁଣା, ଏହି କଳାକୃତି ଯାହା ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଆରମ୍ଭ ହୋଇଥିଲା। ସେଠାକାର ପ୍ରତ୍ୟେକ ଘରେ ଜଣେ ଜଣେ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀଙ୍କୁ ଦେଖିବାକୁ ମିଳେ। ଏହି ଗ୍ରାମରେ ଟୁସର ପେଣ୍ଟିଂ, ତାଳପତ୍ର ଖୋଦନ, ପଥର ଖୋଦନ, କାଠ ଖୋଦନ, ଗୋବର ଖେଳନା, ପେପିଅର୍-ମ୍ୟାଚ୍ ଖେଳନା, ଏବଂ ମାସ୍କ ଭଳି ହସ୍ତଶିଳ୍ପ ରହିଛି। ଗ୍ରାମରେ ୧୨୦ରୁ ଅଧିକ ଘର ଅଛି, ଯେଉଁଠି ଅଧିକାଂଶ ମୂର୍ତ୍ତି ଓ ଚିତ୍ରରେ ସଜାଯାଇଛି। ଯେଉଁଠାରେ ଚିତ୍ରକରମାନେ ସେମାନଙ୍କ ପଟ୍ଟଚିତ୍ର କାରିଗରୀ ଅଭ୍ୟାସ କରନ୍ତି। ଶିଳ୍ପୀଙ୍କ ଦ୍ୱାରା ଏଠାରେ ପ୍ରତ୍ୟେକ ଘରର କାନ୍ଥରେ କାରୁକାର୍ଯ୍ୟ ଦେଖିବାକୁ ମିଳେ। ସେହି ଶିଳ୍ପୀମାନଙ୍କ ଶ୍ରେଷ୍ଠ କିଛି ଚିତ୍ରକଳାକୁ ଓଡ଼ିଶା ଲଳିତକଳା ଏକାଡେମୀ ସଂଗ୍ରହ କରି ଗ୍ୟାଲେରୀରେ ସ୍ଥାନ ଦେଇଛି। ପ୍ରତିବର୍ଷ ଏକାଡେମୀ ପକ୍ଷରୁ ରଘୁରାଜପୁରରେ କର୍ମଶାଳା ଆୟୋଜିତ ହେଉଛି। ସେଠାରେ ବର୍ଷକୁ ୨ ଥର କର୍ମଶାଳା ଆୟୋଜିତ ହୋଇଥାଏ। ପରେ ସେହି ଶିଳ୍ପୀଙ୍କ ପଟ୍ଟଚିତ୍ରକୁ ଅଣାଯାଇ ବୁଦ୍ଧ ଆର୍ଟ ଗ୍ୟାଲେରୀ ଓ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ରଖା ଯାଇଥାଏ। ଫଳରେ ଏହି ଗ୍ୟାଲେରୀ ବୁଲି ଆସୁଥିବା ଲୋକ ରଘୁରାଜପୁରର ପଟ୍ଟଚିତ୍ର ଦେଖିବାକୁ ସୁଯୋଗ ପାଉଛନ୍ତି।



## କଳିଙ୍ଗ ଆର୍ଟ ଗ୍ୟାଲେରୀ



ଭୁବନେଶ୍ୱରରେ ଦୁଇଟି ଗ୍ୟାଲେରୀ ମଧ୍ୟରୁ କଳିଙ୍ଗ ଆର୍ଟ ଗ୍ୟାଲେରୀ ଅନ୍ୟତମ। କଳିଙ୍ଗ ଆର୍ଟ ଗ୍ୟାଲେରୀକୁ ଭାରତର ସର୍ବବୃହତ ଗ୍ୟାଲେରୀ ମଧ୍ୟରୁ ଅନ୍ୟତମ। ଏହି ଗ୍ୟାଲେରୀଟି ୨୦୨୨ ଜାନୁଆରୀରେ ପ୍ରତିଷ୍ଠା ହୋଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଠାରେ ବରିଷ୍ଠ ଚିତ୍ରଶିଳ୍ପୀ ଓ ଦିବଙ୍ଗତ ଚିତ୍ରଶିଳ୍ପୀଙ୍କ ଶେଷଚିତ୍ରକୁ ସ୍ଥାନ ଦିଆଯାଉଛି। ଏହା ସହିତ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀଙ୍କର ମଧ୍ୟ ପ୍ରଦର୍ଶିତ କରାଯାଉଛି। ଏଠାରେ ଗୋଟିଏ ସମୟରେ ୨୫୦ଟି କଳା ଓ ଭାସ୍କର୍ଯ୍ୟ ସ୍ଥାନ ପାଇପାରୁଛି। ବର୍ତ୍ତମାନ ସୁଦ୍ଧା ଏଠାରେ ୨୦ଟି ପ୍ରଦର୍ଶନୀ ଆୟୋଜିତ ହେଲାଣି। ଯେଉଁଥିରେ ପ୍ରତ୍ୟେକଥର ସେହି ୨୫୦ଟି ଚିତ୍ର ବଦଳାଯାଇ ଆଉ ୨୫୦ଟି ଶିଳ୍ପୀଙ୍କ କଳାକୁ ସ୍ଥାନ ଦିଆଯାଇଥାଏ। ଏହା ସହିତ ଯଦି କୋଣସି ବାହାର ଶିଳ୍ପୀ ଏକକଚିତ୍ର ପ୍ରଦର୍ଶିତ କରିବାକୁ ଚାହିଁଲେ ସେମାନଙ୍କୁ ମଧ୍ୟ ସୁଯୋଗ ଦିଆଯାଉଛି।



## ମହିଳା ଚିତ୍ରଶିଳ୍ପୀ ଶିବିର

ଅନେକ ମହିଳା ଚିତ୍ରଶିଳ୍ପୀ କଳା ଓ କାରିଗରୀକୁ ଆପଣାଇ ନିଜର ଏକ ପରିଚୟ ସୃଷ୍ଟି କରିବାରେ ସଫଳ ହେଉଛନ୍ତି। ଏ ଦିଗରେ ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି। କେବଳ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। କେବଳ ସେତିକି ନୁହେଁ ମହିଳା ଦିବସ ଅବସରରେ ସେମାନଙ୍କ ପାଇଁ ତିନିଦିନିଆ ଚିତ୍ରକଳା ଶିବିର ଆୟୋଜନ କରାଯାଉଛି। ଏହି ଶିବିରରେ ମହିଳା ଶିଳ୍ପୀମାନେ ନିଜ ନିଜ ଶ୍ରେଷ୍ଠ ଚିତ୍ରକଳା ପ୍ରଦର୍ଶିତ କରୁଛନ୍ତି।

## "ସଚିବଙ୍କ ମତାମତ

ଓଡ଼ିଶା ଲଳିତକଳା ଏକାଡେମୀ ପ୍ରଥମରୁ ହିଁ ଶିଳ୍ପୀମାନଙ୍କୁ ତାଙ୍କ କଳା ମାଧ୍ୟମରେ ସବୁଠି ପରିଚିତ କରାଇବାରେ ପ୍ରୟାସ କରିଆସୁଛି। ଯେଉଁମାନେ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତିକୁ ନେଇ ନିଜ କଳା ମାଧ୍ୟମରେ ଉପସ୍ଥାପନା କରୁଛନ୍ତି, ସେମାନଙ୍କୁ କିପରି ଆଗକୁ ଆଣି ସବୁଠି ଏକ ପରିଚୟ ଦେଇହେବ ସେ ଦିଗରେ ଆମେ ସଦା ସର୍ବଦା କାମ କରୁଛୁ। ଏହା ସହିତ ଆଗାମୀ ପିଢ଼ିକୁ ମଧ୍ୟ ଚିତ୍ରକଳା ଓ କାରିଗରୀ ଦିଗରେ ଆଗକୁ ଆସିବାକୁ ବିଭିନ୍ନ ଶିବିର ଓ ପ୍ରଦର୍ଶନୀ ମାଧ୍ୟମରେ ପ୍ରୋତ୍ସାହିତ କରୁଛୁ। କଳା ମାଧ୍ୟମରେ ଜଣେ ଶିଳ୍ପୀ କିପରି ଅନ୍ୟ ରାଜ୍ୟ ତଥା ଦେଶରେ ପରିଚୟ ସୃଷ୍ଟି କରିପାରିବ ସେ ଦିଗରେ ମଧ୍ୟ ଏକାଡେମୀ ନିଜ ପ୍ରୟାସ ଜାରି ରଖିଛି। ଭବିଷ୍ୟତରେ ଏପରି ଶିଳ୍ପୀ ଅହୁରି ଆସନ୍ତୁ, ଏହାହିଁ କାମନା।


**ପଞ୍ଚାନନ ସାମଲ,**
**ସଚିବ, ଓଡ଼ିଶା ଲଳିତକଳା ଏକାଡେମୀ**

## ଋତୁ ଅନୁଯାୟୀ ପ୍ରଦର୍ଶନୀ

ଏକାଡେମୀ ପକ୍ଷରୁ ବିଭିନ୍ନ ଋତୁ ଅନୁଯାୟୀ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ କରାଯାଇଥାଏ। ଯେପରି ବସନ୍ତରେ ପ୍ରଦର୍ଶନୀର ବିଷୟ ବସ୍ତୁ ବସନ୍ତ ଉତ୍ସବ ରହିଥାଏ। ଯେଉଁଥିରେ ଶିଳ୍ପୀ ନିଜ କଳା ମାଧ୍ୟମରେ ବସନ୍ତକୁ ତୂଳୀ ସାହାଯ୍ୟରେ ବର୍ଣ୍ଣନା କରିଥାଏ। ବସନ୍ତର ପ୍ରତୀକ ପତ୍ରଝରା। ସେହି ଅନୁଭୂତିକୁ ସେ ଚିତ୍ର ସାହାଯ୍ୟରେ ଉପସ୍ଥାପନା କରିଥାଏ। ସେହପରି ବର୍ଷା ଋତୁରେ ମେଘ ମହ୍ଲାର, ମେଘରେ ମେଘରେ ଆଦି ଶିଳ୍ପୀଙ୍କ ପାଇଁ ପ୍ରଦର୍ଶନୀର ବିଷୟବସ୍ତୁ ରହିଥାଏ। ଏଥିରେ ଶିଳ୍ପୀ ମେଘକୁ ନିଜ ଶୈଳୀରେ ତୂଳୀରେ ମେଘର ସ୍ପର୍ଶ ଦେଇ ଭିନ୍ନ ଭିନ୍ନ ରୂପ ଆଙ୍କିଥାଏ। ଅନ୍ୟ ଦିବସ ଓ ପର୍ବ ଅନୁଯାୟୀ ମଧ୍ୟ ଏକାଡେମୀ ପ୍ରଦର୍ଶନୀର ଆୟୋଜନ କରେ। ଯେପରି ସ୍ୱାଧୀନତା ଦିବସ, ମହିଳା ଦିବସ ଇତ୍ୟାଦି। ଏହି ଶିବିରଗୁଡ଼ିକରେ ମୋଟ ୨୦ରୁ ୨୫ ଶିଳ୍ପୀ ଭାଗ ନେଇ ପାରିବେ।









## ଖୋଲିବ ଆଉ ୫ଟି ଜିଲ୍ଲାସ୍ତରୀୟ ଗ୍ୟାଲେରୀ

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ପ୍ରତିମାସ ବିଭିନ୍ନ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରୁଛି। ଯେଉଁଥିରେ ଶିଳ୍ପୀମାନେ ନିଜର ଶ୍ରେଷ୍ଠ କଳାକୃତିକୁ ପ୍ରଦର୍ଶିତ କରାଉଛନ୍ତି। ଏହି ପ୍ରଦର୍ଶନୀ ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ ମଧ୍ୟ ଆୟୋଜିତ କରାଯାଉଛି। ଏହା ସହିତ ବିଭିନ୍ନ ପ୍ରଦର୍ଶନୀରେ ଭାଗ ନେବା ସହ କିପରି ଲୋକଙ୍କ ସହ ସେମାନେ ଭଲ ଯୋଗାଯୋଗ ରଖିପାରିବେ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଅପରପକ୍ଷେ ବର୍ତ୍ତମାନ ଭୁବନେଶ୍ୱରରେ ଲଳିତକଳା ଏକାଡେମୀର ଦୁଇଟି ରାଜ୍ୟସ୍ତରୀୟ ଆର୍ଟ ଗ୍ୟାଲେରୀ ରହିଛି। ସେଥିରୁ ଗୋଟାଏ ଗ୍ୟାଲେରୀ କଳିଙ୍ଗ ଆର୍ଟ ଗ୍ୟାଲେରୀ ନାମରେ କଳ୍ପନା ଛକସ୍ଥିତ ଲଳିତକଳା ଏକାଡେମୀ ପରିସର ମଧ୍ୟରେ ରହିଥିବା ବେଳେ ଓ ଅନ୍ୟଟି ବୁଦ୍ଧ ଆର୍ଟ ଗ୍ୟାଲେରୀ ନାମରେ ନୀଳାଦ୍ରିବିହାରରେ ରହିଛି। ଏହାବ୍ୟତୀତ ଆଉ ୬ଟି ଜିଲ୍ଲାସ୍ତରୀୟ ଗ୍ୟାଲେରୀ କୋରାପୁଟ, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ବାଲେଶ୍ୱର ଓ ବଲାଙ୍ଗୀରରେ ନିକଟରେ ଉଦ୍‌ଘାଟିତ ହୋଇଛି। ସେହିପରି ଆସନ୍ତା ଦିନରେ ଆଉ ୫ଟି ଜିଲ୍ଲା ଯଥା କଟକ, ମୟୂରଭଞ୍ଜ, ସୁନ୍ଦରଗଡ଼, ସୋନପୁର ଓ ଯାଜପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଗ୍ୟାଲେରୀ ଖୋଲାଯିବାର ଯୋଜନା ରହିଛି।

ଓଡ଼ିଶାର ଦିବଗତ ସୁନାମଧନ୍ୟ ଚିତ୍ରଶିଳ୍ପୀମାନଙ୍କ ଶ୍ରେଷ୍ଠ ଚିତ୍ରକଳା ସହ ବର୍ତ୍ତମାନର ଜଣାଶୁଣା ଚିତ୍ରଶିଳ୍ପୀ ଯେଉଁମାନେ ରାଜ୍ୟ ତଥା ରାଜ୍ୟବାହାରେ ବେଶ୍ ପ୍ରସିଦ୍ଧି ଲାଭ କରୁଛନ୍ତି ସେମାନଙ୍କ ଶ୍ରେଷ୍ଠ କଳାକୁ ଏଠାରେ ସ୍ଥାନ ଦିଆଯାଇଥାଏ। ଏଠାରେ ବିଭିନ୍ନ ଜିଲ୍ଲାର ଶିଳ୍ପୀଙ୍କ ଚିତ୍ର ମଧ୍ୟ ପ୍ରଦର୍ଶିତ ହେଉଛି।




## ବୁଦ୍ଧ ଆର୍ଟ ଗ୍ୟାଲେରୀ



ରାଜଧାନୀର ନୀଳାଦ୍ରି ବିହାରଠାରେ ରହିଛି ଓଡ଼ିଶାର ପ୍ରଥମ ଆର୍ଟ ଗ୍ୟାଲେରୀ। ବୁଦ୍ଧ ପାର୍କକୁ ଲାଗି ରହିଛି ଏହି ବୁଦ୍ଧ ଆର୍ଟ ଗ୍ୟାଲେରୀ। ପ୍ରାକୃତିକ ପରିବେଶରେ ସ୍ଥାନିତ ଏହି ଗ୍ୟାଲେରୀକୁ ପ୍ରବେଶ କଲେ ବାମ ପଟେ ପଥରର ସୁନ୍ଦର କାରୁକାର୍ଯ୍ୟ ଦେଖିବାକୁ ମିଳେ। ସେହି ପଥରରେ ଆଦିବାସୀ ଚିତ୍ରକଳା ବେଶ ଆକର୍ଷଣୀୟ ଦେଖାଯାଉଛି। ଏହି ଗ୍ୟାଲେରୀରେ ୪ଟି ବଡ଼ ବଡ଼ ହଲ୍ ରହିଛି। ଯେଉଁଠି ଶିଳ୍ପୀମାନେ ନିଜ ଚିତ୍ରକଳାକୁ ପ୍ରଦର୍ଶିତ କରୁଛନ୍ତି। ହଲରେ ବର୍ତ୍ତମାନ ୫୫ଟି ଚିତ୍ରକଳା ପ୍ରଦର୍ଶିତ ହେଉଛି। ଏଠାରେ ୨୦୦ଟି ଚିତ୍ରକଳା ପ୍ରଦର୍ଶିତ ହୋଇପାରିବାର ବ୍ୟବସ୍ଥା ରହିଛି। ଯାହା କି ସମୟ ସମୟରେ ଅନ୍ୟ ଶିଳ୍ପୀମାନଙ୍କ ଚିତ୍ର ସହ ବଦଳା ଯାଇଥାଏ। କେବଳ ଯେ ଓଡ଼ିଶା ତାହା ନୁହେଁ ଅନ୍ୟ ରାଜ୍ୟରୁ ମଧ୍ୟ ଶିଳ୍ପୀମାନେ ଆସି ପଞ୍ଜୀକରଣ କଲାପରେ ଏଠାରେ ଆୟୋଜିତ ହେଉଥିବା ପ୍ରଦର୍ଶନୀ ଓ ଶିବିରରେ ଭାଗ ନେଇଥାନ୍ତି। ସେହିପରି କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ପ୍ରଦର୍ଶନୀରେ ଭାଗ ନେବାକୁ ସୁଯୋଗ ଦିଆଯାଏ। ଏହି ପ୍ରଦର୍ଶନୀ ପ୍ରତି ମାସ ଆୟୋଜିତ ହେଉଛି ଏବଂ କିଛି ପ୍ରଦର୍ଶନୀ ଗୋଟେ ସପ୍ତାହ ପର୍ଯ୍ୟନ୍ତ ଚାଲିଥାଏ। ଯାହାକୁ ଦେଖିବା ପାଇଁ ଗବେଷକଙ୍କ ଠାରୁ ଗବେଷଣାରତ ଛିତ୍ରଛାତ୍ରୀ ଓ ଜନସାଧାରଣଙ୍କ ସମାଗମ ହୋଇଥାଏ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ

ଭିନ୍ନ ଭିନ୍ନ ଜିଲ୍ଲାର ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ପାଖରେ ପହଞ୍ଚିବା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆରମ୍ଭ ହୋଇଛି ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ। ଯେଉଁ ଶିଳ୍ପୀମାନେ ଅନ୍ୟ ସ୍ଥାନରେ ହେଉଥିବା ପ୍ରଦର୍ଶନୀ ଓ ଶିବିରକୁ ଆସି ପହଞ୍ଚିପାରୁ ନାହାନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଏହି ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ୨୦୨୩ ଡିସେମ୍ବରରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଯାହା ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ପହଞ୍ଚି ପାରିଥିଲା। ଏଥିରେ ୧୨୦ଟି ଶିଳ୍ପୀଙ୍କ ଚିତ୍ରକଳା ସ୍ଥାନ ପାଇଥିଲା। ପ୍ରତି ଜିଲ୍ଲାରେ ଥିବା ଯୁବ ଶିଳ୍ପୀଙ୍କ ମଧ୍ୟରେ କଳା ପ୍ରତି ଆଗ୍ରହ ବଢ଼ାଇବା ହିଁ ହେଉଛି ଏକାଡେମୀର ଉଦ୍ଦେଶ୍ୟ । ଏହିପରି ପ୍ରତ୍ୟେକ ବର୍ଷ ଆୟୋଜିତ ହେଉଥିବାବେଳେ ପ୍ରତିବର୍ଷ ଶତାଧିକ ଶିଳ୍ପୀ ଭାଗନେଇସେମାନଙ୍କ କୃତି ପ୍ରଦର୍ଶନ କରୁଛନ୍ତି ଓ ପରବର୍ତ୍ତୀ ସମୟରେ ସେଗୁଡ଼ିକ ଗ୍ୟାଲେରି ସ୍ଥାନିତ ହେଉଛି।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



# ଶାନ୍ତି ବାଣ୍ଟୁଛି ଶାନ୍ତିଝରେ



ହୃଦାନନ୍ଦ ଜେନା

ଶୀତଦିନରେ ପିକନିକର ମଜା ନେବା ପାଇଁ ଏଠାରେ ଲୋକଙ୍କ ଭିଡ଼ ଜମୁଛି। ବଣଭୋଜି ସାଙ୍ଗକୁ ଭ୍ରମଣର ମଜା, ଦେବ ଦେବୀ ଦର୍ଶନ ଓ ଛୋଟ ଛୋଟ ପିଲାଙ୍କ ପାଇଁ ରହିଛି ଶିଶୁ ଉଦ୍ୟାନ। ବ୍ୟସ୍ତବହୁଳ ଜୀବନକୁ କିଛି କ୍ଷଣ ପାଇଁ ବିଶ୍ରାମ ଦେବା ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ଝରଣାରେ ଗାଧୋଇବା ସାଙ୍ଗକୁ ଶାନ୍ତିର ସହକାରେ ଠାକୁରଙ୍କ ନିକଟରେ ସମୟ କଟାଇବା ପାଇଁ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସି ଭିଡ଼ ଜମାନ୍ତି।



ବ୍ୟସ୍ତ ବହୁଳ ଜୀବନ ଭିତରେ ଆଧୁନିକ ମଣିଷ ଟିକେ ଶାନ୍ତି ଖୋଜିବାରେ ବ୍ୟସ୍ତ। ସତେ ଯେମିତି ନୈସର୍ଗିକ ଶୋଭାର ଭଣ୍ଡାର ଶାନ୍ତିଝର ତାହାର ପ୍ରକୃତ ଠିକଣା। ଗଞ୍ଜାମ ଜିଲ୍ଲାର ଧରାକୋଟ ଗଡ଼ ନିକଟରେ ଅବସ୍ଥିତ ଅପରୂପ ଶୋଭାରାଜିରେ ପରିପୂର୍ଣ୍ଣ ଶାନ୍ତିଝର ପୀଠ। ଶାନ୍ତ କାନ୍ତ ପରିବେଶ ସାଙ୍ଗକୁ ଝରଣାର କୁଳୁକୁଳୁ ନାଦ, ଭଳିକି ଭଳି ବୃକ୍ଷରାଜିରେ ପରିପୂର୍ଣ୍ଣ ଏହାର ପ୍ରାକୃତିକ ପରିବେଶ। ଶାନ୍ତିଝରକୁ ଅଧିକ ଆକର୍ଷଣୀୟ କରୁଛି ନିକାଞ୍ଚନ ସ୍ଥାନରେ ମୟୂର ମାନଙ୍କ ନୃତାୟନ ଦୃଶ୍ୟ। ବ୍ରହ୍ମପୁର ଠାରୁ ଖରୀଆର ରୋଡ ଜାତୀୟ ରାଜପଥ ୫୯ରେ ୫୫ କିମି ଏବଂ ଆସିକା ଠାରୁ ମାତ୍ର ୧୫ କିମି ଅତିକ୍ରମ କଲେ ରହିଛି ଶାନ୍ତିଝର ପୀଠ। ସମ୍ପୂର୍ଣ୍ଣ ଜଙ୍ଗଲୀ ପରିବେଶରେ ଥିବା ଏହି ସ୍ଥାନର ନିମ୍ନ ଦେଶରେ ରହିଛି ମା'କଠୁଲିଆଙ୍କ ମନ୍ଦିର। ମଧ୍ୟ ଭାଗରେ ମା ରାଜ ରାଜ ଗଡ଼ଚଣ୍ଡିଙ୍କ ବାସସ୍ଥଳୀ ଏବଂ ସବା ଉପରେ ହନୁମାନ ବାଟିକା। ଇତିହାସକୁ ଅବଲୋକନ କଲେ ଜଣାଯାଏ ଘଞ୍ଚ ଜଙ୍ଗଲ ସୁଳିଆ ପାହାଡ଼ର କେଉଁ ଏକ ଅଜଣା ସ୍ଥାନରୁ ଝରି ଆସୁଛି ଶାନ୍ତିଝର। ଧରାକୋଟ ଆଖ ପାଖ ଗାଁର ଲୋକେ ଶୁଳିଆ ପାହାଡ ଉପରେ ଥିବା ମା ଦୁର୍ଗାଦେବୀଙ୍କ ପୀଠକୁ ଆଷାଢ଼ ମାସରେ ଯିବା ପାଇଁ ଯାତ୍ରା ଆରମ୍ଭ କରିବା ବେଳେ ଏବଂ ଜଙ୍ଗଲକୁ କାଠ କାଟିବା ପାଇଁ ଯିବାବେଳେ ନିରାପଦ ଓ ଅକ୍ଷତ ଭାବରେ ଜଙ୍ଗଲରୁ ଫେରିବା ପାଇଁ ପୀଠର ନିମ୍ନଭାଗରେ ମା କାଠୁଲିଆ ଦେବୀଙ୍କୁ ସ୍ଥାପନ କରିଥିଲେ। ବିଶ୍ୱାସ ରହିଛି ଜଙ୍ଗଲକୁ ଯିବାବେଳେ ଶୁଭ ମନାସି ଯାତ୍ରା ଆରମ୍ଭ କରିବା ପୂର୍ବରୁ ମାଙ୍କୁ ମୁଣ୍ଡିଆଟିଏ ମାରି ଯାଉଥିବା ଲୋକେ ଆଜି ପର୍ଯ୍ୟନ୍ତ ନିରାପଦ ଓ ଅକ୍ଷତ ଭାବରେ ବାହୁଡ଼ି ଆସୁଛନ୍ତି। ଯାହାକି ଏହି ପୀଠର ବିଶ୍ୱାସ ଓ ଭକ୍ତିକୁ ଦ୍ୱିଗୁଣିତ କରିଛି। ଶାନ୍ତ କାନ୍ତ ପ୍ରାକୃତିକ ପରିବେଶ ସାଙ୍ଗକୁ ଯୋଡ଼ିହୋଇ ରହିଛି ଆଧ୍ୟାତ୍ମିକ ପରିବେଶ। ବଣ ଭୋଜି ପାଇଁ ମଝିରେ ମଝିରେ ପିଣ୍ଡି ଓ ପାଇପ ଲାଇନ ଦ୍ୱାରା ଜଳ ନିମ୍ନ ଭାଗକୁ ଅଣାଯାଇଥିବା ଯୋଗୁଁ ଏହା ରୋଷେଇ ପାଇଁ ଉପଯୋଗୀ ସାବ୍ୟସ୍ତ ହେଉଛି। ଏତେ ସବୁ ଆମୋଦ ପ୍ରମୋଦ ସୁବିଧା ରହିଥିଲେ ମଧ୍ୟ ସରକାରଙ୍କ ଶୁଭଦୃଷ୍ଟି ଏହି ସ୍ଥାନ ଉପରେ ପଡ଼ିନାହିଁ। ସରକାରଙ୍କ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନ ପାଇନାହିଁ। ଯାହା ଫଳରେ ଏହାର ପାରିପାର୍ଶ୍ୱିକ ବିକାଶ ହୋଇପାରିନାହିଁ। ଏଣୁ ଧରାକୋଟ ଅଞ୍ଚଳର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଯେପରି ଉନ୍ନତି ହେବା କଥା ତାହା ହୋଇପାରୁନାହିଁ। ପ୍ରଶାସନ ତରଫରୁ ଶାନ୍ତିଝରର ଉନ୍ନତି ପାଇଁ ପଦକ୍ଷେପ ନିଆଗଲେ ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବା ସହ ଅଧିକ ଆକର୍ଷଣୀୟ ହେବ ଏବଂ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିବ।



ଶୁଭାଶିଷ ପାଢ଼ୀ

# ଶଙ୍ଖଜିନୀଙ୍କ ପରିଚୟ ଜୁଚୁନି ଓ ରାଜମା

ଶଙ୍ଖଜିନୀଙ୍କ କହିବା ଅନୁସାରେ ସେ ସ୍ୱାବଲମ୍ବୀ ହେବାକୁ ମନ କରିଥିଲେ। ଘରେ ଏକ ଗ୍ରୋସରୀ ଦୋକାନ କରିଥିଲେ। ଜେରକ୍ସ ମେସିନ ସହ ଖଲିଦନା ତିଆରି ମେସିନ ମଧ୍ୟ ବସାଇଥିଲେ। ସେଥିରୁ କିଛି ଅର୍ଥ ରୋଜଗାର ଆରମ୍ଭ ହେଲା। ପରେ ପରିବାର କରୁଥିବା ଚାଷ ଦେଖି ସେ ମଧ୍ୟ ମନ ବଳାଇଥିଲେ ଓ ଚାଷକାମକୁ ଆପଣେଇ ନେଇଥିଲେ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଠାକୁରମାଲ ଗ୍ରାମର ଶଙ୍ଖଜିନୀ ପଟେଲ। ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ଏକ ଚାଷୀ ପରିବାରେ ବିବାହ ହୋଇଥିଲେ। ବିବାହ ସମୟରେ ସ୍ୱାମୀ ଓ ଶ୍ୱଶୁର କେବଳ ଧାନ ଚାଷ କରି ପରିବାର ପୋଷଣ କରୁଥିଲେ। ରୋଗପୋକ ଓ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ନଷ୍ଟ ହେଉଥିଲା। ଖର୍ଚ୍ଚାନ୍ତ ହେଉଥିଲେ, କ୍ଷତି ସହୁଥିଲେ। ବାରମ୍ବାର ଏଭଳି ହେବା ପରେ ସ୍ୱାମୀଙ୍କୁ ଚାଷ ବିବିଧତା ସମ୍ପର୍କରେ କହିଥିଲେ। ଧାନ ସହିତ ପନିପରିବା, ଶାଗ, ଡାଲି ଜାତୀୟ ଫସଲ ଚାଷ କରିବାକୁ ଉତ୍ସାହିତ କରିଥିଲେ। ନିଜେ ମଧ୍ୟ ୨୦୧୦ ମସିହାରୁ ଚାଷ କରିବାକୁ ଓହ୍ଲାଇଥିଲେ। ସ୍ୱାମୀଙ୍କୁ ପୂରା ସହଯୋଗ କରିଥିଲେ। ଧିରେ ଧୀରେ ସମୟ ବିତିଯାଇଛି। ସମୟ ସହିତ ଚାଷ କରିବା ପ୍ରଣାଳୀ ଓ ଫସଲରେ ପରିବର୍ତ୍ତନ ହୋଇଛି। ବଜାର ଚାହିଦା ଅନୁସାରେ ଚାଷ କରି ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ଏବେ ଶଙ୍ଖଜୀନି ଜୁଚୁନୀ, ରାଜମା, ରଙ୍ଗିନ ପନିପରିବା, ମୁଗ, ଶାଗ, ଡାଲି ଜାତୀୟ ଫସଲ କରି ବେଶ ଲାଭବାନ ହୋଇପାରୁଛନ୍ତି। ତାଙ୍କର ଉତ୍ପାଦିତ ଫସଲ ନିଜେ ତାଙ୍କ ସ୍ୱାମୀ ନେଇ ସହରରେ ବିକ୍ରି କରୁଛନ୍ତି। ନିଜେ ରୋଜଗାର କ୍ଷମ ହେବା ସହ ଅନ୍ୟପରିବାରଙ୍କୁ ମଧ୍ୟ ରୋଜଗାର ଦେଇଛନ୍ତି। ଶଙ୍ଖଜୀନିଙ୍କ କହିବା ଅନୁସାରେ ସେ ଗ୍ରାମର ଶୁଭଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ। ମିଶନ ଶକ୍ତିରେ ସାମିଲ ହେବା ପରେ ସରକାରଙ୍କ ପକ୍ଷରୁ ସହାୟତା ମିଳିବା ଆରମ୍ଭ ହୋଇଥିଲା। ଉଦ୍ୟାନ କୃଷି, କୃଷି, ଚିପିଲିମା କୃଷି ବିଜ୍ଞାନ କେନ୍ଦ୍ର ସହିତ ସିଧାସଳଖ ଯୋଡ଼ି ହୋଇଥିଲେ। ସେମାନଙ୍କ ପରାମର୍ଶ କ୍ରମେ ଅଣମୌସୁମୀ ଚାଷ କରି ଅଧିକ ରୋଜଗାର କରିପାରୁଛନ୍ତି। ବଜାରରେ ଯେଉଁ ପରିବାର ଅଧିକ ଦର ରହେ ତାହା ଚାଷ କରନ୍ତି। ଏବେ ରାଜମା, ଜୁଚୁନୀ, ରଙ୍ଗିନ କୋବି ଚାଷ କରୁଛନ୍ତି। ରାଜମା ଓ ଜୁଚୁନୀ ଚାଷ ପାଇଁ ମଞ୍ଜି ଓ ପ୍ରଣାଳୀ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଗତବର୍ଷ ପରୀକ୍ଷାମୂଳକ ଭାବେ କରିଥିଲେ ଅମଳ ଭଲ ହୋଇଛି। ଏବେ ଅଧିକ ପରିମାଣ ଜମିରେ ଚାଷ କରିବେ। ଜୁଚୁନୀ ଗୋଟାକ ୩୦ଟଙ୍କାରେ ବିକ୍ରି ହୋଇଥିଲା। ଏହି କଖାରୁକୁ ତରକାରୀ କରି ଖାଇବା ସହ ସାଲାଡ୍ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ଏହି ଚାଷ ଆମ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ ନୂତନ ପରିଚୟ ଦେଇଛି ବୋଲି କହିଥିଲେ। ଏହାପୂର୍ବରୁ ବ୍ରୋକୋଲି ଚାଷ କରି ଉକ୍ତ ଗୋଷ୍ଠୀର ସଦସ୍ୟାମାନେ ଓ ଶଙ୍ଖଜିନୀ କୃଷି ବିଭାଗ ଦ୍ୱାରା ପୁରସ୍କୃତ ହୋଇସାରିଛନ୍ତି। ୨୦୨୦ରୁ ଗୋଷ୍ଠୀର ମା' ଶୁଭଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଚାଷରେ ସହଯୋଗ କରିଥିଲେ। ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ପ୍ରଦର୍ଶନୀରେ ସଦସ୍ୟାମାନଙ୍କ ଦ୍ୱାରା ଚାଷ କରାଯାଇଥିବା ବ୍ରୋକୋଲି ସହ ରଙ୍ଗୀନ କୋବିର ବେଶ ଚାହିଦା ଥିଲା। କାରଣ ଜୈବିକ ପଦ୍ଧତିରେ ସମସ୍ତ ଚାଷ ହୋଇଥିଲା। ନିଜ ଉଦ୍ୟମରେ ଶଙ୍ଖଜିନୀ ଚାଷରେ ବେଶ୍ ସଫଳ ହୋଇପାରିଛନ୍ତି। ଉପଯୁକ୍ତ ତାଲିମ୍ ନେବା ପାଇଁ କଲିକତା, ଦିଲ୍ଲୀ ଭଳି ଅନ୍ୟ ରାଜ୍ୟକୁ ପରିଦର୍ଶନ କରି ନୂତନ ପ୍ରଣାଳୀରେ ଚାଷ ଉପରେ ତାଲିମ ନେଇଛନ୍ତି। ଶଙ୍ଖଜିନୀ ଓ ତାଙ୍କ ଗୋଷ୍ଠୀ ଚାଷରେ କୃଷି ଯନ୍ତ୍ରପାତି ନୂତନ ଜ୍ଞାନ କୌଶଳରେ ଚାଷ କରି ରାଜ୍ୟ ସରକାରଙ୍କ ପାଖରୁ ମଧ୍ୟ ପୁରସ୍କାର ପାଇଛନ୍ତି। ଗତବର୍ଷ ଠାରୁ କୃଷିମିତ୍ର ଭାବେ କାର୍ଯ୍ୟ କରୁଥିବା ଶଙ୍ଖଜିନୀ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଭୁବନେଶ୍ୱରରେ ଦୂରଦର୍ଶନ କେନ୍ଦ୍ରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଭିଡିଓ କନଫରେସିଂ ଯୋଗେ ଆଲୋଚନା କରିଥିଲେ।



# ବାହାଘରର ସ୍ୱତନ୍ତ୍ର ପରମ୍ପରା 'ଦୁଲା ନଚା'



ବିରେନ ନାଗ



ଶୁଭ ବିବାହ, ଏହା ଏକ କାର୍ଯ୍ୟକ୍ରମ ନୁହେଁ। ଅଚିହ୍ନା, ଅଜଣା ଦୁଇଟି ମନ ମିଶି ନୂଆ ସଂସାର ଗଢିବାର ଲୋକ ପରମ୍ପରା। ବଂଶରକ୍ଷା ପାଇଁ ବଂଶାନୁକ୍ରମିକ ଭାବରେ ପାଳନ କରାଯାଉଥିବା ପବିତ୍ର ବିଧି, ପଦ୍ଧତି ହେଉଛି ବାହାଘର। ଧର୍ମ, ଜାତି, ସମାଜ ଅନୁସାରେ ଭିନ୍ନ ସ୍ଥାନରେ ଭିନ୍ନ ପରମ୍ପରା ରହିଛି। ବେଦ୍ୟାରମ୍ଭ, ଦେଗଣସନ, ବରାନୁଗମନ, ବିବାହ ପାଣିଗ୍ରହଣ, ସାମୂହିକ ଭୋଜନ ଏମିତି ଅନେକ କିଛି। ଇତିମଧ୍ୟରେ ଏମିତି ପରମ୍ପରା ରହିଛି ଯେଉଁଥିରେ ଆମ ଅଞ୍ଚଳର ଲୋକ ସଂସ୍କୃତି, ଲୋକକଳା, ସାହିତ୍ୟ ଉଜ୍ଜିବୀତ ହୁଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ବାହାଘରେ କରାଯାଉଥିବା ଏଭଳି ଏକ ସ୍ୱତନ୍ତ୍ର ପରମ୍ପରା ହେଉଛି 'ଦୁଲା ନଚା'।

ଆଦିବାସୀ ବହୁଳ ପଶ୍ଚିମ ଓଡ଼ିଶା। ଏଠାକାର ଆଦିବାସୀ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କରାଯାଉଥିବା ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକ ସଂସ୍କୃତିକୁ ପ୍ରାଧାନ୍ୟ ଦିଅନ୍ତି। ଏହି ଅଞ୍ଚଳରେ ବାହାଘର ସମୟରେ କରାଯାଉଥିବା ସ୍ୱତନ୍ତ୍ର ପରମ୍ପରା ହେଉଛି ଦୁଲା ନଚା। କେତେକ ସ୍ଥାନରେ ଏହାକୁ ଦୁଲା ନଚା ବୋଲି କୁହାଯାଉଥିବାବେଳେ ଆଉ କିଛି ସ୍ଥାନରେ ଦୁରଲା ନଚା ବୋଲି ମଧ୍ୟ କୁହାଯାଏ। ବରଯାତ୍ରୀ ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଏହି ବିଧି କରାଯାଇଥାଏ। ବାହାଘର ସମୟରେ ମିଳିତ ହୋଇଥିବା ବନ୍ଧୁବାନ୍ଧବ, ପରିଜନ ବରପିଲା କିମ୍ବା ବରକନ୍ୟାକୁ ସାଙ୍ଗରେ ଧରି ଲୋକବାଦ୍ୟ (ଗଣାବଜା) ର ତାଳେତାଳେ ନାଚଗୀତ କରନ୍ତି। ଏହାର ନାନା ବିଧି ରହିଛି। କେତେକ ଅଞ୍ଚଳରେ ସମାଜ ଲୋକେ ବରପିଲାକୁ ନେଇ ତାର ସମ୍ପର୍କୀୟଙ୍କ ଘରେ ହଳଦୀ ଲଗାନ୍ତି। କେତେକ ସ୍ଥାନରେ ବରପିଲା କିମ୍ବା ବରକନ୍ୟାକୁ ତାର ଭାଉଜମାନେ ବାଁଉଶ ନିର୍ମିତ ପର୍ଲାରେ ବସାଇ ବାହାବେଦୀରେ ସାତଥର ବୁଲିବୁଲି ନାଚନ୍ତି। ଆଉ କିଛି ଅଞ୍ଚଳରେ ସେମାନଙ୍କୁ କାଖେଇ କିମ୍ବା ପିଠିରେ ବସାଇ ନାଚୁଥିବାର ଦେଖିବାକୁ ମିଳେ। ଏ ସମୟରେ ବିଭିନ୍ନ ଲୋକଗୀତ ଆବୃତ୍ତି କରାଯାଏ। ତନ୍ମଧ୍ୟରୁ କିଛି ପଦ ପାଠକଙ୍କ ପାଇଁ ଦିଆଗଲା।

*ବଜନିଆର୍ ବଜା ସୁନି ଲହରମନି,*
*ବଜନିଆର୍ ବଜା ସୁନି*
*ଧାଇଁ ଆସିଛେ ଇ ନାଚିନୀ ନନୀ କାଏଁ ନାଚିନୀ*
*ନନୀ, ନାଚିନୀ ନନୀ*
*ଭୁଞ୍ଜା ହାତେ ରାମକାଠି ଗିନି, ଟେରେଁ...ଟେଁଟେଁ ବାଜେ*
*ମୁହୁରୀ*
*ନନୀ ନାଇଁପାରେ ଦମ୍ ଧରି, ସାଙ୍ଗେ ଝୁମୁରା ନେଉଛେ ମାରି*
*ଟେରେଁ...ଟେଁଟେଁ ବାଜେ ମୁହୁରୀ*

*ନୂଆଁ ବନ୍ଧେ ଫୁଟେ କଇଁ, ତୋର୍ ପରି ନନୀକେ ସତେରେ*
*ବିଶାସ ନାଇଁ*
*ଦେସ ଗୁରସ୍ ବଲି କୁହା ମହୀ ହୋ ପାଚିଲା କେନ୍ଦୁ*
*ତୁମେ ଗଛ୍ କେ ଚଢେଇ କାଟସ ବୁନ୍ଧୁ ଗା ସୁଆଁଲି ପିଠା*
*ତୁମର୍ ଆମର୍ ଆରୁ ନେଇଁନ ମିଠାରେ ଫଳସା ଫୁଲ*
*ବିନା ଦୁଷେ ଭାଙ୍ଗି ଦେଲ ଗେଲ ମୋର୍ ଫଳସା ଫୁଲ.....*

ଲୋକ ସଂସ୍କୃତି ଗବେଷକଙ୍କ କହିବା ଅନୁସାରେ ଏହା ହେଉଛି ପଶ୍ଚିମାଞ୍ଚଳର ପ୍ରକୃତ ଲୋକଗୀତ। କେବଳ ଏତିକି ନୁହେଁ। ଡାଲଖାଇ, ରସରକେଲି, ମାଏଲାଜଡ, ବଜନିଆ, ନଚନିଆ, ସଜନୀ, ଦୁଲାର, ହଳଦୀ ଏଭଳି ଅନେକ ଲୋକଗୀତ ଓ ବାଦ୍ୟ ଦୁଲାନଚା ସମୟରେ ଦେଖିବାକୁ ଶୁଣିବାକୁ ମିଳେ। ସେହିଭଳି ଥଟ୍ଟା ମଜା ହେଉଥିବା ସମ୍ପର୍କୀୟ ଯଥା ଶାଳୀ ଭିଣୋଇ, ଦିଅର ଭାଉଜ ସେମାନଙ୍କ ସାଙ୍ଗିଆ ଧରି ବ୍ୟାଙ୍ଗାତ୍ମକ ଢଙ୍ଗରେ ଗୀତ ବୋଲୁଥିବାର ଶୁଣିବାକୁ ମିଳେ। ଆଜିର କମର୍ସିଆଲ ଯୁଗରେ ଏସବୁ ଗୀତ ବାଦ୍ୟ ହଜିବାକୁ ବସିଛି ସତ। ହେଲେ କେଉଁଠି ନାଁ କେଉଁଠି ଏବେବି ଚାଲୁଛି ଦୁଲାନଚା। ଏହାର ଗବେଷଣା ଓ ପ୍ରଚାର ପ୍ରସାର ପାଇଁ ସହଯୋଗ ନିତାନ୍ତ ଆବଶ୍ୟକ।

# ଆଉ ଦିଶୁନାହାନ୍ତି ଚକୁଳିଆ ପଣ୍ଡା





କାହିଁ କେଉଁ କାଳର ଲୋକକଥା ଶୁଣିବାକୁ ମିଳେ ଶହେ ଜଣ ବ୍ରାହ୍ମଣଙ୍କୁ ଦାନ ଦେଲେ ଯେତିକି ପୂଣ୍ୟ ମିଳେ ଜଣେ ଚକୁଳିଆପଣ୍ଡାକୁ ଦାନ ଦେଲେ ସେତିକି ପୂଣ୍ୟ ମିଳେ। ଉତ୍କଳ ମାଟିର କୋଣ ଅନୁକୋଣରେ ଏମାନେ ବେଶ ପରିଚିତ ଥିଲେ। ଉତ୍କଳର ଲୋକକଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଏମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ହେଲେ ଆଧୁନିକତାର ଚାକଚକ୍ୟରେ ଏମାନଙ୍କ ଉତ୍ତରାଧିକାରୀ ମାନେ ଆଉ ଏହି କୂଳ ବେଉସା ପ୍ରତି ଅକୃଷ୍ଟ ହେଉନାହାନ୍ତି। ଏଥିପାଇଁ ଆଉ ଆମ ଗାଁ ଦାଣ୍ଡରେ ଦେଖାଯାଉନାହାନ୍ତି 'ଚକୁଳିଆପଣ୍ଡା'।



ପ୍ରଦୀପ ରଞ୍ଜନ ବିଶ୍ୱାଳ

ଆଉ ଶୁଣିବାକୁ ମିଳୁନି ଗାଁ ଦାଣ୍ଡରେ ଚକୁଳିଆପଣ୍ଡାଙ୍କ ଦ୍ୱାରା ଆବୃତ ବିଭିନ୍ନ ଭଙ୍ଗିର ରାମ ନାମ ଓ ଆଧ୍ୟାତ୍ମିକ ସଙ୍ଗୀତ। କାହିଁ କେଉଁ ପୁରାତନ କାଳରୁ କୌଳିକ ବୃତ୍ତିଧାରୀ ପାରମ୍ପରିକ ରିତିରେ ଲିପ୍ତଥିବା ଚକୁଳିଆ ପଣ୍ଡା ଆଉ ଗାଁ ଦାଣ୍ଡରେ ଦିଶୁନାହାନ୍ତି। ଦିନକୁ ଦିନ ବଢୁଥିବା ସମୟ ଅନୁସାରେ ସେମାନେ ନିଜ କୌଳିକ ବୃତ୍ତିରୁ ଦୂରେଇ ଗଲେଣି। ଦେହରେ ଗେରୁଆ ବସ୍ତ୍ର, ମୁଣ୍ଡରେ ପଗଡ଼ି, ହାତରେ ତାଳପତ୍ର ଛତା, କାନ୍ଧରେ ଝୁଲାମୁଣି, ହାତରେ ପିତଳ ଡାଳ ଧରି ଖାଲି ପାଦରେ ଚାଲିଚାଲି ଦୁଆର ଦୁଆର ବୁଲନ୍ତି। ତୁଣ୍ଡରେ ନାନାଦି ଭଙ୍ଗୀର ପୌରାଣିକ କଥା କବିତା ମାଧ୍ୟମରେ ଗାଇ ଗାଇ ଗାଁରେ ଏ ମୁଣ୍ଡରୁ ସେ ମୁଣ୍ଡ ସାତଥର ବୁଲନ୍ତି। ବୁଲିବା ବେଳେ ଯିଏ ଯାହା ଦେଲା ତାକୁ ସାଦରେ ଗ୍ରହଣ କରି ଚାଲିଯାଆନ୍ତି। ତୁଣ୍ଡରେ ଅହରହ ରାମ ନାମ, ପୌରାଣିକ କଥାବସ୍ତୁ ସହିତ କେତେ ଭଙ୍ଗୀର କବିତା ଲୋକମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ପୌରାଣିକ କବିତାକୁ ଶୁଣି ସାଧାରଣ ଲୋକମାନଙ୍କ ମନରେ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେଉଥିଲା। ଯାହାଦ୍ୱାରା ଯୁବବର୍ଗ ସହିତ ମଧ୍ୟମ ବର୍ଗର ବ୍ୟକ୍ତିମାନେ ଧର୍ମ ଓ ସଂସ୍କୃତି ପ୍ରତି ଅକୃଷ୍ଟ ହେଉଥିଲେ। ପିଲାମାନେ ଚକୁଳିଆ ପଣ୍ଡା କବିତା ଶୁଣିବା ପରେ ଘରେ ଜେଜେବାପାଙ୍କୁ ମହାଭାରତ ଓ ରାମାୟଣ ତଥା ପୌରାଣିକ କଥାବସ୍ତୁ ବିଷୟରେ ଅଧିକ ଜାଣିବା ପାଇଁ ପଚାରୁଥିଲେ। ଏହା ସହିତ ଲୋକମାନେ ଦାନଧର୍ମ କରିବାର ସୁଯୋଗ ମଧ୍ୟ ପାଉଥିଲେ। ହେଲେ ବର୍ତ୍ତମାନ ଆଉ ଆମ ଗାଁ ଦାଣ୍ଡରେ ଦେଖାଯାଉନାହାନ୍ତି 'ଚକୁଳିଆପଣ୍ଡା'। କଦବା କୋଚିତ ବର୍ଷେ କିମ୍ବା ୨ବର୍ଷରେ ଥରେ ଗାଁ ଦାଣ୍ଡରେ ଏମାନଙ୍କୁ ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ ଅଧୀନ ମଝିକେରା ସନ୍ନିକଟ ଗୌଡବାଟି ଗ୍ରାମରେ ଏବେବି ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି ଚକୁଳିଆପଣ୍ଡା ଶ୍ରୀରାମ ଦାଶଙ୍କ ପରିବାର। ଶ୍ରୀରାମ କୁହନ୍ତି ମୋର ଦୁଇଟି ପୁଅ। ବଡପୁଅ ଭୁବନେଶ୍ୱରରେ କାମ କରୁଛି ଓ ସାନପୁଅ ନବମ ଶ୍ରେଣୀରେ ପାଠ ପଢୁଛି। ମୋ ପିତୃପୁରୁଷମାନେ ଏହି କୌଳିକ ବୃତ୍ତିକୁ ଆପଣେଇ ଗାଁଗଣ୍ଡା ମାନଙ୍କରେ ବେଶ ସମ୍ମାନ ପାଉଥିଲେ। ହେଲେ ଆଜିକାଲି ଲୋକମାନେ ଆଉ ଆଦରର ସହିତ ଦାନଧର୍ମ କରିବାକୁ ପସନ୍ଦ କରୁନାହାନ୍ତି। ସରକାର ମଧ୍ୟ ଆମ ମାନଙ୍କ ପ୍ରତି କୌଣସି ଅନୁକମ୍ପା ଦେଖାଉନାହାନ୍ତି। ମୁଁ ଯେତେଦିନ ବଞ୍ଚିଥିବି ମୋ କୂଳ ବେଉସାକୁ ଆଦରି ବଞ୍ଚିବି। ହେଲେ ଲାଗୁଛି ମୋ ଅନ୍ତେ ମୋ ପିଲାମାନେ ଆଉ ଏହି କୌଳିକ ବୃତ୍ତିକୁ ଆଦରିବେ ନାହିଁ।

ସକାଳ
THE SAKALA
www.sakalaepaper.com

ସୃଜନିକା



# ଭୋଗୀ



ବିରଜା ରାଉତରାୟ



ବସନ୍ତର ବର୍ଣ୍ଣବିଭା ତା'ର ସତେଜପଣର ସ୍ୱାକ୍ଷରରେ ସୁଶୋଭିତ କରୁଥାଏ ଧରାପୃଷ୍ଠକୁ। ଗଛର ଡାଳରେ ଛନ୍‌ଛନ୍ ସବୁଜପତ୍ରର ଅଭିସାର। ମୃଦୁ ମଳୟର ଛୁଆଁରେ ମତୁଆଲୀ ଗଜଲର ନିଶା। ଆମ୍ର କୁଞ୍ଜରେ ତାରାଖଚିତ ଆକାଶ ପରି କଷି ଆମ୍ବର ପସରା। ଚାଦର ଖଣ୍ଡେ ଢାଙ୍କିଦେବା ପରି ଏସବୁ ମିଶି ଯେତେ କମନୀୟ ଚିତ୍ର ବଖାଣିଲେ ସୁଦ୍ଧା ଛତ୍ରଧାରୀ ମଠବାଡ଼ିର ରୁଗ୍‌ଣ ଅସ୍ତିତ୍ୱକୁ ଲୁଚାଇ ପାରୁନଥାଏ। ମଠ ପରିସରରେ ଥିବା ମନ୍ଦିରର ରଙ୍ଗଛଡ଼ା ରୂପ, କୌଣସି ପ୍ରକାରେ କାମ ଚଳାଇନେବା ପରି ସଂଲଗ୍ନ କୋଠରି ସବୁର ତାଳିପକା ଛାତ ଓ ଚଉହଦୀର ଖଣ୍ଡିଆଖାବରା ପାଚେରିଗୁଡ଼ିକ ବୟାନ କରୁଥାଏ ମଠର ଆର୍ଥିକ ଦୁରବସ୍ଥାର ଚିତ୍ରକୁ।

ଉପିନ ପଧାନ ଖଣ୍ଡେ ଗାମୁଛା ପାରି ଗଡ଼ପଡ଼ ହେଉଥାଏ ମଠପିଣ୍ଡାରେ। ଏଇ ଛାଇନିଦ ଟିକେ ଲାଗି ଆସିଥିଲା ଯେ, ଭିତର ଘରୁ ମହନ୍ତଙ୍କ ଧଇଁକାଶର ଲହର ଶୁଭିଲା... ଖୁଉଁ... ଖୁଉଁ... ଖୁଉଁ... ଖୁଁ...।

'ଆରେ ଧୁଣ୍ଡିଆ... ପାଣି ଟିକେ ଆଣେ।' ମହନ୍ତଙ୍କ କ୍ଷୀଣ ଅଣନିଃଶ୍ୱାସୀ କଣ୍ଠର ଡାକରେ ଚେଲେ ଧୁଣ୍ଡିଆ ପାଣି ବଢ଼ାଇ ଦେଲା ଅବିଳମ୍ବେ। ବାହାରକୁ ଖାଲି ଢକ୍... ଢକ୍... ଢକ୍... ଶବ୍ଦକୁ ଶୁଣିପାରୁଥାଏ ଉପିନ। ମନକୁମନ ଗଣନା କରି ଭାବୁଥାଏ - "ମହନ୍ତଙ୍କ ବୟସ ନିଶ୍ଚେ ନବେ ଟପିବଣି! ସେ କାଳର ଲୋକ ବୋଲି ବୁଢ଼ା ତଥାପି ଠେଲିପେଲି ଏଯାଏଁ ଚାଲିଛି! ନ ହେଲେ, ତା' ବାପା ମହନ୍ତଙ୍କଠୁଁ କେତେ ପଛର ହୋଇ ବି ବିଛଣା ଧରିଲେଣି!" ଟିକେ ରହି ଘରଠାରୁ ମଠବାଡ଼ି ପହଞ୍ଚିବା ଯାଏଁ ତାକୁ କଲବଲ କରୁଥିବା ଅଭିମାନର ମଞ୍ଜି ନିକଟରେ ଅଟକିଗଲା, "ବାପା ସୁସ୍ଥଥିଲେ ତାକୁ କାହିଁ ବା ଆସିବାକୁ ପଡ଼ିଥାନ୍ତା? କେତେ ପୁରୁଷ ଗଡ଼ିଲାଣି ସେମାନେ ଏହି ମଠର ସେବାକାରୀ ଭୃତ୍ୟ। ପ୍ରତିବଦଳରେ ମିଳିଛି ଅଧ ମାଣେ ସରିକି ଚାଷଜମିର ଭାଗ ଦଖଲି। ସେଥିପାଇଁ ତ ତା'ର ହାତଗୋଡ଼ ବନ୍ଧା! ଡାକରା ପାଇ ଆସି ପଡ଼ିଛି ମଠ ପିଣ୍ଡାରେ। ନହେଲେ, ବାହାଘରର ଅଷ୍ଟମଙ୍ଗଳା ଅଳତା ପାଦରୁ ଲିଭିଛି କି ନାଇଁ, କିଏ ଅବା ଏଠି ଝୁରି ମରିବାକୁ ଆସିଥାନ୍ତା!"

ଆଉ ଟିକେ ରାଗ ଚଢ଼ିଆସିଲା ତା' ମୁଣ୍ଡକୁ, "ମହନ୍ତ କ'ଣ ଜାଣି ନାହାନ୍ତି ସପନି ପଧାନ ପୁଅର ଏଇଦିନ କେଇଟା ତଳେ ବାହାଘର ସରିଛି ବୋଲି? ସେ ତ ବାଆଜି ଲୋକ କାହୁଁ ଜାଣିବେ... କାହୁଁ ବୁଝିବେ ଏସବୁ କଥା...? ସିଧା ଖବର ଦେଇଦେଲେ ପୁଅକୁ ପଠାଇବା ପାଇଁ! ତା' ବଦଳରେ ଆଉ ଜଣେ କାହାକୁ ଦୋଳବିମାନ ସେବା ପାଇଁ ବରାଦ କରିଥିଲେ ହେଇ ନଥାନ୍ତା! ଗାରୁଗାରୁ ହୋଇ ବାଁ ହାତକୁ ମୁଣ୍ଡ ତଳେ ଭାଙ୍ଗି କଡ଼ ଲେଉଟାଇଲା ଉପିନ।

ସମ୍ମୁଖ ଆମ୍ର କାନନରୁ କୋଇଲିର ମିଠା କୁହୁତାନ ଭାସି ଆସୁଥାଏ ଲହରେଇ ଲହରେଇ। ସେହି ସ୍ୱରରେ ଥାଏ ଯେପରି ଉଚ୍ଚାଟନର ଅସମ୍ଭବ ଯାଦୁକରୀ ଆକର୍ଷଣ। ହୃଦୟକୁ ଆବୋରି ଯିବାର ଏକ ଅନନ୍ୟ ପୁଲକ। ସେ ମୁଗ୍ଧଚକିତ ହୋଇ ସେହି ସୁଘଞ୍ଚ ଆମ୍ର କାନନ ଆଡ଼େ ଚାହିଁ ରହିଲା ଅପଲକ ନୟନରେ। ଆଖି ବୁଲାଇ ଖୋଜି ଚାଲିଲା ଆମ୍ର ଡାଳର ଗହନରୁ ଭାସିଆସୁଥିବା ସେହି ସୁମଧୁର ଧ୍ୱନିର ଉତ୍ସକୁ। ହଠାତ୍ ତା'ର ଆଖି ଲାଖିଗଲା ଆସି ଏକ ନିର୍ଦ୍ଦିଷ୍ଟ ଗଛ ନିକଟରେ। ଦେଖିଲା, ଡାଳଟି ଉପରେ ଦୁଇଟି କାଉ ପାଖାପାଖି ହୋଇ ବସି ରହିଛନ୍ତି। ଗୋଟିଏ କାଉ ତା' ଥଣ୍ଟରେ ଆର କାଉଟିର ଥଣ୍ଟକୁ ସ୍ପର୍ଶ କରିଚାଲିଥାଏ ଅବିରତ ଭାବରେ। ତା'ର ସେହି କୋମଳ ଚୁମ୍ବନରେ ଆର କାଉଟି ଉତ୍‌ଫୁଲ୍ଲିତ ହୋଇ ସାମାନ୍ୟ ଡେଣା ଫୁଲାଇ ଟିକେ ଘୁଞ୍ଚି ଯାଉଥାଏ ତ ପୁଣି ପାଖକୁ ଲାଗି ଆସୁଥାଏ। ସେହି ବିଭୋର ଦୃଶ୍ୟରେ ଉପିନ ସମ୍ମୋହିତ ହୋଇ ଉଠୁଥାଏ... ଉଦ୍‌ଗ୍ରୀବ ହୋଇ ଉଠୁଥାଏ... କ୍ରମଶଃ ନିୟନ୍ତ୍ରଣ ହରାଇ ବସୁଥାଏ ନିଜ ଉପରେ... ଦ୍ୱିପ୍ରହରର ସେହି ଅଣାୟତ୍ତ ମଧୁର ଦଂଶନରେ।

ସଦ୍ୟ ସ୍ମୃତିକୋଷରେ ବାରମ୍ବାର ଚେଇଁ ଉଠୁଥାଏ ନବବଧୂ ପ୍ରଭାତୀର ଲାଜ ମିଶ୍ରିତ ମୁଖମଣ୍ଡଳ। ତା' ସହ ବିତାଇଥିବା ଉଜାଗରୀ ରାତିର ଶୃଙ୍ଗାର। ଦୁଇ ଦେହ ଦୁଇ ମନ ମିଳନର ଅବର୍ଣ୍ଣନୀୟ ମହୋତ୍ସବ। ଏସବୁ ତା' ସ୍ନାୟୁକୋଷରେ ଅପ୍ରତିହତ ତରଙ୍ଗ ଯେପରି ସୃଷ୍ଟି କରି ଚାଲିଥାଏ। କ୍ଷଣିକ ମଧ୍ୟରେ ଅସ୍ଥିରପ୍ରାୟ ହୋଇଉଠି ସେ ଶୋଇବା ଛାଡ଼ି ବସିପଡ଼ିଲା ପିଣ୍ଡାରେ। ଜୋର୍‌ଜୋର୍ ନିଃଶ୍ୱାସ ନେଇ ଚାଲିଲା ନାକପୁଡ଼ାରେ। ତା' ଉନ୍ମୁକ୍ତ ସବଳ ଦେହଟା ଗୋଟାସାରା ତିନ୍ତି ସାରିଥାଏ ବୁନ୍ଦାବୁନ୍ଦା ଝାଳର ବର୍ଷାରେ। ଅନୁଭବ କଲା। ଯେପରି ତା'ର ସେହି ଏକାନ୍ତ ଗୋପନୀୟ ଅନୁଭୂତିଗୁଡ଼ାକ ଶିରାପ୍ରଶିରାରେ ବଣନିଆଁ ପରି ମାଡ଼ିଚାଲିଛି ହୁତ୍‌ହୁତ୍ ହୋଇ। ଜାଳି ଚାଲିଛି, ଗୋଟେ ପରେ ଗୋଟେ ତା' ମଗଜର ସକ୍ରିୟ କୋଷଗୁଡ଼ିକୁ। ଯେମିତି ରବର ଘଷାରେ ପୋଛି ହୋଇଯାଏ ପେନ୍‌ସିଲ ମୁନର ଗାର। ଭୁଲିଯାଉଛି ଯେ କାଲିକି ଫଗୁ ଦଶମୀ। ସିଂହାସନରୁ ଓହ୍ଲାଇ ବିମାନରେ ବିଜେ କରିବେ ଛତ୍ରଧାରୀ ମଠର ଇଷ୍ଟଦେବ ଶ୍ରୀକୃଷ୍ଣ ଓ ତାଙ୍କ ଚିରନ୍ତନ ପ୍ରେମିକା ଶ୍ରୀରାଧା। ଚାଚେରୀ ଲୀଳା କରିବେ। ବସନ୍ତ ରାହାସରେ ପ୍ରେମମୟ କରିବେ ସଚରାଚର ପୃଥିବୀକୁ। ସେ ସେବକ ଭୃତ୍ୟ। ବିମାନ ବାହକ। ରାଇଦାମୋଦରଙ୍କୁ ସାଙ୍ଗରେ ଧରି ଧାଇଁବ ଏ ଗାଁରୁ ସେ ଗାଁ ପଞ୍ଚୁଦୋଳ ମେଲଣ ଯାଏଁ। ଭୁଲିଯାଇଛି ଯେ, ସେ ପୁରୁଷ ପୁରୁଷ ଧରି ଶୃଙ୍ଖଳରେ ବନ୍ଧା ଜଣେ ଆଜ୍ଞାବହ ଦାସ। ତା'ର ପୁଣି କାମନାବାସନା ଅବା କ'ଣ ଥାଇପାରେ?

ହେଲେ, ସେ ତ ସର୍ବଗ୍ରାସୀ ନିଆଁ! ଥରେ ଲାଗିଛି ମାନେ ଜାଳିବ ହିଁ ଜାଳିବ। ମତ୍ତମସ୍ତ କରିବ। ଉନ୍ମତ୍ତ କରିବ। ମିଳନର ବ୍ୟଗ୍ରତାରେ ଛଟପଟ କରାଇବ ଜଳ ବିହୁନେ ମୀନ ପରି।

ଉପିନ ପାଗଳପ୍ରାୟ ଧାଇଁଗଲା ମନ୍ଦିର ଆଡ଼କୁ ସମ୍ପୂର୍ଣ୍ଣ ଅନାବୃତ ହୋଇ। ଦୁଇ ଖେପାରେ ପାହାଚ ଚଢ଼ି ପହଡ଼ ପଡ଼ିଥିବା ଦରଜାକୁ ଫିଟାଇ ପକାଇଲା। ମନ ତଳର ଅବରୁଦ୍ଧ ବିଦ୍ରୋହର ଗଣ୍ଠିକୁ ଖୋଲି ବିଳପି ଉଠିଲା, "କେହି ନ ଶୁଣିଲେ ନାହିଁ... କେହି ନ ବୁଝିଲେ ନାହିଁ... ଇଏ ଶୁଣୁ... ଅଲବତ୍ ତାକୁ ଶୁଣାଇବି... ତୁମ ବିଶୁଦ୍ଧ ପ୍ରେମଠାରୁ କିଛି କମ୍ ନୁହେଁ ମୋ ଦେହର ଦାହ", କହି ସାମ୍ନାରେ ଥୁଆ ହୋଇଥିବା ଘଣ୍ଟକୁ ଧରି ବଜାଇବାକୁ ଲାଗିଲା

... ଢଂ... ଢଢଂ... ଢଂ...।

... ଢଂ... ଢଢଂ... ଢଂ...।

ଅସମୟରେ ମନ୍ଦିର ଆଡୁ ଘଣ୍ଟ ବାଜିବାର ଶବ୍ଦ ଶୁଣି ଆଗେ ଆଗେ ଚେଲେ ଧୁଣ୍ଡିଆ ପଛେ ପଛେ ମହନ୍ତ ଆସି ପହଞ୍ଚିଗଲେ ମନ୍ଦିର ସମ୍ମୁଖରେ। ଦୁହେଁ ଯାହା ଦେଖିଲେ... ଧୁଣ୍ଡିଆ ଓଠ କାମୁଡ଼ି ପକାଇଲା ତ ମହନ୍ତ ହାଁ... ହାଁ... କରି ଆଖିତରାଟି ସ୍ଥାଣୁପ୍ରାୟ ଅଟକିଗଲେ ସେହି ଜାଗାରେ।

ଉପିନ ସେମିତି ଉଲଗ୍ନ ହୋଇ ଘଣ୍ଟ ବାଡ଼େଇ ଉନ୍ମାଦ ନୃତ୍ୟ କରି ଚାଲିଥାଏ। କିଛି ଫରକ୍ ପଡୁନଥାଏ ତା' ଠାରେ। ସେ ଜାଣିଛି, ଏହି ନିଆଁରୁ ତା'ର ନିସ୍ତାର ନାହିଁ। କାରଣ ସେ ମହନ୍ତଙ୍କ ପରି ଯୋଗୀ ନୁହେଁ, ଭୋଗୀ। ■

ମାଧପୁର, କେନ୍ଦ୍ରାପଡ଼ା
ମୋ-୯୬୫୮୮୧୦୨୪୪

# ଆଧୁନିକ କ୍ଷୁଦ୍ରଗଳ୍ପ: କଥା ଭିତରେ କୋଟି ଜୀବନର ସ୍ୱର

ଡକ୍ଟର ଦିଗମ୍ବର ଗିରି



ଆଜି ମଣିଷର ଅନୁଭୂତି ଭିତରୁ ଉଙ୍କି ମାରୁଛି ବଞ୍ଚିବାର ଆବଶ୍ୟକତା ସଂପର୍କରେ ନାନା ଜଟିଳ ପ୍ରଶ୍ନ। ଯେଉଁ ପ୍ରଶ୍ନବାଚୀ ଏକ ନିରବ ଆତ୍ମସ୍ୱର ହୋଇ ଓଡ଼ିଆ କ୍ଷୁଦ୍ର ଗଳ୍ପକୁ କରିଚାଲିଛି ଚରିତାର୍ଥ। ମଣିଷର ମନସ୍ତାତ୍ତ୍ୱିକ ପ୍ରବାହ ଓ ଅନ୍ତର୍ଗତ ଚେତନାକୁ ଅଧିକ ପ୍ରେରିତ କରୁଛି ଆଜିର ଗଳ୍ପଶୈଳୀ। ଘଟଣା ଓ କଥା ଲାଗୁଛି ନିଜ ଜୀବନର କଥା ପରି। ଅନେକ ଆଶା, ଆକାଙ୍‌କ୍ଷା କ୍ଷୁଦ୍ରଗଳ୍ପର ବ୍ୟାପ୍ତି ଓ ବୈଚିତ୍ର୍ୟକୁ ନୂଆ ନୂଆ ରୂପରେ ନୂଆ ଅନୁଭବରେ ଆଣି ଦେଇଛି ସାର୍ଥକତା। ଜୀବନର ସ୍ମରଣୀୟ ମୁହୂର୍ତ୍ତଟିଏ ମଣିଷର ମର୍ମସନ୍ଧିକୁ ଭେଦ କରୁଛି। ନିଜ ନିଜର ସ୍ଥିତି ଓ ପରିପାର୍ଶ୍ୱ ଭିତରେ ବଞ୍ଚିବାର ଜିଜ୍ଞାସା, ଜୀବନର ଗତିଶୀଳତା ଓ ପ୍ରତିଶ୍ରୁତିର ପଥ ଓ ପୃଥିବୀ ତାକୁ ଉଦ୍‌ବୁଦ୍ଧ କରିଛି। ଅନୁଭବିଛି ଜୀବନର ବାସ୍ତବତା ଓ ଜୀବନର ଚରମ ସତ୍ୟକୁ। ଏକ ବିଶେଷ ଭାବବୋଧ, ଆବେଗ ଆଡ଼କୁ ଟାଣି ହୋଇଯାଉଛି ଏବଂ ତା' ଭିତରେ ସୃଷ୍ଟି ହେଉଛି ଜୀବନ ପ୍ରତି ଏକ ଗଭୀର ପ୍ରତ୍ୟାଶା।

ଜୀବନର ଅସ୍ଥିରତା ଓ ଅସହାୟତା ଭିତରେ ସେ ବିମୁଖ ହୋଇ ନାହିଁ ବରଂ ଜୀବନ ପ୍ରତି ଆତ୍ମୀୟତାର କଥା କହୁଛି ସାମ୍ପ୍ରତିକ କ୍ଷୁଦ୍ରଗଳ୍ପ। ଭଙ୍ଗାମନ ଓ ଅସଜଡ଼ା ଜୀବନରେ ଭରିଯାଉଛି ନୂଆ ବିଶ୍ୱାସ। ନୂଆ ସୂର୍ଯ୍ୟୋଦୟ ଭିତରେ ନୂଆ ଜୀବନକୁ ପୁଣିଥରେ ଦେଖିବାକୁ ମନେ ହୁଏ ଆଜିର ଗାଳ୍ପିକମାନେ ଅଧିକ ବଶମ୍ବଦ। ଜୀବନର ନାନା ସ୍ମୃତି, ବିସ୍ମୃତି ପରି ଗଳ୍ପର ଭାବ ମଣ୍ଡଳରେ ପାଠକ ନିଜକୁ ଖୋଜି ପାଉଛି। ନିଜେ ନିଜର ନିରବତାକୁ ଦେଖି ଜୀବନନିଷ୍ଠ ହୋଇ ପଡୁଛି। ସୃଷ୍ଟି ହେଉଛି ଜୀବନ ପ୍ରତି ପ୍ରବଣତା। ଯାହାକୁ ପାଥେୟ କରି ସେ ପୁଣିଥରେ ବାହାରି ପଡୁଛି ଅତିକ୍ରମ କରିବାକୁ ଅବଶିଷ୍ଟ ପଥ।

ବିବର୍ତ୍ତିତ ସମୟର ପ୍ରବାହରେ ନୂତନ ଅଭିଜ୍ଞତା ଓ ଭାବକଳ୍ପନା ନେଇ କ୍ଷୁଦ୍ରଗଳ୍ପର କାୟା ଓ କଳେବର ବୃଦ୍ଧି ପାଇଛି। ବଦଳିଛି ଗଳ୍ପଧାରା। ବଦଳିଛି ପ୍ରକାଶଭଙ୍ଗୀ। ରଚନାଶୈଳୀ ହୋଇଛି ଆଜିର କ୍ଷୁଦ୍ରଗଳ୍ପର ଗତିଶୀଳ ରୂପ। ପ୍ରଭାବଶାଳୀ ଭାବସ୍ପନ୍ଦନ, ନାଟକୀୟତା, ଆଧୁନିକ ଜୀବନପ୍ରତି ଇଙ୍ଗିତ, ଶ୍ଳେଷ ମାଧ୍ୟମରେ ସତ୍ୟ ଓ ପୂର୍ଣ୍ଣତାର ଅନ୍ୱେଷଣ ପାଇଁ ଗଭୀର ଆତ୍ମପ୍ରତ୍ୟୟ ସୃଷ୍ଟି କରିବାରେ ଗାଳ୍ପିକଙ୍କ ଅଭିବ୍ୟକ୍ତି ବେଶ୍ ଭାବଗମ୍ଭୀର ଓ ଭାବପୂର୍ଣ୍ଣ। ଗଳ୍ପ ଚରିତ୍ରମାନଙ୍କ ଗୁଣର କଥା ଭିତରେ ଆଜିର ମଣିଷ ଶୁଣୁଛି ନିଜେ ନିଜର ସ୍ୱର। ଚରିତ୍ରମାନେ ପ୍ରତିନିଧି ସାଜି ଆସୁଛନ୍ତି ଗଳ୍ପ ପରିସରକୁ ଯୋଡ଼ି ଦେଉଛନ୍ତି ବ୍ୟକ୍ତି ବିଶ୍ୱ ସହିତ ବିଶ୍ୱ ମଣିଷର ସଂପର୍କ। ସେମାନଙ୍କ ମନୋଭଙ୍ଗୀ ଓ ଭାବଭାବନା ହୋଇଯାଉଛି କୋଟି ଜୀବନର ସ୍ୱର ଓ ପାଠକଟିଏ ହୋଇଯାଉଛି ଚେତନାଶ୍ରୟୀ।

ବଞ୍ଚିବାର ଜୀବନଶୈଳୀରୁ ଓଡ଼ିଆ କ୍ଷୁଦ୍ରଗଳ୍ପର ଶିଳ୍ପ ପ୍ରତ୍ୟୟ ନିରୂପଣ କରିବା ବା କ୍ଷୁଦ୍ରଗଳ୍ପର ସଂଜ୍ଞା କାଢ଼ିବା, ନିର୍ଦ୍ଦିଷ୍ଟତାକୁ ନିରୂପଣ କରିବା ଆଉ ଏଠି ପ୍ରଭାବିତ କରି ପାରୁ ନାହିଁ। ଆଜିର କ୍ଷୁଦ୍ରଗଳ୍ପ ହୋଇଯାଉଛି ସ୍ୱଚ୍ଛ ରୂପକଟିଏ। ସଂକ୍ଷେପରେ କହିବାକୁ ଗଲେ ଜୀବନ୍ତ ପରମ୍ପରା ନବୀକରଣ ବିରୋଧୀ ନୁହେଁ। ଆଜି ଆମକୁ ନିଜେ ନିଜ ଭିତରକୁ ଅନେଇବାକୁ ପଡ଼ିବ। ବର୍ତ୍ତମାନର ବ୍ୟକ୍ତି ଜୀବନ, ସାମାଜିକ କ୍ରିୟା-ପ୍ରତିକ୍ରିୟା, ରାଜନୀତିକ ଜୀବନ, ସାହିତ୍ୟ ଓ ସଂସ୍କୃତିକୁ ଗଭୀର ଆତ୍ମ ନିରୀକ୍ଷଣର ସମୟ ଆସିଛି। ମଣିଷ ଭିତରେ ଏ ନୂଆ ଚେତନାର ଅନୁଭବ ସାର୍ବଜନୀନ। ପ୍ରତିଟି ମଣିଷର ଜୀବନ ଜିଜ୍ଞାସା ପରି ସର୍ବତ୍ର ସମଭାବରେ ଏହା ଘଟୁଛି। ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଜଗତୀକରଣ, ଉପଭୋକ୍ତାବାଦ ତଥା ବାହାରର ଚାକଚକ୍ୟ,ଶିକ୍ଷିତ ଗୋଷ୍ଠୀକୁ ନୀତି ଆଦର୍ଶ ପଥରୁ କ୍ରମଶଃ ଦୂରେଇ ଦେଉଛି। ଦ୍ରୁତ ଶିଳ୍ପାୟନ, ନଗର ଜୀବନର ବାସ୍ତବତା ମଧ୍ୟରେ ମାନବିକ ମୂଲ୍ୟବୋଧ ଅଣନିଃଶ୍ୱାସୀ। ମୂଲ୍ୟବୋଧର ଅବକ୍ଷୟ ସର୍ବତ୍ର ଦେଖିବାକୁ ମିଳୁଛି। କ୍ରମଶଃ ସହରମୁହାଁ ହେଉଛନ୍ତି ଗାଁ ଲୋକ। ଦେଶରେ ଭିତରେ ଘୂରି ବୁଲୁଛି ଭୂତପରି ଭ୍ରଷ୍ଟାଚାର, ସାମ୍ପ୍ରଦାୟିକତା, ମାଓ ଓ ସନ୍ତ୍ରାସ। ପ୍ରଶାସନିକ ସ୍ଥାଣୁତା ପ୍ରସାରିତ କରି ଚାଲିଛି ତା'ର ପତିଆରା ସବୁର ମିଳିତ ସ୍ୱର ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର। ନିଜ ନିଜ ପରିଚିତ ଅନୁଭୂତି ଓ ଅନୁଭବର ପରିଧି ମଧ୍ୟରେ ଆପଣକୁ ଖୋଜି ମନରେ ଉଲ୍ଲସିତ ହୋଇ ପଡୁଛି ସହୃଦୟ ପାଠକ।

ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର ହେଉଛି ଅନ୍ତର୍ନିହିତ ସ୍ୱର। ଏହି ସାବଲୀଳ ସ୍ୱର ସୃଷ୍ଟି କରି ଚାଲିଛି ଏକ କୋମଳ ମୂର୍ଚ୍ଛନା। ବାହାରେ ଶୁଭୁଛି ଅସଂଖ୍ୟ କୋଳାହଳ, ଧାଁ, ଦଉଡ଼, ପ୍ରତିଯୋଗିତା। କିନ୍ତୁ ହୃଦୟ ଭିତରେ ଏକ ନିରୋଳା ନିଃସର୍ଗ ମୁହୂର୍ତ୍ତ, ଯେଉଁଠି ଜୀବନ ଯନ୍ତ୍ରଣାର ଘନିଷ୍ଠ ସ୍ୱରଟି ଆବେଗ ଓ ଆତୁରତାରେ ଫେଣ୍ଟାଫେଣ୍ଟି। ଆଜିର ଗଳ୍ପର ଶକ୍ତି ପାଠକକୁ ଆତ୍ମହରା କରିପକାଉଛି। ମଣିଷର ପ୍ରାପ୍ତି, ଅପ୍ରାପ୍ତି,ଦୁଃଖ, କାରୁଣ୍ୟର କଥା ଅସହାୟତା ଭିତରେ ଅର୍ଥ ଖୋଜୁଥିବା ମଣିଷଟି ପାଇଁ ଆଶ୍ୱାସନାର ଆଶ୍ରୟସ୍ଥଳୀ ପାଲଟି ଯାଇଛି। ସ୍ୱସ୍ତିରେ ଟିକିଏ ନିଃଶ୍ୱାସ ମାରି ଜୀବନକୁ ସକ୍ରିୟ କରିଛି। ନିଜର ଅପୂର୍ଣ୍ଣତା ଭୁଲି ଜୀବନ ହୋଇ ଉଠିଛି ସ୍ୱପ୍ନିଳ ଓ ଗୀତିମୟ। ଏହିପରି ବିଭିନ୍ନ ଭାବ ଓ ମାପରେ ଆଜିର ଗଳ୍ପକୁ ଯେଉଁ ଗାଳ୍ପିକମାନେ ଋଦ୍ଧିମନ୍ତ କରିଛନ୍ତି ସେମାନେ ହେଲେ ଅଖିଳମୋହନ ପଟ୍ଟନାୟକ, ମନୋଜ ଦାସ, ପ୍ରତିଭା ରାୟ, କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପାରମିତା ଶତପଥୀ, ସରୋଜିନୀ ସାହୁ, କଇଳାଶ ପଟ୍ଟନାୟକ, ଭୀମ ପୃଷ୍ଟି, ଯଶୋଧାରା ମିଶ୍ର, ଦେବବ୍ରତ ମଦନରାୟ, କବିତା ବାରିକ, ଗିରି ଦଣ୍ଡସେନା, ରଜନୀକାନ୍ତ ମହାନ୍ତି, ହୃଷୀକେଶ ପଣ୍ଡା, ସତ୍ୟ ମିଶ୍ର ଏବଂ ବହୁ ତରୁଣ ପିଢ଼ିର ଗାଳ୍ପିକଙ୍କ ଗଳ୍ପରେ ପରିବର୍ତ୍ତନଶୀଳ ଜୀବନର ଦୃଷ୍ଟିଭଙ୍ଗୀ। ଭିନ୍ନ ଭିନ୍ନ ଚିନ୍ତନର ଦିଗ ଓ ଦିଗନ୍ତ ବେଶ୍ ଗତିଶୀଳ ହୋଇ ପାରୁଛି। ■

ଜୟପୁର,ପ୍ରତାପଗଡ଼,ମୟୂରଭଞ୍ଜ
ମୋ:୯୪୩୭୩୮୦୯୨୭

## ଏ ସପ୍ତାହର କବିତା

### ପ୍ରଶ୍ନ: ଉତ୍ତର

ରବି ଶତପଥୀ



ପିଲାଦିନେ
ବୋଉକୁ ପଚାରି ଥିଲି
ଆକାଶରୁ ତଳକୁ
କିଏ ପକାଏ କୁଆପଥର,
ସଞ୍ଜରେ ଫୁଟି କାହିଁକି
ସକାଳକୁ ମଉଳି ଯାଏ ଜହ୍ନିଫୁଲ,
ଏବେ ସେ ସବୁର ଉତ୍ତର
ମୋ ଝିଅକୁ ବୁଝାଇଲା ବେଳକୁ
ଆଉ ବୋଉ ନାହିଁ।

ମଣିଷ ସବୁ ମରିଗଲେ
କ'ଣ ଗୋଟେ ଗୋଟେ
ତାରା ପାଲଟନ୍ତି ଆକାଶରେ ?
ମନ୍ଦିରରେ ଥିବା ଠାକୁର
କାହିଁକି କୁହନ୍ତି ନାହିଁ କଥା,
ଗଛ ଆଗ ନା ମଞ୍ଜି ଆଗ
ବାପାଙ୍କୁ ମୁଁ ବହୁଥର ପଚାରେ
ବାପା କିନ୍ତୁ ନିରୁତ୍ତର।
ବହୁଦିନ ପରେ ବାପା ଯେଉଁ ଦିନ
ଏ ସବୁର ଉତ୍ତର ଦେବା ପାଇଁ
ସମର୍ଥ ହେଲେ
ସେ ଦିନଠାରୁ ଆଉ ଶୁଣି ହେଲାନି
ବାପାଙ୍କର ସ୍ୱର।

ଆପଣାର ଭାବି
କେତେ କେତେ ପ୍ରଶ୍ନ
ସାରା ଜୀବନ ପଚାରିଛି
ପରିଚିତ ଅପରିଚିତମାନଙ୍କୁ
ଯେଉଁମାନେ ପରେ କହିବି କହି
କୁଆଡ଼େ ହଜିଗଲେ କେଜାଣି
ମୁଁ ସେମାନଙ୍କୁ ଏବେ ଖୋଜୁଛି
ସେ ସବୁର ଉତ୍ତର ଦେବାକୁ। ■

ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

### ମୁଁ ଜାଣି ନଥିଲି

ମନୁଆ ଦାସ



ମୁଁ ଜାଣି ନଥିଲି
ଦୁଃଖ କହିଲେ ପୁନେଇ ଜହ୍ନ ଠୋ ଠା
ଯେପରି ମଲା ଆଖିର ଚାହାଣି ଫାଙ୍କା

ମୁଁ ଜାଣି ନଥିଲି
ଯନ୍ତ୍ରଣା କହିଲେ ବଞ୍ଚି ଥାଉ ଥାଉ
ମରି ଯାଇଛ ବୋଲି ଭାବନା
ଯେପରି କାହାକୁ ଆଉ ଅପେକ୍ଷା କରିନି
ପରିତ୍ୟକ୍ତ ପୋଲଟିଏ

ମୁଁ ଜାଣି ନଥିଲି
ଲୁହ କହିଲେ ହାତ ତିଆରି କାଲିଡେଇସ୍କୋପ୍
ଯେପରି ଭଙ୍ଗା କାଚରେ ତୁମର ଖଣ୍ଡ ଖଣ୍ଡ
ପ୍ରତିବିମ୍ବଗୁଡ଼ିକର ସିମ୍ଫୋନି

ମୁଁ ଜାଣି ନଥିଲି
ପ୍ରେମ କହିଲେ ଅନୁପସ୍ଥିତିର ଅନୁରାଗ
ବାଟବଣା ସମୟର ପାଦ ଚିହ୍ନରେ
ଯେପରି ନିରୁଦ୍ଦେଶ୍ୟ ଯାତ୍ରାରେ ତୁମେ
ସବୁ ପଞ୍ଜିକୃତ ଯାତ୍ରୀ ଉଭାନ୍

ମୁଁ ଜାଣି ନଥିଲି
ସ୍ମୃତି କହିଲେ ଅତୀତର ଅଭିଷେକରେ
ତୁମେ ପ୍ରତ୍ୟାଖ୍ୟାତ
ଯେପରି ଲୁଣ୍ଠିତ ନୌବାଣିଜ୍ୟର ମ୍ୟୁଜିୟମ୍

ମୁଁ ଜାଣି ନଥିଲି
ଉଭଟ କହିଲେ ମୃତ୍ୟୁ ଆଗରୁ
ନିରର୍ଥକ ପ୍ରାର୍ଥନା
ଯେପରି ଶବ୍ଦଙ୍କ ବାକବିତଣ୍ଡାରେ
ଅପାର୍ଥିବ ଅପ୍ରକଟ ଅବ୍ୟକ୍ତ ପ୍ରତି ଆସକ୍ତି

ମୁଁ ଜାଣି ନଥିଲି
କ୍ରୋଧ କହିଲେ ଅସହାୟତାରୁ ଜନ୍ମ
ଆତ୍ମଘାତୀ ଅସ୍ତ୍ରଶସ୍ତ୍ର
ଯେପରି ଇପ୍‌ସିତ ଭବିଷ୍ୟତକୁ ରକ୍ତାକ୍ତ ଚିଠି

ମୁଁ ଜାଣି ନଥିଲି
ଘୃଣା କହିଲେ ଅସ୍ୱୀକାରର ମଞ୍ଚରେ
ହାରିଯାଇଥିବା ସ୍ୱାଭିମାନ
ଯେପରି ଅପେକ୍ଷାରେ ବୁଡ଼ି ଯାଇଥିବା
ବନ୍ଧନର ଶେଷ ସନ୍ତକ

ମୁଁ ଜାଣି ନଥିଲି
ସମ୍ବେଦନା କହିଲେ ଅର୍ଥକର ଉପବନ
ଯେପରି କାନ୍ଦ ମିଶା ଉର୍ବର ମାଟି
ବିସ୍ଥାପନର ବର୍ବର କାଣ୍ଡ ପାଇଁ ଶୋକ

ମୁଁ ଜାଣି ନଥିଲି
ବିଦ୍ରୋହ କହିଲେ ସମ୍ବିଧାନକୁ ପ୍ରଶ୍ନ
ତୁମ ସ୍ୱପ୍ନ ତୁମ ନ୍ୟାୟ ଅସାଧ
ଯେପରି ମରୀଚିକାର ଜଳ ତରଙ୍ଗ ଭ୍ରମ
ଅଚିରେ ତୁମ ଯାତ୍ରା ହେଇଛି ଦୁର୍ଗମ

ମୁଁ ଜାଣି ନଥିଲି
ମୁକ୍ତି କହିଲେ ଅରୂପ ଅନାମ ଅଣାକ୍ଷର
ଯେପରି ବସ୍ତୁରୁ ଅନ୍ତର ହେଲେ ବସ୍ତୁତ୍ୱ

ମୁଁ ଜାଣି ନଥିଲି
ମୁଁ ଜାଣି ନଥିଲି ବୋଲି ■

ମୋ: ୯୭୭୭୯୭୫୩୨୦

## ପୁସ୍ତକ ପରିଚୟ

### ଓଡ଼ିଆପ୍ରାଣ ଶଶିଭୂଷଣ

ଦେବୀ ପ୍ରସାଦ ମହାପାତ୍ର

ବିଶିଷ୍ଟ ସାମ୍ବାଦିକ, ସଂପାଦକ ଶଶିଭୂଷଣ ରଥଙ୍କ ଜୀବନୀକୁ ନେଇ ପ୍ରକାଶ ପାଇଛି ଦେବୀ ପ୍ରସାଦ ମହାପାତ୍ରଙ୍କ ରଚିତ 'ଓଡ଼ିଆପ୍ରାଣ ଶଶିଭୂଷଣ' ପୁସ୍ତକ। ଏହି ପୁସ୍ତକରେ ଶଶିଭୂଷଣ ରଥଙ୍କ ବାଲ୍ୟ ଜୀବନ, ଶିକ୍ଷା,ପାରିବାରିକ ଜୀବନ, ସାମ୍ବାଦିକତା, ସାମାଜିକ କୁସଂସ୍କାର ବିରୋଧରେ ଲଢ଼େଇ, ରାଜନୀତି, ସାହିତ୍ୟ ପ୍ରତି ଆକର୍ଷଣ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଭୂମିକା, 'ଆଶା' ସମ୍ବାଦପତ୍ର ପ୍ରକାଶନ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି। ଏକାଧାରରେ ଶଶିଭୂଷଣ ଥିଲେ ଜଣେ ସମାଜ ସଂସ୍କାରକ, ଶିଳ୍ପପତି, ସମ୍ବାଦପତ୍ର ସଂପାଦକ, ରାଜନେତା। ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କୁ ଏକାଠି କରିବାରେ ସେ ନେତୃତ୍ୱ ନେଇଥିଲେ। କେତେବେଳେ ସମାଜ ସଂସ୍କାରକ ଭାବେ ସେ ଗରିବ,ଅବହେଳିତ ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ , ପୁଣି କେତେବେଳେ ସମ୍ବାଦପତ୍ର ମାଧ୍ୟମରେ ଶୋଷିତବର୍ଗଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। 'ଓଡ଼ିଆପ୍ରାଣ ଶଶିଭୂଷଣ' ପୁସ୍ତକରେ 'ଶଶିବାବୁଙ୍କ ବାଲ୍ୟଜୀବନ', 'ଶଶିବାବୁଙ୍କ ବାଲ୍ୟଶିକ୍ଷା', 'ଶଶିବାବୁଙ୍କ କନ୍ୟା ଓ ପତ୍ରିକା ଆଶାର ଜନ୍ମ', ' ଅନ୍ୟ ଦୁଇଟି ଇଂରେଜୀ ପତ୍ରିକା ଉନ୍ମେଷ', 'ଗଞ୍ଜାମରେ ଓଡ଼ିଆମାନଙ୍କ ଅବସ୍ଥା ଓ ଶଶିବାବୁ', 'କୁସଂସ୍କାରର ପ୍ରତିରୋଧ', 'ଶଶିବାବୁ ଓ ରାଜନୀତି', 'ଓଡ଼ିଶାର ସ୍ୱତନ୍ତ୍ର ସଂଗ୍ରାମ ଓ ଶଶିବାବୁ', 'ସାହିତ୍ୟପ୍ରେମୀ ଶଶିବାବୁ' ଆଦି ଶୀର୍ଷକରେ ଶଶିଭୂଷଣ ରଥଙ୍କ ଜୀବନ ଓ ସମାଜ ପ୍ରତି ଅବଦାନ ସଂପର୍କରେ ଆଲୋଚନା କରାଯାଇଛି। ଓଡ଼ିଆଙ୍କ ସ୍ୱାଭିମାନ, ଓଡ଼ିଶାର ବିକାଶ ପାଇଁ ସମର୍ପିତ ଓଡ଼ିଆ ପ୍ରାଣ ଶଶିଭୂଷଣ ରଥଙ୍କ ଜୀବନ ସଂପର୍କରେ ଜାଣିବା ପାଇଁ ଏହି ପୁସ୍ତକଟି ପାଠକମାନଙ୍କୁ ସାହାଯ୍ୟ କରିବ ନିଶ୍ଚୟ। ■




ସର୍ଜନା
ପାଣିଗ୍ରାହୀ ସାହି, ଗୋସାଇଁନୂଆଗାଁ
ବ୍ରହ୍ମପୁର
ପ୍ରଥମ ସଂସ୍କରଣ : ୨୦୨୨
ମୂଲ୍ୟ: ୧୫୦ ଟଙ୍କା

### ରାସ୍ତା

ଲୋପାମୁଦ୍ରା ମୈକାପ୍

ନିକଟ ଅତୀତରେ ଗାଳ୍ପିକା ଲୋପାମୁଦ୍ରା ମୈକାପ୍‌ଙ୍କ ଗଳ୍ପ ପୁସ୍ତକ 'ରାସ୍ତା' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୧୩ଟି ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପର ସ୍ୱର ଭିନ୍ନ ଭିନ୍ନ। 'ଉପହାର', 'ବାତ୍ୟା ପରର ପୃଥିବୀ', 'କାକ୍‌ଟସ୍', 'ଆହୁତି', 'ଝର୍କା ସେପାଖ ଗୋଧୂଳି', 'ମରୀଚିକା', 'ପ୍ରିୟତମା', 'ମୁକ୍ତି', 'ରାସ୍ତା' ଆଦି ଗପ ମନଛୁଆଁ ହୋଇଛି। 'ବାତ୍ୟା ପରର ପୃଥିବୀ' ଗଳ୍ପ ମାନବୀୟ ଭାବାବେଗ ଓ କାରୁଣ୍ୟ ଉପରେ ଆଧାରିତ। ଦିଲୁ ଚରିତ୍ର ସମଗ୍ର ଗଳ୍ପର ଆବେଦନକୁ ଆଚ୍ଛନ୍ନ କରିରଖିଛି। ସେହିପରି 'ଉପହାର' ଗଳ୍ପଟି ବିଦେଶ ମାଟିର ଘଟଣାକୁ ନେଇ ରଚିତ। ପ୍ରେମର ଏକ ସୂକ୍ଷ୍ମ ଅନୁଭବ। ପରସ୍ପରର ବିଶ୍ୱାସ ଓ ଭଲ ପାଇବାରେ ଗଢ଼ିଉଠେ ପ୍ରେମର ସଂପର୍କ। ତେବେ ଯଦି ସେଇ ସଂପର୍କରେ ଅବିଶ୍ୱାସ ସୃଷ୍ଟି ହୁଏ, ଭାଙ୍ଗି ଯାଏ ପ୍ରେମର ସଂପର୍କ। ଏଭଳି ଏକ ଭଙ୍ଗା ପ୍ରେମର ପ୍ରତୀକ ଫୁଟି ଉଠିଛି ସୁନ୍ଦର ଚିତ୍ରରେ। ଯେଉଁ ଚିତ୍ରକୁ ସୁକୁମାର ନିଜର ବିବାହ ବାର୍ଷିକୀରେ ଉପହାର ଦେଇଛନ୍ତି ପତ୍ନୀ ସମାପିକାଙ୍କୁ। ସେହିପରି 'ଆହତ କୃଷ୍ଣଚୂଡ଼ା', 'କୁହୁଡ଼ି', 'ଆଫ୍ରିକାନ୍ କଫି', 'ଶକ୍ତି ରୂପେଣ ସଂସ୍ଥିତା' ଗପଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର ଗପଗୁଡ଼ିକରେ ମାନବିକ ମୂଲ୍ୟବୋଧ, ସାମାଜିକ ସଂପର୍କ, ସମାଜିକ ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି। ତେବେ କେତେକ ଗପରେ ପାଶ୍ଚାତ୍ୟ ରାଷ୍ଟ୍ରର ଦୃଶ୍ୟ ମଧ୍ୟ ରହିଛି। ଗାଳ୍ପିକାଙ୍କ ନିଜସ୍ୱ ଅନୁଭବ ଓ ଅନୁଭୂତିରେ ଗପଗୁଡ଼ିକ ମାର୍ମିକ ହୋଇଛି। 'ରାସ୍ତା' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■




ପଶ୍ଚିମା ପବ୍ଲିକେଶନ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୪
ମୂଲ୍ୟ: ୧୬୯ ଟଙ୍କା

ସକାଳ THE SAKALA



# ମହାପ୍ରଭୁଙ୍କୁ ଦର୍ଶନ କଲେ ଭାରତୀୟ ହକି ଖେଳାଳି



**ପୁରୀ,୨୩।୩ (ସମିସ):** ଚଳିତ ବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ପ୍ୟାରିସ୍‌ରେ ଅଲିମ୍ପିକ୍ ଅନୁଷ୍ଠିତ ହେବ। ଭାରତୀୟ ହକି ଦଳ ସେଥିରେ ଅଂଶଗ୍ରହଣ ପୂର୍ବରୁ ଚଳିତ ମାସ ୨୯ ତାରିଖରୁ ଦ୍ୱିପାକ୍ଷିକ ଟେଷ୍ଟ ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଶନିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଦଳର ସଫଳତା କାମନା କରିଛନ୍ତି ଭାରତୀୟ ହକି ଦଳର ସଦସ୍ୟ। ବର୍ତ୍ତମାନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ହକି ଦଳର କ୍ୟାମ୍ପ ଚାଲିଛି। ତେଣୁ ସେମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଅପରାହ୍ଣ ସାଢ଼େ ୨ଟାରେ ହକି ଟିମ୍ ମାର୍କେଟ୍ ଛକଠାରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବ୍ୟାଟେରୀ ଗାଡ଼ିରେ ସମସ୍ତଙ୍କୁ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ମନ୍ଦିର ନିକଟରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖେଳାଳିମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ସମସ୍ତଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଏଥିସହ ମନ୍ଦିର ଭିତରେ ମହାପ୍ରଭୁଙ୍କ ଖେଚୁଡ଼ି ଖାଇ ଆନନ୍ଦ ପ୍ରକାଶ କରିଥିଲେ। ପରେ ଖେଳାଳିମାନେ ପରିକ୍ରମା ମାର୍ଗ ବୁଲି ଦେଖିଥିଲେ। ମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ବେଶ୍ ଖୁସିବ୍ୟକ୍ତ କରିଥିଲେ। ଏହାପରେ ବ୍ଲୁ-ଫ୍ଲାଗ ବିଚ୍ ବୁଲି ପାନ୍ଥ ନିବାସକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା

- ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ସଫଳତା କାମନା କଲେ
- ଖେଚୁଡ଼ି ଖାଇଲେ, ପରିକ୍ରମା ମାର୍ଗ ବୁଲିଲେ

ପରେ ଭୁବନେଶ୍ୱର ଫେରିଯାଇଥିଲେ। ହକି ଇଣ୍ଡିଆର ସଭାପତି ତଥା ଓଡ଼ିଶା ହକି ପ୍ରମୋସନ୍ କାଉନ୍‌ସିଲର ଅଧ୍ୟକ୍ଷ ଡଃ ଦିଲ୍ଲୀପ ତିର୍କୀ, ଭାରତୀୟ ପୁରୁଷ ସିନିୟର ହକି ଦଳର ମୁଖ୍ୟ କୋଚ୍ କ୍ରେଗ ଫଲ୍‌ଟନ ଓ କ୍ୟାପଟେନ୍ ହରମନପ୍ରୀତ ସିଂଙ୍କ ସହ ୩୫ଜଣିଆ ଦଳ ଏହି ଗସ୍ତରେ ସାମିଲ ଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅନ୍ୟାନ୍ୟ ସହଯୋଗୀମାନେ ହକି ଟିମ୍‌କୁ ସହଯୋଗ କରିଥିଲେ।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୨୩।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର ସୁକମା ଜିଲ୍ଲାରେ ୫ଜଣ ସକ୍ରିୟ ମାଓବାଦୀ ସୁକମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୩ ଜଣ ସୁକୁମା ଜିଲ୍ଲାର ପୋଲାମପାଲି ଥାନା ଅଞ୍ଚଳର ଏବଂ ଦୁଇଜଣ କିଷ୍ଟରାମ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନେ ହେଉଛନ୍ତି, ପୋଡ଼ିୟମ୍ ମାସା, ମାଡ଼କାମ ହୁଙ୍ଗା, କରତମ ମାଙ୍ଗା, ମାଡ଼ବି ଭୀମା, ବଞ୍ଜାମ ପାଣ୍ଡୁ। ଏହି ମାଓବାଦୀମାନେ ଦୀର୍ଘଦିନ ଧରି ମାଓ ସଙ୍ଗଠନରେ ରହି କାର୍ଯ୍ୟ କରି ଆସୁଥିଲେ। ମାଓ ସଂଗଠନ ନିଜର ନୀତି ଓ ଆଦର୍ଶରୁ ଓହରି ଲୋକଙ୍କୁ ଶୋଷଣ ଓ ଅତ୍ୟାଚାର କରୁଥିବାରୁ ସେମାନେ ସେଠାରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ଏହାସହ ସୁକମା ପୁଲିସ ଦ୍ୱାରା ପରିଚାଳିତ ନକ୍ସଲ ବିଲୋପ ନୀତି ଦ୍ୱାରା ପ୍ରଭାବିତ ହୋଇ ସୁକମାସ୍ଥିତ ଜିଲ୍ଲା ନକ୍ସଲ ଅପରେସନ କାର୍ଯ୍ୟାଳୟରେ ସିଆରପିଏଫ ଦ୍ୱିତୀୟ କମାଣ୍ଡ ଅଧିକାରୀ ସୁରେଶ ସିଂ ଏବଂ ପୁଲିସ ସବଡିଭିଜନାଲ ଅଫିସର ପରମେଶ୍ୱର ତିଲକୱାରଙ୍କ ଉପସ୍ଥିତରେ ଏହି ପାଞ୍ଚଜଣ ସକ୍ରିୟ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ଲାଞ୍ଚୁଆ ଆର୍‌ଆଇଙ୍କୁ ୪ ବର୍ଷ ଜେଲ୍

**କେନ୍ଦୁଝର,୨୩।୩(ସମିସ):** କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ରଶ୍ମିତା ଦଳେଇ ଆଜି ଜଣେ ଲାଞ୍ଚୁଆ ଆର୍‌ଆଇଙ୍କୁ ୪ ବର୍ଷ ଜେଲ୍ ଓ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀଜଣଙ୍କ ହେଲେ, ସଦର ତହସିଲ ରାଇସୁଆନ୍ ସର୍କଲର ପୂର୍ବତନ ଆର୍‌ଆଇ ବାଞ୍ଛାନିଧି ଶତପଥୀ। କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୧୭ ମସିହାରେ ଶ୍ରୀ ଶତପଥୀ ରାଇସୁଆଁ ସର୍କଲର ଆର୍‌ଆଇ ଥିଲେ। ସେତେବେଳେ ହର୍ଷପୁର ଜଳବଙ୍ଗ ଅଞ୍ଚଳର ଅଜିତ ନାୟକ ଓ ଟିକେଶ୍ୱର ସାହୁଙ୍କ ମଧ୍ୟରେ ଜମିବିବାଦ ରହିଥିଲା। ତେଣୁ ଅଜିତ ଜମି ଚିହ୍ନଟ ନିମନ୍ତେ ଆବେଦନ କରି ଆର୍‌ଆଇ ଶ୍ରୀ ଶତପଥୀଙ୍କୁ ଦେଖା କରିଥିଲେ। ଜମିଜମା ଚିହ୍ନଟ ନିମନ୍ତେ ୨୦୧୭ ଅପ୍ରିଲ୍ ୫ତାରିଖରେ ଆର୍‌ଆଇ ୨ହଜାର ଟଙ୍କା ଲାଞ୍ଚ ମାଗିବାରୁ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ପୂର୍ବ ଯୋଜନାନୁସାରେ, ୧୦ ତାରିଖରେ ଆର୍‌ଆଇ ୨ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

# ମୁଖ୍ୟ ରାସ୍ତାରେ ବୁଲୁଛି ଭାଲୁ

**କୋଷାଗୁମୁଡ଼ା,୨୩।୩ (ସମିସ):** କିଛି ଦିନ ହେବ କୋଷାଗୁମୁଡ଼ା ଅଞ୍ଚଳରେ ଜଙ୍ଗଲୀ ଭାଲୁ ବୁଲୁଥିବାରୁ ଅଞ୍ଚଳବାସୀ ଆତଙ୍କିତ



ଅବସ୍ଥାରେ ରହିଛନ୍ତି। ଶନିବାର ପୁଣିଥରେ କୋଣ୍ଡାପୁରୀଠାରୁ ପଣ୍ଡୁଗୁଡ଼ା ଗାଁର ମୁଖ୍ୟ ରାସ୍ତାରେ ଏକ ବଡ଼ ଜଙ୍ଗଲୀ ଭାଲୁକୁ ଦେଖିବାକୁ ମିଳିଛି। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଉକ୍ତ ରାସ୍ତାରେ ଯାତାୟାତ ପାଇଁ ଯାତ୍ରୀ ଓ ପଥଚାରୀ ଭୟ କରୁଛନ୍ତି। ଉକ୍ତ ରାସ୍ତା ଦେଇ ଏକ ଚାରିଚକିଆ ଗାଡ଼ିରେ କିଛି ଯାତ୍ରୀ ଯାଉଥିବାବେଳେ ଭାଲୁଟି ରାସ୍ତା ଉପରକୁ ଆସିଯାଇଥିଲା। ତେବେ ଉକ୍ତ ଯାତ୍ରୀମାନେ ଚାରିଚକିଆ ଯାନରେ ବସିଥିବାରୁ ରକ୍ଷା ପାଇଯାଇଥିବା ଜଣାପଡ଼ିଛି। କିଛିଦିନ

**କୋଣ୍ଡାପୁରୀ, ପଣ୍ଡୁଗୁଡ଼ା ଅଞ୍ଚଳବାସୀଙ୍କ ନିଦ ହଜାଇଛି**

ତଳେ ଜଣେ ସିର୍ସିଆଗୁଡ଼ାର ବ୍ୟକ୍ତିଙ୍କୁ ଦିନ ୧୧ଟା ସମୟରେ କାଜୁ ବଗିଚା ନିକଟରେ ଭାଲୁ ଆକ୍ରମଣ କରିବାକୁ ସେ ଗୁରୁତର ହୋଇଥିଲେ। ସେହିପରି ବରଗାଁ ଅଞ୍ଚଳରେ ପ୍ରାୟ ମାସେ କାଳ ବୁଲୁଥିବା ଜଙ୍ଗଲୀ ଭାଲୁକୁ ସ୍ଥାନୀୟ ବନ ବିଭାଗ ରେଞ୍ଜର ଏବଂ ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ଏକ ଯନ୍ତା ଲଗାଇ ଧରାଯାଇଥିଲା। ଭାଲୁ ବୁଲିବାକୁ ନେଇ ଅଞ୍ଚଳରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି। ସନ୍ଧ୍ୟା ଏବଂ ସକାଳେ ଯିବାଆସିବା ବେଳେ ସତର୍କତା ଅବଲମ୍ବନ କରିବା ପାଇଁ ବନ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ସଚେତନତା ସୃଷ୍ଟି କରାଯାଉଛି।

**■ ଉତ୍ତର ଘୁମୁସରରେ ବାଘ ଆତଙ୍କ**

# ଦିନକରେ ୩ଟି ଗାଈଙ୍କୁ ମାରିଦେଲା

**ଭଞ୍ଜନଗର, ୨୩।୩(ସମିସ):** ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ନିକଟସ୍ଥ ବୁଦୁଲି ଗ୍ରାମ ନିକଟରେ ବାଘ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ସଂପୃକ୍ତ ଅଞ୍ଚଳରେ ଅଧିକ ଟ୍ରାପ୍-କ୍ୟାମେରା ଲଗାଇଛି। ଏବେ ଏଠାରେ ମୋଟ ୨୫ଟି ଟ୍ରାପ୍-କ୍ୟାମେରା ଲଗାଯାଇଛି।

ସୂଚନାଯୋଗ୍ୟ, ବାଘ ଆକ୍ରମଣରେ ବୁଦୁଲି ଗ୍ରାମର ସନ୍ତୋଷ ଗୌଡ଼ଙ୍କ ୨ଟି ଗାଈର ମୃତ୍ୟୁ ଘଟିଥିବା ବେଳେ ଆଜି ଆଉ ଏକ ଗାଈର ଅବଶିଷ୍ଟାଂଶ ମିଳିଛି। ଏହା ବାଘର କାରନାମା ହୋଇଥିବା ନେଇ ଚର୍ଚ୍ଚା ଲାଗି ରହିଛି। ତେବେ ଏହା କଲରାପତରିଆ ନା ମହାବଳ ବାଘ, ତାହା ସ୍ପଷ୍ଟ ହୋଇପାରିନାହିଁ। ବୁଦୁଲି ଗ୍ରାମ ନିକଟ ଏକ କାଜୁବଗିଚା

- ସତର୍କ କରାଇଲା ବନ ବିଭାଗ
- ଟ୍ରାପ୍-କ୍ୟାମେରା ସଂଖ୍ୟା ବଢ଼ିଲା

ବା କୁମୁଟି ବଞ୍ଜର ଠାରେ ସନ୍ତୋଷ ଗୌଡ଼ଙ୍କ ଗାଈଗୋଠରୁ ୩ଟି ଗାଈ ନଥିବା ବୁଧବାର ଦିନ ଦେଖିବାକୁ ପାଇଥିଲେ। ଗୋଟିଏ ଗାଈର ମୃତଦେହ ସେଠାରେ ପଡ଼ିଥିବା ବେଳେ ଆଉ ଦୁଇଟି ଗାଈ ନିଖୋଜ ରହିଥିବା ନେଇ ସେ ବନ ବିଭାଗକୁ ଅବଗତ କରାଇଥିଲେ। ଶୁକ୍ରବାର କିଛି ଦୂରରେ ଅନ୍ୟ ଏକ ଗାଈର ମୃତଦେହ କିଛି ମିଳିଥିବାବେଳେ ଶନିବାର ବାଛୁରୀର ଗୋଡ଼ ଓ କିଛି ଅବଶିଷ୍ଟାଂଶ ମିଳିଥିଲା। ତାକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ରେଞ୍ଜର୍ ବିମ୍ବାଧର ସାହୁ ପ୍ରକାଶ କରିଛନ୍ତି। ଡିଏଫ୍‌ଓଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ ଚଳାଇଛନ୍ତି। କିଛି ଦୂରରେ ରହିଥିବା ପାଦଚିହ୍ନ ସଂଗ୍ରହ କରି ତାକୁ ପରୀକ୍ଷା ପାଇଁ ମଧ୍ୟ ପଠାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ଗୃହପାଳିତ ପଶୁଙ୍କୁ ନିରାପଦ ସ୍ଥାନକୁ ନେବା ସହ ସତର୍କତା ଅବଲମ୍ବନ କରିବାକୁ ଗ୍ରାମବାସୀମାନଙ୍କୁ କୁହାଯାଇଛି। ଗ୍ରାମରେ ଏକପ୍ରକାର ଭୟର ବାତାବରଣ ରହିଥିବା ବେଳେ ଗୋଟିଏ ଦିନରେ ହିଁ ତିନୋଟି ଗାଈକୁ ବାଘ ଆକ୍ରମଣ କରିଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।

# ଚିକିତ୍ସାଧୀନ ହାତୀଛୁଆ ମୃତ



**ପାଲଲହଡ଼ା,୨୩।୩(ସମିସ):** ପାଲଲହଡ଼ା ବନାଞ୍ଚଳ ବଡିସୁଆଁ ପଞ୍ଚାୟତ ଅନ୍ତର୍ଗତ ତିରିବି ଗ୍ରାମର ରକ୍ଷିତ ଜଙ୍ଗଲରେ ଶନିବାର ଏକ କ୍ଷତାକ୍ତ ଛୁଆ ଦନ୍ତାହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ୫ରୁ ୬ବର୍ଷର ଏହି ହାତୀ ଛୁଆଟିର ମୁହଁରେ କୌଣସି କାରଣରୁ ଗଭୀର ଆଘାତ ଲାଗିଥିଲା। ଖବର ପାଇ ପାଲଲହଡ଼ା ଓ ଖମାର ବନ ବିଭାଗର ଅଧିକାରୀମାନେ ସକାଳୁ ଘଟଣାସ୍ଥଳରେ ପହଞ୍ଚି ଦନ୍ତାର ଗତିବିଧି ଉପରେ ନଜର ରଖିଥିଲେ। ଦିନ ପ୍ରାୟ ଗୋଟାଏ ବେଳେ ରାଉରକେଲା ଓ କେନ୍ଦୁଝରରୁ ଦୁଇଟି ଡାକ୍ତରୀ ଟିମ୍‌ଙ୍କ ସମେତ ଦେବଗଡ଼ ଡିଏଫ୍‌ଓ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଟ୍ରାଙ୍କୁଲାଇଜ ପରେ ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ଛୁଆ ହାତୀଟିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖମାର ବନାଞ୍ଚଳ ଅଧିକାରୀ ମନୋଜ ଟିଗାଙ୍କ ସୂଚନାନୁସାରେ, ହାତୀଟି ଗୁରୁତର ଆହତ ହୋଇ ଦୁର୍ବଳ ହୋଇପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ତଥ୍ୟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

**AFFIDAVIT**

By virtue of an affidavit sworn before the Notary Public Bargarh, vide affidavit No: 1155, Dt 11.03.2024 I Rajendra Suna @ Rajendra Pratap Singh Suna S/o Late Sujan Suna At: Jhungapali, Po: Diptipur, Ps: Melchhamunda, Dist : Bargarh declare that I have kept my name only Rajendra Suna, from Rajendra Pratap Singh Suna. Henceforth I shall be known as only **RAJENDRA SUNA** for all future purposes.

# ଆତ୍ମହତ୍ୟା ଉଦ୍ୟମ କରିଥିବା କଏଦୀଙ୍କ ମୃତ୍ୟୁ

**କେନ୍ଦୁଝର, ୨୩।୩ (ସମିସ):** କେନ୍ଦୁଝର ଜିଲ୍ଲା କାରାଗାରରେ ଗତକାଲି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଥିବା କଏଦୀଙ୍କ ଆଜି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ କଏଦୀଜଣଙ୍କ ହେଲେ, ଅଜୟ ଦାସ। ତାଙ୍କ ଘର ସଦର ଥାନା ଅନ୍ତର୍ଗତ କାଠବାରି ପଞ୍ଚାୟତର ଭଦବାହାଲି ଗ୍ରାମରେ। ସେ ଏକ ନାବାଳିକା ଅସଦାଚରଣ ମାମଲାରେ ଗିରଫ ହୋଇ ଗତ ୧୧ମାସ ହେବ କେନ୍ଦୁଝର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଶୁକ୍ରବାର ଜେଲ ପରିସର ଫାଇଖାନା ଟାଙ୍କିରେ ସଂଯୋଗ ଥିବା ଏକ ପାଇପ୍‌ରେ ବେକରେ ଗାମୁଛା ଦେଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଜେଲ ୱାର୍ଡର୍ ଏହା ଦେଖି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପୁରୁଷ ଭେଷଜ ୱାର୍ଡରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ କେଉଁ କାରଣରୁ ସେ ଏଭଳି ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ। ଅପରପକ୍ଷେ ଏହି ଅଘଟଣ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଟକରେ ଅଜୟଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ସୁନାଖଣିଆର ରହସ୍ୟମୟ ସୁଡ଼ଙ୍ଗ

**ବୌଦ୍ଧ,୨୩।୩(ସମିସ):** ପ୍ରାକୃତିକ ଶୋଭା ସମ୍ପଦରେ ଭରା ବଣପାହାଡ଼ଘେରା ବୌଦ୍ଧ ଜିଲ୍ଲାର ସବୁଜିମାମୟ ପରିବେଶ ମଧ୍ୟରେ ଅନେକ ଗୁମ୍ଫା ଓ ପରିତ୍ୟକ୍ତ ମନ୍ଦିର ରହିଛି। ଆଜି ମଧ୍ୟ ଅନେକ ଅନାବିଷ୍କୃତ ସ୍ଥାନ ରହିଛି; ଯେଉଁଠି ମଣିଷର ପାଦ ପଡ଼ିନାହିଁ। ସମ୍ପ୍ରତି ହରଭଙ୍ଗା ବ୍ଲକର କୁସଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟର ପଦ୍ମତୋଳା ଜଙ୍ଗଲର ସୁନାଖଣିଆରେ ଏମିତି ଏକ ରହସ୍ୟମୟ ଗୁମ୍ଫା ଠାବ ହୋଇଛି। ଘଞ୍ଚ ଅରଣ୍ୟ ମଧ୍ୟରେ ଭୂମିଠାରୁ ପ୍ରାୟ ୧୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଏହି ସୁଡ଼ଙ୍ଗର ପ୍ରବେଶ ପଥର ଉଚ୍ଚତା ପ୍ରାୟ ୧୨ ଫୁଟ ହେବ। ମନୁଷ୍ୟକୃତ ଭଳି ଜଣାପଡୁଥିବା ଏବଂ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ଏହି ସୁଡ଼ଙ୍ଗ ଭିତରକୁ ଅଳ୍ପ କେଇ ମିଟର ଯିବା ସମ୍ଭବ ହୁଏ। ସୁଡ଼ଙ୍ଗକୁ ବୁଢ଼ିଆଣୀ ବସା ଆଚ୍ଛାଦିତ କରିଛି। ଭିତରେ କିଟିକିଟି ଅନ୍ଧାର। ରହସ୍ୟମୟ ଚଳଚ୍ଚିତ୍ର ଭଳି ନିର୍ଜନ ଭୌତିକ ପରିବେଶ ମନକୁ ଅନେକ ପ୍ରଶ୍ନରେ ଆନ୍ଦୋଳିତ କରେ। ସୁଡ଼ଙ୍ଗ ଭିତରେ ଶବ୍ଦ କଲେ, ପୁଣି ତାହା ପ୍ରତିଧ୍ୱନିତ ହୋଇ ଫେରିଆସେ। ସୁଡ଼ଙ୍ଗ ଭିତରେ ଚେମେଣି, ବାଦୁଡ଼ି ଓ ଅନ୍ୟାନ୍ୟ ବନ୍ୟ କୀଟପତଙ୍ଗଙ୍କ ଉପସ୍ଥିତି ମନରେ ଭୟ ସଞ୍ଚାର କରେ। ଜୀବଜନ୍ତୁ, ସରୀସୃପଙ୍କ ଭୟ ମଧ୍ୟରେ ଏହି



ସୁଡ଼ଙ୍ଗର ଇତିବୃତ୍ତି ରହସ୍ୟମୟ ହୋଇରହିଛି। ଏହି ସୁଡ଼ଙ୍ଗ ସମ୍ପର୍କରେ କୌଣସି ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ହୋଇନଥିଲେ ମଧ୍ୟ ରାଜାରାଜୁଡ଼ା ସମୟରେ ଏହା ଖନନ କରାଯାଇଥିବା କୁହାଯାଉଛି।

ଲୋକକଥା ଅନୁସାରେ, ବୌଦ୍ଧ ରାଜାଙ୍କ ଦ୍ୱାରା ଏହି ସୁଡ଼ଙ୍ଗ ଖୋଳା ଯାଇଥିଲା। ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଡ଼ଜାତ ରାଜ୍ୟଗୁଡ଼ିକରେ ଦୁର୍ଗ, ଗୁମ୍ଫା ଏବଂ ସୁଡ଼ଙ୍ଗ ଆଦି ନିର୍ମାଣ କରାଯାଇଥିଲା। ଲୋକଲୋଚନ ଅନ୍ତରାଳେ ଘଞ୍ଚ ଜଙ୍ଗଲ ଭିତରେ ସୁଡ଼ଙ୍ଗ ନିର୍ମିତ ହୋଇଥିବାରୁ କୌଣସି ବାହ୍ୟ ଶତ୍ରୁ ଆକ୍ରମଣରେ ପରାସ୍ତ ହେବାର ଆଶଙ୍କା ଉପୁଜିଲେ ରାଜା, ପାତ୍ର, ମନ୍ତ୍ରୀ ଓ ରାଜପରିବାର ସଦସ୍ୟ ସୁଡ଼ଙ୍ଗ ଭିତରେ ଆତ୍ମଗୋପନ କରିବା କିମ୍ବା ଏହି ବାଟ ଦେଇ ଲୁଚି ପଳାଇବା ପାଇଁ ସମ୍ଭବତଃ ଏଭଳି ସୁଡ଼ଙ୍ଗ ନିର୍ମିତ ହୋଇଥିବା ବିଶ୍ୱାସ କରାଯାଉଛି। ତେବେ ସୁଡ଼ଙ୍ଗ ନିର୍ଦ୍ଦିଷ୍ଟ ଭାବେ କିଏ ନିର୍ମାଣ କରିଥିଲେ, କେଉଁ ସମୟରେ ଏବଂ କେଉଁ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା; ସେ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ପ୍ରତ୍ନତାତ୍ତ୍ୱିକ ଗବେଷଣା ଓ ଆଧୁନିକ ପଦ୍ଧତିରେ ଅନୁସନ୍ଧାନ କରାଗଲେ ଏହି ପୁରାତନ ଭଗ୍ନ ପ୍ରାୟ ସୁଡ଼ଙ୍ଗ ସମ୍ପର୍କରେ ବହୁ ତଥ୍ୟ ମିଳିପାରନ୍ତା ବୋଲି ଐତିହାସିକମାନେ ଯୁକ୍ତି ବାଢ଼ୁଛନ୍ତି।

**AFFIDAVIT**

By virtue of an affidavit 16916 dated 30.05.2020 sworn before the Executive Magistrate Bhubaneswar, I Roshni Nanda D/O-Binod Bihari Panigrahi Resident of Plot No N-2/9, IRC Village, PS-Nayapalli, Bhubaneswar, Dist-Khurda, Odisha-751015 declare that now onwards I shall be known as **Roshni Panigrahi** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Mahesware Behera, S/o- Chakradhar Behera, resident of Sahaspur, Correct, Nalipur, Balichandrapur, Dist- Cuttack, Odisha declare by this affidavit No.547, date-21/03/2024 that now onwards I shall be known as **LANGULI BEHERA** for all future purposes.

**AFFIDAVIT**

I, **Manish Dhandhania** S/o-Madan Lal Dhandhania, resident of Ward No-05, Pichhilighaty, Mayurbhanj, Pin-758014, Odisha declare by this affidavit No.546, date-21/03/2024 that now onwards I shall be known as **MANISH KUMAR DHANDHANIA** for all future purposes.

**■ ୯୧ ବର୍ଷୀୟା ବୃଦ୍ଧାଙ୍କୁ ପରିବାର ପେନ୍‌ସନ୍ ପ୍ରଦାନ ପ୍ରସଙ୍ଗ**

# କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ମାସେ ମହଲତ ଦେଲେ ହାଇକୋର୍ଟ

**କଟକ, ୨୩।୩(ସମିସ):** ଜଣେ ୯୧ବର୍ଷୀୟା ବୃଦ୍ଧାଙ୍କୁ ଦୁଇ ମାସ ଭିତରେ ପରିବାର ପେନସନ୍ ପ୍ରଦାନ ପାଇଁ ହାଇକୋର୍ଟ ଗତ ୨୦୨୩, ନଭେମ୍ବର ୧୫ରେ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନପାରିବା ନେଇ ଏକ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ପୂର୍ବ ନିର୍ଦ୍ଦେଶ ପାଳନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ହାଇକୋର୍ଟ ଏକ ମାସ ମହଲତ ପ୍ରଦାନ କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସମ୍ପୃକ୍ତ ବୃଦ୍ଧା ହର ସାହୁଙ୍କ ପକ୍ଷରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏକ ମାସ ଭିତରେ ପୂର୍ବର ନିର୍ଦ୍ଦେଶ କାର୍ଯ୍ୟକାରୀ କରାନଗଲେ, ଏହାକୁ ଅଦାଲତ ଆଦେଶର ଉଲ୍ଲଂଘନ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ସ୍ୱାମୀ ବେଣୁଧର ସାହୁ କେନ୍ଦ୍ରାପଡ଼ା ଦୁହୁରିଆସ୍ଥିତ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ରତ୍ନାକର ଏମଇ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ୧୯୭୭, ଅଗଷ୍ଟ ୨୬ରେ ତାଙ୍କ ମୃତ୍ୟୁ ହୋଇଥିଲା। ଆବେଦନକାରୀଙ୍କ ସ୍ୱାମୀ୧୯୮୩ରେ ଅବସର ଗ୍ରହଣ କରିଥାନ୍ତେ। ଚାକିରିରେ ଥାଇ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା କାରଣରୁ ଆବେଦନକାରୀ ପରିବାର ପେନସନ ପାଇଁ ଦରଖାସ୍ତ କରିଥିଲେ। ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟକୁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ପଲେଇ କନ୍ଦରପୁର ଅଞ୍ଚଳର ଆବେଦନକାରୀଙ୍କ ପରିବାର ପେନସନ୍ ଦରଖାସ୍ତକୁ ୨୦୨୩, ଅଗଷ୍ଟ ୨୧ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଖାରଜ କରିଥିଲେ। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୨୦୨୩, ନଭେମ୍ବର ୧୫ରେ ଆବେଦନକାରୀଙ୍କୁ ଦୁଇ ମାସ ମଧ୍ୟରେ ପରିବାର ପେନସନ ଦେବାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା କାର୍ଯ୍ୟକାରୀ ନହେବାରୁ ସମ୍ପୃକ୍ତ ବୃଦ୍ଧା ମହିଳା ପୁଣି ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗଣେଶ୍ୱର ବେହେରା ମାମଲା ପରିଚାଳନା କରୁଥିଲେ।

**OFFICE OF THE COLLECTOR & DISTRICT MAGISTRATE, KANDHAMAL**

**PRATYUSH (A UNIT OF MULTI SERVICES ORGANISATION)**

At: A/62, Krishna Garden Complex, Phase-II, Jagamara, Bhubaneswar-751030

**CAREER OPPERTUNITIES**

Requirement of Group-D Manpower in the office of the Collector & District Magistrate, Kandhamal. Eligible & Interested candidates may submit their resume clearly mentioning the post along with the copies of required documents in the following Email Id on or before **26.03.2024** positively for scrutinization. Group D Post- Peon, Process Server, Chainman, Daftary, NW-cum-Sweeper, Watcher, Chowkidar for IB, Gardener, Sweeper

- Qualification: Minimum 7th standard
- Age Limit: Between 18 to 40 years of age
- Experience in relevant work
- Good physical health condition
- Must not have any criminal antecedent.

Documents Required: Complete Resume, Qualification Certificates, Police Verification/ Character Certificate, Experience certificate, Complete Aadhar, PAN Card, Bank Passbook

Email ID: **pratyush.collectorate.kandhamal@gmail.com** Contact No.- 9237398188

This is completely contractual post on outsourcing basis. The firm reserves the right to accept or reject any or all applications without giving any reason.

**BEWARE OF THE AGENTS**

-sd-
**Director, PRATYUSH**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**WELFARE & CANTEEN DEPARTMENT**

REF.NO.ER&C/TENDER/BISCUIT, GROCERY & SOFT-DRINKS/2024-25/214 DATED:-14-03-2024

Sealed tender is invited from registered dealers with GST Registration No. for supply of items as per schedule given for a period of 12 months from the date of issue of order.

| SL.NO. | SCHEDULE-A | EMD |
|---|---|---|
| 1. | BISCUITS, GROCERY, & SOFT-DRINKS (PACKED & NON-PACKED) | Rs.15,000.00 |

Tender form can be obtained from the office of the GM (PL-IR,ER,C,T & M), E.R & Canteen Department, on all working days during the working hours on payment of Rs.110/- (Rupees one hundred ten only) inclusive of all taxes through SB collect.

The tenders complete in all respect will be received up to 17-04-2024, 3.00 PM in the tender box kept in the office of GM (PL-IR,ER,C,T & M). The tender will be opened on 18-04-2024 at 11.00 A.M.

The tender shall remain valid for a period of 3 months from the date of receipt of the tender. If the tenderer resiles from the offer or varies the terms of offer, the EMD shall be forfeited. A copy of this advertisement can also be seen on the company website www.sailtenders.co.in.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life

# ଡିଏସ୍‌ପି ଶିବଶଙ୍କର ପାଇବେ ଡିଜିପି ଡିସ୍କ ପୁରସ୍କାର

**ବ୍ରହ୍ମପୁର,୨୩।୩(ସମିସ):** ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଡିଏସପି ଶିବଶଙ୍କର ମହାପାତ୍ର ପାଇବେ ଡିଜିପି ଡିସ୍କ ପୁରସ୍କାର। ଆସନ୍ତା ଏପ୍ରିଲ ୧ ତାରିଖରେ ପୁଲିସ ପ୍ରତିଷ୍ଠା ଦିବସରେ ତାଙ୍କୁ ଏହି ପୁରସ୍କାର ମିଳିବ। ବ୍ରହ୍ମପୁର ପୁଲିସ ଜିଲ୍ଲାର ଏକମାତ୍ର ପୁଲିସ ଅଧିକାରୀ ଭାବେ୨୦୨୩-୨୪ ବର୍ଷ ପାଇଁ ସେ ଏହି ପୁରସ୍କାର ପାଇବାକୁ ଯାଉଛନ୍ତି। ଡିଏସପି ଶ୍ରୀ ମହାପାତ୍ର ପୂର୍ବରୁ ବ୍ରହ୍ମପୁର ସଦର ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ।

# ଶହୀଦ ଦିବସ ପାଳିତ

**ଦିଗପହଣ୍ଡି,୨୩।୩(ସମିସ):** ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସିପିଆଇ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂ, ସୁକଦେବ ଏବଂ ରାଜଗୁରୁଙ୍କ ବଳିଦାନ ଦିବସ ଅବସରରେ ଶହୀଦ ଦିବସ ପାଳନ କରାଯାଇଥିଲା। ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଗଞ୍ଜାମ ଜିଲ୍ଲା ସମ୍ପାଦକ ଅଳକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶହୀଦ ମାନଙ୍କ ସ୍ମୃତିଚାରଣ କରାଯାଇଥିଲା।୧୯୩୧ ମାର୍ଚ୍ଚ ୨୩ ତାରିଖରେ ଭାରତର ଜନସାଧାରଣଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ବ୍ରିଟିଶ ସରକାର ୩ ଜଣ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ମାନଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ସେମାନଙ୍କ ଜୀବନୀ ସମ୍ପର୍କରେ ଛାତ୍ର, ଯୁବକ, ମହିଳା, କୃଷକ ଏବଂ ସମସ୍ତ ଜନସାଧାରଣ ଆଲୋଚନା କରିବା ଆବଶ୍ୟକ ବୋଲି ସଭାରେ ମତପ୍ରକାଶ ପାଇଥିଲା। ବାବୁଲା ରେଡ୍ଡୀ, କାଳୁଚରଣ ବାଡ଼ତ୍ୟା, ବନମାଳି ଜେନା, ଅଜିତ କୁମାର ସେଠୀଙ୍କ ସମେତ ବହୁ ସଂଖ୍ୟକ ଯୁବ ଛାତ୍ର, ବ୍ୟବସାୟୀ ଉପସ୍ଥିତ ଥିଲେ।

# ଲୋକଚେତନା ମଞ୍ଚର ରକ୍ତଦାନ ଶିବିର




**ଗଞ୍ଜାମ,୨୩।୩(ସମିସ):** ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ନୀଳାଦ୍ରିପୁର ବାତ୍ୟା ଆଶ୍ରୟସ୍ଥଳୀରେ ସହିଦ ଭଗତ ସିଂ ଫାଶୀ ଦିବସ ଅବସରରେ ଲୋକ ଚେତନା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସିପିଆଇଏମ ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବରିଷ୍ଠ ବାମପନ୍ଥୀ ନେତା କୈଳାସ ଷଡଙ୍ଗୀ, କୃଷକ ନେତା ହରିକୃଷ୍ଣ ରେଡ଼ି, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ଏସଏଫଆଇ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଗଞ୍ଜାମ ବ୍ଲକ ଆଞ୍ଚଳିକ କମିଟି ସମ୍ପାଦକ ଦିଲ୍ଲୀପ କୁମାର ଛୋଟରାୟ ସଭାପତିତ୍ୱ କରିଥିଲେ। ଡିୱାଇଏଫଆଇ ତ୍ରିଲୋଚନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁର ରକ୍ତ ଭଣ୍ଡାର ଟିମ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# ୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ କଲା ପୁଲିସ



**ଦାରିଙ୍ଗବାଡ଼ି,୨୩।୩(ସମିସ):** ଦାରିଙ୍ଗବାଡ଼ି ପୁଲିସକୁ ମିଳିଛି ବଡ଼ ସଫଳତା। ଦୁଇଟି ସ୍ଥାନରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ଜବତ କରିଛି ପୁଲିସ । ଶୁକ୍ରବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପ୍ରଥମେ କିରୁକୁଟି ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାନାଜୁ ଗ୍ରାମରୁ ୩ କ୍ୱିଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ ସମୟରେ ଜବତ କରାଯାଇଥିଲା। ସେହିପରି ବାଲିଗୁଡା ଠାରୁ ବ୍ରାହ୍ମଣୀଗାଁକୁ ୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଚୋରା ଚାଲାଣ ବେଳେ ଲିରିକେଟା ଘାଟିରେ ଜବତ କରାଯାଇଥିଲା। ଚୋରା ଚାଲାଣରେ ଭାଇ ଭଉଣୀଙ୍କୁ ଧରାଯାଇଥିଲା। ଭାଇ ନାବାଳକ ଥିବାରୁ ସୁଧାରଗୃହକୁ ପଠାଯାଇଥିବା ବେଳେ ଭଉଣୀକୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ଜାଡ଼ାଙ୍ଗୀ ଗ୍ରାମର ବୋଲି ଜଣାପଡିଛି।

# ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି

**କୋଷାଗୁମୁଡ଼ା,୨୩।୩(ସମିସ):** କୋଡ଼ିଙ୍ଗାସ୍ଥିତ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ହୁଣ୍ଡିର ତାଲା ଭାଙ୍ଗି ପାଖାପାଖି ୫ ହଜାର ଟଙ୍କା ଚୋରି କରିଥିବା କୋଡ଼ିଙ୍ଗା ଥାନାରେ ଏତଲା ଦାୟର ହୋଇଛି। ଶନିବାର ସକାଳ ୭ଟାରେ ମନ୍ଦିର ପୂଜାରୀ ପ୍ରତାପ ଚନ୍ଦ୍ର ରଥ ପ୍ରଥମେ ଲୁଟ୍ ସମ୍ପର୍କରେ ଜାଣି ତୁରନ୍ତ ସେ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। କମିଟି ସମ୍ପାଦକ କୈଳାସ ପାଣିଗ୍ରାହୀ ପହଞ୍ଚି ତୁରନ୍ତ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା (୭୦/୨୪) ରୁଜୁକରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହୋଲି ମିଳନ ଉତ୍ସବ ପାଳିତ



**ବ୍ରହ୍ମପୁର,୨୩।୩(ସମିସ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜମଣ୍ଡପଠାରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ହୋଲି ମିଳନ ଉତ୍ସବ ପାଳନ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହୋଲି ଗୀତରେ ଝୁମିଥିଲେ ଛାତ୍ର ଛାତ୍ରୀ । ପରସ୍ପର ଫଗୁ ଖେଳ ସାଙ୍ଗକୁ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ଦୋଳ ପୂର୍ଣ୍ଣିମା ଓ ହୋଲି ବିଶ୍ୱବିଦ୍ୟାଳୟ ଛୁଟି ରହୁଥିବାରୁ ପରମ୍ପରା ବଜାୟ ରଖିବା ପାଇଁ ଆୟୋଜିତ ହେଉଅଛି। ଏଥିରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ, ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଗଣେଶ ସେଠୀ, ପ୍ରଫେସର ସୁଧାକର ପାତ୍ର ପ୍ରମୁଖ ମଂଚାସୀନ ରହି ହୋଲିର ମହତ୍ୱ ଓ ପରସ୍ପର ସହ ସମ୍ପର୍କର ଉତ୍ସବ ବୋଲି କହିଥିଲେ। ଶେଷରେ ଡ଼. ମିହିର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡାକ୍ତର ଚନ୍ଦନ ଗନ୍ତାୟତ ହୋଲିର ରଙ୍ଗ ବରଶେ ଗୀତରେ ଛାତ୍ର ଛାତ୍ରୀ ମାନେ ଝୁମି ଥିଲେ। ଏହି କାର୍ଯ୍ୟକ୍ରମରେ ଉପକୁଳସଚିବ ଡ. ବାବୁଜୀ ସାମଲ, ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ଧାଙ୍ଗଡାମାଝି, ପରୀକ୍ଷା ନିୟନ୍ତ୍ରକ ଡ଼. ସତ୍ୟ ନାରାୟଣ କୁଣ୍ଡ, ସହ ପରୀକ୍ଷା ନିୟନ୍ତ୍ରକ ଡ଼. ସତ୍ୟ ନାରାୟଣ ପାତ୍ରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଗବେଷିକା, ଛାତ୍ର, ଛାତ୍ରୀ ଉପସ୍ଥିତ ରହି ଫଗୁ ଖେଳି ଥିଲେ।

# ପାହିରେଜୁ ଗାଁରେ ଗୋଛାପଡ଼ା ପୁଲିସର ଫ୍ଲାଗ୍ ମାର୍ଚ୍ଚ



**ଫିରିଙ୍ଗିଆ,୨୩।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ରାଜ୍ୟର ବିଭିନ୍ନ ଥାନା ପକ୍ଷରୁ ପୁଲିସର ଉପସ୍ଥିତିକୁ ଜାହିର କରିବା ପାଇଁ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଗୋଛାପଡା ପୁଲିସ ପକ୍ଷରୁ ଜିଲ୍ଲାର ଉପାନ୍ତ ଓ ମାଓ ପ୍ରଭାବିତ ଅଞ୍ଚଳ କୁହାଯାଉଥିବା ପାହିରେଜୁ ଗାଁରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଫ୍ଲାଗ ମାର୍ଚ୍ଚ ହୋଇଥିଲା। ଥାନାରେ ସମସ୍ତ ଅଧିକାରୀ ଓ ପାହିରେଜୁରେ ଥିବା ବିଏସଏଫର ୯ ୯ ବାଟାଲିୟନର ଯବାନ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ସ୍ଥାପନ ହୋଇପାରିବ ଓ ଆଗାମୀ ନିର୍ବାଚନରେ କିଭଳି ଭାବରେ ଏହି ଅଂଚଳର ଜନସାଧାରଣ ଶାନ୍ତି ଶୃଙ୍ଖଳର ସହ ସୁରକ୍ଷିତ ଭାବରେ ମତଦାନ କରିପାରିବେ ସେନେଇ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପାହିରେଜୁ ଅଂଚଳରେ ମାଓବାଦୀ ଦୀର୍ଘ ଦିନ ହେଲା ବିଭିନ୍ନ ପ୍ରକାର ପୋଷ୍ଟର ବ୍ୟାନର ମାରି ନିଜର ଉପସ୍ଥିତି ଜାହିର କରିଆସୁଛନ୍ତି । ଯାହାକୁ ନେଇ ଅଞ୍ଚଳବାସୀ କିଛି ମାତ୍ରାରେ ଭୟଭୀତ ଥିବାବେଳେ ମାଓ ଭୟକୁ ଜନସାଧାରଣଙ୍କ ମନରୁ ଦୂରେଇ ଦେବା ପାଇଁ ସଦାସର୍ବଦା ପୁଲିସ ସଜାଗ ରହିଛି ବୋଲି କୁହାଯାଇଥିଲା।

# ସଂକଳ୍ପପତ୍ର ଜାରି କଲା ଜିଲ୍ଲା କଂଗ୍ରେସ



**ଫୁଲବାଣୀ,୨୩।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର କନ୍ଧମାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସଂକଳ୍ପ ପତ୍ର ଜାରି କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାରି ଦଳୀୟ ଇସ୍ତାହାର ଏହି ସଂକଳ୍ପ ପତ୍ର ଘୋଷଣା କରି ରାଜ୍ୟରେ କଂଗ୍ରେସ ସରକାର ପ୍ରତିଷ୍ଠା ହେଲେ ପ୍ରଥମ ଚାରିବର୍ଷ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ରାଷ୍ଟ୍ରୀୟ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା। ସ୍ଥାନୀୟ ନେତାଜୀ କ୍ଲବ ଠାରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷିତ ଏହି ସଂକଳ୍ପ ପତ୍ରରେ କୃଷି କ୍ଷେତ୍ର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ଅନାମ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଅଜୟନ୍ତୀ ପ୍ରଧାନ, ଫୁଲବାଣୀ ବ୍ଲକ ସଭାପତି ପ୍ରତିଭା କହଁର, ଶ୍ରମିକ ନେତା ଘନ ଶବର, ନଗର ସଭାପତି ଶିବ ଶଙ୍କର ବେହେରା, ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ଓବିସି ସେଲ ସଭାପତି ସୂର୍ଯ୍ୟକାନ୍ତ ଦାସ, ମିଡିଆ ସେଲ ଅଧ୍ୟକ୍ଷ ବସନ୍ତ କୁମାର ପାଢ଼ୀ, ଡିସିସି ଉପସଭାପତି ହେମନ୍ତ କର, ରଜତ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ନନ୍ଦ କିଶୋର ଦାଶଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ

**ମାଲକାନଗିରି/ମାଥିଲି,୨୩।୩(ସମିସ):** ମାଲକାନଗିରି ଥାନାସ୍ଥ ଗଙ୍ଗଲାଠାରେ ଏକ ଟିପ୍ପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଶନିବାର ସକାଳେ ମାଥିଲି ଥାନାସ୍ଥ ଚାଉଳମେଦୀ ଗ୍ରାମର ଦେବାଶିଷ ମାଟମ(୨୨) ନିଜ ମାମୁ ଘର ଗଙ୍ଗଲା ଗ୍ରାମରୁ ନିଜ ଘରକୁ ବାଇକରେ ଫେରୁଥିଲେ। ଗଙ୍ଗଲା ଗାଁମୁଣ୍ଡ ରାସ୍ତାରେ ହଠାତ ଦୁଇଟି ଟିପ୍ପର ଦ୍ରୁତଗତିରେ ଆସୁଥିବାବେଳେ ଦେବାଶିଷ ବାଇକର ଗତିକୁ ଧିମା କରିବା ସହ ରାସ୍ତାକଡ଼କୁ ଚାଲି ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟବସତଃ ଗୋଟିଏ ଟିପ୍ପର ଅନ୍ୟ ଏକ ଟିପ୍ପରକୁ ଓଭରଟେକ କରୁଥିବାବେଳେ ବାଇକକୁ ଧକ୍କା ଦେଇଥିଲା। ଫଳରେ ଦେବାଶିଷ ଗୁରୁତର ଭାବେ ଆହତ ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ନିକଟରେ ଥିବା ଗ୍ରାମବାସୀମାନେ ତାଙ୍କୁ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଆମ୍ବୁଲାନ୍ସରେ ବିଶାଖାପାଟଣା ହସ୍ପିଟାଲକୁ ନିଆଯାଉଥିବାବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ମାଲକାନଗିରି ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଜଣେ ଯୁବକଙ୍କ ଏପରି ବିୟୋଗରେ ଅଞ୍ଚଳରେ ଶୋକରଲହରୀ ଖେଳି ଯାଇଥିବାବେଳେ ଦୁର୍ଘଟଣାରେ ପ୍ରକୃତ ଦୋଷୀକୁ ଦଣ୍ଡ ଦେବାକୁ ସାଧାରଣରେ ଦାବି ହୋଇଛି।

# ବୁଗୁଡ଼ାରେ ଦୋଳ ମେଳଣ ଉତ୍ସବ



**ବୁଗୁଡ଼ା,୨୩।୩(ସମିସ):** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପବିତ୍ର ଫଗୁ ଦଶମୀ ଠାରୁ ବୁଗୁଡ଼ାରେ ଦୋଳମେଳଣ ଉତ୍ସବ ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରୁ ରାଧାକୃଷ୍ଣଙ୍କୁ ଦୋଳବିମାନରେ ଉପବେଶନ କରାଇ ବାଦ୍ୟ ବାଜଣା ସହ ନଗର ଭ୍ରମଣ କରାଯାଉଥିବା ବେଳେ ଠାକୁର ଦର୍ଶନ ସହ କୃପା ଭିକ୍ଷା ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି। ଉକ୍ତ ଉତ୍ସବ ଅବସରରେ ପବିତ୍ର ଫାଲଗୁନ ଶୁକ୍ଳ ଚର୍ତୁଦଶୀ ତିଥିରେ ସ୍ଥାନୀୟ ଯାଦବ ସାହିରେ ହୋଲିକା ଦହନ ବା ରାଜାଗ୍ନି କାର୍ଯ୍ୟକ୍ରମ ଏବଂ ପୂର୍ଣ୍ଣମୀରେ ବଡଦାଣ୍ଡଠାରେ ଦୋଳମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀ ବିରଞ୍ଚିନାରାୟଣ ମଠ ମହନ୍ତ ଭକ୍ତରାମ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବ ଅବସରରେ ଠାକୁରଙ୍କ ପୂଜାପାଠ ରୀତିନୀତି ପ୍ରକାରେ ପୂଜାରୀ ଉମାକାନ୍ତ ଦାଶଙ୍କ ଦ୍ୱାରା ସମ୍ପାଦନ ହେଉଛି।

# ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି ହାଇଭୋଲଟେଜ୍ ବିଦ୍ୟୁତ୍ ତାର

**ମାଲକାନଗିରି,୨୩।୩(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିରେ ବିପଦଜନକ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ ତାର। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବଡ଼ ଧରଣର ଅଘଟଣ ଅପେକ୍ଷାରେ ବିଦ୍ୟୁତ ବିଭାଗ ଓ ଟାଟା ପାୱାର। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ା ଗ୍ରାମରେ ଥିବା ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ବସଷ୍ଟପରେ ଅନେକ ଦିନ ହେବ ବିଦ୍ୟୁତ ଯୋଗାଣ ପାଇଁ ରହିଥିବା ହାଇଭୋଲଟେଜ ତାରଟି ତଳକୁ ଝୁଲିରହିଛି। ତେବେ ସେହି ରାସ୍ତାଦେଇ ଅନେକ ବସ ଓ ଟ୍ରକ ଆଦି ଯାନବାହାନ ଯାଉଥିବାବେଳେ ଏହି ତାରଟି ବଡ଼ ଗାଡ଼ିଗୁଡ଼ିକର ସଂସ୍ପର୍ଶରେ ଆସିବାର ଭୟ ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ବାରମ୍ବାର ଏନେଇ ବିଦ୍ୟୁତ ବିଭାଗର ଅଧିକାରୀ ଓ ଟାଟାପାୱାର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଦ୍ୟୁତ୍ ଦୁର୍ଘଟଣା ଘଟିବାର ଆଶଙ୍କା ଥିବାରୁ ଗ୍ରାମବାସୀ ଓ ସରକାରୀ କର୍ମଚାରୀମାନେ ବାରମ୍ବାର ବିଦ୍ୟୁତ୍ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ ହାଇଭୋଲଟେଜ ତାରକୁ ଉପରକୁ ଉଠା




ଯାଉନାହିଁ। ଫଳରେ ଏହି ତାର ଦ୍ୱାରା ବଡ଼ ଧରଣର ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ନିକଟରେ ବିଦ୍ୟାଳୟ ରହିଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ବସ ଯାତ୍ରୀମାନେ ମଧ ଭୟ କରୁଥିବାବେଳେ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ପୂଜ୍ୟପୂଜା ସମିତି ସଭାପତି ବଂଶୀଧର ଭୂୟାଁଙ୍କ ପରଲୋକ**

# ମୃତ୍ୟୁ ପରେ ବି ଅମର, ଚକ୍ଷୁ ଦାନ କରି ଉଦାହରଣ ସାଜିଲେ

**ବ୍ରହ୍ମପୁର,୨୩।୩(ସମିସ)**



ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂସ୍କୃତିକ ବିଭାଗ ପୂଜ୍ୟ ପୂଜା ସମିତିର ସଭାପତି ବଂଶୀଧର ଭୂୟାଁଙ୍କ ଗତକାଲି ସନ୍ଧ୍ୟାରେ ଏମକେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରେ ପରଲୋକ ହୋଇଯାଇଛି। ସେ ସହରରେ ଜଣେ ମେଳାପୀ, ସାଧୁ ପରାୟଣ ଓ ଦୃଢ଼ ସଂଗଠକ ଭାବେ ପରିଚିତ। ଏତଦବ୍ୟତୀତ ସେ ସହରର ବହୁ ସାମାଜିକ ସଂଗଠନର ସଦସ୍ୟ ଥିଲେ। ଦଳପତି କ୍ରିୟାନୁଷ୍ଠାନ କମିଟି, ଓମ ଲଫିଙ୍ଗ କ୍ଲବ, ପ୍ରୋବସ କ୍ଲବ ଆଦି ବିଭିନ୍ନ ଅନୁଷ୍ଠାନ ସହ ସେ ଶେଷ ଜୀବନ ପର୍ଯ୍ୟନ୍ତ ଜଡିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ସମେତ ବିଜିପୁର ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି। ମୃତ୍ୟୁ ପରେ ତାଙ୍କ ଇଛା ମୁତାବକ ତାଙ୍କ ଦୁଇଗୋଟି ଚକ୍ଷୁ ଏମକେସିଜି ମେଡିକାଲ କଲେଜର ଚକ୍ଷୁ ବିଭାଗକୁ ଦାନ ହୋଇଛି। ଡାକ୍ତର ମାନସ ଓରାମ, ଡା. ସୌମ୍ୟ ରଞ୍ଜନ ଦୋରା ଅସ୍ତ୍ରୋପଚାର ମାଧ୍ୟମରେ ଚକ୍ଷୁ ଦାନକୁ ତ୍ୱରାନ୍ୱିତ କରିଥିଲେ। ଚକ୍ଷୁଦାନ କରି ଶ୍ରୀ ଭୂୟାଁ ସମାଜରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ଏହିପରି ମହାନ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି। ଶ୍ରୀଯୁକ୍ତ ଭୂୟାଁଙ୍କ ମୃତ୍ୟୁ ସମୟରେ ତାଙ୍କୁ ୮୩ବର୍ଷ ହୋଇଥିଲା। ତାଙ୍କ ପତ୍ନୀ ଶାନ୍ତିଲତା ଭୂୟାଁ, ପୁଅ ଅଜିତ କୁମାର ଭୂୟାଁ ଓ ସୁଜିତ କୁମାର ଭୂୟାଁ, ଝିଅ ସାଗରୀକା ଭୂୟାଁ ଆଦି ତାଙ୍କ ପରିବାରବର୍ଗଙ୍କୁ ସମସ୍ତ ଅନୁଷ୍ଠାନ ପକ୍ଷରୁ ସମବେଦନା ଜଣାଯାଇଛି।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଂକଳ୍ପ ପତ୍ର ଉନ୍ମୋଚିତ

**ବ୍ରହ୍ମପୁର,୨୩।୩(ସମିସ):** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ପକ୍ଷରୁ ସଂକଳ୍ପ ପତ୍ର ଉନ୍ମୋଚିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଦିପକ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ନିର୍ବାଚନ ପରିଚାଳନା କମିଟିର ଅଧକ୍ଷ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି ଚିନ୍ତାମଣୀ ଦ୍ୟାନ ସାମନ୍ତରା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ଯୁବ ସଭାପତି ବିକାଶ ନାୟକ, ବରିଷ୍ଠ



ନେତା ପ୍ରମୋଦ ଦାସ, ସାକା ସୁଜିତ, ନଗର ସଭାପତି ଅତୁଲ୍ୟ ପାଢୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ କଂଗ୍ରେସ ପକ୍ଷରୁ ଚଳିତ ସାଧାରଣ ନିର୍ବାଚନକୁ ନଜରରେ ରଖି ସଂକଳ୍ପ ପତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କେନ୍ଦ୍ରରେ ବିଗତ ଦୁଇ ଥର ନିର୍ବାଚନରେ ଜିତି ଶାସନ କ୍ଷମତାରେ ଥିବା ବିଜେପି ସରକାର ସ୍ୱାର୍ଥପର ଭାବେ ଦେଶରେ କାର୍ଯ୍ୟ କରୁଛି ବୋଲି ଏଠାରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତତସତ ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିବା ବେଳେ ସୁଜୟ ଆଚାର୍ଯ୍ୟା, ଭାଗୀରଥି ବେହେରା, ମହେଶ କୁମାର ଗୌଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନାଳ ସମସ୍ୟାକୁ ନେଇ ରାସ୍ତା ଅବରୋଧ

**ପାରଳାଖେମୁଣ୍ଡି, ୨୩।୩ (ସମିସ)**



ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା ତଥା କ୍ରିଷ୍ଣା ସିନେମା ହଲ ନିକଟରେ ଦୀର୍ଘ ଦିନ ହେଲା ଦୂଷିତ ନାଳ ପାଣି ପ୍ରବାହିତ ହେଉଥିବା ଏବଂ ଏହି ସମସ୍ୟାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିବା ଯୋଗୁଁ ପ୍ରତିବାଦରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ସହରରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ନାଳ ପାଣି ରାସ୍ତା ଉପରେ ଚାଲୁଥିବା ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ପଥଚାରୀ। ଦୂଷିତ ଜଳ ପ୍ରବାହିତ ହେଉଥିବା ଯୋଗୁଁ ଗନ୍ଧରେ ନାକଫାଟି ପଡୁଛି। ବାରମ୍ବାର ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନନେବାରୁ ସ୍ଥାନୀୟ ବାସିନ୍ଦା ବାଧ ହୋଇ ରାସ୍ତା ଅବରୋଧ କରିଥିଲେ। ଏପରିକି ପୂର୍ତ୍ତ ବିଭାଗର ମନମୁଖୀ କାର୍ଯ୍ୟ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ଆଦର୍ଶ ଥାନା ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନକାରୀ ହଟି ନ ଥିଲେ। ପରେ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ତହସିଲଦାର ନାରାୟଣ ବେହେରା ପହଞ୍ଚି ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧରୁ ହଟିଥିଲେ ଆନ୍ଦୋଳନକାରୀ। ପ୍ରତିଶ୍ରୁତି ପ୍ରକାରେ ବର୍ତ୍ତମାନ ଅସ୍ଥାୟୀ ଭାବେ ନାଳ ସଫେଇ କରାଯାଇ ସମାଧାନ କରାଯିବ ଏବଂ ନିର୍ବାଚନ ପରେ ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯିବ। ଏପରି ପ୍ରତିଶ୍ରୁତି ପାଇ ଲୋକେ ରାସ୍ତାରୋକରୁ ହଟିଥିଲେ।

ପୌରପରିଷଦ ପକ୍ଷରୁ ସହରର ମୁଖ୍ୟ ରାସ୍ତା ଗୁଡିକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରାଯାଇଛି। ହେଲେ ହସ୍ତାନ୍ତର ପର ଠାରୁ ପୂର୍ତ୍ତ ବିଭାଗ କୌଣସି ଉନ୍ନୟନ କାମ କରିନି କି ରାସ୍ତାର ପ୍ରସସ୍ତିକରଣ, ଜବରଦଖଲ ଉଚ୍ଛେଦ ଆଦି କାମ ମଧ୍ୟ କରିନି। ଗୋଟିଏ ପଟେ ପୌରପରିଷଦ ସହରର ମୁଖ୍ୟ ରାସ୍ତା ଏବଂ ନାଳ କାମ ଆଦି ପୂର୍ତ୍ତବିଭାଗକୁ ହାତଟେକି ଦେଇଥିବା ବେଳେ ପୂର୍ତ୍ତବିଭାଗ ଟେଇଁ ଶୋଇପଡ଼ିଛି। ସହରର ବିଭିନ୍ନ ରାସ୍ତାଘାଟ ଏବଂ ନାଳ ଆଦିର ସ୍ଥାୟୀ ସମସ୍ୟାର ସମାଧାନ କରୁ ନ ଥିବା ବେଳେ ଉପୁଜୁଥିବା ସମସ୍ୟାକୁ ଗୁରୁତ୍ୱ ଦେଉନାହିଁ। ଏଭଳି ସ୍ଥଳେ ଲୋକେ ପୌରପରିଷଦକୁ ଅଭିଯୋଗ କରିବାକୁ ଯିବା ବେଳେ ପୌରପ୍ରଶାସନ ପୂର୍ତ୍ତ ବିଭାଗକୁ ହାତଟେକି ଦେଇଥିବା କହୁଛନ୍ତି। ହେଲେ ପୂର୍ତ୍ତ ବିଭାଗ ଠାରେ ଅଭିଯୋଗ କରିବାକୁ ଗଲେ କେହି କର୍ଣ୍ଣପାତ କରୁନାହାନ୍ତି। ଏପରି ଅବ୍ୟବସ୍ଥାରେ ସହରର ବିଭିନ୍ନ କାମ ପଡ଼ି ରହୁଛି। ତେଣୁ ବାରମ୍ବାର ପୂର୍ତ୍ତ ବିଭାଗ ଉପରେ ତୀବ୍ର ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଓ ନାଳ ନର୍ଦ୍ଦମା ସମସ୍ୟାକୁ ନେଇ ଜନସାଧାରଣ ଆନ୍ଦୋଳନ କରିବାର ନଜିର ରହିଛି। ସ୍ଥାଣୁ ପାଲଟିଥିବା ପୂର୍ତ୍ତ ବିଭାଗ ଉପରେ ଜିଲ୍ଲା ପ୍ରଶାସନ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ କରିବାକୁ ଦାବି ହେଉଛି।

## ବ୍ରହ୍ମପୁର ସାଂସଦଙ୍କ ମୋହନା ଗସ୍ତ



**ମୋହନା, ୨୩।୩(ସମିସ):** ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଶନିବାର ଗଜପତି ଜିଲ୍ଲା ମୋହନା ଗସ୍ତରେ ଆସି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ମୋହନାରେ ଆୟୋଜିତ ବୈଠକରେ ମୋହନାକୁ ଏନଏସି ଘୋଷଣା ଦାବି ସମ୍ପର୍କରେ ସାଂସଦଙ୍କୁ ଘେରିଥିଲେ ଲୋକେ। ମୋହନାକୁ ଏନଏସି ମାନ୍ୟତା ପାଇଁ ଗତ ୧୫ ବର୍ଷ ଧରି ଦାବି କରିଆସୁଛନ୍ତି ସ୍ଥାନୀୟ ବାସିନ୍ଦା। ଏଥିସହ ଗତ ୧୫ ତାରିଖ ଦିନ ୨୪ ଘଣ୍ଟିଆ ବନ୍ଦ ପାଳନ କରିଥିଲେ ମୋହନାବାସୀ। ୫୭ ଟି ସ୍ଥାନକୁ ଏନଏସି ଘୋଷଣା କରାଯାଇଥିଲେ ମଧ ମୋହନାକୁ ଏନଏସି ମାନ୍ୟତା ମିଳିନାହିଁ। ତେଣୁ ସାଂସଦଙ୍କ ନିକଟରେ ଅସନ୍ତୋଷ ପ୍ରକାଶ କରିଛନ୍ତି ମୋହନାବାସୀ। ସାଂସଦ ଲୋକଙ୍କୁ ଆଶ୍ୱାସନା ଦେବା ସହ ନିର୍ବାଚନ ପରେ ନିଶ୍ଚିତ ସରକାର ବିଚାର କରିବେ ବୋଲି ପ୍ରତଶ୍ରୁତି ଦେଇଥିଲେ। ଏଥିସହ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ବିଜେଡି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଦଣ୍ଡାସୀ ସାହୁ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ମୋସା ମାଝୀ, ମୋହନା ଉନ୍ନୟନ ପରିଷଦ ଓ ବଣିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସିପିଆଇ କାର୍ଯ୍ୟାଳୟରେ ସହିଦ ଦିବସ ପାଳନ



**ପାରଳାଖେମୁଣ୍ଡି, ୨୩।୩ (ସମିସ):** ପାରଳାଖେମୁଣ୍ଡିରେ ଥିବା ସିପିଆଇ କାର୍ଯ୍ୟାଳୟରେ ସହିଦ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସିପିଆଇଏମ୍ ଗଜପତି ଜିଲ୍ଲା ସମ୍ପାଦକ ଦଣ୍ଡପାଣି ରଇତ, ନଗର ସଭାପତି ଶ୍ରୀନୁ ବେହେରା, ବାଣି ପ୍ରସାଦ ମାଳି, ଏମ୍. ବାଙ୍ଗାରି, ଆର୍. ଲୋକନାଧାମ, ସଞ୍ଜୟ ଅଶୋକ, କାମେଶ ସାହୁ ଓ ରାକେଶ ଯୋଗ ଦେଇ ସହିଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଭଗତ ସିଂହ, ଶିବରାମ ହରି ରାଜଗୁରୁ ଓ ସୁଖଦେବ ଥାପରଙ୍କୁ ଆଜିକା ଦିନ ୧୯୩୧ ମସିହାରେ ଇଂରେଜମାନେ ଫାଶୀଖୁଣ୍ଟରେ ଝୁଲାଇ ଦେଇଥିବା ଏବଂ ତିନିଜଣ କମ୍ ବୟସରୁ ଦେଶ ପାଇଁ ହସି ହସି ପ୍ରାଣବଳି ସମ୍ପର୍କେ ମନେ ପକାଇଥିଲେ। ଏହାସହ ବ୍ରିଟିଶ ଶାସନ ସମୟରେ ଅନେକ ଲୋକଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ ପ୍ରେରଣା ଦେବା, ନିଜ ପ୍ରାଣ ଠାରୁ ଅଧିକ ଦେଶଭକ୍ତି ଓ ଦେଶପ୍ରେମକୁ ଗୁରୁତ୍ୱ ଦେବା ଆଦି ସମ୍ପର୍କରେ ବୀରପୁତ୍ରଙ୍କ ସ୍ମୃତି ଚାରଣ କରିଥିଲେ।

## କଂଗ୍ରେସର ଗ୍ୟାରେଣ୍ଟି ଇସ୍ତାହାର ଉନ୍ମୋଚିତ



**ପାରଳାଖେମୁଣ୍ଡି, ୨୩।୩ (ସମିସ):** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ୟାରେଣ୍ଟି ଇସ୍ତାହାର ଉନ୍ମୋଚନ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ଉପସ୍ଥିତିରେ ଇସ୍ତାହାର ଉନ୍ମୋଚନ ହୋଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲା ସଭାପତି ବିଭୁତି ଭୁଷଣ ପାତ୍ର, ସମ୍ପାଦକ ଅଭିମନ୍ୟୁ ପଣ୍ଡା, ଈଶ୍ୱର ମାଝୀ, ସୂର୍ଯ୍ୟ ନାରାୟଣ ପାତ୍ର, ବସନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁନା ମହାରଣା, ମହିଳା କଂଗ୍ରେସ ସଭାନେତ୍ରୀ ସେକ ଜସ୍ମିନ ରଫି, ରଞ୍ଜିତା ପାଣିଗ୍ରାହୀ, ବଂଶଧାରା ସାମନ୍ତ ସିଂହାର, ରୂଷମା ଗମାଙ୍ଗ, ରମ୍ଭା ନାୟକ, ଗୁମ୍ମା ବ୍ଲକର ଲଳିତ ମୋହନ ଦଣ୍ଡସେନା, ଆର ଉଦୟଗିରି ବ୍ଲକର ଜାଖବ ମାଝୀ, କାଶୀନଗର ବ୍ଲକର ସବରା ନାଇଡୁ, ରାୟଗଡ଼ା ବ୍ଲକର ମର୍ଶୁଧା ମଣ୍ଡଳ, ପାରଳାଖେମୁଣ୍ଡିର ରାଜା ପାତ୍ର, ସନ୍ତୋଷ ପଣ୍ଡା, ପୁରୁଷୋତ୍ତମ ପାଣିଗ୍ରାହୀଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସୁବିଧା ଆପ୍ ବ୍ୟବହାର ପାଇଁ ତାଲିମ

**ପାରଳାଖେମୁଣ୍ଡି, ୨୩।୩ (ସମିସ):** ଚଳିତ ସାଧାରଣ ନିର୍ବାଚନରେ ସୁବିଧା ଆପର ବ୍ୟବହାର କରାଯାଉଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ନୋଡାଲ ଅଧିକାରୀଙ୍କୁ ଏହି ଆପ୍ ଏବଂ ଏନକୋର୍ ପେରିମିଶନ ମଡ୍ୟୁଲ ବ୍ୟବହାର ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସୁବିଧା ଆପ୍ ତାଲିମ୍ ଅନୁଷ୍ଠିତ ହୋଇଥିଲା। ତାଲିମ୍ ଶିବିରରେ ବିଭିନ୍ନ ରାଜନୈତିକ ପ୍ରତିନିଧ ଏହି ଆପ ତଥା ଅନଲାଇନ୍‌ରେ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଯାହା ଦ୍ୱାରା ନାମାଙ୍କନ ପତ୍ର, ଆଫିଡିପିଟ୍ ଓ ରାଲି, ସଭା ସମିତି ଇତ୍ୟାଦି ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ କରିବାର ୪୮ ଘଣ୍ଟା ମଧ୍ୟରେ ପ୍ରମାଣପତ୍ର ପାଇ ପାରିବେ। ସେହିପରି ପ୍ରଚାର ପାଇଁ ଆବଶ୍ୟକ ଅନୁମତିର ତାଲିକା ଦେଖିବାର କ୍ଷମତା ଓ ସେମାନଙ୍କର ଅନୁମତି ପ୍ରୟୋଗର ସ୍ଥିତିକୁ ଟ୍ରାକ୍ କରିବାର କ୍ଷମତା, ଅନୁମତି ଫର୍ମ ଡାଉନଲୋଡ୍ କରି ଅନଲାଇନରେ ଦାଖଲ କରିବାର କ୍ଷମତା ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ବିବରଣୀ ରହିଛି। ଆଜିର ଏହି ତାଲିମ୍‌ରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ନୋଡାଲ ଅଧିକାରୀ, ରାଜନୈତିକ ପ୍ରତିନିଧି ତଥା କଂଗ୍ରେସର ଈଶ୍ୱର ଚନ୍ଦ୍ର ମାଝୀ, ସିପିଆଇଏମର ଦଣ୍ଡପାଣି ରଇତ, ବିଜେଡିର ଜମିଦାର ପଟ୍ଟନାୟକ ଓ ଆମ ଆଦମୀ ପାର୍ଟିର ଶିଶିର କୁମାର ଭଞ୍ଜ ସାମନ୍ତ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା କେନ୍ଦ୍ର ଅଧିକାରୀ ଟି. ବାଳକୃଷ୍ଣ ମୂର୍ତ୍ତୀ ଓ ଚିରଞ୍ଜିବି ଦୋରା ପ୍ରଶିକ୍ଷଣ ଦେଇଥିଲେ।



## ବାଘୁଆ ମହୁମାଛି ଆକ୍ରମଣରେ ୧୪ ଆହତ

**ମୋହନା, ୨୩।୩(ସମିସ):** ଜଙ୍ଗଲୀ ବାଘୁଆ ମହୁମାଛି ଆକ୍ରମଣରେ ୧୪ ଜଣ ଆହତ ହୋଇଛନ୍ତି। ଗଜପତି ଜିଲ୍ଲା ମୋହନା ବ୍ଲକ ଖାରିମେରା ଗ୍ରାମରେ ଘଟିଛି ଏଭଳି ଘଟଣା। ସୂଚନା ପ୍ରକାରେ ଶନିବାର ସକାଳେ ଗ୍ରାମର କିଛି ଲୋକ ବଗଡ଼ ସଫା କରିବା ପାଇଁ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ସେଠାରେ ରୋଷେଇ କରିବା ପାଇଁ ଏକ ଗଛ ମୂଳରେ ନିଆଁ ଲଗାଇବା ବେଳେ ଗଛରେ ବସା ବାନ୍ଧିଥିବା ଜଙ୍ଗଲୀ ବାଘୁଆ ମହୁମାଛି ସମସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିର୍ କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତଙ୍କ ସ୍ୱାସ୍ଥ୍ୟଅବସ୍ଥା ସ୍ଥିର ଥିବା ଡା.ଅନୁପମା ପାଢ଼ୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ଖରାଦିନ ଆରମ୍ଭ ହେଉଥିବା ବେଳେ ଜଙ୍ଗଲ ମଧ୍ୟରେ ନିଆଁ ଲାଗିଲେ କିମ୍ବା ତାପମାତ୍ରା ବୃଦ୍ଧି ପାଇଲେ ମହୁମାଛି ଆକ୍ରମଣ ସମ୍ଭାବନା ବୃଦ୍ଧି ପାଇବାର ଆଶଙ୍କା ରହିଛି, ତେଣୁ ଲୋକେ ଏଥିପ୍ରତି ନିଜେ ଯତ୍ନବାନ ହେବା ନିହାତି ଆବଶ୍ୟକ ବୋଲି କୁହାଯାଇଛି।



## ବିଦ୍ୟାଳୟରେ ହୋଲି ଖେଳିଲେ ବିଦ୍ୟାର୍ଥୀ

**ପାରଳାଖେମୁଣ୍ଡି,୨୩।୩(ସମିସ):** ପାରଳାଖେମୁଣ୍ଡିରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ରଂଗର ପର୍ବ ହୋଲି ପାଳନ କରାଯାଇଥିଲା। ଭାଇଚାରା ତଥା ରଙ୍ଗର ପର୍ବ ହୋଲି ଉତ୍ସବକୁ ଆଉ ଦୁଇ ଦିନ ଥିବାବେଳେ ବିଦ୍ୟା ମନ୍ଦିରରେ ପିଲାମାନେ ହୋଲି ପାଳନ କରିଥିଲେ। ନିଜ ନିଜ ମଧ୍ୟରେ ରଂଗର ଆଦାନ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ବିନା ରାସାୟନିକ ରଙ୍ଗ ବ୍ୟବହାର ପିଲାଏ ହୋଲି ଖେଳିଥିଲେ।



## ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଛାତ୍ରଛାତ୍ରୀଙ୍କ ସଫଳତା

**ଜି.ଉଦୟଗିରି, ୨୩।୩(ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏନ୍‌ଆରଟିଏସ ପରୀକ୍ଷାରେ ସିମ୍ରନ୍ ପ୍ରଧାନ, ଇଭାନା ନାୟକ, ପ୍ରୀତି ପ୍ରଜ୍ଞା ବେହେରା କୃତିତ୍ୱ ଅର୍ଜନ କରିଥିବା ବେଳେ ଜାତୀୟ ବୃତ୍ତି ରେ ପ୍ରିତିଶ୍ ମହାରଣା, ସୋମୁ ମହାପାତ୍ର, ଜୟସ୍ମିତା ମଲ୍ଲିକ ପ୍ରମୁଖ କୃତିତ୍ୱ ଅର୍ଜନ କରିଛନ୍ତି। ମେଧାବୃତ୍ତିରେ ସମ୍ପୂର୍ଣ୍ଣା ପ୍ରିୟଦର୍ଶିନୀ ସାହୁ, ସୁଶ୍ରୀ ସଗୁନ୍ ପଣ୍ଡା, ଆୟୁଷ କୁମାର ଦାସ, ସୋମୁ ମହାପାତ୍ର, ସୋନାକ୍ସି ନାୟକ ଓ ଲିସି ସାହୁ ପ୍ରମୁଖ ସଫଳତା ହାସଲ କରିଥିବା ଜଣାପଡ଼ିଛି।

● ଦୁଇ ମାସ ବିତିଲା

## ନିଖୋଜ ଛାତ୍ରୀଙ୍କ ମିଳିଲାନି ସନ୍ଧାନ

**ରାୟଗଡ଼, ୨୩।୩(ସମିସ):** ବିଦ୍ୟାଳୟରୁ ଛାତ୍ରୀ ନିଖୋଜ ହୋଇଥିବା ନେଇ ରାୟଗଡ଼ ଥାନାରେ ପରିବାର ଲୋକେ ଅଭିଯୋଗ ଦୁଇ ପୂର୍ବେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପତ୍ତା ମିଳିନାହିଁ। ଝିଅଟୁ ଖୋଜିବା ପାଇଁ ବାରମ୍ବାର ଥାନାର ଦ୍ୱାରସ୍ଥ ହେଉଛନ୍ତି ପରିବାର ଲୋକେ ହେଲେ କିଛି ଫଳ ମିଳୁ ନଥିବା ଅଭିଯୋଗ ହେଉଛି। ପ୍ରତିଦିନ ଭଳି ଜାନୁୟାରୀ ୩ ତାରିଖରେ ମଧ୍ୟ ଝିଅ ସ୍କୁଲକୁ ଯାଇଥିଲା। ମାତ୍ର ଘରକୁ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲା। ଏନେଇ ପରିବାର ଲୋକେ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନପାଇବାରୁ ରାୟଗଡ଼ ଥାନାରେ ଜାନୁଆରୀ ୫ ତାରିଖରେ ମାମଲା ରୁଜୁ କରିଥିଲେ ପରିବାର ଲୋକେ। ଜୈନିକ ଯୁବକ ଝିଅକୁ ଅପହରଣ କରିଥିବା ଏତଲାରେ ଦର୍ଶାଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ ତଦନ୍ତ କରିଥିଲା। ହାଇଦରବାଦରେ ଝିଅ ଥିବା ଖବର୍ ପାଇଁ ଚଢଉ କରିଥିଲା। ମାତ୍ର କୌଣସି ସନ୍ଧାନ ନ ପାଇ ଫେରିବାକୁ ବାଧ ହୋଇଥିଲା। ଦୁଇ ମାସରୁ ଅଧିକ ସମୟ ବିତି ଯାଇଥିବା ସତ୍ତ୍ୱେ ଝିଅର ସନ୍ଧାନ ମିଳିପାରି ନାହିଁ। ଏନେଇ ରାୟଗଡ଼ ଥାନା ଅଧିକାରୀ ସୁନୀଲ କୁମାର ବେହେରାଙ୍କୁ ପଚାରିବାରେ ତଦନ୍ତ ଜାରି ରହିଛି। ଖୁବ ଶୀଘ୍ର ଅପହରକାରୀକୁ ଗିରଫ କରାଯିବ ବୋଲି କହିଛନ୍ତି।

● ମହାନତା ଦେଖାଇଲେ ପୁଲିସ କର୍ମଚାରୀ

## ଆହତକୁ ନିଜ ଗାଡ଼ିରେ ନେଲେ ସ୍ୱାସ୍ଥ୍ୟକେନ୍ଦ୍ର



**ଜି.ଉଦୟଗିରି, ୨୩।୩(ସମିସ):** ଦିନକୁ ଦିନ ସଡକ ଦୁର୍ଘଟଣା ବଢୁଥିବା ବେଳେ ଏବେ ଜରୁରୀ ସମୟରେ ଆମ୍ବୁଲାନ୍ସ ନ ମିଳିବା ଚିନ୍ତାର କାରଣ ହୋଇଛି। ଯାହା ସାଧାରଣ ଜନତାଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରୁଛି। ଗୁରୁତର ରୋଗୀଙ୍କ ପାଇଁ ପ୍ରତି ସେକେଣ୍ଡ ମୂଲ୍ୟବାନ ହୋଇଥିବା ବେଳେ ଆମ୍ବୁଲାନ୍ସ ନମିଳିବା ରୋଗୀଙ୍କ ପାଇଁ କାଳ ହେଇଛି। ଏମିତି ଏକ ଘଟଣା ଆଜି କଳିଗାଂରେ ଦେଖିବାକୁ ମିଳିଛି। ଭଞ୍ଜନଗରରୁ ଜଣେ ଯୁବକ ବାଇକ୍ ରେ ଆସୁଥିବା ବେଳେ କଳିଗାଂ କେଶବ ଢାବା ନିକଟରେ କୁକୁର ପଶିଯିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ହୋଇଥିବା ବେଳେ କଳିଗାଂର ସମାଜସେବୀ ଆମନ ନାୟକ ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ କରିଥିଲେ। ୧୦ ମିନିଟ ଲାଇନ୍‌ରେ ରହିବା ପରେ ଜି. ଉଦୟଗିରି, ଟିକାବାଲି, ରାଇକିଆରେ ଆମ୍ବୁଲାନ୍ସ ନାହିଁ, ଆପଣ ଯଦି ଚାହିଁବେ ଗଞ୍ଜାମରୁ ପଠାଇ ପାରିବୁ। ତେଣୁ ଆପଣ ବିକଳ୍ପରେ ଅନ୍ୟ ଗାଡିରେ ନେବା ବ୍ୟବସ୍ଥା କରନ୍ତୁ ବୋଲି ଉତ୍ତର ମିଳିଥିଲା। ଏତିକି ବେଳେ ଏଏସଆଇ ରମେଶ ଚନ୍ଦ୍ର ଦାଶ ସହ ପୁଲିସ ଟିମ ପାଟ୍ରୋଲିଂ କରୁଥିବା ଆହତଙ୍କୁ ଦେଖିଥିଲେ। ମହାନତା ଦେଖାଇ ଏଏସଆଇ ଶ୍ରୀ ଦାଶ ପୁଲିସ ଗାଡିରେ ଆହତଙ୍କୁ ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇ ଥିଲେ। ପୁଲିସ୍‌ର ଏହି ମହାନତା ପାଇଁ ପ୍ରଶଂସା କରାଯାଇଛି।

### ବନାଞ୍ଚଳବାସୀଙ୍କ ଜୀବନ ଜୀବିକାରେ ମହୁଲ ଫୁଲ

# ଆଦିବାସୀଙ୍କୁ ମିଳୁନି ପ୍ରକୃତ ମୂଲ୍ୟ

**ଫିରିଙ୍ଗିଆ, ୨୩।୩(ସମିସ)**

ଫିରିଙ୍ଗିଆ ବ୍ଲକର ପ୍ରାୟ ଅଧିକାଂଶ ଆଦିବାସୀ ପରିବାର ଏବେ ମହୁଲ ଫୁଲ ସଂଗ୍ରହ କରି ପରିବାର ପୋଷଣ କରୁଛନ୍ତି। କିନ୍ତୁ ଏହାର ପ୍ରକୃତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ଜିଲ୍ଲା ତଥା ବାହାର ରାଜ୍ୟରୁ ଦଲାଲ ଆସି ଶସ୍ତା ଦରରେ ମହୁଲ ଫୁଲ କିଣି ଲାଭ ଉଠାଇ ନେଉଥିବା ଅଭିଯୋଗ ହେଉଛି। ମାର୍ଚ୍ଚ ମାସ ଆସିଲେ ଏହା ପାଚିବା ଆରମ୍ଭ କରିଥାଏ। ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ସଂଗ୍ରହରେ ଲାଗି ପଡୁଥିବା ଦେଖାଯାଏ। ଅଧିକାଂଶ ମହୁଲ ଗଛ ବ୍ୟକ୍ତିଗତ ଅଧିକାରରେ ରହିଥାଏ। ଜଣେ ଅନ୍ୟ ଜଣଙ୍କ ଗଛରୁ ମହୁଲ ଫୁଲ ସଂଗ୍ରହ କରି ନ ଥାଏ। ଫୁଲ ଝଡ଼ିବା ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଚାଲିଥାଏ। ଫୁଲ ଝଡିବା ଆରମ୍ଭ ହେଲେ ଆଦିବାସୀଙ୍କୁ ମୁହଁରେ ହସ ଫୁଟେ। ଦୈନିକ ଗୋଟିଏ ଗଛରୁ ହାରାହାରି ୧୫ ରୁ ୨୯ କେଜି ମହୁଲ ସଂଗ୍ରହ ହୋଇଥାଏ। ସଂଗୃହିତ ମହୁଲକୁ କିଛି ଦିନ ଖରାରେ ଶୁଖାଇବାକୁ ପଡ଼ିଥାଏ ପରେ ବିକ୍ରି ଯୋଗ୍ୟ ହୋଇଥାଏ। କିଲୋ ପ୍ରତି ୪୯ ରୁ ୫୦ ଟଙ୍କା ବିକ୍ରୟ ହେଉଛି। ବର୍ଷା ପୂର୍ବରୁ ଗଛରୁ ମହୁଲ ଫୁଲ ଝଡ଼ିବା ପରେ ଟୋଲ ସଂଗ୍ରହ ହୋଇଥାଏ। ଏଥିରୁ ଲୋକେ ଖାଇବା ତେଲ ସଂଗ୍ରହ କରିଥାନ୍ତି। ଖାଦ୍ୟ ବ୍ୟତୀତ ଶରୀରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ଚର୍ମ ରୋଗ, କାଛୁ କୁଣ୍ଡିଆ ଯାଦୁ ଆଦି ଚର୍ମ ରୋଗର ଔଷଧ ଭାବେ ବ୍ୟବହାର କରିଥାନ୍ତି। ବେଶ୍ ଉପକାରୀ ଗଛ ହୋଇଥିବାରୁ ଲୋକେ ଏହାକୁ ସଂରକ୍ଷିତ କରି ରଖିଥାନ୍ତି। ଗୋଟିଏ ଗଛରୁ ସର୍ବାଧିକ ୪ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମହୁଲ ଫୁଲ ସଂଗ୍ରହ ହେଉଥିବାରୁ ଏହାକୁ ବିକ୍ରି କରି ଆଦିବାସୀ ବର୍ଷକର ଦାନା ସଂଗ୍ରହ କରିଥାଆନ୍ତି। ପ୍ରଶାସନ ପକ୍ଷରୁ କିଣା ଗଲେ ପ୍ରକୃତ ମୂଲ୍ୟ ଲୋକେ ପାଇ ପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି।





ମହୁଲ ଗଛ ତିନିବର୍ଷର ହେଲେ ଫୁଲ ଫୁଟିଥାଏ ଓ ଦଶବର୍ଷ ହେଲେ ଡାଳରେ ଫଳ ଦେଖାଯାଏ। ମହୁଲ ଗଛଟିଏ ପ୍ରାୟ ୧୦୦ରୁ ୧୫୦ ବର୍ଷ ବଞ୍ଚିଥାଏ। ଗୋଟିଏ ବଡଗଛରୁ ୭୦ରୁ ୭୫ କି.ଗ୍ରା ଯାଏ ଫଳ ମିଳିଥାଏ। ଫୁଲ ଫୁଟିବା ପୂର୍ବରୁ ପ୍ରତିବର୍ଷ ଫେବୃଆରୀଠାରୁ ଏପ୍ରଲ ମଧ୍ୟରେ ପୁରୁଣା ପତ୍ର ସବୁ ଝଡ଼ିଥାଏ ଓ ଏପ୍ରିଲ-ମେ ମାସରେ ନୂଆ ପତ୍ର ଦେଖା ଯାଇଥାଏ। ମହୁଲ ଫୁଲର ଲମ୍ବ ଦେଢ ସେଣ୍ଟିମିଟର ପର୍ଯ୍ୟନ୍ତ ହେଇଥାଏ। ଜୁନରୁ ଅଗଷ୍ଟ ମଧ୍ୟରେ ଏହାର ଫଳ ପାଚେ। ମହୁଲ ଫୁଲ ସାମାନ୍ୟ ବନଜାତ ଦ୍ରବ୍ୟ ହୋଇଥିଲେ ହେଁ ଆଦିବାସୀଙ୍କ ପାଇଁ ଏହା ଅମୂଲ ମୂଲ। ଫଗୁଣର ଆଗମନରେ ଆଦିବାସୀ ଲୋକେ ଏହାକୁ ଜୀବିକା କରିଥାନ୍ତି। କନ୍ଧମାଳ ଜିଲ୍ଲାର କିଛି ଅଞ୍ଚଳରେ ଏହାକୁ ଚାଷ ମଧ୍ୟ କରାଯାଏ। ଏହାର ଫୁଲ ଓ ଫଳ ( ଟୋଲ) ଉଭୟ ଉପଯୋଗୀ। ମହୁଲ ଫୁଲରୁ ଆଦିବାସୀଙ୍କ ପରିବାରରେ ଅନେକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ଟୋଲ ବୀଜରୁ ଖାଇବା ଏବଂ ଦେହରେ ଲଗାଇବା ତେଲ ଉତ୍ପାଦନ କରିଥାନ୍ତି। ଚର୍ମରୋଗ ପ୍ରତି ଏହା ବିଶେଷ ପ୍ରତିକାର ହୋଇଥାଏ ବୋଲି ମହୁଲ ସଂଗ୍ରହ କାରୀ କହିଛନ୍ତି। ଫଗୁଣ ମାସ ଆସିଲେ ଆଦିବାସୀ ଗାଁଗଣ୍ଡା ମହୁଲ ଫୁଲ ବାସ୍ନାରେ ଗାଉଁଲି ବାତାବରଣ ମହକି ଉଠେ। ଲୋକେ ଫୁଲ ସଂଗ୍ରହ କରିବାକୁ ମହୁଲ ଗଛ ତଳକୁ ସଫା ସୁତୁରା କରି ଗୋବରରେ ଲିପି ପରିଷ୍କାର କରିଥାନ୍ତି। ଗଛରୁ ତଳେ ପଡ଼ିଥିବା ମହୁଲ ଫୁଲକୁ ପରିବାର ଲୋକେ ପାଳିକରି ଗୋଟାଇ ଥାନ୍ତି। ଫୁଲ ସଂଗ୍ରହ କରିବାକୁ ପୁରୁଷ ମହିଳା ପିଲାଛୁଆ ବଡି ଭୋର ସକାଳୁ ଟୋପଲି ଚାଙ୍ଗୁଡ଼ି ଡାଲା ଧରି ଅପରାହ୍ନ ଶେଷ ଯାଏଁ ସଂଗ୍ରହ କରିଥାନ୍ତି। ଏହି ଫୁଲ ଅନେକଙ୍କୁ ଦାନା ଦେଇଥାଏ।

# ଦିଲ୍ଲୀ ପବ୍ଲିକ୍ ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ



**ସେମିଳିଗୁଡ଼ା,୨୩।୩(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ସିଟମ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଆଉ ଏକ ସାର୍ଥକ ଶିକ୍ଷା ଅନୁଷ୍ଠାନ ଦିଲ୍ଲୀ ପବ୍ଲିକ୍ ସେକେଣ୍ଡାରୀ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହରେ ସ୍କୁଲର ସଭାପତି ଶ୍ରୀକୃଷ୍ଣ ସିଂହ ସଭାପତିତ୍ୱ କରିଥିଲେ। ଡିପିଏସ୍ଏସର ପ୍ରିନ୍ସିପାଲ ନାରାୟଣ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ସ୍କୁଲର ଶିକ୍ଷା ପୂର୍ବ ବର୍ଷ ପରି ଉଚ୍ଚ ମାନର ରହିଛି। ଏହି ସ୍କୁଲର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପ୍ରଦର୍ଶନ କରି ଶିକ୍ଷା ଆୟତନର ଗରିମା ବଢ଼ାଇଛନ୍ତି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏଲ.କେ. ରାଉତ ଏବଂ ଅନ୍ୟତମ ଅତିଥି ଭାବେ ବିନୋଦ କୁମାର ସାମଲ ଓ ଅର୍ଜୁନ ଚରଣ ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କମାଣ୍ଡାଣ୍ଟ ସୌରଭ ବିଶ୍ୱାସ ସେଟିଆ, ବେଙ୍ଗାଲୁରୁ କମ୍ପାନୀର ବୃନ୍ଦା ସିଂହ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା ଅତି ଉତ୍ତମ ଥିବା ଦର୍ଶାଇ ପରିବେଶର ଭୂୟସୀ ପ୍ରଶଂସା କରିଥିଲେ। ୪୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଏହି ସମାରୋହରେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜର ଉତ୍ତମ ପ୍ରଦର୍ଶନ ପାଇଁ ଏବଂ ସ୍କୁଲରେ ନିଜର କୃତିତ୍ୱ ହାସଲ କରିଥିବା ଯୋଗୁଁ ୧୩୮ଟି ସିଲ୍ଡ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା, ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

■ ସାଧାରଣ ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା

# ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ପରାମର୍ଶ






**ନବରଙ୍ଗପୁର,୨୩।୩(ସମିସ):** ନବରଙ୍ଗପୁର ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ଆବଶ୍ୟକ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶନିବାର ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ସମୀକ୍ଷା କରିଥିଲେ। ନବରଙ୍ଗପୁର ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଏଡିଜି ତଥା ରାଜ୍ୟ ପୁଲିସ୍ ନୋଡାଲ ଅଧିକାରୀ ସଞ୍ଜୟ କୁମାର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ନବରଙ୍ଗପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧୀକ୍ଷକ ରୋହିତ୍ ବର୍ମା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ଡ. ମିଶ୍ର ଜିଲ୍ଲା ପ୍ରଶାସନ ତରଫରୁ ଆଗାମୀ ସାଧାରଣ ନିର୍ବାଚନରେ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବ୍ୟବସ୍ଥା କରାଯାଇଥିବା ୯୯୨ଟି ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ ପାଇଁ କରାଯାଇଥିବା ଆବଶ୍ୟକ ସମସ୍ତ ବ୍ୟବସ୍ଥା ଓ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳଙ୍କୁ ଅବଗତ କରାଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସାଧାରଣ ନିର୍ବାଚନ ପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ଓ ପରିଚାଳନାରେ ଯେପରି କୌଣସି ତ୍ରୁଟି ନ ହୁଏ, ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ସମନ୍ୱୟ ରଖି ନିଜ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭୋଟ ଗ୍ରହଣ କେନ୍ଦ୍ରରେ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅବାଧ, ନିରପେକ୍ଷ, ସ୍ୱଚ୍ଛ, ସମ୍ମିଳିତ, ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଜନସାଧାରଣଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ଏବଂ ଅସାମାଜିକ, ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ପୁଲିସ ପ୍ରଶାସକକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକ ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ, ଇଭିଏମ୍ ରଖାଯାଇଥିବା ସ୍ଥାନ ପରିଦର୍ଶନ କରିଥିଲେ ଏବଂ ସେଠାରେ ଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

■ ରାୟଗଡ଼ା

ସାଧାରଣ ନିର୍ବାଚନ ୨୦୨୪ର ପ୍ରସ୍ତୁତି ନେଇ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ତିରୁମାଲା ନାୟକ ଶନିବାର ଦିନିକିଆ ରାୟଗଡ଼ା ଜିଲ୍ଲା ଗସ୍ତରେ ଆସି ନିର୍ବାଚନ ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ଏଥିସହ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧୀକ୍ଷକ ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ଗୁଣୁପୁର କିରଣ ଦୀପ କୌର, ଉପଜିଲ୍ଲାପାଳ ରାୟଗଡ଼ା କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖଙ୍କ ସମେତ ଶ୍ରୀ ନାଏକ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିରିଗୁଡ଼ା ଓ ଗୋବିନ୍ଦ ଚନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ହେବାକୁ ଥିବା ଷ୍ଟ୍ରଙ୍ଗରୁମ ଏବଂ ଏହାର ପରିସର ଅନୁଧ୍ୟାନ କରିଥିଲେ। ପରେ ଜିଲ୍ଲା ପରିଷଦ ସମିଳନୀ କକ୍ଷଠାରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ପୁଲିଂ ଅଧିକାରୀ ଓ ନିର୍ବାଚନ କାର୍ଯ୍ୟରେ ଜଡ଼ିତ ଥିବା ସମସ୍ତ କର୍ମଚାରୀମାନଙ୍କୁ ଜିଲ୍ଲାରେ ଯେପରି ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ ଅନୁଷ୍ଠିତ ହେବ ସେଥି ପାଇଁ ଏହି ଦାୟିତ୍ୱରେ ଥିବା ପୁଲିସ ଓ ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ କୌଣସି କର୍ମଚାରୀଙ୍କ ଅସାବଧାନତାରୁ ଯେପରି ନିର୍ବାଚନ କାର୍ଯ୍ୟରେ ଯେପରି ଅସୁବିଧା ନହୁଏ ସେଥିପାଇଁ ସତର୍କ କରାଇଥିଲେ। ଫ୍ଲାଇଂ ସ୍କ୍ୱାଡ୍, ଷ୍ଟାଟିକ ସର୍ଭେଲାନ୍ସ, ଅବକାରୀ, ପୁଲିସ ବିଭାଗ ଆଦି ତୀକ୍ଷ୍ଣ ନଜର ରଖିବେ। ନିର୍ବାଚନ କାର୍ଯ୍ୟରେ ଯେପରି ଅର୍ଥବଳ ଓ ନିଶା କାରବାର ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ ନ କରାଯାଏ ସେଥିପାଇଁ କଡ଼ାକଡ଼ି ଯାଞ୍ଚ କରିବେ ଏବଂ ସତର୍କତା ଅବଲମ୍ବନ କରିବେ ବୋଲି ଶ୍ରୀ ନାଏକ କହିଥିଲେ। ଚଳିତ ବର୍ଷ ନିର୍ବାଚନରେ ପ୍ରଥମ କରି ଘରେଘରେ ଯାଇ ଦିବ୍ୟାଙ୍ଗ, ୮୫ ବର୍ଷରୁ ଅଧିକ ବୟସର ବୃଦ୍ଧବୃଦ୍ଧାମାନଙ୍କୁ ପାଞ୍ଚଦିନ ପୂର୍ବରୁ ଭୋଟ ଦେବା ପାଇଁ ବ୍ୟବସ୍ଥା କରାଯିବା ସହ ଚଳିତ ବର୍ଷ ରାୟଗଡ଼ା ବିଧାନସଭା ପାଇଁ ସମସ୍ତ ପୁଲିଂ ପାର୍ଟି ଭୋଟ କେନ୍ଦ୍ରକୁ ଗୋଟିଏ ଦିନ ପୂର୍ବରୁ ଗସ୍ତ କରିବେ। କର୍ମଚାରୀମାନେ କାହାଦ୍ୱାରା ପ୍ରଭାବିତ ହେବେ ନାହିଁ ଏବଂ ନିରପେକ୍ଷ ଆଚରଣ କରିବା ଆବଶ୍ୟକ ବୋଲି ଶ୍ରୀ ନାଏକ କହିଥିଲେ। ବୈଠକରେ ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହଳ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲାଲମୋହନ ରାଉତରାୟ, ଆଦର୍ଶ ଆଚରଣ ବିଧି ନୋଡାଲ ଅଧିକାରୀ ଡ. ଦୟାନିଧି ବାଗ, ଡେପୁଟି କଲେକ୍ଟର ସୂର୍ଯ୍ୟମଣୀ ଭୋଇ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାମଙ୍ଗଳ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ବିଡିଓ, ତହସିଲଦାର, ଫ୍ଲାଇଙ୍ଗ ସ୍କ୍ୱାଡ୍ ନୋଡାଲ ଅଧିକାରୀ ଓ ପୁଲିସ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

■ 'ଚଲାପଥ-ଚାଣକ୍ୟ' କାର୍ଯ୍ୟକ୍ରମ

# 'କଠିନ ପରିଶ୍ରମ ଓ ସ୍ଥିର ଲକ୍ଷ୍ୟ ସଫଳତାର ପରିଚାୟକ'



**ଉମରକୋଟ,୨୩।୩(ସମିସ):** କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। ଲକ୍ଷ୍ୟ ସ୍ଥିର କରି ଧୈର୍ଯ୍ୟର ସହ କାର୍ଯ୍ୟ କଲେ ଜୀବନରେ ସଫଳତା ନିଶ୍ଚୟ ମିଳିବ ବୋଲି କେଶରୀବେଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସୋଡ଼ାପାରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ 'ଚଲାପଥ-ଚାଣକ୍ୟ' କାର୍ଯ୍ୟକ୍ରମରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚୁରାମ ଗଣ୍ଡ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସନ୍ଦବେଡ଼ା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପୀତାମ୍ବର ମାଳି ଯୋଗଦେଇ ଚଳିତ ବର୍ଷ ପଞ୍ଚମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ସୁନୀଲ ବିଶ୍ୱାଳ, ଦୀପକ ବିଶ୍ୱାଳ, ସ୍ୱରୂପ ସରକାର, ଚିତ୍ରସେନ ପରଜା, ଧନୀରାମ ଗଣ୍ଡ, ରଘୁନାଥ ମୁର୍ମୁ, ଶିକ୍ଷୟିତ୍ରୀ ଚମ୍ପାବତୀ ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ନିଜନିଜର ଅଭିମତ ରଖିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସତ୍ୟଶେଖର ନାୟକ ଚଳିତ ବର୍ଷ ପଞ୍ଚମ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟାମାନେ ଉପସ୍ଥିତ ଥିବାବେଳେ ସଭାପତିମାନଙ୍କୁ ଶ୍ରୀ ଗଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଚମ୍ପାବତୀ ମାଝୀ ଏହି ସଭାରେ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ଦୁଇ ରୋଷେୟାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ପଞ୍ଚମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭୁଲା ଅନୁଭୂତି ବଖାଣି ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମାରୁ ଭତ୍ରା, ଚମରା ରାଉତ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ସତ୍ୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାଗ୍ରସ୍ତ କାର୍‌ରୁ ୨ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**କୁନ୍ଦୁରା,୨୩।୩(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଭୁସାଙ୍ଗଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଖଟଲାପଦର କୋଲାବ ନଦୀ ବ୍ରିଜ ତଳକୁ ଖସି ଏକ ଇନୋଭା କାର ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଉକ୍ତ ଦୁର୍ଘଟଣା କାର୍‌ରୁ ୨ କ୍ୟୁଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି କୁନ୍ଦୁରା ଓ ବୈପାରୀଗୁଡ଼ା ପୁଲିସ। ଏଥିସହ ଗାଡ଼ି

● ଚାଲାଣକାରୀ ଫେରାର

ଭିତରୁ ଏକାଧିକ ବହୁ ନକଲି ନମ୍ବର ପ୍ଲେଟ୍ ଜବତ ହୋଇଥିବାବେଳେ ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୨ଟା ସମୟରେ ଏକ ଇନୋଭା ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା କୁନ୍ଦୁରା ଏବଂ ବୈପାରୀଗୁଡ଼ା ପୁଲିସ ଖବର ପାଇ ପିଛା କରିଥିଲେ। ପୁଲିସ ଗାଡ଼ି ପିଛା କରୁଥିବା ଜାଣି ଇନୋଭାରେ ଯାଉଥିବା ଉକ୍ତ ଗଞ୍ଜେଇ ଚାଲାଣକାରୀମାନେ ଦ୍ରୁତଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ବ୍ରିଜ ତଳକୁ କାରଟି ଖସିପଡ଼ିଥିଲା। ଚାଲାଣକାରୀ ଘଟଣାସ୍ଥଳରୁ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବାବେଳେ ଗାଡ଼ି ଭିତରୁ ଗଞ୍ଜେଇକୁ ପୁଲିସ ଜବତ କରିଥିଲା। ଏଥିସହ ଇନୋଭା କାର୍‌ରୁ ପୁଳାପୁଳା ନମ୍ବର ପ୍ଲେଟ ବାହାରିଥିବାବେଳେ ଗାଡ଼ିର ଆଗରେ ଛତିଶଗଡ଼ ଏବଂ ପଛରେ ଓଡ଼ିଶା ନମ୍ବର ଥିବା ଦେଖିବାକୁ ମିଳିଛି। ଉକ୍ତ ଇନୋଭା ଗାଡ଼ିରେ ଆଗପଟେ ସିଜି ୧୦ ବିଏଚ ୯୦୦୫ ବିଶିଷ୍ଟ ନମ୍ବର ପ୍ଲେଟ୍ ରହିଥିବାବେଳେ ପଛପଟେ ଓଡି ୦୨ ବିଏମ ୪୫୭୮ ବିଶିଷ୍ଟ ନମ୍ବର ପ୍ଲେଟ୍ ଲାଗିଛି। କୁନ୍ଦୁରା ଓ ବୈପାରୀଗୁଡ଼ା ପୁଲିସର ମିଳିତ ଚଢ଼ଉ ବେଳେ କାର୍‌ରୁ ୨ କ୍ୟୁଣ୍ଟାଲ ୨୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ଏନେଇ ୩୯/୨୪ରେ ଏକ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ କରୁଥିବା କୁନ୍ଦୁରା ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ଏବଂ ବୈପାରୀଗୁଡ଼ା ଥାନା ଅଧିକାରୀ ଦିପାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି। ଚାଲାଣ ହେଉଥିବା ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି






■ ରାଇଘର ବ୍ଲକ୍ ଉପାଧ୍ୟକ୍ଷଙ୍କ ବଦାନ୍ୟତା

# ରକ୍ତଦାନ କରି ଗର୍ଭବତୀଙ୍କ ଜୀବନ ବଞ୍ଚାଇଲେ



**ରାଇଘର,୨୩।୩(ସମିସ):** ଜଣେ ଗୁରୁତର ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇ ବଦାନ୍ୟତା ଦେଖାଇଛନ୍ତି ରାଇଘର ବ୍ଲକ ଉପାଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର। ସୂଚନାନୁଯାୟୀ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଡ଼ା ପଞ୍ଚାୟତ ସୋନପୁର ଆଦିବାସୀ ଗ୍ରାମର ମହେନ୍ଦ୍ର ଗଣ୍ଡଙ୍କ ସ୍ତ୍ରୀ ପ୍ରମିଳା ଗଣ୍ଡ ଉମରକୋଟ ମେଡିକାଲରେ ସନ୍ତାନ ଜନ୍ମ ଦେବା ପରେ ରକ୍ତ ପରିମାଣ ୫ ପ୍ରତିଶତ ହୋଇଯିବାରୁ ସେ ଗୁରୁତର ହୋଇଥିଲେ। ସଙ୍ଗେସଙ୍ଗେ ରକ୍ତ ଆବଶ୍ୟକତା ରହିଥିବାବେଳେ ଆଦିବାସୀ ମହିଳାଙ୍କ ନିମନ୍ତେ ଆଗକୁ ଆସିଥିଲେ ରାଇଘର ବ୍ଲକ ଉପାଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶ୍ରୀ ଝାଙ୍କର ପହଞ୍ଚି ରକ୍ତଦାନ କରିବା ସହ ଉମରକୋଟଠାରେ ରକ୍ତ ଧରି ଆସି ମହିଳାଙ୍କୁ ଦେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ଶିଶୁ କନ୍ୟା ସହ ମା'ଙ୍କ ଅବସ୍ଥା ସଠିକ୍ ଥିବା ଜଣାପଡ଼ିଥିବାବେଳେ ଚିକିତ୍ସା ଅବସ୍ଥା ଜାରି ରହିଛି। ଡାକ୍ତର ଟିମ ସ୍ୱାସ୍ଥ୍ୟାବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିବା ଜଣାପଡ଼ିଛି।

# ଭ୍ୟାନ୍‌ରେ ମହୁଲ ଚାଲାଣବେଳେ ଜଣେ ଗିରଫ

**ପାପଡ଼ାହାଣ୍ଡି,୨୩।୩(ସମିସ):** ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ଥାନା ଅଧୀନସ୍ଥ ଖଡ଼କା ଗ୍ରାମ ନିକଟରେ ମହୁଲ ଚାଲାଣ ହେଉଥିବା ଏକ ଭ୍ୟାନ୍‌କୁ ଶନିବାର ଅବକାରୀ ପୁଲିସ ଧରିବା ସହ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଭ୍ୟାନରୁ ୯୬୦ କିଲୋ ମହୁଲ ଜବତ ହୋଇଛି। ବେଶେଷ ସୂତ୍ରରୁ ଖବର ପାଇ ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଦିଲ୍ଲୀପ ରଥ, ଓଆଇସି ଦେଶ ରାଜ ସୁନା ଓ ଏଏସଆଇ ସନୁ ସେଠିଆ ପ୍ରମୁଖ ଖଡ଼କାରୁ ମୈଦଲପୁର ଆସୁଥିବା ଏକ ୪୦୭ ଭ୍ୟାନ୍(ଓଡି ୨୪ଏ-୪୮୩୪)କୁ ଯାଞ୍ଚ କରିଥିଲେ। ସେଠାରେ ମହୁଲ ଥିବାରୁ ଗାଡ଼ିକୁ ଜବତ କରି ପାପଡ଼ାହାଣ୍ଡି ଆଣିଥିଲେ। ମହୁଲକୁ ଓଜନ କରିବା ପରେ ୯୬୦ କିଲୋ ମହୁଲ ଜବତ କରି କହେଁଇ ପୂଜାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏନେଇ ପାପଡ଼ାହାଣ୍ଡି ଅବକାରୀ ବିଭାଗ ୧୯୮/୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।




# ପାନୀୟଜଳ ପାଇଁ ସୁନାଡଙ୍ଗରି ଗ୍ରାମବାସୀ ଡହଳବିକଳ

**ପାପଡ଼ାହାଣ୍ଡି,୨୩।୩(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତ ସୁନାଡ଼ଙ୍ଗରି ଗ୍ରାମରେ ବହୁ ଦିନ ହେଲା ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି ଗ୍ରାମବାସୀ। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ଅବଗତ କରାଯିବା ପରେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଯଦି

## ନୂତନ ନଳକୂଅ ନ ହେଲେ ଭୋଟ୍ ବର୍ଜନ ଚେତାବନୀ


ସାହିରେ ତୁରନ୍ତ ନଳକୂଅ ଖନନ କରା ନଗେଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସାହିବାସିନ୍ଦା ଚେତାବନୀ ଦେଇଛନ୍ତି। ସୂଚନାନୁଯାୟୀ, ସୁନାଡ଼ଙ୍ଗରି ଗ୍ରାମର ନୂଆସାହି, ଗଣ୍ଡାସାହି ଓ ହରିଜନ ସାହିରେ ପ୍ରାୟ ୭୦ଟି ପରିବାର ବସବାସ କରୁଛନ୍ତି। ସାହିରେ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ୍ ରହିଛି। କିନ୍ତୁ ଦୀର୍ଘ ଦିନ ହେଲା ତାହା ଅଚଳ ହୋଇପଡ଼ିଛି। ଗୋଟିଏ ନଳକୂଅ ଉପରେ ତିନିସାହିର ଲୋକେ ନିର୍ଭର କରନ୍ତି। ଗୋଟେ ଗରା ପାଣି ପାଇଁ ଲୋକେ କାମଧନ୍ଦା ଛାଡ଼ି ପାଣି ନେବା ପାଇଁ ଅପେକ୍ଷା କରି ରହୁଛନ୍ତି। ସବୁବେଳେ ପାଣି ପାଇଁ ପରସ୍ପର ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଛି। ସାହିରେ ପାନୀୟ ଜଳ ପାଇଁ ଅନ୍ୟ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ପାଣି ପାଇଁ ଏଭଳି ଡହଳବିକଳ ହେଉଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡ଼ିବ ବୋଲି ସାହିବାସିନ୍ଦା କହିଛନ୍ତି। କେବଳ ନିର୍ବାଚନ ସମୟରେ ନେତାମାନେ ସାହିରେ ପହଞ୍ଚି ମାଳମାଳ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ନିର୍ବାଚନ ସରିଲା ପରେ କାହାର ଦେଖା ମିଳୁ ନଥିବା ସାହିର ଲୋକେ କ୍ଷୋଭର ସହ କହିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ସରପଞ୍ଚ ଓ ବିଧାୟକଙ୍କୁ ଜଣାଇବା ପରେ ମଧ୍ୟ ସାହିରେ ନୂତନ ନଳକୂଅ ଖନନ ହେଉନଥିବାରୁ ସାହିବାସିନ୍ଦା କ୍ଷୋଭପ୍ରକାଶ କରିଛନ୍ତି। ଯଦି ତୁରନ୍ତ ସାହିରେ ନୂତନ ନଳକୂଅ ଖନନ କରାନଯାଏ ତେବେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ମନୋହର ନାୟକ, ଝଡ଼େଶ୍ୱର ନାୟକ କ,ପ୍ରଶାନ୍ତ, ମଧୁ, ରୁପେଶ ହରିଜନ, ହୀରାମଣି ନାୟକ, ଦେବକୀ ଭତରା, ତିଳତମା ଭତରା, ଚଇତା ମିର୍ଗାନ, ନନ୍ଦିନୀ ହରିଜନ ପ୍ରମୁଖଙ୍କ ସମେତ ସାହିବାସିନ୍ଦା ଚେତାବନୀ ଦେଇଛନ୍ତି।



# କୁଜେନ୍ଦ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାମନାଗୁଡ଼ା,୨୩।୩(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ କୁଜେନ୍ଦ୍ରୀ ଅନୁସୂଚିତ ଜାତି ଓ ଜନଜାତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ୪୫ତମ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପୀନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପାଲୁପାଇ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ସରପଞ୍ଚ ରମେଶ ଶବର, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ମଣ୍ଡାଙ୍ଗି, ବରିଷ୍ଠ ନାଗରିକ ଗୋଲକନାଥ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୀବ ଗାଣ୍ଟା, ସ୍ଥାନୀୟ ବୁଦ୍ଧିଜୀବୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପିନାଥ ନାୟକ ମଞ୍ଚ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ସହ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଅତିଥିମାନଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରମେଶ ମିଶ୍ର, ଜାକବ ଚରଣ ଲିମା, ଭାସନରାଓ ପଟ୍ଟନାୟକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ନିର୍ବାଚନରେ ଏଆଇ ବିପଦର ମୁକାବିଲା

୨୦୨୪ ଲୋକସଭା ନିର୍ବାଚନ ପାଇଁ ଇତି ମଧ୍ୟରେ ତାରିଖ ଘୋଷଣା କରାଯାଇସାରିଲାଣି। ନିର୍ବାଚନ ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଅର୍ଥାତ୍ ଏଆଇକୁ ବ୍ୟବହାରକରି ଦୁର୍ବୃତ୍ତମାନେ ଅନେକ ଅଘଟଣା ଘଟାଇବେ। ଏଭଳି ବିପଦକୁ ମଧ୍ୟ ମୁକାବିଲା କରିବା ପାଇଁ ଏହା ମଧ୍ୟରେ ଆଇଟି କମ୍ପାନୀଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଆଇ ସାହାଯ୍ୟରେ ସୃଷ୍ଟି ହୋଇଥିବା ଅଡିଓ ଏବଂ ଭିଡିଓ ପରି ନକଲି ବିଷୟବସ୍ତୁଠାରୁ ନିଜକୁ ରକ୍ଷା କରିବା ପାଇଁ ମେଟା ଏବଂ ଗୁଗୁଲ୍ ପ୍ରସ୍ତୁତ କରିଦେଇଛନ୍ତି। ସରକାର ମଧ୍ୟ ଏହାକୁ ନେଇ ଆକ୍ସନ୍ ମୋଡ୍‌ରେ। ଏଆଇ ସହିତ ମୁକାବିଲା କରିବାକୁ ସରକାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କଠାରୁ ମିଳିଥିବା ନିର୍ଦ୍ଦେଶର ଉତ୍ତରରେ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ କହିଛନ୍ତି ଯେ ଏଆଇର ଅପବ୍ୟବହାର କରୁଥିବା ଅପରାଧିଙ୍କ ସହ ମୁକାବିଲା କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି।

**ଗୁଗୁଲ୍, ମେଟା ଚଳାଇଛନ୍ତି ପ୍ରସ୍ତୁତି**

ରାଜନୈତିକ ଦଳଠାରୁ ଆରମ୍ଭ କରି ସମସ୍ତ ସରକାରୀ ଏବଂ ସ୍ୱାଧୀନ କର୍ତ୍ତୃପକ୍ଷ ଲୋକସଭା ନିର୍ବାଚନ ସମୟରେ ଏଆଇ ଟେକ୍ନୋଲୋଜି ବ୍ୟବହାର କରୁଛନ୍ତି। ଅପରପକ୍ଷେ କେନ୍ଦ୍ର ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନକୁ ପ୍ରଭାବିତ କରୁଥିବା ଏଆଇର ଅପବ୍ୟବହାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି କାରଣରୁ ସରକାର କାର୍ଯ୍ୟାନୁଷ୍ଠାନ ମୋଡକୁ ଆସିଛନ୍ତି ଏବଂ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଏଆଇର ବିପଦକୁ ମୁକାବିଲା କରିବାକୁ ଚେତାବନୀ ଦେଇଛନ୍ତି। ଏଆଇର ଅପବ୍ୟବହାର ନିର୍ବାଚନର ନ୍ୟାୟ ପାଇଁ ବିପଦ ହୋଇପାରେ। ଏଭଳି ପରିସ୍ଥିତିରେ ଶୀର୍ଷ ଆଇଟି କ୍ଷେତ୍ରର କମ୍ପାନୀ ମେଟା ଏବଂ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ ଦ୍ୱାରା ପ୍ରସ୍ତୁତି ଶେଷ ହେବା ଏବେ କେନ୍ଦ୍ର ସରକାରଙ୍କୁ କେତେକାଠାରେ ଆଶ୍ୱସ୍ତି କରିଛି।

ଗୁଗୁଲ୍ ଏବଂ ମେଟା ୧୫ଟି ଭାରତୀୟ ଭାଷାରେ ୧୧ ଟି ସ୍ୱାଧୀନ ତଥ୍ୟ ଯାଞ୍ଚ ସହଭାଗୀ ସହିତ ହାତ ମିଳାଇଛନ୍ତି। କମ୍ପାନୀ ସେମାନଙ୍କୁ ମେଟାର କଣ୍ଟେଣ୍ଟ ଲାଇବ୍ରେରୀକୁ ପ୍ରବେଶ ପ୍ରଦାନ କରିବ ଯାହା ଦ୍ୱାରା ଏଆଇର ବିପଦକୁ ମୁକାବିଲା କରାଯାଇପାରିବ। ସ୍ୱାଧୀନ ଅଂଶୀଦାରମାନେ ଏଆଇ ମାଧ୍ୟମରେ ଉତ୍ପାଦିତ ବିଷୟବସ୍ତୁର ଫ୍ୟାକ୍ଟ-ଯାଞ୍ଚ, ସମୀକ୍ଷା ଏବଂ ମୂଲ୍ୟାଙ୍କନ କରିବେ ଏବଂ AI ଉତ୍ପାଦିତ ଫଟୋରେ ମାର୍କର୍ ଲଗାଇବେ। ଡିଜିଟାଲ୍ ପଦ୍ଧତି ସହ ଜଡିତ ବିଷୟବସ୍ତୁକୁ ଆଗୁଆ ଘୋଷଣା କରିବାକୁ ମେଟା ବିଜ୍ଞାପନଦାତାଙ୍କୁ ନିର୍ଦ୍ଦେଶ ଦେଇଛି। ହ୍ୱାଟ୍ସଆପ୍‌ରେ ଏ ସମ୍ବନ୍ଧୀୟ ହେଲ୍ପଲାଇନ ସେବା ମଧ୍ୟ ଆରମ୍ଭ ହୋଇଛି, ଯେଉଁଥିରେ ସାଧାରଣ ଲୋକମାନେ ବିଷୟବସ୍ତୁ ପଠାଇ ଏହାକୁ ଯାଞ୍ଚ କରିପାରିବେ। ହ୍ୱାଟ୍ସଆପ୍ ମେସେଜ୍‌ର ସୀମା ପୂର୍ବ ପରି ଜାରି ରହିବ। ଅନ୍ୟପକ୍ଷରେ ଗୁଗୁଲ ଏକ ଶକ୍ତି ପ୍ଲାଟଫର୍ମର ଶୁଭାରମ୍ଭ କରିଛି। ଏଥିରେ ଗୁଗୁଲ ସମସ୍ତ ନିର୍ବାଚନ ସମ୍ବନ୍ଧୀୟ ବିଜ୍ଞାପନକୁ ସାର୍ବଜନୀନ କରିବା ପାଇଁ କାର୍ଯ୍ୟ କରିବ। ଲୋକସଭା ନିର୍ବାଚନ ସମୟରେ ଡିଜିଟାଲ ପ୍ଲାଟଫର୍ମର ଅପବ୍ୟବହାର ଏକ ସାଧାରଣ କଥା। ଯଦିଓ ବଡ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ସେଗୁଡ଼ିକୁ ବନ୍ଦ କରିବାକୁ ଦାବି କରନ୍ତି, କେବଳ ଭୋଟରଙ୍କ ଜ୍ଞାନ ଏବଂ ବୁଦ୍ଧି ସେମାନଙ୍କୁ ମିଥ୍ୟା ଖବରଠାରୁ ଦୂରେଇ ରଖିପାରିବ।

## ଫୋନ୍ ରିଭ୍ୟୁ

# ସାମସଙ୍ଗ ଗାଲାକ୍ସି ୫ଜି ଏ୫୫, ଗାଲାକ୍ସି ଏ୩୫

ବଜାରକୁ ଆସିଛି ସାମସଙ୍ଗ ଗାଲାକ୍ସି ୫ଜି ଏ୫୫ ଏବଂ ଗାଲାକ୍ସି ଏ୩୫। ଗାଲାକ୍ସି ସିରିଜ୍ ଏହି ନୂଆ ଫୋନ୍‌ରେ ଅନେକଗୁଡ଼ିଏ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ସେଗୁଡ଼ିକ ହେଉଛି ଗରିଲା ଗ୍ଲାସ ଭିକଟସ୍‌ପ୍ଲସ୍ ସୁରକ୍ଷା, ଏଆଇ ଦ୍ୱାରା କ୍ୟାମେରା ବିଶେଷତ୍ୱ ବୃଦ୍ଧି, ଟ୍ୟାମ୍ପର ରେଜିଷ୍ଟାନ୍ସ ସିକ୍ୟୁରିଟି ସଲ୍ୟୁସନ୍, ସାମସଙ୍ଗ ନକ୍ସ ଭଲ୍ଟ ଏବଂ ଆହୁରି ଅନେକ। ଗ୍ରାହକମାନେ ପ୍ରଥମ ଥର ପାଇଁ ଗାଲାକ୍ସି ୫ଜି ଏ୫୫କୁ ଏକ ଧାତବ ଫ୍ରେମରେ ପାଇପାରିବେ ଏବଂ ଗାଲାକ୍ସି ଏ୩୫ ୫ଜି ପ୍ରିମିୟମ୍ ପଛ ପାର୍ଶ୍ୱର ଗ୍ଲାସରେ ପାଇପାରିବେ। ଏହି ଡିଭାଇସ୍ ଆଇପି୬୭ ମୂଲ୍ୟଯୁକ୍ତ। ଅର୍ଥାତ୍ ଏହା ଏକ ମିଟର ସ୍ୱଚ୍ଛ ଜଳରେ ୩୦ ମିନିଟ୍ ସମୟର ପ୍ରତିରୋଧ କରିପାରିବ।ଏହାକୁ ମଧ୍ୟ ଧୂଳି ଏବଂ ବାଲି ନିରୋଧକ ଭାବରେ ପ୍ରସ୍ତୁତ କରାଯାଇଛି। ଏହାର ୬.୬ ଇଞ୍ଚର ଏଫଏଚଡ଼ି ଯୁକ୍ତ ସୁପର ଆମୋଲଫେଡ଼ ଡ଼ିସପ୍ଲେ ଏକ ସର୍ବନିମ୍ନ ହ୍ରାସକାରୀ ବିଜେ୍‌ଲ ପ୍ରଦାନ କରିଥାଏ। ଏହାର ଉଭୟ ସମ୍ମୁଖ ଓ ପଛ ଭାଗରେ ଗରିଲା ଗ୍ଲାସ ଭିକଟସ୍ ଯୁକ୍ତ ସୁରକ୍ଷାକାରୀ ଲାଗିଥାଏ।



ପ୍ରଥମ ଥର ପାଇଁ ଏହି ଏ ସିରିଜ୍ ସାମସଙ୍ଗ ଫୋନରେ ନକ୍ସ ଭଲ୍ଟ ସିକ୍ୟୁରିଟିର ବ୍ୟବସ୍ଥା କରାଯାଇଛି ଯାହା କି ଅଧିକ ଲୋକଙ୍କୁ ଏଥିସହିତ ସୁଗମିତ କରିବା ପାଇଁ ଫ୍ଲାଗସିପ୍ ସ୍ତରର ସୁରକ୍ଷା ପ୍ରଦାନ କରାଯାଇଛି। ଏହି କୌଶଳ ସମ୍ପୂର୍ଣ୍ଣ ଉପକରଣ ପାଇଁ ହାର୍ଡ଼ୱେର ଆଧାରିତ ସୁରକ୍ଷା ପ୍ରଣାଳୀ ଭାବେ ପ୍ରଦାନ କରାଯାଇଛି ଯାହାକି ଉପକରଣକୁ ଉଭୟ ହାର୍ଡ଼ୱେର ଏବଂ ସଫ୍ଟୱେର ଆକ୍ରମଣରୁ ପ୍ରତିହତ କରିପାରିବ। ଗାଲାକ୍ସି ୫ଜି ଏ୫୫ ( ୮ଜିବି+୧୨୮ଜିବି) ୩୬,୯୯୯ ଟଙ୍କା, ଗାଲାକ୍ସି ୫ଜି ଏ୫୫ ( ୮ଜିବି+୨୫୬ଜିବି) ୩୯,୯୯୯ ଟଙ୍କା ଏବଂ ଏହାର ୧୨ଜିବି+୨୫୬ ଜିବିର ମୂଲ୍ୟ ୪୨,୯୯୯ ଟଙ୍କା ରହିଛି। ସେହିପରି ଗାଲାକ୍ସି ୫ଜି ଏ୩୫ ( ୮ଜିବି+୧୨୮ଜିବି) ୨୭,୯୯୯ ଟଙ୍କା ଏବଂ ଏହାର ୮ଜିବି+୨୫୬ଜିବି ଫୋନ୍‌ର ମୂଲ୍ୟ ୩୦,୯୯୯ ଟଙ୍କା ରଖାଯାଇଛି। ବିକଳ୍ପ ଭାବରେ ଜଣେ ଗ୍ରାହକ ମାସିକ ୧୭୯୨ ଟଙ୍କାର କିସ୍ତିରେ ଏକ ଗାଲାକ୍ସି ଏ୫୫ ୫ଜି ତଥା ୧୭୨୩ ଟଙ୍କାର କିସ୍ତିରେ ଏକ ଗାଲାକ୍ସି ଏ୩୫ ୫ଜି ଫୋନ୍‌କୁ ସାମସଙ୍ଗ ଫାଇନାନ୍ସ ତଥା ସମସ୍ତ ଅଗ୍ରଣୀ ଏନବିଏଫସି ପାର୍ଟନରଙ୍କଠାରୁ ପାଇପାରିବେ।

**ଗୁଗୁଲ୍‌କୁ ଆସିଲାନି ପସନ୍ଦ**

# ପିଲାବେଳର ଗାଧୁଆ ଫଟୋ ପୋଷ୍ଟ କରି ଅଡୁଆରେ କମ୍ପ୍ୟୁଟର ଇଞ୍ଜିନିୟର

## ଗୁଗୁଲ୍ ଡ୍ରାଇଭ୍‌ରେ କରିଥିଲେ ଅପ୍‌ଲୋଡ୍

## ଆକାଉଣ୍ଟ ବ୍ଲକ୍, କୋର୍ଟର ଚକ୍କର କାଟୁଛନ୍ତି



ଇଣ୍ଟରନେଟ୍‌ର ବ୍ୟାପକତା ଯୋଗୁ ସମସ୍ତେ ନିଜର କିଛି ନା କିଛି ବ୍ୟକ୍ତିଗତ ଫଟୋକୁ ବିଭିନ୍ନ ପ୍ଲାଟଫର୍ମରେ ଅପ୍‌ଲୋଡ୍ କରିଥାନ୍ତି। ହେଲେ ଏହି ଫଟୋ ବେଳେବେଳେ ଘାତକ ସାଜିଥାଏ। ଗୁଜରାଟର ଜଣେ ଯୁବକ ନିଜର ପିଲାବେଳର ଗାଧୁଆ ଫଟୋକୁ ଅନ୍‌ଲାଇନ୍‌ରେ ପୋଷ୍ଟ କରି ଏବେ ବଡ଼ ଅଡୁଆରେ ପଡିଯାଇଛନ୍ତି। ଯେଉଁଥିପାଇଁ ତାଙ୍କୁ ଏବେ କୋର୍ଟର ଚକ୍କର କାଟିବାକୁ ପଡୁଛି। ଯୁବକଙ୍କ ଏଭଳି କାର୍ଯ୍ୟ ଗୁଗୁଲ୍‌ର ପସନ୍ଦ ଆସିନାହିଁ। ଗୁଗୁଲ୍ ଯୁବକଙ୍କ ଆକାଉଣ୍ଟକୁ ବ୍ଲକ୍ କରିଦେଇଛି। ସୂଚନାନୁଯାୟୀ, ବ୍ୟକ୍ତିଜଣକ ସେହି ଗାଧୁଆ ଫଟୋକୁ ଗୁଗୁଲ୍ ଡ୍ରାଇଭ୍‌ରେ ଅପ୍‌ଲୋଡ୍ କରିଥିଲେ।

ପେଷାରେ କମ୍ପ୍ୟୁଟର ଇଞ୍ଜିନିୟର ଥିବା ନୀଲ ଶୁକ୍ଲା ଜାଣି ନ ଥିଲେ ଯେ ଗାଧୋଇବା ସମୟର ସେହି ପିଲାଦିନର ଫଟୋ ଦିନେ ତାଙ୍କ ସୁଖ ଛଡ଼ାଇନେବ। ଗତ ବର୍ଷ ସେ ଗୁଗୁଲ୍ ଡ୍ରାଇଭରେ ତାଙ୍କର ପିଲାଦିନର ଫଟୋ ଅପଲୋଡ୍ କରିଥିଲେ। ଏହି ସମୟରେ ତାଙ୍କୁ ଦୁଇ ବର୍ଷ ହୋଇଥିଲା ଆଉ ତାଙ୍କ ଜେଜେମା ତାଙ୍କୁ ଗାଧୋଇ ଦେଉଥିଲେ। ଗାଧୋଇବା ସମୟରେ ସେ ଉଲଗ୍ନ ଥିଲେ। ବାସ୍ତବରେ ଅପଲୋଡ୍ କରାଯାଇଥିବା ଏହି ଫଟୋକୁ ଗୁଗୁଲ ଏହାର ନୀତିର ଉଲ୍ଲଂଘନ ବୋଲି ବିବେଚନା କରିଥିଲା। ଗୁଗୁଲ ଏହି ଫଟୋକୁ ଶିଶୁ ଯୌନ ଶୋଷଣ ବୋଲି ବିବେଚନା କରି ଗତ ବର୍ଷ ଏପ୍ରିଲରେ ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରିଥିଲା। ଏହାପରେ ନିଲ ଗୁଗୁଲକୁ ନିବେଦନ କରିଥିଲେ ଯେ ତାଙ୍କ ଆକାଉଣ୍ଟକୁ ପୁନଃସଂସ୍ଥାପିତ କରାଯାଉ। ଆକାଉଣ୍ଟ ବ୍ଲକ୍ ପରେ ନିଲ୍ ଜି-ମେଲ୍ ବ୍ୟବହାର କରିପାରୁନାହାଁନ୍ତି। ଏହି କାରଣରୁ ସେ ବ୍ୟବସାୟରେ ବିପୁଳ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖବର ଅନୁଯାୟୀ, ଆକାଉଣ୍ଟ ପୁନରୁଦ୍ଧାର ପାଇଁ ନିଲ ଗୁଜୁରାଟ ପୋଲିସ୍‌ର ଦ୍ୱାରସ୍ଥ ହୋଇଥିଲେ। ସେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ନିକଟରୁ ମଧ୍ୟ ସାହାଯ୍ୟ ମାଗିଥିଲେ ମଧ କିଛି ହୋଇନାହିଁ। ଏଭଳି ପରିସ୍ଥିତିରେ ତାଙ୍କୁ କୋର୍ଟଙ୍କ ନିକଟକୁ ଯିବାକୁ ପଡୁଥିଲା। ଗୁଗୁଲ ତାଙ୍କୁ ନୋଟିସ ପଠାଇଥିବାରୁ ଏହି ମାମଲାରେ ତୁରନ୍ତ ଶୁଣାଣି କରିବାକୁ ଆବେଦନକାରୀ ଦାବି କରିଛନ୍ତି। ଏହି ବିଜ୍ଞପ୍ତିରେ ଗୁଗୁଲ କହିଛି ଯେ ଆକାଉଣ୍ଟର ସକ୍ରିୟ ନ ଥିବା ହେତୁ ଗୁଗୁଲ ସହ ଜଡିତ ସମସ୍ତ ତଥ୍ୟ ଚଳିତବର୍ଷ ଏପ୍ରିଲରେ ଡିଲିଟ୍ ହୋଇଯିବ। ନଗ୍ନତାକୁ ନିୟନ୍ତ୍ରଣ କରିବା ପାଇଁ ବୈଷୟିକ କମ୍ପାନୀଗୁଡ଼ିକ ଉପରେ ନିୟନ୍ତ୍ରକଙ୍କ ପ୍ରବଳ ଚାପ ରହିଛି। ତେଣୁ, ଟେକ୍ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ପ୍ଲାଟଫର୍ମକୁ ନଗ୍ନ ବିଷୟବସ୍ତୁଠାରୁ ରକ୍ଷା କରିବା ପାଇଁ କଠୋର ପଦକ୍ଷେପ ନେଉଛନ୍ତି।

# ଫୋନ୍‌ରେ ଆସୁଛି କିଛି ସଙ୍କେତ: ତା'ହେଲେ ହେଉଛି ଗୁପ୍ତଚର କାର୍ଯ୍ୟ

ସମ୍ପ୍ରତି ଇଣ୍ଟରନେଟ୍ ଯୁଗରେ ଫୋନ୍ ହ୍ୟାକିଂ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଆହୁରିମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜିର ପ୍ରବେଶ ଜାରି ରହିଛି, ଯେଉଁ କାରଣରୁ ଫୋନ୍ ହ୍ୟାକ୍ କରିବା ସହଜ ହୋଇଯାଇଛି। ଏପରି ପରିସ୍ଥିତିରେ, ଆପଣ କିପରି ଜାଣିପାରିବେ ଯେ ଆପଣଙ୍କର ଫୋନ୍ ହ୍ୟାକ୍ ହୋଇଛି। ବାସ୍ତବରେ, ଏମିତି କିଛି ସଙ୍କେତ ରହିଛି ଯାହା ଆସିବା ଦ୍ୱାରା ଜାଣିପାରିବେ ଯେ ଆପଣଙ୍କର ଫୋନ୍ ହ୍ୟାକ୍ ହୋଇଛି। ସେହି ସଙ୍କେତଗୁଡ଼ିକ ହେଉଛି...




## ■ ବ୍ୟାଟେରୀ ଲାଇଫ୍

ଯଦି ଆପଣଙ୍କର ଫୋନର ବ୍ୟାଟେରୀ ଶୀଘ୍ର ଡିସଚାର୍ଜ ହୋଇଯାଉଛି, ତେବେ ଏହା ସମ୍ଭବ ଯେ ଆପଣଙ୍କ ଫୋନ୍ ହ୍ୟାକ୍ ହୋଇଛି। କାରଣ ବେଳେବେଳେ ଫୋନ୍‌ର ବ୍ୟାକ୍ ଗ୍ରାଉଣ୍ଡରେ ଚାଲୁଥିବା ଗୁପ୍ତଚରୀ ଆପ୍ ହେତୁ ଫୋନର ବ୍ୟାଟେରୀ ଶୀଘ୍ର ଡିସଚାର୍ଜ ହୁଏ। ଏଭଳି ପରିସ୍ଥିତିରେ ଫୋନର ବ୍ୟାଟେରୀ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

## ■ ଫୋନରେ ଅନାବଶ୍ୟକ ଆପ୍

ଆପଣ ଆପଗୁଡ଼ିକର ସବିଶେଷ ତଥ୍ୟକୁ ଫୋନରେ ରଖିବା ଉଚିତ୍; ଯାହା ଦ୍ୱାରା ଆପଣଙ୍କ ଅନୁମତି ବିନା ଫୋନରେ କୌଣସି ଆପ୍ ସଂସ୍ଥାପିତ ହେବନାହିଁ। ଯଦି ଏହା ଘଟେ, ତେବେ ଏହା ଫୋନ୍ ହ୍ୟାକିଂର କାରଣ ହୋଇପାରେ। ଏହି ଅଜ୍ଞାତ ଆପ୍‌ଗୁଡ଼ିକ ଗୁପ୍ତଚର ସଫ୍ଟୱେର୍ ଧାରଣ କରିପାରେ।

## ■ ଡିଭାଇସ୍ ଅତ୍ୟଧିକ ଗରମ ହେବା

ଗୁପ୍ତଚରୀ ଆପ୍‌ଗୁଡ଼ିକ ସାଧାରଣତଃ ଏହା ପାଇଁ ଜିପିଏସ୍ ସିଷ୍ଟମ୍ ବ୍ୟବହାର କରି ବାସ୍ତବ ସମୟରେ ଡିଭାଇସ୍ ଅବସ୍ଥାନ ଟ୍ରାକ୍ କରିଥାଏ। ଏପରି ପରିସ୍ଥିତିରେ, ଆପଣଙ୍କ ଫୋନର ହାର୍ଡୱେର୍ ଉପରେ ଅତ୍ୟଧିକ ଚାପ ରହିଥାଏ। ଏହି କାରଣରୁ ଅତ୍ୟଧିକ ଗରମ ହେବାର ସମସ୍ୟା ଦେଖାଦେଇଥାଏ।

## ■ ଡାଟା ବ୍ୟବହାରରେ ବୃଦ୍ଧି

ଯଦି ଆପଣଙ୍କର ଫୋନ୍‌କୁ ଟ୍ରାକ୍ କରାଯାଏ, ତେବେ ଜାଣିବେ ଯେ, ହଠାତ୍ ଡାଟା ବ୍ୟବହାର ବଢ଼ିଯାଇଥାଏ। ଏପରି ପରିସ୍ଥିତିରେ, ଯଦି ଡାଟା ବ୍ୟବହାରରେ ହଠାତ୍ ବୃଦ୍ଧି ଘଟେ, ତେବେ ଆପଣ ସତର୍କ ହେବା ଉଚିତ୍।

## ■ ଡିଭାଇସ୍‌ରେ ତ୍ରୁଟି

ଫୋନ୍ ହ୍ୟାକିଂ କ୍ଷେତ୍ରରେ, ସ୍କ୍ରିନ୍ ଫ୍ଲାସ୍, ସ୍ୱୟଂଚାଳିତ ଫୋନ୍ ସେଟିଂ ସମୂହ ପରିବର୍ତ୍ତନ କିମ୍ବା ଫୋନ୍ କାମ କରୁନଥିବା ପରି ଡିଭାଇସ୍ ତ୍ରୁଟି ଭଳି ଘଟଣା ଦେଖିବାକୁ ମିଳିଥାଏ।

## ■ କଲିଂବେଳେ ବ୍ୟାକ୍ ଗ୍ରାଉଣ୍ଡରେ ଶବ୍ଦ

କିଛି ଗୁପ୍ତଚରୀ ଆପ୍ ଫୋନ୍ କଲ୍ ରେକର୍ଡ କରିଥାନ୍ତି। ଏପରି ପରିସ୍ଥିତିରେ, ଯେତେବେଳେ ଫୋନ୍ କଲ୍ ସମୟରେ କୌଣସି ବ୍ୟାକ୍ ଗ୍ରାଉଣ୍ଡରେ ଶବ୍ଦ ଶୁଣାଯାଏ, ଜଣେ ସତର୍କ ହେବା ଉଚିତ୍, କାରଣ ଏହା ହ୍ୟାକିଂର ସଙ୍କେତ ହୋଇପାରେ।

## ଅଟୋ ରିଭ୍ୟୁ

# ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର

ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଓଡ଼ିଶା ବଜାରକୁ ଟିଭିଏସ୍ ଆଇକ୍ୟୁବ୍ ଛଡାଯାଇଛି। ଏଥିରେ ୩.୪ କିଲୋୱାଟ୍ ବ୍ୟାଟେରିରେ ସଜ୍ଜିତ ଏବଂ ୧୦୦ କିଲୋମିଟରର ବାସ୍ତବ ରେଞ୍ଜ ବିଶିଷ୍ଟ ଟିଭିଏସ୍ ଆଇକ୍ୟୁବ୍ ଏକ ନିରବଚ୍ଛିନ୍ନ ଏବଂ ଭରସାଯୋଗ୍ୟ ଯାତାୟାତ ଅନୁଭୂତି ସୁନିଶ୍ଚିତ କରୁଛି। ଟିଭିଏସ୍ ଆଇକ୍ୟୁବ୍ ରେଞ୍ଜର ସ୍କୁଟରର ବଜାର ମୂଲ୍ୟ ୧,୧୮,୦୭୩ ଟଙ୍କାରୁ ଆରମ୍ଭ। ଟିଭିଏସ୍ ଆଇକ୍ୟୁବ୍ ଏହାର ଉନ୍ନତ ବୈଶିଷ୍ଟ୍ୟ ସହ ସହରାଞ୍ଚଳ ଯାତ୍ରୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏହାର ବିଶାଳ ୩୧ ଲିଟର ଅଣ୍ଡର ସିଟ୍ ଷ୍ଟୋରେଜ୍ ଅତ୍ୟାବଶ୍ୟକ ସାମଗ୍ରୀ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ସ୍ଥାନ ପ୍ରଦାନ କରୁଥିବା ବେଳେ ବଡ଼ ଫୁଟ୍ ବୋର୍ଡ ଏବଂ ଚଉଡା ସିଟ୍ ଭଳି ବୈଶିଷ୍ଟ୍ୟ ଏହାକୁ ଚଲାଇବା ବେଶ ସହଜ କରିଛି। ଏହାବ୍ୟତୀତ କିଲୋମିଟର ପିଛା ୩୦ ପଇସାର ସୁପର ସର୍ବନିମ୍ନ ଖର୍ଚ୍ଚ ହେତୁ ଗ୍ରାହକମାନେ ତିନି ବର୍ଷ ମଧ୍ୟରେ ୧.୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂଚୟ କରିପାରିବେ। ଏହି ସ୍କୁଟରରେ ୭ ଇଞ୍ଚ୍ ଟିଏଫ୍‌ଟି ସ୍କ୍ରିନ୍ ଏବଂ କ୍ଲିନ୍ ୟୁଆଇ, ଭଏସ୍ ଆସିଷ୍ଟ ଏବଂ ଟିଭିଏସ୍ ଆଇକ୍ୟୁବ ଆଲେକ୍ସା ସ୍କିଲସେଟ୍, ସହଜ ମ୍ୟୁଜିକ୍ ପ୍ଲେୟାର କଣ୍ଟ୍ରୋଲ, ଚାର୍ଜର୍ ସହିତ ପ୍ଲଗ୍-ଆଣ୍ଡ-ପ୍ଲେ କ୍ୟାରି ସହିତ ଫାଷ୍ଟ ଚାର୍ଜିଂ, ରିଭର୍ସ ପାର୍କିଂ ସହାୟତା, ଯାନ ଟ୍ରାକିଂ,ଯାନ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ନୋଟିଫିକେସନ ସମେତ ୧୧୮ରୁ ଅଧିକ ସଂଯୋଜିତ ବୈଶିଷ୍ଟ୍ୟ ରହିଛି। ଟିଭିଏସ୍ ଆଇକ୍ୟୁବର ପରିଚାଳନା ବେଶ ସହଜ ଏବଂ ଏଥିରେ କୌଣସି ଅସୁବିଧା ନାହିଁ। ବର୍ତ୍ତମାନ ଏହି ସ୍କୁଟର ଭାରତର ୩୪୮ଟି ସହର ଏବଂ ୬୧୨ଟି ଡିଲରସିପ୍‌ରେ ଉପଲବ୍ଧ।



# ଦିନିକିଆ ଫର୍ମାଟ୍ ଉପରେ ଆଇପିଏଲର ପ୍ରଭାବ



**ନୂଆଦିଲ୍ଲୀ, ୨୩।୩(ଏଜେନ୍ସି)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଭାବ କ୍ରିକେଟର ୩ଟି ଫର୍ମାଟ୍ ଉପରେ ପଡ଼ିଛି। ଟି-୨୦ ଉପରେ ଏହି ହାଇପ୍ରୋଫାଇଲ ଲିଗ୍‌ର ପ୍ରଭାବ ସକାରାତ୍ମକ ବୋଲି କୁହାଯାଇପାରେ। କିନ୍ତୁ ଦିନିକିଆ ଫର୍ମାଟ ଉପରେ ଏହି ପ୍ରଭାବ ଟିକିଏ ଭିନ୍ନ। ଦିନିକିଆ ଫର୍ମାଟ୍ ଉପରେ ଆଇପିଏଲର ପ୍ରଭାବ ନେଇ ଆଲୋଚନା କରିବା।

## ଦିନିକିଆ ମ୍ୟାଚ୍, ଦଳର ସଂଖ୍ୟା ପ୍ରଭାବିତ

୨୦୦୮ରେ ଆଇପିଏଲ୍ ଆରମ୍ଭ ହେବା ପରେ ଦିନିକିଆ ମ୍ୟାଚ୍ ଓ ଦଳ ସଂଖ୍ୟା ପ୍ରଭାବିତ ହୋଇଛି। ୧୯୭୧ ଜାନୁଆରୀ ୫ରେ ଦିନିକିଆ କ୍ରିକେଟର ଶୁଭାରମ୍ଭ ହୋଇଥିଲା। ୧୯୭୫ରେ ପ୍ରଥମ ଦିନିକିଆ ବିଶ୍ୱକପ୍ ଖେଳାଯାଇଥିଲା। ସେବେଠାରୁ ୧୯୮୮ ପର୍ଯ୍ୟନ୍ତ ୧୧ଟି ଦଳ ଦିନିକିଆ ଫର୍ମାଟ୍ ଖେଳିଥିଲେ। ସେତେବେଳେ ଗୋଟିଏ ବର୍ଷରେ ହାରାହାରି ୩୦ଟି ମ୍ୟାଚ୍ ଖେଳାଯାଉଥିଲା। ଆଇପିଏଲ ଆରମ୍ଭ ହେବା ପୂର୍ବରୁ ଦଳ ସଂଖ୍ୟାରେ ଦୁଇଗୁଣା ହୋଇଥିଲା ଓ ଏହା ୨୩ରେ ପହଞ୍ଚିଥିଲା। ୨୦୦୬ ପର୍ଯ୍ୟନ୍ତ ବର୍ଷକୁ ମ୍ୟାଚ୍ ସଂଖ୍ୟାରେ ୨୫୭ ପ୍ରତିଶତ ବୃଦ୍ଧିପାଇ ୧୦୭ ରହିଥିଲା। କିନ୍ତୁ ଆଇପିଏଲ ଆରମ୍ଭ ହେବା ଏହି ସଂଖ୍ୟାରେ ସେଭଳି ବୃଦ୍ଧି ଘଟି ନଥିଲା। ୨୦୦୮ରୁ ଏପର୍ଯ୍ୟନ୍ତ ଅଧିକ ୪ଟି ଦଳ ସାମିଲ ହୋଇଛନ୍ତି। ସେବେଠାରୁ ବର୍ଷକୁ କେବଳ ୧୨୭ଟି ମ୍ୟାଚ୍ ଖେଳାଯାଉଛି। କିନ୍ତୁ ଗତ ୧୮ ବର୍ଷ ମଧ୍ୟ ଗୋଟିଏ ଦଳ ହାରାହାରି ୮୪ଟି ମ୍ୟାଚ୍ ଖେଳୁଛି। ଅନ୍ୟପଟେ କହିବାକୁ ଗଲେ ଆଇପିଏଲ୍ ଦିନିକିଆ ଫର୍ମାଟ୍‌ରେ ସ୍ଥିରତା ଆଣିବାରେ ସହାୟ ହୋଇଛି। ଆଇସିସି ମଧ୍ୟ ଏହି ଫର୍ମାଟରେ ଦଳ ଓ ମ୍ୟାଚ୍ ସଂଖ୍ୟା ବଢ଼ାଇବାକୁ ଚାହୁଁନାହିଁ।

### ବୋଲରଙ୍କ ଉପରେ ପ୍ରହାର ହୋଇଛି

### ୱିକେଟ ସଂଖ୍ୟାରେ ସେତେଟା ଅବନତୀ ହୋଇନି

ଆଇପିଏଲ ଆରମ୍ଭ ହେବା ପରେ ବୋଲରମାନଙ୍କର ୱିକେଟ ହାସଲ ସଂଖ୍ୟାରେ ଅବନତୀ ହୋଇନାହିଁ। ୨୦୦୮ ପୂର୍ବରୁ ୧୮ ବର୍ଷରେ ଦ୍ରୁତ ବୋଲରଙ୍କୁ ହାରାହାରି ୨୬ ଓ ସ୍ପିନରଙ୍କୁ ୧୭ଟି ୱିକେଟ ମିଳୁଥିଲା। କିନ୍ତୁ ଗତ ୧୮ ବର୍ଷ ମଧ୍ୟରେ ଗୋଟିଏ ଲେଖାଏ ୱିକେଟର ଅବନତୀ ହୋଇଛି। କିନ୍ତୁ ବୋଲରଙ୍କ ଇକୋନୋମୀ ରେଟ୍ ୪ରୁ ବୃଦ୍ଧି ପାଇ ୫.୧୦ରେ ପହଞ୍ଚିଛି। ଅର୍ଥାତ ବୋଲରଙ୍କ ଉପରେ ଅଧିକ ପ୍ରହାର ଦେଖିବାକୁ ମିଳିଛି।

## ସ୍କୋରିଂ ହାର ଦ୍ରୁତ ଗତିରେ ବୃଦ୍ଧି

ଆଇପିଏଲ ପାଇଁ ଦିନିକିଆରେ ରନ୍ ସ୍କୋରିଂ ହାରରେ ଜବରଦସ୍ତ ବୃଦ୍ଧି ଘଟିଛି। ୨୦୦୭ ପର୍ଯ୍ୟନ୍ତ ଅର୍ଥାତ ଦିନିକିଆ ଫର୍ମାଟ ଆରମ୍ଭ ହେବାର ୩୭ ବର୍ଷ ମଧ୍ୟରେ କେବଳ ୨୭୯ଥର ୩୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର ହୋଇଛି। ଅର୍ଥାତ ହାରାହାରି ପ୍ରତି ୧୦ଟି ମ୍ୟାଚ୍‌ରେ ଥରେ ୩୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର ହୋଇଛି। କିନ୍ତୁ ଆଇପିଏଲ ଆରମ୍ଭ ହେବାର ୧୭ ବର୍ଷ ମଧ୍ୟରେ ଏଥିରେ ୨.୨ ଗୁଣା ବୃଦ୍ଧି ପାଇଛି। ଅର୍ଥାତ ୬୧୪ଥର ୩୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର ହୋଇଛି। ଏବେ ପ୍ରତି ୩ଟି ମ୍ୟାଚ୍‌ରେ ୩୦୦ରୁ ଉର୍ଦ୍ଧ୍ୱ ସ୍କୋର ହେଉଛି।

୨୦୦୭ ପର୍ଯ୍ୟନ୍ତ ୫ଥର ୪୦୦+ ରନ ସ୍କୋର ହୋଇଛି। କିନ୍ତୁ ଗତ ୧୭ ବର୍ଷରେ ୨୨ଥର ୪୦୦+ ରନ ସଂଗ୍ରହ ହୋଇଛି। କେବଳ ସେତିକି ନୁହଁ ଦିନିକିଆରେ ଇଂଲଣ୍ଡ ୫୦୦ ରନ ସଂଗ୍ରହ କରିବାର ନିକଟତର ହୋଇଥିଲା। ୨୦୨୨ରେ ଇଂଲଣ୍ଡ ନେଦରଲାଣ୍ଡସ ବିପକ୍ଷରେ ୪୯୮ ରନ ସଂଗ୍ରହ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲା। ଇଂଲଣ୍ଡ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ପୂର୍ବରୁ ୪୮୧ ରନ ସଂଗ୍ରହ କରିଛି। ସେହିପରି ରନ୍ ଚେଜ୍‌ରେ ଦଳଗୁଡ଼ିକ ୩୦୦+ ରନର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିପାରୁଛନ୍ତି। ଗତ ୧୮ ବର୍ଷରେ ୧୬୨ଥର ଦ୍ୱିତୀୟ ପାଳିରେ ୩୦୦+ ରନ ସ୍କୋର ହୋଇଛି। ଏଥିରେ ୫୭ ପ୍ରତିଶତ ଥର ଦଳଗୁଡ଼ିକୁ ବିଜୟପ୍ରାପ୍ତ ହୋଇଛି। ସେହିପରି ରନ୍‌ରେଟ୍ ୪.୬୯ରୁ ବୃଦ୍ଧି ପାଇ ୫.୨୦ରେ ପହଞ୍ଚିଛି। କିନ୍ତୁ ଦିନିକିଆ ଆରମ୍ଭ ହେବାର ୩୭ ବର୍ଷ ମଧ୍ୟରେ ୧୯ଥର ୩୦୦+ ସ୍କୋରକୁ ପିଛା କରି ଦଳଗୁଡ଼ିକ ବିଜୟ ହାସଲ କରିଛନ୍ତି।

## ୧୪ ବର୍ଷରେ ୧୨ଟି ଦ୍ୱିଶତକ ଦେଖିବାକୁ ମିଳିଛି

ଆଇପିଏଲ ପୂର୍ବରୁ ଦିନିକିଆରେ ଜଣେ ବ୍ୟାଟର ୧୫୦ ରନ ସ୍କୋର କରିବା ବହୁତ ବଡ଼ କଥା ଥିଲା। ପାକିସ୍ତାନର ସଇଦ୍ ଅନୱର ୧୯୪ ରନ ସଂଗ୍ରହ କରି ରେକର୍ଡ କରିଥିଲେ ଓ ଏହା ୧୨ ବର୍ଷ ପର୍ଯ୍ୟନ୍ତ ଅତୁଟ ରହିଥିଲା। କିନ୍ତୁ ୨୦୦୮ରେ ଆଇପିଏଲ ଆରମ୍ଭ ହେବା ପରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ୨ ବର୍ଷ ମଧ୍ୟରେ ଦିନିକିଆରେ ପ୍ରଥମ ଦ୍ୱିଶତକ ଅର୍ଜନ କରିଥିଲେ। ଦକ୍ଷିଣ ଆଫ୍ରିକାର କ୍ୱାଲିଟି ବୋଲିଂ ବିପକ୍ଷରେ ସେ ଏହି ସଫଳତା ପାଇଥିଲେ। ଏହାପରେ ଦ୍ୱିଶତକ ହାସଲ କରିବା ଏକ ସାଧାରଣ କଥାରେ ପରିଣତ ହୋଇଛି। ଗତ ୧୪ ବର୍ଷରେ ୧୨ଟି ଦ୍ୱିଶତକ ଦେଖିବାକୁ ମିଳିଛି। ରୋହିତ ଶର୍ମା କେବଳ ୩ଟି ଦ୍ୱିଶତକ ହାସଲ କରିଛନ୍ତି। ସେ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ୨୬୪ ରନର ବୃହତ ଦ୍ୱିଶତକୀୟ ପାଳି ଖେଳିଥିଲେ। ଆଇପିଏଲରେ ବ୍ୟାଟରଙ୍କ ଷ୍ଟ୍ରାଇକ ରେଟ୍ ୭୧ରୁ ୮୨ରେ ପହଞ୍ଚିଛି। ଖେଳାଳିମାନେ ଅଧିକରୁ ଅଧିକ ଛକା ମାରିବାକୁ ପସନ୍ଦ କରୁଛନ୍ତି। ୨୦୦୬ ପର୍ଯ୍ୟନ୍ତ ବ୍ୟାଟରମାନେ ହାରହାରି ୬ଟି ଛକା ମାରୁଥିବା ବେଳେ ଗତ ୧୮ ବର୍ଷରେ ଏହା ୧୦ରେ ପହଞ୍ଚିଛି।

● କନିଷ୍ଠ ପୁରୁଷ ଜାତୀୟ ହକି ଶିବିର

# ୪ ଓଡ଼ିଆ ଖେଳାଳି ସାମିଲ

**ଭୁବନେଶ୍ୱର,୨୩।୩(ସମିସ):** ଟାର୍ଗେଟ ଅଲିମ୍ପିକ୍ ସ୍କିମ୍ (ଟପ୍ସ) ଅଧିନରେ ଆୟୋଜନ ହେବାକୁ ଯାଉଥିବା କନିଷ୍ଠ ପୁରୁଷ ଜାତୀୟ ହକି ଶିବିର ଲାଗି ୪ ଜଣ ଓଡ଼ିଆ ଖେଳାଳି ମନୋନୀତ ହୋଇଛନ୍ତି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ଏହି ଶିବିର ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇ ମେ ୩୧ରେ ଶେଷ ହେବ। ଦୁଇମାସ ଧରି ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ପ୍ରଶାନ୍ତ ବାର୍ଲା, ଆକାଶ ସୋରଙ୍ଗ, ରୋସାନ କୁଜୁର ଓ ରତିକ କୁଜୁର ସ୍ଥାନ ପାଇଛନ୍ତି। ଶିବିର ଆରମ୍ଭ ହେବାକୁ ଆହୁରି ୭ ଦିନ ବାକିଥିବା ବେଳେ ଉଦୀୟମାନ ରକ୍ଷଣଭାଗ ଖେଳାଳି ଆକାଶ ସୋରେଙ୍ଗ୍ ଓଡ଼ିଶାର ହକିର ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତିକୁ ବେଶ୍ ପ୍ରଶଂସା କରିଛନ୍ତି। ଜାତୀୟ ଶିବିର ଲାଗି ମନୋନୀତ ହୋଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି ସେ କହିଛନ୍ତି।

● ଆନ୍ତଃବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ

# ମୀରାରାଣୀ ଅଫିସିଆଲ



**ଭୁବନେଶ୍ୱର, ୨୩।୩(ଏଜେନ୍ସି):** ପଞ୍ଜାବର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରେ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ରିଦ୍‌ମିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାରୁ ମୀରାରାଣୀ ଦାସ ଅଫିସିଆଲ ଭାବେ ଯୋଗ ଦେଇ ଓଡ଼ିଶା ଫେରିଛନ୍ତି। ମୀରାରାଣୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରେ ଜିମ୍ନାଷ୍ଟିକ୍‌ର ଉନ୍ନତି ଲାଗି କାମ କରୁଛନ୍ତି।

## ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

# ୨୩-୦ ଗୋଲରେ ଜିତିଲା ସ୍ପୋର୍ଟ୍ସ ଓଡ଼ିଶା



**ଭୁବନେଶ୍ୱର, ୨୩।୩ (ସମିସ)**

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍‌ରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ୧୫ ବର୍ଷରୁ କମ୍ ବିଭାଗରେ ଖେଳାଯାଇଥିବା ଏହି ୩ଟି ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା, ଓଡ଼ିଶା ଏକାଦଶ ଓ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନ ବିଜୟ ଲାଭ କରିଛି।

ଦିବସର ପ୍ରଥମ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨୩-୦ ଗୋଲର ବୃହତ୍ ବ୍ୟବଧାନରେ ସରକାରୀ ବାଳିକା ହାଇସ୍କୁଲ (ଯୋବ୍ରା)କୁ ପରାସ୍ତ କରିଥିଲା। ବିଜୟୀ ଦଳର ରୂପଶ୍ରୀ ମୁଣ୍ଡା ସର୍ବାଧିକ ୫ଟି ଗୋଲ୍ ଦେଇଥିଲେ। ସେହିଭଳି ଲିଜା ମଲ୍ଲିକ ମଧ୍ୟ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚରେ ଥଣ୍ଡାମଣୀ ବାସ୍କେଙ୍କ ହ୍ୟାଟ୍ରିକ ବଳରେ ଓଡ଼ିଶା ଏକାଦଶ ୭-୦ ଗୋଲରେ ଫାଓ ଏକାଡେମୀକୁ ହରାଇଦେଇଛି। ବାସ୍କେ ହ୍ୟାଟ୍ରିକ ସହ ୪ଟି ଗୋଲ୍ ଦେଇଥିଲେ। ଦିବସର ଶେଷ ମ୍ୟାଚରେ ସରକାରୀ ବାଳିକା ହାଇସ୍କୁଲ (କାଜି ବଜାର) ଓ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ୟୁନିଟ୍-୬ ଦଳ ୪-୨ ଗୋଲରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଆୟୁଷ ପ୍ରିୟଦର୍ଶିନୀ ୨ଟି ଗୋଲ୍ ଦେଇଥିଲେ।

ଇଣ୍ଡିଆନ୍ ଓମେନ୍ସ ଲିଗ୍

# ଟାଇଟଲ୍ ଲକ୍ଷ୍ୟରେ ଓଏଫ୍‌ସି, ଗୋକୁଲମ

**ଭୁବନେଶ୍ୱର, ୨୩।୩ (ସମିସ)**



ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ପ୍ରତିଯୋଗିତା। ରବିବାର ପ୍ରତିଯୋଗିତାର ଅନ୍ତିମ ତଥା ଦ୍ୱାଦଶ ରାଉଣ୍ଡ ମୁକାବିଲା ଖେଳାଯିବ। ଏଥିରେ ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) ମହିଳା ଦଳ ସହ କିକ୍ ଷ୍ଟାର୍ଟ ଏଫ୍‌ସିର ମୁକାବିଲା ହେବ। ସେହିଭଳି ଅନ୍ୟ ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଗୋକୁଲମ କେରଳ ଓ ଇଷ୍ଟ ବେଙ୍ଗଲ ଇଏମ୍‌ଏସ୍ ଷ୍ଟାଡିୟମ (କେରଳ)ରେ ସାମ୍ନାସାମ୍ନି ହେବେ। ଏହି ଦୁଇ ମ୍ୟାଚର ଫଳାଫଳରୁ ହିଁ ଆଇଡବ୍ଲ୍ୟୁଏଲ୍ ଚଳିତ ସଂସ୍କରଣର ବିଜେତା ନିର୍ଣ୍ଣୟ ହେବ।

ଡିଫେଣ୍ଡିଂ ଚାମ୍ପିଅନ ଗୋକୁଲମ କେରଳ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ୧୧ ମ୍ୟାଚ୍ ଖେଳି ୮ ବିଜୟ, ୧ ପରାଜୟ ଓ ୨ ଅମୀମାଂସିତ ସହ ୨୬ ପଏଣ୍ଟ ପାଇ ୭ ଦଳୀୟ ତାଲିକାର ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ଭୁବନେଶ୍ୱରଭିତ୍ତିକ ଓଡ଼ିଶା ଏଫ୍‌ସି ୧୧ ମ୍ୟାଚରୁ ୯ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଅମୀମାଂସିତ ସହ ୨୮ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଯଦି ରବିବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚରେ ଓଡ଼ିଶା ଏଫ୍‌ସି ପ୍ରତିପକ୍ଷ କିକ୍ ଷ୍ଟାର୍ଟ ବିପକ୍ଷରେ ବିଜୟୀ ହୁଏ କିମ୍ବା ଡ୍ର ରଖେ ତେବେ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଲାଭ କରିବ। କିନ୍ତୁ ଯଦି ଓଏଫ୍‌ସି ପରାଜୟର ସମ୍ମୁଖୀନ ହୁଏ ତେବେ ଗୋକୁଲମ ଓ ଇଷ୍ଟ ବେଙ୍ଗଲର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ। କିକ୍ ଷ୍ଟାର୍ଟ ୧୧ ମ୍ୟାଚ ଖେଳି ୨୧ ପଏଣ୍ଟ ସହ ତାଲିକାର ୩ୟ ସ୍ଥାନରେ ଅବସ୍ଥାପିତ ରହିଛି।

ଅପରପକ୍ଷରେ ଗୋକୁଲମ କେରଳ ରବିବାର ଶେଷ ମ୍ୟାଚରେ ଯଦି ଇଷ୍ଟ ବେଙ୍ଗଲକୁ ହରାଇ ଦିଏ ତେବେ ଏହାର ପଏଣ୍ଟ ସଂଖ୍ୟା ୨୮ ହୋଇଯିବ। ସେହିଭଳି ଯଦି ଓଡ଼ିଶା ଏଫ୍‌ସି ହାରିଯାଏ ଓ ଗୋକୁଲମ ବିଜୟ ଲାଭ କରେ ତେବେ ଉଭୟ ଦଳର ପଏଣ୍ଟ ସଂଖ୍ୟା ୨୮ରେ ବରାବର୍ ହୋଇଯିବ। ଏହାହେଲେ ଉଭୟ ଦଳ ମଧ୍ୟରେ ପୂର୍ବରୁ ରାଉଣ୍ଡ ରବିନରେ ଖେଳାଯାଇଥିବା ମ୍ୟାଚର ଫଳାଫଳକୁ ବିଚାରକୁ ନିଆଯିବ। ଏକ୍ଷେତ୍ରରେ ଓଡ଼ିଶା ଏଫ୍‌ସି ଗୋଟିଏ ପାଦ ଆଗରେ ରହି ଚାମ୍ପିଅନ ହେବ। ରାଉଣ୍ଡ ରବିନରେ ଓଡ଼ିଶା ଏଫ୍‌ସି ଓ ଗୋକୁଲମ ଦୁଇଥର ସାମ୍ନାସାମ୍ନି ହୋଇଥିଲେ। ଯେଉଁଥିରେ ପ୍ରଥମ ମ୍ୟାଚକୁ ଓଡ଼ିଶା ୨-୦ରେ ଜିତିଥିବାବେଳେ ଦ୍ୱିତୀୟରେ ୨-୧ରେ ହାରିଯାଇଥିଲା। ଦୁଇ ମ୍ୟାଚର ଫଳାଫଳ ଅନୁସାରେ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ଆଗୁଆ ରହିଛି।



## ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଦୀପରଞ୍ଜନ ଜିତିଲେ ରୌପ୍ୟ ପଦକ

**ଭୁବନେଶ୍ୱର, ୨୩।୩(ଏଜେନ୍ସି)**

ଜାମ୍‌ସେଦ୍‌ପୁରରେ ଶନିବାର ଶେଷ ହୋଇଥିବା ଷଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ଦୀପରଞ୍ଜନ ବିଶୋଇ ପୁରୁଷ ଯୁଗଳରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦୀପଙ୍କ ସହ ଉତ୍ତରାଖଣ୍ଡର ମନୋଜ ସରକାର ସହ ସାଥିହୋଇ ଖେଳୁଥିଲେ। କିନ୍ତୁ ସେମିଫାଇନାଲରେ ଆଘାତ ପାଇଥିବାରୁ ମନୋଜ ଫାଇନାଲ ମ୍ୟାଚ୍ ଖେଳି ନ ଥିଲେ। ଯାହା ଫଳରେ ତରୁନ ଓ ନୀତେଶଙ୍କ ଯୋଡ଼ିଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସେମିଫାଇନାଲରେ ମନୋଜ-ଦୀପଙ୍କ ଯୋଡ଼ି ୧୭-୨୧, ୨୧-୧୫, ୨୧-୧୭ରେ ନିହାଲ ଗୁପ୍ତା ଓ ନବୀ ଶିବକୁମାରଙ୍କୁ ପରାସ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## କଳାହାଣ୍ଡି କପ୍‌ରେ ଅଭିଷେକ, ଆଶୀର୍ବାଦ ଓ ବିଶ୍ୱଭୂଷଣଙ୍କ ଶତକ

# ବାଲେଶ୍ୱର, ରାଉରକେଲାର ଲଢୁଆ ବିଜୟ

**ଭୁବନେଶ୍ୱର, ୨୩।୩(ଏଜେନ୍ସି)**

ଓଡ଼ିଶା କ୍ରିକେଟ ସଂଘ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଭେନ୍ୟୁରେ ଚାଲିଥିବା ଆନ୍ତଃଜିଲ୍ଲା ସିନିୟର କଳାହାଣ୍ଡି କପ୍ ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଶନିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏହି ମ୍ୟାଚ୍ ଗୁଡ଼ିକରେ ବାଲେଶ୍ୱର, ରାଉରକେଲା, ଭୁବନେଶ୍ୱର-ଏ' ପୂର୍ବତଟ ରେଳବାଇ, କଟକ ଏ' ଓ ବି' ଦଳ ବିଜୟ ହାସଲ କରିଛନ୍ତି। କଟକ-ବି' ପକ୍ଷରୁ ଖେଳୁଥିବା ଅଭିଷେକ ରାଉତ ୧୨୮ ଓ ଖୋର୍ଦ୍ଧା ପକ୍ଷରୁ ଖେଳୁଥିବା ବିଶ୍ୱଭୂଷଣ ବିହାରି ୧୦୬ ଓ ରାଉରକେଲା ପକ୍ଷରୁ ଖେଳୁଥିବା ଆଶୀର୍ବାଦ ସ୍ୱାଇଁ ୧୦୪ ରନ କରି ଶତକ ହାସଲ କରିଛନ୍ତି। ପୂର୍ବତଟ ରେଳବାଇର ବାମହାତୀ ସ୍ପିନର ଜୟନ୍ତ ବେହେରା, ଢେଙ୍କାନାଳର ମୁସ୍ତାକ ବେଗ୍ ୪ଟି ଲେଖାଏଁ ୱିକେଟ ନେଇ ବୋଲିଂ ସଫଳତା ପାଇଛନ୍ତି। ଓଡ଼ିଶା ରଣଜୀ ଅଧିନାୟକ ଭୁବନେଶ୍ୱର-ଏ'ର ଶାନ୍ତନୁ ମିଶ୍ର ୩ ୱିକେଟ ଓ ୫୯ ରନ୍, କଟକ-ବି'ର ସାଇଦୀପ ମହାପାତ୍ର ୩ ୱିକେଟ ଓ ୩୨ ରନ୍, ବାଲେଶ୍ୱରର ସର୍ବେଶ୍ୱର ମହାନ୍ତି ୨ ୱିକେଟ ଓ ୮୦ ରନ୍, ରାଉରକେଲାର ଶୁଭଙ୍କର ବିଶ୍ୱାସ ୩ ୱିକେଟ ଓ ୫୬ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଅଲରାଉଣ୍ଡ ସଫଳତା ପାଇଛନ୍ତି।

ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ରାଉରକେଲା ୨୬ ରନ୍‌ରେ ଯାଜପୁରକୁ ପରାସ୍ତ କରିଛି। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ଆଶୀର୍ବାଦ୍ ସ୍ୱାଇଁଙ୍କ ୧୦୪ରନ୍ ବଳରେ ୪ ୱିକେଟ୍‌ରେ ୨୪୪ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସେକ୍ ଆଝାରୁଦ୍ଦିନଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଯାଜପୁର ୪୭.୪ ଓଭରରେ ୨୧୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସୟଦ ଇଝାରୁଦ୍ଦିନ ସର୍ବାଧିକ ୭୪ ରନ୍ କରିଥିଲାବେଳେ ପ୍ରତିପକ୍ଷ ରାଉରକେଲାର ଅୟସକାନ୍ତ ସାହୁ ୪ଟି ୱିକେଟ ପାଇଥିଲେ। ସେହିପରି ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡାକୁ ବାଲେଶ୍ୱର ୩ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଝାରସୁଗୁଡା ୪୪.୫ ଓଭରରେ ୧୫୪ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ବାଲେଶ୍ୱର ୩୪.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୫୫ ରନ୍ ସଂଗ୍ରହ କରିନେଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଭିଷେକ ରାଉତ ୧୨୮, ବିକ୍ରମ ସାମଲ ୫୩ ଓ ସୌଭାଗ୍ୟ ମିଶ୍ର ୫୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି କଟକ-ଏ' ୯ ୱିକେଟରେ ୩୭୨ ରନ୍ କରିଥିଲା। ଜବାବରେ ଢେଙ୍କାନାଳ ୪୦ ଓଭରରେ ୨୧୮ ରନ୍ କରିଥିଲା। ଢେଙ୍କାନାଳର ମୁସ୍ତାକ ବେଗ୍ ୪୯ ରନ୍ କରିବା ସହ ୪ ୱିକେଟ ନେଇଥିଲେ। ରେଭେନଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ବି' ୪ ୱିକେଟରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ଗତକାଲି ସୁନ୍ଦରଗଡ଼ଠାରୁ ଭୁବନେଶ୍ୱର-ଏ' ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସୁନ୍ଦରଗଡ଼ ୩୬.୩ ଓଭରରେ ମାତ୍ର ୯୯ ରନ୍ କରିଥିଲା। ଜବାବରେ କଟକ ବି' ୨୬.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା।

କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପୂର୍ବତଟ ରେଳବାଇ ୭ ୱିକେଟରେ ସମ୍ବଲପୁରକୁ ପରାସ୍ତ କରିଛି। ସେହିପରି କଟକ ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୨ ୱିକେଟରେ ଖୋର୍ଦ୍ଧା ଦଳକୁ ହରାଇଛି। ସମ୍ବଲପୁରର ହ୍ରିତ୍ରିକ୍ ପଟେଲ ୭୭, ପୂର୍ବତଟର ଅଭିଷେକ ଯାଦବ ୫୬, ଭୁବନେଶ୍ୱର-ଏ'ର ରଘୁନାଥ ମଲ୍ଲ ୯୧ ରନ୍ କରି ସଫଳତା ପାଇଥିଲେ।



ବିଶ୍ୱଭୂଷଣ ବିହାରି



ଅଭିଷେକ ରାଉତ



ଆଶୀର୍ବାଦ ସ୍ୱାଇଁ

ସୁପର ସାମ୍‌ଙ୍କ ଚମତ୍କାର ବ୍ୟାଟିଂ

# କ୍ୟାପିଟାଲ୍ସକୁ ହରାଇଲା କିଙ୍ଗ୍‌ସ


ସାମ୍ କୁରାନ

**ମୋହାଲି, ୨୩।୩(ଏଜେନ୍ସି)**

ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ଦିଲ୍ଲୀ ଅଧିନାୟକ ରଷଭ ପନ୍ତ୍ ବିଫଳ। ଦୀର୍ଘ ୪୫୩ ଦିନ ପରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିଥିଲେ ମଧ୍ୟ ଚଳିତ ଆଇପିଏଲ୍‌ର ତାଙ୍କ ନେତୃତ୍ୱରେ ଖେଳୁଥିବା ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ମୁକାବିଲାରେ ପରାଜିତ ହୋଇଯାଇଛି। ନବନିର୍ମିତ ମହାରାଜା ଯୁଜବିନ୍ଦ୍ର ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୪ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଚମତ୍କାର ବ୍ୟାଟିଂ କରି ପଞ୍ଜାବ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଇଂଲଣ୍ଡ ଅଲରାଉଣ୍ଡର ସାମ କୁରାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ୪୭ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୬୩ ରନ୍ କରିଥିଲେ।

## ପୋରେଲଙ୍କ ଦମ୍‌ଦାର ବ୍ୟାଟିଂ

କାର୍ ଦୁର୍ଘଟଣାରେ ଆହତ ହୋଇ ବାଦ୍ ପଡ଼ିଥିବା ୱିକେଟରକ୍ଷକ ରଷଭ ପନ୍ତ୍ ଦୀର୍ଘ ୪୫୩ ଦିନ ପରେ ଏହି ମ୍ୟାଚ୍‌ରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଦଳର ଟପ୍ ୪ଜଣ ବ୍ୟାଟର ଭଲ ଆରମ୍ଭ ପାଇଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନଥିଲେ। ଡେଭିଡ୍ ୱାର୍ଣ୍ଣର ୨୯, ମିଚେଲ ମାର୍ଶ ୨୦ ଓ ସାଇ ହୋପ୍ ୩୩ ରନ୍ କରିଥିଲେ। ନଂ-୪ରେ ବ୍ୟାଟିଂ କରିବାକୁ ଆସି ୪ ନମ୍ବର ଖେଳାଳିଭାବେ ପନ୍ତ୍ ୧୮ ରନ୍ କରି ଆଉଟ ହୋଇଥିଲେ। ସେ ୧୩ଟି ବଲ୍‌ରେ ୨ଟି ଚୌକା ମାରିଥିଲେ ମଧ୍ୟ ତାଙ୍କ ନିକଟରେ ମ୍ୟାଚ୍ ଖେଳିବାର ଅଭାବ ପରିଲକ୍ଷିତ ହୋଇଥିଲା। ସେ ଆଉଟ ହେବା ପରେ ଦଳର କ୍ରମାଗତ ୱିକେଟ ପଡ଼ିଯାଇଥିଲା। କିନ୍ତୁ ବେଙ୍ଗଲର ଯୁବ ୱିକେଟ କିପର ବ୍ୟାଟର ଅଭିଷେକ ପୋରେଲ ପ୍ରତିପକ୍ଷ ଫାଷ୍ଟ ବୋଲର ହର୍ଷଲ ପଟେଲ ପକାଇଥିବା ଶେଷ ଓଭରରେ ୨ଟି ଛକା, ୩ଟି ଚୌକା ସହ ୨୫ ରନ୍ ଉଠାଇବା ଫଳରେ ଦିଲ୍ଲୀ ୯ ୱିକେଟରେ ୧୭୪ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ପୋରେଲ ମାତ୍ର ୧୦ଟି ବଲ୍ ଖେଳି ୪ ଚୌକା ଓ ୨ଛକା ସହ ୩୨ ରନ୍‌ରେ ଅପରାଜିତ ରହିଥିଲେ। ପଞ୍ଜାବର ଅର୍ଶଦୀପ ସିଂ ଓ ହର୍ଷଲ ପଟେଲଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

## କୁରାନ, ଲିଭିଙ୍ଗଷ୍ଟୋନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

ବୋଲରଙ୍କୁ କିଛିଟା ସହାୟତା ଦେଉଥିବା ପିଚ୍‌ରେ ୧୭୫ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରିବା ସହଜ ନ ଥିଲା। ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ଶିଖର ଧାୱନ ୨୨, ଜନି ବେୟାରଷ୍ଟୋ ୯, ପ୍ରଭସିମରନ ସିଂ ୨୬ ଓ ୱିକେଟକିପର ଜିତେଶ ଶର୍ମା ୯ ରନ୍ କରି ଆଉଟ ହୋଇଯାଇଥିଲେ। ୧୨ତମ ଓଭରରେ ଦଳ ୧୦୦ ରନ୍ ମଧ୍ୟରେ ପ୍ରଥମ ୪ଜଣ ଖେଳାଳିଙ୍କୁ ହରାଇଥିଲା। ଏହା ପରେ ଇଂଲଣ୍ଡର ଦୁଇ ଖେଳାଳି ସାମ କୁରାନ ଓ ଲିଆମ ଲିଭିଙ୍ଗ୍‌ଷ୍ଟୋନ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ। ୫ମ ୱିକେଟରେ ଏମାନେ ୪୨ ବଲ୍‌ରୁ ୬୭ ରନ୍ ଉଠାଇବା ପରେ କୁରାନ ଆଉଟ ହୋଇଯାଇଥିଲେ। ସେ ୪୭ ବଲ୍‌ରେ ୬୩ ରନ୍ କରିବା ପରେ ଆଉଟ ହୋଇଥିଲେ। ସମାନ ସ୍କୋରରେ ଶଶାଙ୍କ ସିଂ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଏହା ପରେ ଲିଭିଙ୍ଗଷ୍ଟୋନ ଓ ହରପ୍ରୀତ୍ ବ୍ରାର୍ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଏବଂ ୪ଟି ବଲ ବାକିଥାଇ ଦଳକୁ ୪ ୱିକେଟରେ ଜିତାଇଥିଲେ। ଛକା ମାରି ଦଳକୁ ଜିତାଇଥିବା ଲିଭିଙ୍ଗଷ୍ଟୋନ ୨୧ ବଲ୍‌ରୁ ୨ ଚୌକା ଓ ୩ ଛକା ସହ ୩୮ ରନ୍‌ରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଅକ୍ଷର ପଟେଲ ଓ କୁଲଦୀପ ଯାଦବ କିଛିଟା ଭଲ ବୋଲିଂ କରିଥିଲେ ମଧ୍ୟ ଅନ୍ୟମାନେ ରନ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ। ଖଲୀଲ ଅହମ୍ମଦ୍ ଓ କୁଲଦୀପ ଯାଦବ ୨ଟି ଲେଖାଏଁ ୱିକେଟ ପାଇଥିଲେ। ୨ ଓଭର ବୋଲିଂ କରିଥିବା ଈଶାନ୍ତ ଶର୍ମା ଆହତ ହୋଇ ପଡ଼ିଆ ଛାଡିଥିଲେ।

### ୪୫୩ ଦିନ ପରେ ପନ୍ତ୍‌ଙ୍କ ପ୍ରତ୍ୟାବର୍ତ୍ତନ

ଭାରତୀୟ ତାରକା ୱିକେଟରକ୍ଷକ ବ୍ୟାଟର ତଥା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରଷଭ ପନ୍ତ ଦୀର୍ଘ ୪୫୩ ଦିନ ପରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୧୭ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌ରେ ସେ ବ୍ୟାଟିଂ କରିଛନ୍ତି। ଶନିବାର ଅନୁଷ୍ଠିତ ପଞ୍ଜାବ କିଙ୍ଗସ ବିପକ୍ଷ ମୁକାବିଲାରେ ସେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ତରଫରୁ ୫ ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ନିଜର ସ୍ୱଭାବ ସୁଲଭ ଢଙ୍ଗରେ ଖେଳିଥିଲେ ମଧ୍ୟ ସେ ବଡ଼ ସ୍କୋର କରିପାରି ନଥିଲେ। ୧୩ ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ସେ ୧୮ ରନ କରିଥିବା ବେଳେ ଏକ ହାଲକା ସଟ୍ ଖେଳି ପ୍ୟାଭିଲିୟନ ଫେରିଥିଲେ। ହର୍ଷଲ ପଟେଲଙ୍କ ଏକ ମନ୍ଥର ସର୍ଟ ବଲକୁ ସେ ସଟ୍ ଖେଳିବାକୁ ଯାଇ ବ୍ୟାକ୍‌ୱାର୍ଡ ପଏଣ୍ଟରେ ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇଥିଲେ। ୨୦୨୨ ଡିସେମ୍ବର ୨୯ରେ ଦିଲ୍ଲୀରୁ ଡେରାଡୁନସ୍ଥିତ ନିଜ ଘରକୁ ଯାଉଥିବା ବେଳେ ସେ ରୁରକି ନିକଟରେ କାର୍ ଦୁର୍ଘଟଣାର ଶିକାର ହୋଇଥିଲେ ଓ ଏକାଧିକ ଇଞ୍ଜୁରିର ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ସେବେଠାରୁ ଫିଟ୍‌ନେସ ଫେରିବାକୁ ସେ ସଂଘର୍ଷ କରି ଆସୁଥିଲେ। ଏହି ମ୍ୟାଚ୍ ଖେଳି ସେ ଏବେ ନିଜ ଫିଟ୍‌ନେସର ପ୍ରମାଣ ଦେଇଛନ୍ତି। ଟସ୍ ବେଳେ ସେ ନିଜ ପ୍ରତ୍ୟାବର୍ତ୍ତନ ନେଇ କିଛି କହିବା ବେଳେ ଭାବପ୍ରବଣ ହୋଇ ପଡିଥିଲେ। ପ୍ରତ୍ୟାବର୍ତ୍ତନରେ ଖୁସି ଥିଲେ ମଧ୍ୟ ନର୍ଭସ ଅଛି ବୋଲି ସେ ସ୍ୱିକାର କରିଥିଲେ। ୨୦୦୮ ରେ ଆଇପିଏଲ ଆରମ୍ଭ ହେବା ପରଠାରୁ ଦିଲ୍ଲୀ କେବେବି ଚାମ୍ପିଅନ ହେବାର ସୌଭାଗ୍ୟ ପାଇ ନାହିଁ। ପନ୍ତ ଏପର୍ଯ୍ୟନ୍ତ ୩୩ ଟେଷ୍ଟ, ୩୦ ଦିନିକିଆ ଓ ୬୬ଟି ଟି-୨୦ ମ୍ୟାଚ୍ ଖେଳି ମୋଟ ଉପରେ ୪,୧୨୩ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୯୯ଟି ଆଇପିଏଲ ମ୍ୟାଚ୍ ଖେଳି ୨୮୫୬ ରନ ସଂଗ୍ରହ କରିଛନ୍ତି।




**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ରାଜସ୍ଥାନ ରୟାଲ୍ସ-ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ**
**ସ୍ଥାନ**- ଜୟପୁର, **ସମୟ**- ଅପରାହ୍ଣ ୩ଟା ୩୦

**ଗୁଜରାଟ ଟାଇଟନ୍ସ-ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ**- ଅହମ୍ମଦାବାଦ, **ସମୟ**- ରାତି ୭ଟା ୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା




● ଆନ୍ଦ୍ରେ ରସେଲଙ୍କ ଅଲରାଉଣ୍ଡ ସଫଳତା

# କୋଲକାତାର ରୋମାଞ୍ଚକ ବିଜୟ

**କୋଲକାତା, ୨୩।୩(ଏଜେନ୍ସି):** ଆନ୍ଦ୍ରେ ରସେଲ (୨୫ ବଲ୍‌ରେ ଅପରାଜିତ ୬୪ ରନ୍, ୨୫ ରନ୍‌ରେ ୨ ୱିକେଟ)ଙ୍କ ଅଲରାଉଣ୍ଡ ସଫଳତା ଓ ଶେଷ ଓଭରରେ ହର୍ଷିତ ରାଣାଙ୍କ ଧୈର୍ଯ୍ୟପୂର୍ଣ୍ଣ ବୋଲିଂ ଯୋଗୁଁ କୋଲକାତା ନାଇଟ୍ ରାଇଡର୍ସ ରୋମାଞ୍ଚକ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ-୧୭'ର ତୃତୀୟ ଲିଗ୍ ମ୍ୟାଚ୍‌ରେ କୋଲକାତା ମାତ୍ର ୪ ରନ୍‌ରେ ଲଢୁଆ ଖେଳୁଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୭ ୱିକେଟରେ ୨୦୮ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ୍ ୭ ୱିକେଟ ହରାଇଥିଲେ ମଧ୍ୟ ୨୦୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ହାଇଦ୍ରାବାଦ୍ ଏକଦା ୧୬ ଓଭର ସୁଦ୍ଧା ୪ ୱିକେଟରେ ୧୩୩ ରନ୍ କରିଥିଲା। ଏହି ସମୟରେ ହେନରିକ୍ କ୍ଲାସେନ (୨୯ ବଲ୍‌ରେ ୮ ଛକା ସହ ୬୩ରନ୍), ଅବଦୁଲ ସମଦ (୧୧ ବଲ୍‌ରେ ୧୫ରନ୍) ଓ ଶାହାବାଜ ଅହମ୍ମଦ୍ ୫ ବଲ୍‌ରେ ୧୬ରନ୍ କରିବା ଫଳରେ ଦଳ ବିଜୟର ନିକଟତର ହୋଇଥିଲା। ଏମାନଙ୍କ ବ୍ୟାଟିଂ ଯୋଗୁ ରସେଲ ବୋଲିଂ କରିଥିବା ୧୭ତମ ଓଭରରେ ୧୬ ରନ୍, ବରୁଣଙ୍କ ୧୮ତମ ଓଭରରୁ ୨୧ ଓ ଷ୍ଟାର୍କଙ୍କ ୧୯ତମ ଓଭରରୁ ୨୬ ରନ୍ ମିଳିଥିଲା। ଫଳରେ ଶେଷ ଓଭର ବା ୬ଟି ବଲ୍‌ରୁ ଦଳକୁ ୧୩ ରନ୍ ଆବଶ୍ୟକ ହେଉଥିଲା। ଯୁବ ପେସର ହର୍ଷିତ ରାଣାଙ୍କ ଚତୁର ବୋଲିଂ ଯୋଗୁଁ ଉଭୟ ଶାହାବାଜ୍ ଓ କ୍ଲାସେନ ଶେଷ ଓଭରରେ ଆଉଟ ହୋଇଥିଲେ। ଏହା ଫଳରେ ହାଇଦ୍ରାବାଦ୍ ବିଜୟ ଲକ୍ଷ୍ୟଠାରୁ ୪ ରନ୍ ଦୂରରେ ରହିଯାଇଥିଲା। କୋଲକାତା ପକ୍ଷରୁ ହର୍ଷିତ ୩ଟି ଓ ରସେଲ ୨ଟି ୱିକେଟ ପାଇଥିଲେ। ରସେଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଫିଲିପ୍ ଓ ଆନ୍ଦ୍ରେଙ୍କ ଅର୍ଦ୍ଧଶତକ

ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରିବା ପରେ କୋଲକାତା ନାଇଟ୍ ରାଇଡର୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ୮ମ ଓଭର ଖେଳ ବେଳକୁ ଦଳ ୫୧ ରନ୍‌ରେ ଚତୁର୍ଥ ୱିକେଟ ହରାଇସାରିଥିଲା। କିନ୍ତୁ ଗୋଟିଏ ପଟେ ଇଂଲିଶ ଓପନର ଫିଲିପ ସଲ୍ଟ ଦୃଢ଼ତାର ସହ ଖେଳୁଥିଲାବେଳେ ରମଣଦୀପଙ୍କ ସିଂଙ୍କ ରୂପରେ ତାଙ୍କୁ ଜଣେ ଭଲ ପାର୍ଟନର ମିଳିଥିଲା। ଉଭୟ ଖେଳାଳି ୫ ୱିକେଟରେ ୨୯ ବଲ୍‌ରୁ ୫୪ ରନ୍ ଉଠାଇ ସ୍ଥିତି ନିୟନ୍ତ୍ରଣକୁ ନେଇଆସିଥିଲେ। ଏହି ସମୟରେ ରମଣଦୀପ ମାତ୍ର ୧୭ ବଲ୍‌ରେ ୧ ଚୌକା ଓ ୪ଛକା ସହ ୩୫ ଓ କିଛି ସମୟ ପରେ ଫିଲିପ ସଲ୍ଟ ୪୦ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୪ ରନ୍ କରି ଆଉଟ ହୋଇଯାଇଥିଲେ। ୧୪ତମ ଓଭରରେ ୧୧୯ ରନ୍‌ରେ ଦଳ ୬ଷ୍ଠ ୱିକେଟ ହରାଇଥିଲା। କିନ୍ତୁ ରିଙ୍କୁ ସିଂ ଓ ଆନ୍ଦ୍ରେ ରସେଲ ୭ମ ୱିକେଟରେ ବିସ୍ଫୋରକ ବ୍ୟାଟିଂ କରି ୩୩ ବଲ୍‌ରୁ ୮୧ ରନ୍ କରି ମ୍ୟାଚ୍‌ର ସ୍ଥିତି ବଦଳାଇଦେଇଥିଲେ। ରିଙ୍କୁ ୧୫ ବଲ୍‌ରେ ୩ ଚୌକା ସହ ୨୩ ଓ ରସେଲ ଶେଷ ପର୍ଯ୍ୟନ୍ତ ଆଉଟ ନ ହୋଇ ମାତ୍ର ୨୫ ବଲ୍‌ରୁ ୩ ଚୌକା ଓ ୭ଛକା ସହ ୬୪ ରନ୍ କରିଥିଲେ। ହାଇଦ୍ରାବାଦ୍ ପକ୍ଷରୁ ଟି ନଟରାଜନ ଚମତ୍କାର ବୋଲିଂ କରି ୩୨ ରନ୍‌ରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ମୟଙ୍କ ମାର୍କଣ୍ଡେଙ୍କୁ ୨ଟି ୱିକେଟ ମିଳିଥିଲାବେଳେ ଭୁବନେଶ୍ୱର କୁମାର ୪ ଓଭରରେ ୫୧ ରନ୍ ଦେଇଛନ୍ତି।

ପ୍ରତିଶ୍ରୁତି ରକ୍ଷା କଲେ ଆନନ୍ଦ ମହିନ୍ଦ୍ରା

## ସର୍ଫରାଜଙ୍କ ପିତାଙ୍କୁ ମିଳିଲା ଥର୍

**ମୁମ୍ବଇ, ୨୩।୩(ଏଜେନ୍ସି)** ମହିନ୍ଦ୍ରା ଗ୍ରୁପ୍ ମାଲିକ ତଥା ଜଣାଶୁଣା ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ତାଙ୍କ ପ୍ରତିଶ୍ରୁତ ରକ୍ଷା କରିଛନ୍ତି। ଭାରତୀୟ ଯୁବ ବ୍ୟାଟର ସର୍ଫରାଜ ଖାନଙ୍କ ପିତା ନୌସାଦ ଖାନ୍‌ଙ୍କୁ ସେ ଲୋକପ୍ରିୟ 'ଥର' ଗାଡି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ସର୍ଫରାଜ ଟେଷ୍ଟ ପଦାର୍ପଣ କରିବା ପରେ ନୌସାଦଙ୍କୁ ଥର ଉପହାର ଦେବାକୁ ମହିନ୍ଦ୍ରା ଘୋଷଣା କରିଥିଲେ। ସର୍ଫରାଜଙ୍କୁ କ୍ରିକେଟର ଭାବେ ଗଢ଼ି ତୋଳିବାରେ ନୌସାଦଙ୍କ ବହୁତ ତ୍ୟାଗ ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସର୍ଫରାଜଙ୍କ ସଂଘର୍ଷ ଓ ନୌସାଦଙ୍କ ତ୍ୟାଗକୁ ନେଇ ଏକ ଭିଡିଓ ସେୟାର କରିଥିଲା। ଏହି ଭିଡିଓର ଉପରେ କମେଣ୍ଟ କରି ମହିନ୍ଦ୍ରା ନୌସାଦଙ୍କୁ ଥର ଉପହାର ଦେବାକୁ ସେତେବେଳେ ଘୋଷଣା କରିଥିଲେ। ରାଜକୋଟରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ସର୍ଫରାଜଙ୍କ ସହ ଧ୍ରୁବ ଜୁରେଲ ମଧ୍ୟ ପଦାର୍ପଣ କରିଥିଲେ। ସର୍ଫରାଜ ଏହି ମ୍ୟାଚ୍‌ରେ ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ପ୍ରଥମ ପାଳିରେ ୬୨ ରନକରି ରନ୍ ଆଉଟ୍ ହୋଇଥିବା ବେଳେ ଦ୍ୱିତୀୟରେ ୬୮ ରନକରି ଅପରାଜିତ ରହିଥିଲେ। ଭାରତ ଏହି ମ୍ୟାଚ୍‌ରେ ୪୩୪ ରନରେ ବୃହତ୍ ବିଜୟ ହାସଲ କରି ୨-୧ରେ ସିରିଜ ଅଗ୍ରଣୀ ହାସଲ କରିଥିଲା।




# ଶ୍ରୀଲଙ୍କା ପ୍ରଥମ ପାଳି ଅଗ୍ରଣୀ

**ସିଲହେଟ୍,୨୩।୩(ଏଜେନ୍ସି):** ସ୍ଥାନୀୟ ସିଲହେଟ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ପାଳି ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ପ୍ରଥମ ପାଳିରେ ୬୮ ଓଭରରେ ୨୮୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ପ୍ରଥମ ପାଳିରେ ୫୧.୩ ଓଭରରେ ୧୮୮ ରନକରି ଅଲଆଉଟ ହୋଇ ୯୨ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଶ୍ରୀଲଙ୍କା ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୬ ଓଭରରେ ୫ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଛି। ଫଳରେ ଶ୍ରୀଲଙ୍କା ୫ ୱିକେଟ ବାକିଥାଇ ମୋଟ୍ ୨୧୧ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଧନଞ୍ଜୟ ଡି ସିଲଭା ୨୩ ଓ ବିଶ୍ୱ ଫର୍ଣ୍ଣାଣ୍ଡୋ ୨ ରନକରି ଅପରାଜିତ ରହିଛନ୍ତି। ଓପନର ଦିମୁଥ କରୁଣାରତ୍ନେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ନିଶାନ ମଦୁସ୍କା ୧୦, କୁଶଲ ମେଣ୍ଡିସ ୩, ଆଞ୍ଜେଲୋ ମାଥ୍ୟୁସ ୨୨ ରନକରି ଆଉଟ ହୋଇଥିବା ବେଳେ ଦୀନେଶ ଚାଣ୍ଡିମଲ ଖାତା ଖୋଲିପାରି ନଥିଲେ। ବାଂଲାଦେଶର ନାହିଦ ରାଣା ୨, ଶୋରିଫୁଲ ଇସ୍‌ଲାମ, ତାଇଜୁଲ ଇସ୍‌ଲାମ ଓ ମେହିଦ ହାସନ ମିରାଜ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ସଂରଚନା, ସଜଫାଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର,୨୩।୩(ସମିସ)**



ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅଲ ଇଣ୍ଡିଆ ଟେନିସ ଆସୋସିଏସ (ଏଆଇଟିଏ) ଓ ଖୋର୍ଦ୍ଧା ଜିଲ୍ଲା ଟେନିସ ଆସୋସିଏସନ (କେଡିଟିଏ) ଟେନିସ ଚାମ୍ପିଅନସିପ୍‌ରେ ଓଡ଼ିଶାର ସଂରଚନା ଦାସ ଓ ସଜଫା ସେଖ୍ ଦୁଇଟି ପ୍ରତିଯୋଗିତାରେ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ସଂରଚନା ୧୨ ବର୍ଷରୁ କମ୍ ବାଳିକା ଏକକ ଓ ୧୪ ବର୍ଷରୁ କମ୍ ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ସେହିପରି ସଜଫା ୧୪ ବର୍ଷରୁ କମ୍ ବାଳିକା ଓ ଯୁଗଳ ପ୍ରତିଯୋଗିତାରେ ଟାଇଟଲ ଜିତିଛନ୍ତି।

୧୨ ବର୍ଷରୁ କମ୍ ବାଳିକା ଏକକ ଫାଇନାଲରେ ଟପ୍ ସିଡ୍ ମାନ୍ୟତା ପାଇଥିବା ସଂରଚନା ୬-୩, ୬-୧ ସେଟ୍‌ରେ ଝାଡଖଣ୍ଡର ଭି ବିଜେତାଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳିକା ଯୁଗଳ ଫାଇନାଲରେ ସଂରଚନା ଓ ସଜଫା ୬-୧, ୬-୩ ସେଟ୍‌ରେ ପଶ୍ଚିମବଙ୍ଗର ପ୍ରିୟାଂଶି ଚାଟାର୍ଜୀ ଓ ଓଡ଼ିଶାର ସାନଭି ମହାନ୍ତିଙ୍କୁ ପରାସ୍ତ କରି ଟାଇଟଲ ଜିତିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳିକା ଏକକ ଫାଇନାଲରେ ସଜଫା ୬-୧, ୬-୩ ସେଟ୍‌ରେ ସଂରଚନାଙ୍କୁ ହରାଇ ବାଜି ମାରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବରିଷ୍ଠ ପ୍ରଶାସକ ତଥା ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଯୁଗ୍ମ ସମ୍ପାଦକ ତଥା କେଡିଟିଏ ସଭାପତି ମଧୁସୁଦନ ପାଢୀ, ଆଇପିଏସ୍ ସଞ୍ଜୀବ ପଣ୍ଡା ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦାମୋଦର ପ୍ରଧାନୀ, କେଡିଟିଏ ସମ୍ପାଦକ ଅସିତ ପ୍ରଧାନ, ସଦସ୍ୟ ତନ୍ମୟ ମିଶ୍ର, ରବିନ୍ଦ୍ର ସେନାପତି, ଦୁଷ୍ମନ୍ତ ତୁଙ୍ଗା, ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଓ ଟୁର୍ଣ୍ଣାମେଣ୍ଟ ରେଫରୀ ଜତିନ ବୈଶ୍ୟ ଉପସ୍ଥିତ ଥିଲେ।

୧୬ ମାସ ପରେ

# ସେମିରେ ଶ୍ରୀକାନ୍ତ

**ବାସେଲ,୨୩।୩(ଏଜେନ୍ସି):** ଏଠାରେ ଚାଲିଥିବା ସୁଇସ୍ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ଚାଇନିଜ ତାଇପେର ଚିଆ ହାଓ ଲି ୨୧-୧୦, ୨୧-୧୪ରେ ମାତ୍ର ୩୫ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏଥିସହ ସେ ଦୀର୍ଘ ୧୬ ମାସ ପରେ କୌଣସି ଟୁର୍ଣ୍ଣାମେଣ୍ଟରେ ସେମିକୁ ଉଠିଛନ୍ତି। ୨୦୨୨ ନଭେମ୍ବରରେ ସେ ହିଲୋ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପ୍‌ରେ ଶ୍ରୀକାନ୍ତ ରୌପ୍ୟ ପଦକ ଜିତିଥିଲେ। ସେମିରେ ସେ ଏବେ ବିଶ୍ୱର ୨୨ ନଂ ଖେଳାଳି ଚାଇନିଜ ତାଇପେର ଲିନ୍ ଜୁନ୍- ୟିଙ୍କୁ ଭେଟିବେ। ଶ୍ରୀକାନ୍ତ ଏକମାତ୍ର ଭାରତୀୟ ଭାବେ ଅଭିଯାନ ବଜାୟ ରଖିଛନ୍ତି।

**ସୁଇସ୍ ଓପନ୍ ବ୍ୟାଡମିଣ୍ଟନ**

## ରାଜାୱତ୍, ଜର୍ଜ କ୍ୱାର୍ଟରରେ ହାରିଲେ

ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ଅନ୍ୟ ଦୁଇ ଭାରତୀୟ ଯୁବ ଖେଳାଳି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବିଶ୍ୱର ୩୭ ନଂ ଖେଳାଳି କିରନ ଜର୍ଜ ୨୩-୨୧, ୧୭-୨୧, ୧୫-୨୧ରେ ୨୮ ନଂ ଖେଳାଳି ଡେନମାର୍କର ରାସମୁସ ଗେମ୍‌କେଙ୍କଠାରୁ ପରାସ୍ତ ହୋଇ ବାଦ ପଡିଛନ୍ତି। ସେହିପରି ପ୍ରିୟାଂଶୁ ରାଜାୱତ୍ ୧୫-୨୧, ୧୯-୨୧ରେ ତାଇୱାନର ଚୋଉ ତିଏନ- ଚେନ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ୧) କ୍ୟାମେରାମ୍ୟାନ୍ | ୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ସିନେମାଟୋଗ୍ରାଫିରେ ଅନ୍ୟୁନ ଡିପ୍ଲୋମା ଡିଗ୍ରୀ। ୨- କ୍ୟାମେରାମ୍ୟାନ୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୭ରୁ ୧୦ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ୨) ଭିଡିଓ ଏଡିଟର୍ | ୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଭିଡିଓ ଏଡିଟିଙ୍ଗ୍‌ରେ ଅନ୍ୟୁନ ଡିପ୍ଲୋମା ଡିଗ୍ରୀ। ୨- ଭିଡିଓ ଏଡିଟର୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୫ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ୩) ଅନ୍‌ଲାଇନ୍ ଗ୍ରାଫିକ୍ସ ଡିଜାଇନର | ୧- କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୫ବର୍ଷ WASP SOFTWAREରେ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୫ ମାର୍ଚ୍ଚ ୨୦୨୪ ସୁଦ୍ଧା suhana.tabsum@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA